78th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org

୭୮ବର୍ଷ ❑ ସଂଖ୍ୟା-୩୪୮ ● କଟକ ● ବୁଧବାର ● ୨୩ ଜୁଲାଇ-୨୦୨୫ ● କର୍କଟ-୧୨ ● ସାଲ୍-୧୪୩୧
CUTTACK ● WEDNESDAY ● 23 JULY-2025 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

### ସଚିବ ଓ ଜିଲ୍ଲାପାଳ ସ୍ତରରେ ବଡ଼ଧରଣର ଅଦଳବଦଳ

## ବଦଳିଲେ ୪୮ ଆଇଏଏସ୍

**ଭୁବନେଶ୍ୱର,(ପିପିଏସ୍):** ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ କରିଛନ୍ତି ମୋହନ ସରକାର। ଏହି ଅଦଳବଦଳରେ ସଚିବଙ୍କ ସହ କିଛି ଜିଲ୍ଲାର ଜିଲ୍ଲାପାଳ ମଧ୍ୟ ବଦଳି ହୋଇଛନ୍ତି। ରାତି ଅଧରେ ଆସିଛି ଏହି ଖବର। ୪୮ ଜଣ ଆଇଏଏସ୍‌ଙ୍କୁ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ସବୁଠୁ ବଡ଼ କଥା ହେଉଛି ପୁରୀ ଜିଲ୍ଲାପାଳଙ୍କୁ ବଦଳାଇଛନ୍ତି ରାଜ୍ୟ ସରକାର। ଚଞ୍ଚଳ ରାଣାଙ୍କୁ ବିଏମ୍‌ସି କମିଶନର ଭାବେ ନିଯୁକ୍ତି ମିଳିଛି। ରଥଯାତ୍ରା ଅଘଟଣ ପରେ ସେ ପୁରୀ ଜିଲ୍ଲାପାଳ ଭାବେ ଦାୟିତ୍ୱ ନେଇଥିଲେ। ବର୍ତ୍ତମାନ ତାଙ୍କର ବଦଳି କରାଯାଇଛି। ସେହିପରି ରୁପା ରୋଶନ ସାହୁ ହୋଇଛନ୍ତି ରାଜ୍ୟପାଳଙ୍କ ସଚିବ। ସଚିନ ରାମଚନ୍ଦ୍ର ଯାଦବ କ୍ରୀଡ଼ା ଓ ଯୁବ ସେବା ବିଭାଗର ସଚିବ ନିଯୁକ୍ତ ହୋଇଥିବା ବେଳେ ଭୁପେନ୍ଦ୍ର ସିଂ ପୁନିଆ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ନିଯୁକ୍ତ ହୋଇଛନ୍ତି। ଗୁହା ପୁନମ ତାପସ କୁମାରଙ୍କୁ କେନ୍ଦ୍ରାଞ୍ଚଳ ଆରଡ଼ିସି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସଞ୍ଜୀବ କୁମାର ମିଶ୍ର ଅର୍ଥ ବିଭାଗର ପ୍ରମୁଖ ସଚିବ ନିଯୁକ୍ତ ହୋଇଛନ୍ତି। ହେମନ୍ତ ଶର୍ମା ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିଯୁକ୍ତ ହୋଇଥିବାବେଳେ ଭାସ୍କରଜ୍ୟୋତି ଶର୍ମା ହୋଇଛନ୍ତି ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ। ସଂଗ୍ରାମ କେଶରୀ ମହାପାତ୍ର ଦକ୍ଷିଣାଞ୍ଚଳ ଆରଡ଼ିସି ଭାବେ ନିଯୁକ୍ତ ହୋଇଛନ୍ତି। ବିଜୟ କୁମାର ଦାସ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ହୋଇଥିବା ବେଳେ ଅମ୍ରିତ ଋତୁରାଜ ଖୋର୍ଦ୍ଧା ଜିଲ୍ଲାପାଳ ନିଯୁକ୍ତ ହୋଇଛନ୍ତି। କନ୍ଧମାଳ ଜିଲ୍ଲାପାଳ ଥିଲେ ଅମ୍ରିତ ଋତୁରାଜ। ଦିବ୍ୟଜ୍ୟୋତି ପରିଡ଼ା ହେଲେ ପୁରୀ ଜିଲ୍ଲାପାଳ। ଗଞ୍ଜାମ ଜିଲ୍ଲାପାଳ ଥିଲେ ୨୦୧୬ ବ୍ୟାଚ୍‌ର ଦିବ୍ୟଜ୍ୟୋତି ପରିଡ଼ା। ସୋମେଶ କୁମାର ଉପାଧ୍ୟାୟ ହେଲେ ମାଲକାନଗିରି ଜିଲ୍ଲାପାଳ। ଶୁଭଙ୍କର ମହାପାତ୍ର ସୁନ୍ଦରଗଡ଼ ଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି। ଆଶିଷ ଈଶ୍ୱର ପାଟିଲ୍ ଢେଙ୍କାନାଳ ଜିଲ୍ଲାପାଳ। କୀର୍ତ୍ତି ଭାସନ ଭି- ଗଞ୍ଜାମ ଜିଲ୍ଲାପାଳ ହୋଇଛନ୍ତି। ମନୋଜ ସତ୍ୟବାନ ମହାଜନ କୋରାପୁଟ୍ ଜିଲ୍ଲାପାଳ ନିଯୁକ୍ତ ହୋଇଥିବାବେଳେ ବେଦଭୂଷଣ କନ୍ଧମାଳ ଜିଲ୍ଲାପାଳ ହୋଇଛନ୍ତି। କୁଲକର୍ଣ୍ଣି ଆଶୁତୋଷ ସି ରାୟଗଡ଼ା ଜିଲ୍ଲାପାଳ। ମଧୁସ୍ମିତା- ଗଜପତି ଜିଲ୍ଲାପାଳ। ଚୌହାନ କୁନାଲ୍ ମୋତିରାମ- ଝାରସୁଗୁଡ଼ା ଜିଲ୍ଲାପାଳ। ବିଭୂତି ଭୂଷଣ ନାୟକଙ୍କୁ ବୌଦ୍ଧ ଜିଲ୍ଲାପାଳ ଭାବେ ନିଯୁକ୍ତି ମିଳିଛି।




**ଚଞ୍ଚଳ ରାଣା ବିଏମ୍‌ସି କମିଶନର**


## ‘ଆକାଂକ୍ଷୀ’ ବ୍ଲକ୍ ସଂଖ୍ୟା ୪୦କୁ ବଢ଼ିଲା

**ଭୁବନେଶ୍ୱର,(ପିପିଏସ୍):** ରାଜ୍ୟରେ ଆକାଂକ୍ଷୀ ବ୍ଲକ୍ ସଂଖ୍ୟା ୪୦କୁ ବୃଦ୍ଧିପାଇଛି। ପୂର୍ବରୁ ୨୯ଟି ବ୍ଲକ୍‌କୁ ଆକାଂକ୍ଷୀ ବ୍ଲକ୍ ଭାବେ ସାମିଲ କରିଥିବା ନିତି ଆୟୋଗ ଏବେ ରାଜ୍ୟର ଆଉ ୧୧ଟି ବ୍ଲକକୁ ଏହି ‘ଆକାଂକ୍ଷୀ ବ୍ଲକ୍’ ତାଲିକାରେ ସ୍ଥାନିତ କରିଛନ୍ତି। ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଥିବା ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲାର ୬ଟି ବ୍ଲକ୍ ଓ କେନ୍ଦୁଝର ଜିଲ୍ଲାର ୫ଟି ବ୍ଲକ୍‌କୁ ଆକାଂକ୍ଷୀ ବ୍ଲକ ତାଲିକାରେ ସାମିଲ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅନୁରୋଧରେ ଏହି ୧୧ଟି ବ୍ଲକ୍‌କୁ ନିତି ଆୟୋଗଙ୍କ ଦ୍ୱାରା ଆକାଂକ୍ଷୀ ବ୍ଲକ୍ ତାଲିକାରେ ସାମିଲ କରାଯାଇଛି। ଯେଉଁ ନୂତନ ବ୍ଲକ୍ ଗୁଡ଼ିକ ଆକାଂକ୍ଷୀ ଯୋଜନାରେ ସାମିଲ ହୋଇଛି, ସେଗୁଡ଼ିକ ହେଲା – କେନ୍ଦୁଝର ଜିଲ୍ଲାର ଚମ୍ପୁଆ, ଝୁମ୍ପୁରା, କେନ୍ଦୁଝର ସଦର, ପାଟଣା ଓ ତେଲକୋଇ ଏବଂ ମୟୂରଭଞ୍ଜ ଜିଲ୍ଲାର ବହଳଦା, ବିଜାତଳା, ଜାମଦ଼ା, କୁସୁମୀ, ରାଇରଙ୍ଗପୁର ଓ ତିରିଙ୍ଗି ବ୍ଲକ୍ ବୋଲି ନିତି ଆୟୋଗଙ୍କ ଦ୍ୱାରା ଜାରି ବିଜ୍ଞପ୍ତିରୁ ଜଣାପଡ଼ିଛି।

## ଧନଖରଙ୍କ ଇସ୍ତଫା ଗୃହୀତ

### ଉତ୍ତମ ସ୍ୱାସ୍ଥ୍ୟ କାମନାକଲେ ମୋଦୀ

**ନୂଆଦିଲ୍ଲୀ,(ପିପିଏସ୍):** ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିବା ଜଗଦୀପ ଧନଖରଙ୍କ ଇସ୍ତଫାପତ୍ରକୁ ରାଷ୍ଟ୍ରପତି ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଧନଖଡ଼ଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । ଜଗଦୀପ ଧନଖର, ୨୦୨୨ ମସିହା ଅଗଷ୍ଟରେ ଭାରତର ୧୪ତମ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ। ସୋମବାର ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ରାଜ୍ୟସଭାର ଅଧ୍ୟକ୍ଷତା କରିଥିଲେ। କିନ୍ତୁ ସନ୍ଧ୍ୟାରେ ସେ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିବା ଅନୁଭବ କରିଥିଲେ। ପରେ ଇସ୍ତଫା ଘୋଷଣା କରିଥିଲେ। ଯେଉଁଥିରେ ସେ ସ୍ୱାସ୍ଥ୍ୟ ସମସ୍ୟା ଓ ଡାକ୍ତରୀ ପରାମର୍ଶକୁ ପାଳନ କରିବା ପାଇଁ ଏହି ନିଷ୍ପତ୍ତି ନେଇଥିବା ଉଲ୍ଲେଖ କରିଥିଲେ । ତାଙ୍କ ଇସ୍ତଫା ପତ୍ରରେ ସେ ଲେଖିଥିଲେ, “ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବା ଓ ଡାକ୍ତରୀ ପରାମର୍ଶ ପାଳନ କରିବା ପାଇଁ ମୁଁ ଭାରତର ଉପରାଷ୍ଟ୍ରପତି ପଦରୁ ତୁରନ୍ତ ପ୍ରଭାବରୁ ଇସ୍ତଫା ଦେଉଛି, ଯାହା ସମ୍ବିଧାନର ଅନୁଚ୍ଛେଦ ୬୭(କ) ଅନୁଯାୟୀ।” ତେବେ ତାଙ୍କର କାର୍ଯ୍ୟକାଳ ଅଗଷ୍ଟ ୨୦୨୭ ପର୍ଯ୍ୟନ୍ତ ଥିଲା, କିନ୍ତୁ ଦୁଇ ବର୍ଷ ପୂର୍ବରୁ ଏହି ପଦ ଛାଡିବା ଏବେ ଅନେକ ରାଜନୈତିକ ପ୍ରଶ୍ନକୁ ଜନ୍ମ ଦେଇଛି। ଧନଖରଙ୍କ ଇସ୍ତଫା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି, କାରଣ ୧୦ ଜୁଲାଇରେ ଏକ କାର୍ଯ୍ୟକ୍ରମରେ ସେ ନିଜେ କହିଥିଲେ ଯେ ସେ ତାଙ୍କର କାର୍ଯ୍ୟକାଳ ପୂରଣ କରିବେ ଏବଂ ୨୦୨୭ରେ ଅବସର ନେବେ । କିନ୍ତୁ ଏପରି ଘୋଷଣା କରିବାର ମାତ୍ର ୧୧ ଦିନ ମଧ୍ୟରେ ତାଙ୍କର ମତ ପରିବର୍ତ୍ତନ ହୋଇଗଲା ଏବଂ ସେ ଇସ୍ତଫା ଦେଲେ। ଏହା ପୂର୍ବରୁ ମାର୍ଚ୍ଚରେ ତାଙ୍କୁ ଛାତିରେ ଯନ୍ତ୍ରଣା ନେଇ ଥରେ ଏମ୍ସରେ ଭର୍ତ୍ତି କରାଯାଇଥିଲା ଏବଂ ଜୁନରେ ଉତ୍ତରାଖଣ୍ଡରେ ଏକ କାର୍ଯ୍ୟକ୍ରମ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପୁଣି ଖରାପ ହୋଇଯାଇଥିଲା। ଧନଖର ହେଉଛନ୍ତି ଭାରତର ତୃତୀୟ ଉପରାଷ୍ଟ୍ରପତି ଯିଏ ତାଙ୍କର କାର୍ଯ୍ୟକାଳ ପୂରଣ କରି ନାହାନ୍ତି । ପୂର୍ବରୁ ୧୯୬୯ ମସିହାରେ, ଭିଭି ଗିରି ରାଷ୍ଟ୍ରପତି ନିର୍ବାଚନ ଲଢ଼ିବା ପାଇଁ ଇସ୍ତଫା ଦେଇଥିଲେ। ସେହିଭଳି ୨୦୦୨ ମସିହାରେ, କୃଷ୍ଣକାନ୍ତଙ୍କ କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁ ହୋଇଥିଲା। ଧନଖର ଇସ୍ତଫା ଦେବାର କିଛି ଘଣ୍ଟା ପୂର୍ବରୁ ରାଜ୍ୟସଭାର କାର୍ଯ୍ୟ ପରିଚାଳନା କରିଥିଲେ ଏବଂ ଗୃହରେ ରାଜନୈତିକ ମୁକାବିଲା ହ୍ରାସ କରିବାକୁ ମଧ୍ୟ ଅପିଲ କରିଥିଲେ। ଧନଖରଙ୍କୁ ଜୁଲାଇ ୩୦,୨୦୧୯ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଶ୍ଚିମବଙ୍ଗର ୨୮ତମ ରାଜ୍ୟପାଳ ଭାବେ ନିଯୁକ୍ତ କରିଥିଲେ। ସେ ୧୯୮୯ରୁ ୧୯୯୧ ପର୍ଯ୍ୟନ୍ତ ରାଜସ୍ଥାନର ଝୁନଝୁନୁରୁ ଲୋକସଭା ସାଂସଦ ଥିଲେ। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ଭି. ପି. ସିଂହ ଏବଂ ଚନ୍ଦ୍ରଶେଖରଙ୍କ ସରକାରରେ କେନ୍ଦ୍ରମନ୍ତ୍ରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ।



## ଲଘୁଚାପ କ୍ଷେତ୍ର ସୃଷ୍ଟିହେବା ସମ୍ଭାବନା

**ଭୁବନେଶ୍ୱର,(ପିପିଏସ୍):** ୪୮ ଘଣ୍ଟାରେ ବଙ୍ଗୋପସାଗରରେ ହେବ ଲଘୁଚାପ। ୨୪ତାରିଖରେ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟିହେବ ଲଘୁଚାପ କ୍ଷେତ୍ର। ଆଗାମୀ ୨୪ଘଣ୍ଟାରେ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ପ୍ରବେଶ କରିବ ବାତ୍ୟା ୱିଫାର ଅବଶିଷ୍ଟାଂଶ। ଏହା ଏକ ଘୂର୍ଣ୍ଣିବଳୟ ରୂପରେ ବଙ୍ଗୋପସାଗରରେ ପ୍ରବେଶ କରିବା ସମ୍ଭାବନା ରହିଛି। ପ୍ରଭାବରେ ପରବର୍ତ୍ତୀ ୪୮ଘଣ୍ଟାରେ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ହେବ ଲଘୁଚାପ। ସମ୍ଭାବ୍ୟ ଘୂର୍ଣ୍ଣିବଳୟ ଓ ଲଘୁଚାପ ପ୍ରଭାବରେ କାଲିଠୁ ରାଜ୍ୟରେ ବର୍ଷା ହୋଇପାରେ। ବୁଧବାର ପାଇଁ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ନୂଆପଡ଼ା ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ଜାରି ହୋଇଛି ୟେଲୋ ୱାର୍ଣ୍ଣିଂ। ଏସବୁ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଘଣ୍ଟାପ୍ରତି ୩୦-୪୦ କିଲୋମିଟର ବେଗରେ ବହିପାରେ ପବନ। ୨୪ତାରିଖରୁ ବର୍ଷା ପରିମାଣ ବଢ଼ିବ। ୨୭ତାରିଖ ଯାଏ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ପୂର୍ବରୁ ମଧ୍ୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଗତ ୨୦ତାରିଖରେ ରାଜ୍ୟରେ ଆହୁରି ୫ଦିନ ଯାଏଁ ବର୍ଷା ସମ୍ଭାବନା ଥିବା ନେଇ କୁହାଯାଇଥିଲା। ବିଶେଷ କରି ରାଜ୍ୟର ୨୧ଜିଲ୍ଲାକୁ ପାଣିପାଗ ବିଭାଗର ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିଲା। ଉପକୂଳବର୍ତ୍ତୀ ୯ ଜିଲ୍ଲାକୁ ଛାଡିଦେଲେ ବାକି ସବୁ ଜିଲ୍ଲାକୁ ବର୍ଷା ୱାର୍ଣ୍ଣିଂ ଦିଆଯାଇଥିଲା । ବିଶେଷ କରି ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ପାଇଁ ୱାର୍ଣ୍ଣିଂ ଦିଆଯାଇଥିଲା। ଏଥିସହ ୩୦ରୁ ୪୦ କିମି ବେଗରେ ପବନ ବି ବହିପାରେ କୁହାଯାଇଥିଲା ।

**୨୪ରୁ ବଢ଼ିବ ବର୍ଷା ପରିମାଣ**

**୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ**



## ସରଳହେଲା ଚାଷୀ ପଞ୍ଜୀକରଣ

**ଭୁବନେଶ୍ୱର,(ପିପିଏସ୍):** ସମସ୍ୟା ଉପୁଜିବା ପରେ ଚାଷୀ ପଞ୍ଜୀକରଣକୁ ସରକାର ସରଳ କରିଛନ୍ତି। ବାପା କିମ୍ବା ଜେଜେ ବାପାଙ୍କ ନାଁରେ ଜମି ଥିଲେ ବି ପୁଅ ଚାଷୀ ପଞ୍ଜୀକରଣ କରିପାରିବେ। ଯିଏ ଯେଉଁ ଜମିରେ ଚାଷ କରୁଥିବେ ସେତିକିରେ ପଞ୍ଜୀକରଣ କରିପାରିବେ। ଯଦି ଜଣେ ଭାଇ ସବୁ ଜମି ଚାଷ କରୁଛି, ଅନ୍ୟ ଭାଇ ସ୍ୱୀକୃତିନାମା ଦେବେ। ସ୍ୱୀକୃତିନାମା ଦେଇ ସବୁ ଜମି ପାଇଁ ପଞ୍ଜୀକରଣ କରିପାରିବେ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ଏହି ବଡ଼ ସୂଚନା ଦେଇଛନ୍ତି।

### ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ମାମଲା ତଦନ୍ତରେ ହାଇକୋର୍ଟ ସନ୍ତୁଷ୍ଟ

## ଏସ୍‌ଆଇଟି ତଦନ୍ତକୁ ନା

**ଭୁବନେଶ୍ୱର,(ପିପିଏସ୍):** ଏଫ୍‌ଏମ୍ ଛାତ୍ରୀ ମୃତ୍ୟୁ ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତରେ ସନ୍ତୋଷ ପ୍ରକାଶ କରିଛନ୍ତି ହାଇକୋର୍ଟ। ତଦନ୍ତ ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ଏଥିସହ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିବାରୁ ବିଜେଡି ଓ କଂଗ୍ରେସକୁ ନୋଟିସ୍ ଦେଇଛନ୍ତି। ଜନସ୍ୱାର୍ଥ ମାମଲାର ଶୁଣାଣି ବେଳେ ଏଭଳି ମତ ରଖିଛନ୍ତି ହାଇକୋର୍ଟ। ହାଇକୋର୍ଟଙ୍କ ତତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଦାବିରେ ମାମଲା ହୋଇଥିଲା। ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ମାମଲା ଦାଏର କରାଯାଇଥିଲା। ଏଫଏମ୍ କଲେଜର ସେ ଛାତିଥରା ଘଟଣା ପଛରେ ପ୍ରି-ପ୍ଲାନ୍ କିମ୍ବା ଷଡ଼ଯନ୍ତ୍ର ଥିଓରୀ ବାରମ୍ବାର ଉଙ୍କି ମାରୁଛି। ଏକମାତ୍ର ସିସିଟିଭି ଫୁଟେଜ୍ ଯାହା ଦର୍ଶାଉଛି- ଛାତ୍ରୀ ଜଣକ ଜଳି ଯାଉଥିବାବେଳେ ସେଠି ଉପସ୍ଥିତ ଥିବା ଦୁଇଜଣ ଝିଅ ଡରି ପଳାଇଥିଲେ ଜଣେ ଛାତ୍ର ମୋବାଇଲରେ ଭିଡ଼ିଓ ଉତ୍ତୋଳନ କରୁଥିଲେ, ଛାତ୍ରୀ ଜଣକୁ ଜଳି ଯାଉଥିବା ଦେଖି ହଠାତ୍ ଦୌଡ଼ି ଆସିଥିଲେ ହେଲେ ପ୍ରିନସିପାଲଙ୍କ ରୁମ୍ ରୁ କିଛି କର୍ମଚାରୀ ଜଳନ୍ତା ଛାତ୍ରୀଙ୍କୁ ଦେଖୁଥିଲେ ବି ନିଆଁ ଲିଭାଇବାକୁ ସାମାନ୍ୟତମ ଚେଷ୍ଟା କରିନଥିଲ। ଏଣେ ଏସବୁ ଭିତରେ ସାମ୍ନାକୁ ଆସିଛନ୍ତି- ମୃତା ଛାତ୍ରୀଙ୍କ ସହପାଠୀ ଜୀତମ ଦାସ। ସେ ତାଙ୍କ ପ୍ରତିକ୍ରିୟାରେ ଗଣମାଧ୍ୟମକୁ କହିଛନ୍ତି, ସେଦିନ ଘରକୁ ଯିବାକୁ ପ୍ରସ୍ତୁତ ହେଉଥିବାବେଳେ ହଠାତ୍ ଶବ୍ଦ ଶୁଣି ଧାଇଁ ଆସିଥିଲେ, ପୀଡ଼ିତା ଜଳୁଥିବା ଦେଖି ନିଜ ସାର୍ଟ ଚିରି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ହେଲେ ପୂର୍ବ ଘଣ୍ଟାକରେ କ’ଣ ଘଟିଥିଲା ସେ ଜାଣନ୍ତିନି। ଏଠି ପ୍ରଶ୍ନ- ପ୍ରିନସିପାଲଙ୍କୁ ସାକ୍ଷାତ ସମୟରେ ତାହାଲେ କ’ଣ ଏମିତି ଘଟିଲା; ଯାହା ତାଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିଦେଲା। ଘଟଣାଦିନ ଅଧ୍ୟକ୍ଷ ରଖିଥିବା ପ୍ରତିକ୍ରିୟାକୁ ଯଦି ତର୍ଜମା କରାଯାଏ, ତାହାଲେ ସେ ମାନିଥିଲେ ପୀଡ଼ିତା ତାଙ୍କ ଚାମ୍ବରକୁ ଆସିଥିଲେ ଓ ସମୀର ସାର୍‌ଙ୍କୁ ଖୋଜିଥିଲେ। ସେତେବେଳେ ସେ କହିଥିଲେ- ଆଇସିସି ରିପୋର୍ଟରେ ସେକ୍ସୁଆଲ୍ ହାରାସମେଣ୍ଟ ସମ୍ପର୍କରେ କୌଣସି ତଥ୍ୟ ନାହିଁ । ତେଣୁ ଏଭଳି ମିଥ୍ୟା ଅଭିଯୋଗ କଲେଜକୁ ବଦନାମ କରିବ। ହୁଏତ ସେଇ କଥା ପୀଡ଼ିତାଙ୍କୁ ଖୁବ୍ ବାଧିଥିବ। ହେଲେ ପ୍ରିନସିପାଲ ଯେ କେବଳ ଏତିକି କହିଥିଲେ ତା ନୁହେଁ, ତାଠୁ ଆହୁରି କଡ଼ା ବାକ୍ୟ କହିଥିବା ଅଭିଯୋଗ ଆଣିଥିଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ। ଜୁଲାଇ ୨ରୁ ୧୧ ଯାଏଁ, ସବୁ ସ୍ୱାଭାବିକ ଥିଲା। ହେଲେ ୧୨ ତାରିଖରେ ହଠାତ୍ କ’ଣ ଘଟିଲା ? ଯାହା ସାରା ରାଜ୍ୟକୁ ଦୋହଲାଇ ଦେଲା। ଯେହେତୁ ସେଇ ମଝିରେ ପୀଡ଼ିତାଙ୍କୁ ପରୀକ୍ଷାରେ ବସିବାକୁ ଏଚଓଡି ଅନୁମତି ଦେଇନଥିଲେ- ସେ କ୍ଷୋଭ ନା ୧ ତାରିଖରେ ସମୀର ସାରଙ୍କ ବିରୋଧରେ ସେ ଆଣିଥିବା ଅଭିଯୋଗକୁ ମିଥ୍ୟା ଦର୍ଶାଇ ୭୧ ଛାତ୍ରଛାତ୍ରୀ ପ୍ରିନସିପାଲଙ୍କୁ ତଦନ୍ତ ପାଇଁ ଆପ୍ଲିକେସନ ଦେବା ଘଟଣା ତାଙ୍କ ଧୈର୍ଯ୍ୟବନ୍ଧ ଭାଙ୍ଗିଦେଲା। ଏସବୁର ଅସମାହିତ ପ୍ରଶ୍ନ ଭିତରେ ଏଣେ ପୀଡ଼ିତାଙ୍କୁ ଆତ୍ମାହୂତି ପାଇଁ କିଏ ମତେଇଥିଲା ସେ ଦିଗକୁ ନେଇ ବି ଉଙ୍କି ମାରିଛି ନାନା ସନ୍ଦେହ।




## ମିଳିଛି ସୁରାକ୍ !

**ବାଲେଶ୍ୱର,(ପିପିଏସ୍):** ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ମାମଲାର ତଦନ୍ତ ଜାରି ରହିଛି। ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି କ୍ରାଇମ୍‌ବ୍ରାଞ୍ଚ। ମହାବିଦ୍ୟାଳୟରେ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପହଞ୍ଚି ଡିଆଇଜି ଡା. ସତ୍ୟଜିତ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ତଦନ୍ତକୁ ୬ ଦିନ ପୂରିଥିବାବେଳେ କ୍ରାଇମ୍‌ବ୍ରାଞ୍ଚ ହାତରେ ବଡ଼ ତଥ୍ୟ ଲାଗିଛି। କଲେଜର ଛାତ୍ରୀଛାତ୍ରଙ୍କୁ ୱାନ ଟୁ ୱାନ କ୍ରାଇମ୍‌ବ୍ରାଞ୍ଚ ପଚରାଉଚରା କରିଛି। ତା ସହିତ ସେମାନଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ସେପଟେ କ୍ରାଇମ୍‌ବ୍ରାଞ୍ଚ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, କିଛି କର୍ମଚାରୀଙ୍କୁ ପଚରାଉଚରା କରୁଛି। କ୍ରାଇମ୍‌ବ୍ରାଞ୍ଚ ଅନୁସାରେ, ବହୁତ ତଥ୍ୟ ଲାଗିଛି। ତଦନ୍ତ ଯେହେତୁ ଚାଲିଛି, ତଦନ୍ତରେ ବାଧା ଉପୁଜିବା ଆଶଙ୍କାରୁ ଏବେ କିଛି କହିହେବନାହିଁ ବୋଲି କହିଛି କ୍ରାଇମ୍‌ବ୍ରାଞ୍ଚ। ବିଭିନ୍ନ ଦିଗକୁ ନେଇ ତନାଘନା ଚଳାଇଛି ତଦନ୍ତକାରୀ ସଂସ୍ଥା। ରବିବାର ମହାବିଦ୍ୟାଳୟରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପହଞ୍ଚି ଡିଆଇଜି ଡା. ସତ୍ୟଜିତ ନାୟକଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ମହାବିଦ୍ୟାଳୟରେ ପହଞ୍ଚି ଛାତ୍ରୀଜଣକ ଆତ୍ମାହୂତି ଦେଇଥିବା ସ୍ଥାନ ବୁଲି ଦେଖିଥିଲେ। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଫିରୋଜ ପାଢ଼ୀଙ୍କ ସହ କଥା ହୋଇ ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ ଆଇସିସି ରିପୋର୍ଟରେ ସାଂଘାତିକ ଖୁଲାସା ହୋଇଛି। ଯାହା ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଦାୟୀ କରାଯାଇଛି। ରିପୋର୍ଟରେ ସମୀର ସାହୁଙ୍କୁ କ୍ଲିନଚିଟ୍ ଦିଆଯାଇଛି। ପୀଡିତା କରିଥିବା ଅଭିଯୋଗରେ କୌଣସି ସତ୍ୟତା ନାହିଁ ବୋଲି ଆଇସିସି କହିଛି। ଏହି ରିପୋର୍ଟକୁ ଦେଖିଲେ ଜଣାପଡୁଛି, ପୂରା କଲେଜ ଗୋଟିଏ ପଟେ ଅନ୍ୟପଟେ ଏକା ହୋଇ ଯାଇଥିଲେ ଛାତ୍ରୀ। ଫେବର ମାଗିବା କଥା ନେଇ ପୀଡିତା ଛାତ୍ରୀ ଅଭିଯୋଗ କରିଥିଲେ। ଯାହା ପରେ ଆଇସିସି କମିଟି ଗଠନ କରାଯାଇ ତଦନ୍ତ କରିଥିଲା।



## ସମ୍ପାଦକୀୟ

**ଆତଙ୍କକୁ ବିରୋଧ**

### ବାଟେଘାଟେ



କଟକ କଂଗ୍ରେସ ସୋଫିଆ ଫିର୍ଦ୍ଦୋସ
ବାରବାଟୀ ବିଧାୟିକା
ନାରୀ ନିର୍ଯାତନା ଅସହ୍ୟ କହିଣ
ଶାସକକୁ ମାରି ଟେକା
ପିଟିଲେ ଚଉକା ଛକା
ଛାତ୍ର ସଭାପତି ଦୁଷ୍କର୍ମ କରିଣ
ଭିତରେ ପଶିଲେ ଏକା
ଏତେ ବେଳେ କିଆଁ ପାଟି ଫିଟୁନାହିଁ
ବେକରେ ପଶିଲା ରକା
କାହାକୁ ଭାବୁଛ ବୋକା ?

-ରାହୀ

## କୁବେର ଡିଏଫ୍‌ଓ ନିତ୍ୟାନନ୍ଦ ଗିରଫ

**ଭୁବନେଶ୍ୱର,(ପିପିଏସ୍):** କେନ୍ଦୁଝର କେନ୍ଦୁପତ୍ର ଡିଭିଜନ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକ ଶେଷରେ ଗିରଫ ହୋଇଛନ୍ତି। ଗିରଫ ପରେ ତାଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ୩ ଦିନ ହେବ ନିତ୍ୟାନନ୍ଦଙ୍କ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲା ଭିଜିଲାନ୍ସ ଟିମ୍। ୮ ଲକ୍ଷ ୫୦ ହଜାର ଟଙ୍କା ସହ ସରକାରୀ କ୍ୱାର୍ଟର୍ସରୁ ମିଳିଛି ଗୋଟିଏ ବନ୍ଧୁକ ମିଳିଥିଲା। ତାଙ୍କ କ୍ୱାର୍ଟର୍ସରୁ ଜବତ ୧୦ ଲକ୍ଷରୁ ଅଧିକ ଟଙ୍କା ଜବତ ହୋଇଥିଲା। ସୂଚନାଯୋଗ୍ୟ, କେନ୍ଦୁଝର ଜିଲା କେନ୍ଦୁପତ୍ର ଡିଭିଜନର ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ନିତ୍ୟାନନ୍ଦ ନାୟକଙ୍କ ଘରେ ଭିଜିଲାନ୍ସ ଯେତେ ଯାଞ୍ଚ କରୁଥିଲା ସେତେ ସମ୍ପତ୍ତି ଠାବ ହେଉଥିଲା। ଚଢ଼ଉବେଳେ ତାଙ୍କର ବହୁ ସମ୍ପତ୍ତି ଠାବ ହୋଇଛି। ଏପରିକି ସମ୍ପତ୍ତି ତାଲିକାରେ ନିତ୍ୟାନନ୍ଦ ଜମି କିଣା ତଥ୍ୟ ଲୁଚାଇଥିଲେ ବୋଲି ଜଣାପଡ଼ିଛି। ନିତ୍ୟାନନ୍ଦଙ୍କୁ ଭିଜିଲାନ୍ସ ଟିମ୍ କେନ୍ଦୁଝରସ୍ଥିତ ଫରେଷ୍ଟ କଲୋନୀରେ ଥିବା ସରକାରୀ ବାସଭବନରେ ଯାଞ୍ଚ କରିଥିଲା। କ୍ୱାର୍ଟରରୁ ୮.୫ ଲକ୍ଷ ଟଙ୍କା ଠାବ ହୋଇଛି। ଫଳରେ ମୋଟ୍ ଜବତ ଟଙ୍କାର ପରିମାଣ ୧୦ ଲକ୍ଷରେ ପହଞ୍ଚିଥିଲା। ନିତ୍ୟାନନ୍ଦ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ୯ଟି ବ୍ୟାଙ୍କ ଆକାଉଣ୍ଟ ଥିବା ଜଣାପଡ଼ିଥିବା ବେଳେ ଏସବୁ ଥିରେ ୫୦ଲକ୍ଷ ଟଙ୍କା ଜମା ରହିଛି। ଏଥିସହ ତାଙ୍କ ପାଖରୁ ଆହୁରି ଜମି ଦସ୍ତାବିଜ୍, ବ୍ୟାଙ୍କ ପାସବୁକ୍ ଓ ଜୀବନବୀମା ଜମା ଦସ୍ତାବିଜ୍ ଆଦି ଠାବ ହୋଇଥିବାବେଳେ ଏସବୁ ସମ୍ପର୍କରେ ଭିଜିଲାନ୍ସ ଟିମ୍ ଅଧିକ ଯାଞ୍ଚ ଚଳାଇଛି। ତେବେ ବଡ଼ କଥା ହେଲା, ନିତ୍ୟାନନ୍ଦ ସରକାରଙ୍କୁ ଦେଇଥିବା ସମ୍ପତ୍ତି ତାଲିକାରେ ମାତ୍ର ୧୨ଟି ପ୍ଲଟ ଥିବା ଦର୍ଶାଇଥିବା ବେଳେ ଅନ୍ୟ ପ୍ଲଟ ସମ୍ପର୍କିତ ତଥ୍ୟ ଲୁଚାଇଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ତାଙ୍କ ଅଫିସ ଚାମ୍ବର ଓ ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯାଞ୍ଚ ହୋଇଥିଲା। ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ରବିବାର ନିତ୍ୟାନନ୍ଦଙ୍କ ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରିଥିଲା। ଯାଞ୍ଚବେଳେ ୧୧୫ଟି ପ୍ଲଟ୍, ଅନୁଗୋଳ ଟାଉନରେ ୪ମହଲାର ଏକ ଆଲିଶାନ୍ କୋଠା, ଘରୁ ୨୦୦ ଗ୍ରାମ ସୁନା ଅଳଙ୍କାର, କାଠ ନିର୍ମିତ ବିଭିନ୍ନ ଆକର୍ଷଣୀୟ କଳାକୃତି ଓ ତୀର, ବନ୍ଧୁକ, ଟାଙ୍ଗିଆ ଆଦି ଜବତ ହୋଇଛି। ଏଥିସହ ୧୫ଲକ୍ଷ ଟଙ୍କାର ଘରୋଇ ଉପକରଣ ଏବଂ ଦୁଇଟି ଚାରିଚକିଆ ଯାନ ଓ ୪ଟି ଦୁଇଚକିଆ ଯାନ ଠାବ ହୋଇଥିଲା। ମଙ୍ଗଳବାର ଆୟବହିର୍ଭୂତ ସମ୍ପତ୍ତି ଠୁଳ ନେଇ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି।

**୧୧୫ ପ୍ଲଟ୍, ଅନୁଗୋଳରେ ୪ମହଲାର ଆଲିଶାନ୍ କୋଠା**



## ଦେବୀ ନଦୀ ପଠାରୁ ମିଳିଲା ପ୍ରାଚୀନ ବୁଦ୍ଧମୂର୍ତ୍ତି

**ଷଷ୍ଠ ଶତାବ୍ଦୀର !**

**ଅସ୍ତରଙ୍ଗ,(ପିପିଏସ୍):** ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଦେଇ ପ୍ରବାହିତ ଦେବୀ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ପଥର ସ୍ତର ଉପରେ ବୌଦ୍ଧ ପନ୍ତାତ୍ତ୍ୱିକ ଅବଶେଷ ମିଳିଛି। ଏକ ବୁଦ୍ଧମୂର୍ତ୍ତି ସହ ନାଲି ଗାମୁଛା ଉଦ୍ଧାର କରାଯାଇଛି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ଦିନ ପୂର୍ବାହ୍ନ ସମୟରେ କାକଟପୁର ବାଉରିଆକଣ ଅଞ୍ଚଳ ଯୁବକ ଆଦର୍ଶ ବରାଳ ଦେବୀ ନଦୀବନ୍ଧରେ ଯାଉଥିବା ସମୟରେ ଅଚାନକ ପୂର୍ବାହ୍ନ ସମୟରେ ଦେଖିଲେ ନଦୀବନ୍ଧ ସ୍ତର ଉପରେ ଏକ ବୁଦ୍ଧମୂର୍ତ୍ତି ଥୁଆହୋଇଛି। ମୂର୍ତ୍ତି ଦେଖିବା ପରେ ସ୍ଥାନୀୟ ଅଞ୍ଚଳ ଲୋକଙ୍କୁ ସେ ସୂଚନା ଦେଇଥିଲେ। ସ୍ଥାନୀୟ ଲୋକ ପହଞ୍ଚିବା ପରେ ଦେଖିଥିଲେ ବୌଦ୍ଧମୂର୍ତ୍ତି ଖୋଦିତ ଷଷ୍ଠ ସପ୍ତମ ଶତାବ୍ଦୀର ଅର୍ଘ୍ୟସ୍ତୁପ। ସ୍ଥାନୀୟ ଲୋକେ ଦେବୀନଦୀ ସ୍ତର ନିକଟରୁ ବୁଦ୍ଧ ମୂର୍ତ୍ତିକୁ ଉଦ୍ଧାରକରି ବାଉରିଆକଣ ତ୍ରିନାଥ ମନ୍ଦିର ନିକଟରେ ସ୍ନାନ ମାର୍ଜନା ପରେ ମୂର୍ତ୍ତି ପୂଜାର୍ଚ୍ଚନା କରୁଛନ୍ତି। ପୁରାତନ ମୂର୍ତ୍ତି ମିଳିବା ପରେ ଗାଁ ରେ ଲୋକଙ୍କ ମଧ୍ୟରେ ଉତ୍ସାହ ପ୍ରକାଶପାଇଛି।






ଟି ଟାଇମ୍
ପ୍ରଜାତନ୍ତ୍ର

୨୩.୭.୨୦୨୫






# ଜାତୀୟ ପ୍ରସାରଣ ଦିବସ

ପ୍ରତିବର୍ଷ ଜୁଲାଇ ୨୩ରେ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଇଥାଏ। ୧୯୨୭ରେ ବମ୍ବେ (ମୁମ୍ବାଇ) ଷ୍ଟେଶନରୁ ପ୍ରସାରିତ ପ୍ରଥମ ରେଡିଓ ପ୍ରସାରଣକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଏହିଦିନ ଭାରତୀୟ ପ୍ରସାରଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ପ୍ରମାଣିତ ହୋଇଛି। ଏହାକୁ ସ୍ମରଣୀୟ କରିବା ପାଇଁ ଜାତୀୟ ପ୍ରସାରଣ ଦିବସ ପାଳନ କରାଯାଏ।ଜାତୀୟ ପ୍ରସାରଣ ଦିବସ ଲୋକଙ୍କୁ ରେଡିଓର ସମାଜ ଉପରେ ଅବିଶ୍ୱସନୀୟ ପ୍ରଭାବ ମନେପକାଇବ ଏବଂ ଭାରତର ଇତିହାସରେ ଯୋଗାଯୋଗ ଏବଂ ସାଂସ୍କୃତିକ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବାରେ ପ୍ରସାରଣକାରୀଙ୍କ ଅବଦାନକୁ ସମ୍ମାନିତ କରିବ। ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ଏହା ସମୃଦ୍ଧ ଇତିହାସକୁ ପାଳନ କରିଥାଏ ଏବଂ ଭାରତରେ ରେଡିଓ ପ୍ରସାରଣର ସ୍ଥାୟୀ ଗୁରୁତ୍ୱକୁ ଚିହ୍ନିତ କରିଥାଏ। ପ୍ରସାରଣ ଚ୍ୟାନେଲ ଏବଂ ରେଡିଓ ଷ୍ଟେଶନଗୁଡିକ ସାଧାରଣତଃ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରିଥାନ୍ତି ଏବଂ ରେଡିଓର ବିବର୍ତ୍ତନ ଏବଂ ସମାଜ ଉପରେ ଏହାର ପ୍ରଭାବ ଉପରେ ଧ୍ୟାନ ଦେଇଥାଏ। ଗଣମାଧ୍ୟମ ଏବଂ ଯୋଗାଯୋଗ ଅଧ୍ୟୟନରେ ପ୍ରସାରଣର ଭୂମିକା ଉପରେ ଅନେକ ଶିକ୍ଷାନୁଷ୍ଠାନ ମଧ୍ୟ ସେମିନାର ଏବଂ କର୍ମଶାଳା ଆୟୋଜନ କରନ୍ତି। ପ୍ରସାରଣକାରୀ ଏବଂ ଶ୍ରୋତାମାନେ ବିଭିନ୍ନ ମାଧ୍ୟମରେ ଲୋକଙ୍କୁ ସୂଚନା, ମନୋରଞ୍ଜନ ଏବଂ ଏକୀକରଣ କରିବାରେ ରେଡିଓର କ୍ଷମତା ଦ୍ୱାରା ଗୌରବମୟ ବନ୍ଧନକୁ ପାଳନ କରିବା ପାଇଁ ସ୍ମୃତି ଏବଂ କାହାଣୀଗୁଡିକ ଶେୟାର କରନ୍ତି।ଜୁଲାଇ ୨୩ରେ ପାଳନ କରାଯାଉଥିବା ଜାତୀୟ ପ୍ରସାରଣ ଦିବସ, ଭାରତରେ ରେଡିଓ ପ୍ରସାରଣର ଆରମ୍ଭ । ଏହି ଦିନର ଇତିହାସ ୧୯୨୭ରୁ ଆରମ୍ଭ ହୋଇଥିଲା ଯେତେବେଳେ ଭାରତୀୟ ବ୍ରଡ୍କାଷ୍ଟିଂ କମ୍ପାନୀ (ଆଇବିସି) ବମ୍ବେ (ମୁମ୍ବାଇ)ଷ୍ଟେଶନରୁ ଏହାର ପ୍ରଥମ ଅଫିସିଆଲ ପ୍ରସାରଣ କରିଥିଲା। ଏହି ପ୍ରାରମ୍ଭିକ ପ୍ରସାରଣ ଦେଶରେ ଯୋଗାଯୋଗର ମାଧ୍ୟମ ହେବା ପାଇଁ ଏକ ମୂଳଦୁଆ ସୃଷ୍ଟି କଲା।

# ସକାଳୁ ଖାଲି ପେଟରେ ଖାଆନ୍ତୁ ୨ ପାଖୁଡ଼ା ରସୁଣ



କଞ୍ଚା ରସୁଣରେ ଭିଟାମିନ ବି୬, ଭିଟାମିନ ସି, ମାଙ୍ଗାନିଜ ଏବଂ ସେଲେନିୟମ ସମେତ ଅନେକ ପୋଷକ ତତ୍ତ୍ୱ ପ୍ରଚୁର ପରିମାଣରେ ଥାଏ। କଞ୍ଚା ରସୁଣର କିଛି ଆଶ୍ଚର୍ଯ୍ୟଜନକ ସ୍ୱାସ୍ଥ୍ୟ ଲାଭ ରହିଛି। ମାତ୍ର ଗୋଟିଏ ମାସ ପାଇଁ ପ୍ରତିଦିନ ସକାଳେ ଖାଲି ପେଟରେ କଞ୍ଚା ରସୁଣ ଖାଆନ୍ତୁ। ଆପେ ଆପେ ସକାରାତ୍ମକ ପ୍ରଭାବ ଦେଖିବା ଆରମ୍ଭ କରିବ। କଞ୍ଚା ରସୁଣ ସାହାଯ୍ୟରେ ଉଚ୍ଚ ରକ୍ତଚାପ ଏବଂ ଖରାପ କୋଲେଷ୍ଟ୍ରଲ ସମସ୍ୟାକୁ ବହୁ ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ। କଞ୍ଚା ରସୁଣ ଭଲ କୋଲେଷ୍ଟ୍ରଲ ବୃଦ୍ଧି କରିବାରେ ମଧ୍ୟ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। କଞ୍ଚା ରସୁଣ ଖାଇବା ଦ୍ୱାରା ହୃଦୟ ସ୍ୱାସ୍ଥ୍ୟକୁ ସୁଦୃଢ଼ କରିପାରିବେ। ଗମ୍ଭୀର ଏବଂ ମାରାତ୍ମକ ହୃଦୟ ସମ୍ବନ୍ଧୀୟ ରୋଗର ଆଶଙ୍କାକୁ ବହୁତ ପରିମାଣରେ ହ୍ରାସ କରିପାରିବେ। କଞ୍ଚା ରସୁଣକୁ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ବୋଲି ବିବେଚନା କରାଯାଏ। ବଦହଜମୀ କିମ୍ବା ଏସିଡିଟି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ କଞ୍ଚା ରସୁଣ ମଧ୍ୟ ଖାଇପାରିବେ। ଯଦି ଆପଣ ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତିକୁ ସୁଦୃଢ଼ କରିବାକୁ ଚାହୁଁଛନ୍ତି, ତେବେ ନିୟମିତ ଭାବରେ କଞ୍ଚା ରସୁଣ ଖାଇବା ଆରମ୍ଭ କରନ୍ତୁ। କଞ୍ଚା ରସୁଣରେ ମିଳୁଥିବା ଉପାଦାନଗୁଡ଼ିକ ଆପଣଙ୍କ ଶରୀରକୁ ବିଷମୁକ୍ତ କରିବାରେ ମଧ୍ୟ ପ୍ରଭାବଶାଳୀ ପ୍ରମାଣିତ ହୋଇପାରେ। ଭଲ ଫଳାଫଳ ପାଇବା ପାଇଁ, କଞ୍ଚା ରସୁଣକୁ ସଠିକ ପରିମାଣରେ ଏବଂ ସଠିକ ଉପାୟରେ ଖାଇବା ବହୁତ ଗୁରୁତ୍ୱପୂର୍ଣ୍ଣ। କଞ୍ଚା ରସୁଣକୁ ଭଜାଯାଇ କିମ୍ବା ପାଣିରେ ଭିଜାଇ ସେବନ କରାଯାଇପାରିବ। ରସୁଣର ୨ ରୁ ୩ ପାଖୁଡା ଗୋଟିଏ ଦିନରେ ଖାଇପାରିବା ଉଚିତ। ଅତ୍ୟଧିକ ରସୁଣ ପାଖୁଡା ଖାଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବା ପରିବର୍ତ୍ତେ କ୍ଷତିକାରକ ହୋଇପାରେ।

# ଚର୍ଚ୍ଚାରେ ଗାୟିକା ନାୟିକା ଅନୀତ୍



ୱେବ୍ ସିରିଜ୍ ପରେ ମିଳିଲା ବଡ଼ ଅଫର। ଫିଲ୍ମ ରିଲିଜ୍ ହେଉ ହେଉ ପ୍ରଶଂସା ସାଉଁଟିଲେ ସେ ?ୟାରା ଗର୍ଲ ଅନୀତ୍ ପଡ୍ଡା। ମୋହିତ୍ ସୁରୀଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସେ ?ୟାରା' ଜୁଲାଇ ୧୮ରେ ପ୍ରେକ୍ଷାଳୟକୁ ଆସି ଦର୍ଶକଙ୍କ ଠାରୁ ମିଶ୍ର ପ୍ରତିକ୍ରିୟା ପାଇଛି। ଟ୍ରେଲର୍ ରିଲିଜ୍ ପରଠାରୁ ଚର୍ଚ୍ଚାରେ ଥିବା ଫିଲ୍ମ 'ସେ ?ୟାରା'ରେ ଅନୀତ୍ଙ୍କ ଅଭିନୟକୁ ଯୁବଦର୍ଶକ ଖୁବ୍ ପସନ୍ଦ କରୁଥିବା ଦେଖାଯାଇଛି। ଏହି ଫିଲ୍ମ ତାଙ୍କ କ୍ୟାରିୟର୍କୁ ଆଗକୁ ନେବାରେ ସାହାଯ୍ୟ କରିବ ବୋଲି ସିନେ ସମୀକ୍ଷକ ମତ ରଖିଛନ୍ତି। ଫିଲ୍ମର ଗୀତ ଏବେ ୟୁଟ୍ୟୁବ୍ରେ ଟ୍ରେଣ୍ଡ୍ କରୁଥିବା ବେଳେ ଅନିତ୍ଙ୍କ ଚାହାଣି ଓ ଠାଣି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ଜଣାଯାଇଛି।

ପଞ୍ଜାବୀ ଗର୍ଲ ଅନୀତ୍ ପଡ୍ଡା ଲେଡି ସୁପର୍ଷ୍ଟାର୍ କାଜୋଲ୍ଙ୍କ ଅଭିନୀତ ଫିଲ୍ମ 'ସଲାମ୍ ଭେଙ୍କି'ରୁ ଅଭିନୟ କ୍ୟାରିୟର୍ ଆରମ୍ଭ କରିଥିଲେ। ୨୦୨୨ରେ ମୁକ୍ତିଲାଭ କରିଥିବା 'ସଲାମ୍ ଭେଙ୍କି'ରେ ନନ୍ଦିନୀ ଭୂମିକାରେ ଅଭିନୟ କରିଥିଲେ ଅନୀତ୍। ଏହାପରେ, ୨୦୨୪ରେ ଆମାଜନ୍ ପ୍ରାଇମ୍ର ୱେବ୍ ସିରିଜ୍ 'ବିଗ୍ ଗର୍ଲସ୍ ଡୋଣ୍ଟ୍ କ୍ରାଏ'ରେ ରୁହି ଆହୁଜା ଭୂମିକାରେ ନଜର ଆସିଥିଲେ ଅନୀତ୍। ଏଥିରେ ତାଙ୍କର ନିଖୁଣ ଅଭିନୟ ଅନେକ ଫିଲ୍ମ ନିର୍ମାତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଯାହାର ଫଳସ୍ୱରୂପ ୟଶରାଜ୍ ଫିଲ୍ମସ୍ ଭଳି ନାମୀ ପ୍ରଯୋଜନା ସଂସ୍ଥା ତାଙ୍କୁ 'ସେ ?ୟାରା' ପାଇଁ କାଷ୍ଟ୍ କରିଥିଲା।

# ଆଜିର ରାଶିଫଳ

ମେଷ:-ଦୀର୍ଘ ଦିନରୁ ଲାଗି ରହିଥିବା ଅଶାନ୍ତି ସମାପ୍ତ ହେବ। ଧାରରୁ ମୁକ୍ତି ପାଇବେ, ଆପଣଙ୍କ ଚିନ୍ତା ଖତମ ହେବ। ସାମାଜିକ କାର୍ଯ୍ୟରେ ଯୋଡ଼ି ରହିଥିବା ଲୋକଙ୍କ ଲାଗି ଦିନଟି ଭଲ ରହିବ।

ବୃଷ:-ଏକାଗ୍ର ମନରେ କରିଆସୁଥିବା କାମ ଲାଭଦାୟକ ସାବ୍ୟସ୍ତ ହେବ। କମ୍ ରୁ କମ୍ ସମୟ ଭିତରେ କାମ ସାରିବାକୁ ଚେଷ୍ଟା କରନ୍ତୁ। ନୂଆ ହାଉସିଙ୍ଗ ପ୍ରୋଜେକ୍ଟ ଲଞ୍ଚ କରିପାରନ୍ତି।

ମିଥୁନ:-ନୂଆ କେ ?ଶଳ ଶିଖିବାକୁ ବିଚାର କରିପାରନ୍ତି। ବେପାରରେ ଆଶାଠୁ ଅଧିକ ଲାଭ ପାଇବେ। ଘର ଲୋକଙ୍କ ସହିତ ସିନେମା ଦେଖିବାକୁ ଯୋଜନା କରି ପାରନ୍ତି। ଜୀବନସାଥୀ ଠାରୁ ଉପହାର ପାଇବେ।

କର୍କଟ:-ଅଫିସରେ କାର୍ଯ୍ୟଭାର ବଢ଼ିପାରେ। ଟଙ୍କାପଇସା ମମଲାରେ ଅଣଦେଖା କରନ୍ତୁ ନାହିଁ। କେ ?ଣସି ପାଖ ଲୋକଙ୍କ ଠାରୁ ଲାଭକାରୀ ପରାମର୍ଶ ପାଇବେ। ଶିକ୍ଷାର୍ଥୀଙ୍କ ଲାଗି ଦିନଟି ସାମାନ୍ୟ ରହିବ।

ସିଂହ:-ପ୍ରତିଟି ଅଶାନ୍ତିର ସମାଧାନ ଆଖି ପିଛୁଳାକେ ବାହାରି ଯିବ। ଆପଣଙ୍କ କାମ ସରଳ ଉପାୟରେ ହେବାକୁ ରହିବ। ସମାଜରେ ନାମ ଉଚ୍ଚା ହେବ। ପାଖ ଲୋକଙ୍କ ଠାରୁ ଉପହାର ପାଇବେ।

କନ୍ୟା:-ଅଫିସରେ ସହକର୍ମୀଙ୍କ ସହଯୋଗ ପାଇବେ। ଘର ଲୋକଙ୍କ ସହିତ ଭଲ ସମୟ ଅତିବାହିତ କରିବେ। କାର୍ଯ୍ୟରେ ରାଜନୀତିକ ସମ୍ବନ୍ଧରୁ ଫାଇଦା ହେବ। ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କୁ କିଛି ନୂଆ ଶିଖିବାକୁ ମିଳିବ।

ତୁଳା:-କତୃପକ୍ଷ ଆପଣଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାକୁ କହିବେ। ବ୍ୟବସାୟ ଭଲ ଚାଲିବ। ଶତ୍ରୁଙ୍କୁ ପରାସ୍ତ କରିବେ। ଡ଼ିପ୍ଲମା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରଛାତ୍ରୀ ଅଧିକ ପରିଶ୍ରମ କରନ୍ତୁ।

ବିଛା:-ବ୍ୟବସାୟରେ ଭଲ ଲାଭ ହେବ। କେ ?ଣସି ଜରୁରୀ ଅଧିବେଶନରେ ସାମିଲ ହେବେ। ଅସହାୟଙ୍କୁ ସାହାଯ୍ୟ କରି ଖୁସି ଅନୁଭବ କରିବେ। ପାରିବାରିକ ଜୀବନ ସୁଖକର ହେବ।

ଧନୁ:-ଅଧିକତର ସମୟ ଧାର୍ମିକ ଓ ଆଧାତ୍ମିକ ଗତିବିଧିରେ ବ୍ୟସ୍ତ ରହିବେ। ବେପାରରେ ଆଗକୁ ବଢ଼ିବା ପାଇଁ କିଛି ଏଭଳି ଯୋଜନା ପ୍ରସ୍ତୁତ କରିବେ ଯାହାଦ୍ୱାରା ଲାଭ ହି ଲାଭ ହେବ। ଛାତ୍ର କେ ?ଣସି ବିଷୟ ଶାନ୍ତିରେ ବିଚାର କରିବେ।

ମକର:-ବ୍ୟାଙ୍କରେ କାମ କରୁଥିବା ଲୋକ ନିର୍ଦ୍ଧାରିତ ସମୟ ପୂର୍ବରୁ ନିଜର କାମ ପୂରା କରିଦେବେ। ରାଜନୀତିକ ଲୋକଙ୍କ ସହିତ ଲାଭଦାୟକ ସାକ୍ଷାତ ହେବ। ବନ୍ଧୁ ସହିତ ଫୋନରେ କଥା ହୋଇ ସମୟ ବିତାଇବେ।

କୁମ୍ଭ:-ପରିବାରରେ ଧାର୍ମିକ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରି ପାରନ୍ତି। ଖେଳକୁଦ କ୍ଷେତ୍ରରେ ବିଦ୍ୟାର୍ଥୀ ଭଲ ମଉକା ପାଇବେ। ଦୀର୍ଘ ସମୟ ସୁସ୍ଥ ରହିବା ଲାଗି ଉଚିତ ଖାଦ୍ୟ ଭୋଜନ କରନ୍ତୁ।

ମୀନ:-ବଡ଼ ନିର୍ଣ୍ଣୟ ନେବା ପାଇଁ ଭଲ ଦିନଟିଏ। ପ୍ରତିଟି ଛୋଟ କଥା ଉପରେ ଅଧିକ ନ ଭାବିଲେ ଆପଣଙ୍କ ଜୀବନ ସହଜ ହେବ। ନୂଆ ବ୍ୟବସାୟ ସଉଦା ପାଇଁ ସୁଯୋଗ ପାଇବେ। ଡ଼ାକ୍ତରୀ ଛାତ୍ରୀଙ୍କ ଲାଗି ଦିନଟି ଭଲ।

# କାହିଁକି ହୁଏ ଝଗଡ଼ା



ଆଜିକାଲି, ଅନେକ ସମ୍ପର୍କ ଅଧିକ ଦିନ ତିଷ୍ଠି ରହିପାରୁନି। କୌଣସି ନା କୌଣସି କାରଣରୁ କମ ଦିନ ଭିତରେ ବୈବାହୀକ ଜୀବନରେ ମତଭେଦ ଦେଖାଯାଉଛି। ଅନେକ ସମୟରେ କଥା ଛାଡପତ୍ର ପର୍ଯ୍ୟନ୍ତ ମଧ୍ୟ ଚାଲିଯାଉଛି। ଏମିତି ହେବାର କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କାରଣ ନାହିଁ। ଏହା ପଛରେ ଅନେକ କାରଣ ଥାଇପାରେ। ତେବେ ଆସନ୍ତୁ ଏମିତି କିଛି ସାଧାରଣ କାରଣ ବିଷୟରେ ଜାଣିନେବା, ଯାହା ଏକ ସମ୍ପର୍କ ମଧ୍ୟରେ ମତଭେଦ ସୃଷ୍ଟି କରିପାରେ। ଏସବୁ ଜାଣି ସତର୍କ ହୋଇଗଲେ, ବୈବାହୀକ ଜୀବନରେ ସୁଖ ଆସିବ।

ପ୍ରତ୍ୟେକ କଥାରେ ମିଛ କହିବାର ଅଭ୍ୟାସ: ପ୍ରତ୍ୟେକ କଥାରେ ମିଛ କହିବାର ଅଭ୍ୟାସ ସଂପର୍କରେ ବିଷ ମଞ୍ଜି ବୁଣିଥାଏ। ଏହା ଦ୍ୱାରା କେବଳ ଝଗଡା ନୁହେଁ ବରଂ ପରସ୍ପରଙ୍କ ଉପରୁ ବିଶ୍ୱାସ ଉଠିଯାଏ।

ପାର୍ଟନରଙ୍କୁ ସବୁବେଳେ ସନ୍ଦେହ କରିବା: ଯେଉଁମାନେ ଏକ ସମ୍ପର୍କରେ ସର୍ବଦା ପରସ୍ପରକୁ ସନ୍ଦେହ କରନ୍ତି, ସେମାନଙ୍କ ସମ୍ପର୍କ ଅଧିକ ଦିନ ତିଷ୍ଠି ନ ଥାଏ। ଅନେକ ସମୟରେ ଲୋକମାନେ ଅନାବଶ୍ୟକ ଭାବରେ ସେମାନଙ୍କ ପାର୍ଟନରଙ୍କୁ ସନ୍ଦେହ କରନ୍ତି। ଏହି ଅଭ୍ୟାସ ସବୁବେଳେ ଝଗଡା ହେବାର କାରଣ ହୋଇଯାଏ।

ପାର୍ଟନରଙ୍କୁ କେବେବି ସ୍ୱତନ୍ତ୍ର ଅନୁଭବ ନ କରେଇବା: ପ୍ରତ୍ୟେକ ମହିଳା ଚାହାଁନ୍ତି ଯେ ତାଙ୍କ ପାର୍ଟନର ତାଙ୍କୁ ସ୍ୱତନ୍ତ୍ର ଅନୁଭବ କରାନ୍ତୁ। କିନ୍ତୁ ଅନେକ ଲୋକଙ୍କର ସେମାନଙ୍କୁ ପାର୍ଟନରଙ୍କୁ ଶୁଭକାମନା କରିବାକୁ ମଧ୍ୟ ମନେ ରୁହେ ନାହିଁ। ଏହିସବୁ କଥା ଛୋଟ ଝଗଡାର କାରଣ ହୋଇଯାଏ।

ସର୍ବଦା ଅନ୍ୟର ମତକୁ ଦବେଇବା: ପ୍ରତ୍ୟେକଙ୍କର ନିଜସ୍ୱ ଚିନ୍ତାଧାରା ଥାଏ। ଅନ୍ୟମାନଙ୍କ ମତକୁ ଅଣଦେଖା କରିବା ସବୁବେଳେ ଠିକ୍ ନୁହେଁ। ଏହା ମଧ୍ୟ ସମ୍ପର୍କରେ ଦୂରତା ସୃଷ୍ଟି କରେ।

ପାର୍ଟନରଙ୍କ ଯତ୍ନ ନ ନେବା: ନିଜ ପାର୍ଟନରଙ୍କ ଯତ୍ନ ନେବା ଏବଂ ସବୁବେଳେ ସେମାନଙ୍କୁ ସମର୍ଥନ କରିବା ସମସ୍ତଙ୍କ କର୍ତ୍ତବ୍ୟ। ଯଦି ଏହା କରା ନ ଯାଏ, ତେବେ ଏକାକୀ ଅନୁଭବ ହୁଏ ଏବଂ ଏହିଠାରୁ ମତଭେଦ ଆରମ୍ଭ ହୁଏ।

# ବିଳମ୍ବରେ ଭୋଜନ କରୁଛନ୍ତି କି ?

ଆଧୁନିକ ଜୀବନଶୈଳୀରେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାମ କରିବା ଓ ବିଳମ୍ବରେ ଭୋଜନ କରିବା ଏକ ସାଧାରଣ କଥା ହୋଇଗଲାଣି । କିନ୍ତୁ ଏହି ଅଭ୍ୟାସ ଭବିଷ୍ୟତରେ ଅନେକ ସମସ୍ୟା ସୃଷ୍ଟି କରିପାରେ ।

- ବିଳମ୍ବରେ ଭୋଜନ କରିବା ଅଭ୍ୟାସ ମୋଟାପଣ, ଡାଇବେଟିସ୍ ଓ ହୃଦ୍ରୋଗ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି କରିପାରେ।
- ରାତିରେ ଖାଦ୍ୟ ଠିକ୍ ଭାବରେ ହଜମ ହୋଇପାରି ନ ଥାଏ। ତେଣୁ ଏହା ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି କରିଥାଏ।
- ରାତିରେ ଶରୀର ବିଶ୍ରାମ କରିଥାଏ। ତେଣୁ ବିଳମ୍ବରେ ହୋଇଥିବା ଭୋଜନ କ୍ୟାଲୋରିଭାବେ ଜମା ହୋଇଯାଏ। ଫଳରେ ମେଦବହୁଳତା ଭଳି ସମସ୍ୟା ଦେଖାଦିଏ।
- ଏହି ଅଭ୍ୟାସ ଶରୀରରେ ଇନ୍ସୁଲିନ୍ର ମାତ୍ରାକୁ ବି ପ୍ରଭାବିତ କରିଥାଏ। ତେଣୁ ଟାଇପ୍-୨ ଡାଇବେଟିସ୍ ହେବା ଆଶଙ୍କା ସୃଷ୍ଟି କରାଇଥାଏ।

ବିଳମ୍ବିତ ରାତିରେ ଅଧିକ ଗରିଷ୍ଠ ଭୋଜନ କଲେ ତାହା ପାଚନକ୍ରିୟା ଉପରେ ପ୍ରଭାବ ପକାଇଥାଏ। ତେଣୁ ଏସିଡିଟି ଓ ବଦହଜମୀ ଭଳି ସମସ୍ୟା ଦେଖା ଦେଇଥାଏ। ଏହା ଅନେକାଂଶରେ ନିଦ ମଧ୍ୟ ଖରାପ କରିପାରେ।

- ରାତିରେ ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଖାଇଲେ କୋଲେଷ୍ଟରଲ ଲେଭଲ ବଢ଼ାଇଥାଏ, ଯାହା ହୃଦ୍ରୋଗ ଭଳି ସମସ୍ୟାକୁ ନିମନ୍ତ୍ରଣ କରିଥାଏ। ନିଦ କମ୍ ହେଲେ ହୃଦ୍ରୋଗ ସହ ରକ୍ତଚାପ ମଧ୍ୟ ବଢ଼ିଥାଏ। ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହାର କିଛିମାତ୍ରାରେ ପ୍ରଭାବ ପଡ଼େ।
- ଶୋଇବାର ୨-୩ ଘଣ୍ଟା ପୂର୍ବରୁ ହିଁ ସବୁବେଳେ ରାତ୍ରିଭୋଜନ କରିବା ଦରକାର। ଅର୍ଥାତ୍ ୭-୮ଟା ମଧ୍ୟରେ ଖାଇବା ଭଲ। ଫଳରେ ଖାଦ୍ୟ ହଜମ ହେବା ପାଇଁ ବହୁତ ସମୟ ମିଳିଥାଏ।



# ହୃଦୟର ଠିକ୍ ପଛପଟେ ପିଠିରେ ଯନ୍ତ୍ରଣା ହେଉଛି କି ?



ଛାତିରେ ଯନ୍ତ୍ରଣା ହେବା ହୃଦଘାତର ସବୁଠାରୁ ସାଧାରଣ ଲକ୍ଷଣ, କିନ୍ତୁ କିଛି ଲୋକ ହୃଦୟ ବ୍ୟତୀତ ଅନ୍ୟ ସ୍ଥାନରେ ଯନ୍ତ୍ରଣା ଅନୁଭବ କରିପାରନ୍ତି । କେତେକ ସମୟରେ କୌଣସି ତୀବ୍ର ଯନ୍ତ୍ରଣା ହୁଏ ନାହିଁ, କେବଳ ଚାପର ଅନୁଭବ ହୁଏ ।

ଯଦି ହୃଦୟର ଠିକ୍ ପଛରେ, ଅର୍ଥାତ୍ ପିଠିର ଉପର ଭାଗରେ ଯନ୍ତ୍ରଣା ହୁଏ ତେବେ ଏହା ମଧ୍ୟ ହୃଦଘାତର ଲକ୍ଷଣ ହୋଇପାରେ । ପୁରୁଷମାନଙ୍କ ତୁଳନାରେ ମହିଳାମାନେ ପିଠି ଯନ୍ତ୍ରଣାର ଲକ୍ଷଣ ଅଧିକ ଅନୁଭବ କରନ୍ତି । କିନ୍ତୁ ଲୋକମାନେ ଏହାକୁ ଏକ ସାଧାରଣ ଯନ୍ତ୍ରଣା ଭାବି ଅଣଦେଖା କରନ୍ତି । ରୋଗ ନିୟନ୍ତ୍ରଣ ଏବଂ ନିବାରଣ କେନ୍ଦ୍ର (ଉଡଉ) ଅନୁଯାୟୀ, ହୃଦଘାତରୁ ପ୍ରାୟ ୫ ଜଣଙ୍କ ମଧ୍ୟରୁ ୧ ଜଣଙ୍କର ମୃତ୍ୟୁ ଏପରି ସମୟରେ ହୁଏ ଯେତେବେଳେ ବ୍ୟକ୍ତି ଏହା ଘଟୁଛି ବୋଲି ଜାଣି ନ ଥାଏ । ହୃଦଘାତର ସବୁଠାରୁ ବଡ଼ ଏବଂ ସାଧାରଣ ଲକ୍ଷଣ ହେଉଛି ଛାତି ଯନ୍ତ୍ରଣା। ଏହା ବ୍ୟତୀତ ପିଠି ଯନ୍ତ୍ରଣା, ପେଟର ଉପର ଭାଗରେ ଯନ୍ତ୍ରଣା, ବାନ୍ତି, ଥକ୍କାପଣ ଏବଂ ମୁଣ୍ଡ ବୁଲାଇବା ମଧ୍ୟ ହୃଦଘାତର ଲକ୍ଷଣରେ ଅନ୍ତର୍ଭୁକ୍ତ । ତେଣୁ, ପିଠି ଯନ୍ତ୍ରଣାକୁ ଅଣଦେଖା କରିବା ବିପଜ୍ଜନକ ହୋଇପାରେ ।

ହୃଦଘାତ ଯୋଗୁଁ ହେଉଥିବା ପିଠି ଯନ୍ତ୍ରଣାର ଅନୁଭବ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଭିନ୍ନ ହୋଇପାରେ। କିଛି ଲୋକ ପିଠିର ଉପର ଭାଗରେ ଚାପ କିମ୍ବା କଡ଼ାତା ଆକାରରେ ଏହି ଯନ୍ତ୍ରଣା ଅନୁଭବ କରିପାରନ୍ତି । ହୃଦଘାତ ସମୟରେ ମହିଳାମାନଙ୍କର କାନ୍ଧ, ପିଠି, ଜାବୁଡ଼ି କିମ୍ବା ହାତରେ ଯନ୍ତ୍ରଣା ହେବାର ସମ୍ଭାବନା ଅଧିକ ଥାଏ। ଏହା ବ୍ୟତୀତ ପିଠି ଯନ୍ତ୍ରଣା ସହିତ ମୁଣ୍ଡ ବୁଲାଇବା, ମୁଣ୍ଡ ହଲାଇବା କିମ୍ବା ଅଚେତ ହେବା ମଧ୍ୟ ହୋଇପାରେ ।

# ଚିକେନ୍ କଟଲେଟ୍

**ଆବଶ୍ୟକ ସାମଗ୍ରୀ:** ଚିକେନ କିମା, ପିଆଜ, ସିଝା ଆଳୁ, କର୍ଣ୍ଣଫ୍ଲୋର, ପାଉଁରୁଟି ଗୁଣ୍ଡ, କଞ୍ଚା ଲଙ୍କା, ଅଦା ଓ ରସୁଣ ବଟା, ଗରମ ମସଲା, ଲଙ୍କା ଗୁଣ୍ଡ, କଟା ଧନିଆ ପତ୍ର, ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଡ଼େଇରେ ତେଲ ଗରମ କରନ୍ତୁ । ଏହାପରେ କଟା ପିଆଜ ପକାନ୍ତୁ। ପିଆଜର ରଙ୍ଗ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଏହାପରେ ସେଥିରେ ଅଦା ଓ ରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। ମସଲାରୁ ତେଲ ଛାଡିଲା ପରେ ଚିକେନ କିମା ପକାନ୍ତୁ । ଭଲରେ କଷନ୍ତୁ । କିଛି ସମୟ ପରେ ଏଥିରେ ଲଙ୍କା ଗୁଣ୍ଡ, ଲୁଣ ଓ ଗରମ ମସଲା ପକାଇ କିଛି ସମୟ ପାଇଁ ଘୋଡ଼ାଇ ଦିଅନ୍ତୁ। ଚିକେନ ଭଲ ଭାବେ ସିଝି ଗଲା ପରେ ଏହାକୁ ଗ୍ୟାସରୁ ଓହ୍ଲାଇ ଦିଅନ୍ତୁ। ଏବେ ଗୋଟିଏ ପାତ୍ରରେ କର୍ଣ୍ଣଫ୍ଲୋର ଓ ଅଳ୍ପ ପାଣି ମିଶାଇ ଭଲରେ ଘୋଳ ପ୍ରସ୍ତୁତ କରନ୍ତୁ। ଅନ୍ୟ ଏକ ପାତ୍ରରେ ସିଝା ଆଳୁକୁ ଲୁଣ ଦେଇ ଚକଟି ସେଥିରେ ପୂର୍ବ ପ୍ରସ୍ତୁତ ଚିକେନ ମିଶାନ୍ତୁ। ଏହି ମିଶ୍ରଣକୁ ଅଟାଗୋଳା ପରି ଗୋଲ ଗୋଲ କରି ତାକୁ ଦୁଇ ହାତରେ ଅଳ୍ପ ଚାପି ଦିଅନ୍ତୁ । ଏହାପରେ ଏହାର ୨ପଟେ ପାଉଁରୁଟି ଗୁଣ୍ଡ(ବ୍ରେଡ୍ କ୍ରମ୍ବ) ଦିଅନ୍ତୁ । ଏହାପରେ କର୍ଣ୍ଣଫ୍ଲୋର ଘୋଳରେ ବୁଡ଼ାଇ ତେଲରେ ଛାଣନ୍ତୁ। ଗୋଲଡ୍ଡେନ୍ ବ୍ରାଉନ୍ ରଙ୍ଗ ହେବା ପରେ ସେଗୁଡ଼ିକୁ ପ୍ଲେଟ୍କୁ କାଢ଼ି ଆଣନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ଚିକେନ କଟ୍ଲେଟ୍'। ଏହାକୁ ସସ୍ କିମ୍ବା ଚଟଣି ସହ ପରଷନ୍ତୁ। ଚେୟାର ଏଭଳିଭାବେ ଫିଟ୍ ହୋଇ ରହିଥାଏ ଯେ, ଚେୟାରଗୁଡ଼ିକୁ ଟାଣି ବାହାରକଲେ ଫୁଲର ପାଖୁଡ଼ା ମେଲିବା ଭଳି ଦେଖାଯାଏ। ଟେବୁଲ ଉପରେ ଲୁକ୍କାୟିତ ଭାବେ ଏକ ପଡ୍ ଥାଏ। ତାହା ଖୋଲିଯାଏ ଓ ଏକ ଲମ୍ବା ଏଲ୍ଇଡି ଲାଇଟ୍ରେ ପରିଣତ ହୋଇଯାଏ। ଫଳରେ ଡାଇନିଂ ଟେବୁଲଟି ଏକ ସ୍ପେସ୍ଶିପ୍ ପରି ଦେଖାଯାଏ। ତେଣୁ ଏହା କେବଳ ଏକ ଫର୍ନିଚର ନୁହେଁ, ବରଂ ଏହା ଉପରେ ବସି ଖାଇଲେ ବିଜ୍ଞାନଭିତ୍ତିକ ଫିଲ୍ମର ଅନୁଭୂତି ମିଳିଥାଏ।



cmyk cmyk cmyk



ଲୋକସଭାରେ ଉପସ୍ଥାପିତ ହୋଇଛି ନୂଆ ଆୟକର ବିଲ୍ ସମ୍ପର୍କିତ ସିଲେକ୍ଟ କମିଟି ରିପୋର୍ଟ। ରିପୋର୍ଟ ଉପସ୍ଥାପନ ପରେ ସଦସ୍ୟମାନେ ବାଚସ୍ପତି ଓମ୍ ବିର୍ଲାଙ୍କ ସହ ଗ୍ରୁପ୍ ଫଟୋ ଉଠାଉଛନ୍ତି

## ମନ୍ତ୍ରୀ ଦୌଡ଼ରେ ଅଶୋକ ମହାନ୍ତି

ଅନୁଗୋଳ , ତାଳଚେର: ଚଳିତ ସପ୍ତାହ କିମ୍ବା ଦୁଇ ତିନିଦିନ ମଧ୍ୟରେ ରାଜ୍ୟ ମନ୍ତ୍ରୀ ମଣ୍ଡଳ ଅଦଳ ବଦଳ ହେବା ସମ୍ଭାବନା ଅଧିକ ନିଶ୍ଚିତ ହେଇଛି , ଗତ ସପ୍ତାହରେ ସାଢ଼େ ଚାରି କୋଟି ଓଡ଼ିଆଙ୍କ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସଂସଦୀୟ ମୌସୁମୀ ଅଧିବେଶନ ପୂର୍ବରୁ ଭାରତ ଯଜସ୍ୱି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ ଆଲୋଚନା କରି ରାଜ୍ୟକୁ ଫେରିଥିଲେ , ବିଶେଷ ସୂତ୍ରରୁ ଜଣାପଡିଛି ବର୍ତ୍ତମାନ ବିବାଦୀୟ ହୋଇ ପଡିଥିବା କିଛି କ୍ୟାବିନେଟ୍ ଓ ରାଷ୍ଟ୍ର ପାହ୍ୟା ମନ୍ତ୍ରୀଙ୍କୁ ମୋହନ ସରକାର ଦାୟୀତ୍ୱ ମୁକ୍ତ କରି ତାଙ୍କ ସ୍ଥାନରେ ନୂଆଁ ମୁଁହ ଦେବେ ଏନେଇ ରାଜ୍ୟ ରାଜନୀତି ଉଠୁଛି ପଡୁଛି କିଏ ଯିବେ କିଏ ନୂଆ ନୂଆଁ ଆସିବେ କଳ୍ପନା ଜଳ୍ପନା ବିଜେପି ରାଜନୀତି କରିଡ଼ର ଓ ସାଧାରଣରେ ଆଲୋଚନା ଜୋର୍ ଧରିଛି କେଉଁ ଜିଲ୍ଲାରୁ କିଏ ନୂଆଁ ଆସିବେ ଓ କିଏ ବାଦ୍ ପଡ଼ିବେ ସବୁଠି ଆଲୋଚନା ,ତେବେ ଗତ ସାଧାରଣ ନିର୍ବାଚନରେ ଅନୁଗୋଳ ଜିଲ୍ଲାରେ ବିଜେଡି ମାଟି କାମୁଡି ପଡ଼ିଲା ପାଞ୍ଚରୁ ତିନି ବିଧାନ ସଭା ସିଟ ବିଜେପି ଅକ୍ତିଆର କରିବାରେ ସଫଳତା ହାସଲ କରିଛି । ଗତ ମନ୍ତ୍ରୀ ମଣ୍ଡଳ ସମ୍ପ୍ରସାରଣ ବେଳେ ରାଜ୍ୟକୁ ଅଧିକ ରାଜସ୍ୱ ଦେଉଥିବା ଅନୁଗୋଳ ଜିଲ୍ଲାରୁ କାହାକୁ ମନ୍ତ୍ରୀ ମଣ୍ଡଳରେ ସାମିଲ କରାଯାଇ ନଥିଲା , ତେବେ ଅନୁଗୋଳ ବିଧାନସଭା ଆସନରୁ ବିଜୟ ଲାଭ କରିଥିବା ପ୍ରତାପ ଜେନା ଓ ଛେଣ୍ଡିପଦା ବିଜୟୀ ବିଧାୟକ ଅଗସ୍ତି ବେହେରା ଓ ପାଲଲହଡ଼ା ବିଜୟୀ ବିଧାୟକ ଅଶୋକ ମହାନ୍ତି ତିନିଜଣ ଅନୁଗୋଳ ଜିଲ୍ଲାର ଟାଣୁଆ ବିଜେପି ବିଧାୟକ , କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହିତ ସମସ୍ତ ବିଧାୟକଙ୍କ ଦୃଢ ଘନିଷ୍ଟତା ଓ ଉତ୍ତମ ସମ୍ପର୍କ ଅଛି ନିଜ ନିଜ ଲବିରେ ତିନିଜଣ ବିଧୟକ ନୂଆଁ ମନ୍ତ୍ରୀ ମଣ୍ଡଳରେ ସାମିଲ ହେବାପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛନ୍ତି କିନ୍ତୁ ପାଲଲହଡ଼ା ବିଧାୟକ ଅଶୋକ ମାହାନ୍ତି ମାତ୍ର ପଦେ ଆଗୁଆ ଥିବା ବିଶେଷ ସୂତ୍ରରୁ ଖବର ହସ୍ତଗତ ହୋଇଛି ।

# ଅସ୍ତରଙ୍ଗ ଓ କାକଟପୁରରେ ଜେଏମ୍‌ଏଫସି କୋର୍ଟର ଶୁଭାରମ୍ଭ

ଅସ୍ତରଙ୍ଗ, (ପିପିଏସ୍): ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଦୀର୍ଘ ବର୍ଷ ଧରି ହୋଇ ଆସୁଥିବା ଦାବୀ ପୂରଣ ପୂର୍ବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ରେ ସିଭିଲ ଜେଏମଏଫସି କୋର୍ଟର ଶୁଭାରମ୍ଭ ହୋଇଛି। ଅସ୍ତରଙ୍ଗ ତହସିଲ ନିକଟରେ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ ଟଙ୍କା ବ୍ୟୟରେ ନିର୍ମିତ ସହ ମରାମତି ହୋଇଛି ଅସ୍ଥାୟୀ ଜେଏମଂ ସି କୋର୍ଟ।ସେହିପରି କାକଟପୁର ବ୍ଲକ ନିକଟରେ ନିର୍ମିତ ହୋଇଛି ଜେଏମଏଫସି କୋର୍ଟ।ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏହାକୁ

- ଭିସିରେ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି
- ପ୍ରଥମ କେସ୍ :-ଚୋରା ମଦ ବ୍ୟବସାୟୀ ମାମିଲା ରେ ସାକ୍ଷୀଙ୍କ ବୟାନ ରେକର୍ଡ
- ମାଡ଼ପିଟ ଘଟଣାରେ ଜଣେ ବ୍ୟକ୍ତିଙ୍କୁ ବିଚାର ବିଭାଗୀୟ ହାଜତ କୁ ପଠା ଯାଇଛି



ଭିଡିଓ କନଫରେନ୍ସ ଦ୍ୱାରା ଉଦଘାଟନ କରିଥିଲେ।ମଙ୍ଗଳବାର ସକାଳ ୯ଘ ୪୫ମିନିଟରେ ଅନୁଷ୍ଠିତ ଏହି ଉଦଘାଟନୀ ପର୍ବରେ ଅସ୍ତରଙ୍ଗ କୋର୍ଟ ପରିସରରେ ନିମାପଡା ଅତିରିକ୍ତ ଜିଲ୍ଲା ଦୌରାଜଜ ସୋମ୍ୟକ ପାତ୍ର, ରେଜିଷ୍ଟର,ଅସ୍ତରଙ୍ଗ ଜେଏମ୍‌ଏଫସି କୋର୍ଟର ବିଚାରପତି ସୁଧାବାଇ ଅଗ୍ରୱାଲ, ଏଡ଼ିଏମ୍ ନୀଳ ମାଧବ ଭୋଇ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅତିରିକ୍ତ ଏସ୍ପି ସଚିନ ପଟେଲ, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ,କାକଟପୁର କୋର୍ଟ ପରିସରରେ ପୁରୀ ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ ଚିନ୍ମୟୀ ମିଶ୍ର, କାକଟପୁର ଜେଏମଏଫସି କୋର୍ଟର ବିଚାରପତି ଶ୍ରୀଚନ୍ଦନ ଦାଶ, କୋର୍ଟ ମ୍ୟାନେଜର ମଳୟ ଗିରି, ଏଡ଼ିଏମ୍ ଶରତ ମହାପାତ୍ର, କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତା, ବିଡ଼ିଓ ବିଷ୍ଣୁ ଗୋବିନ୍ଦ ଙ୍କ ସମେତ ଅସ୍ତରଙ୍ଗ ରେ ଓକିଲ ଉମାକାନ୍ତ ମିଶ୍ର, ଦିବ୍ୟଦର୍ଶୀ ବିଶ୍ୱାଳ, ଦିଲ୍ଲୀପ ବେହେରା, ଦିଲ୍ଲୀପ ବାରିକି, ସତ୍ୟ ନାରାୟଣ ପଣ୍ଡା, ସଦାଶିବ ପ୍ରଧାନ ପ୍ରମୁଖ ଏବଂ ସାଧାରଣ ଜନତା ଉପସ୍ଥିତ ଥିଲେ। ଆଜି ପ୍ରଥମ ଦିନରେ ଅବକାରୀ ବିଭାଗ ଅନୁଯାୟୀ ଚୋରା ମଦ ବିକ୍ରି ମକଦ୍ଦମାରେ ୨ଜଣ ଙ୍କ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା।ସେହିପରି ଅସ୍ତରଙ୍ଗ କୋର୍ଟ ରେ ସହନ ଗ୍ରାମର ଟୁନିଲତା ମହାନ୍ତି ଙ୍କ ଅଭିଯୋଗ କ୍ରମେ ମାଡ଼ପିଟ ଘଟଣା ରେ ଅସ୍ତରଙ୍ଗ ଥାନା କେଶ ନମ୍ବର ୧୪୪/୨୫ ମାମଲା ରେ ଭାରତୀୟ ନ୍ୟାୟ ସଂହିତା ଅନୁସାରେ ଦଫା ୧୧୫(୨), ୧୧୭(୨), ୧୨୬(୨), ୨୯୬, ୩(୫), ୩୫୧(୨), ୭୪ ଅସ୍ତରଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଭିଯୁକ୍ତ କାଳନ୍ଦୀ ମହାନ୍ତି ଙ୍କର ଜାମିନ କୁ ଖାରଜ କରି ବିଚାର ବିଭାଗୀୟ ହାଜତ ନିମାପଡା କୁ ପଠାଇଥିଲେ। କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳବାସୀ ଙ୍କ ଅନେକ ଦିନରୁ ସ୍ୱପ୍ନ ଆଜି ବାସ୍ତବରେ ପରିଣତ ହୋଇଥିବାରୁ ସମସ୍ତ ଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା। ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକେ ନିକଟରେ ଆଇନି ସେବା ପାଇପାରିବେ। ପୂର୍ବରୁ ସେମାନଙ୍କୁ ବିଭିନ୍ନ ମକଦ୍ଦମା ପାଇଁ ନିମାପଡା ଯିବାକୁ ପଡୁଥିଲା। ଯେଉଁଥି ପାଇଁ ସାଧାରଣ ଲୋକେ ବହୁ ଖର୍ଚ୍ଚାନ୍ତ ହେଉଥିଲେ। ଏଣିକି ଆଇନି ସେବା ନିକଟରେ ପାଇପାରିବେ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।ଶୁଭାରମ୍ଭ କାର୍ଯ୍ୟକ୍ରମ ରେ ଷ୍ଟେନୋ, ପେସକାର, କିରାଣୀ, କନିଷ୍ଠ କିରାଣୀ, ପ୍ରୋସେସର, ଜୁନିୟର ଟାଇପିଷ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ବିଏମ୍‌ସି ସାଧାରଣ ବୈଠକ

# ପ୍ରଶ୍ନ ଅନେକ, ମିଳୁନି ଉତ୍ତର



- ଜବରଦଖଲକାରୀଙ୍କୁ ଚିହ୍ନଟ ପାଇଁ ୩ଟି ଜୋନ୍‌ରେ ରହିବେ ୩ ଡେପୁଟି କମିଶନର
- ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଫଣ୍ଡସ୍ ଅଭାବ: ମେୟର
- କର୍ପୋରେଟରଙ୍କ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାରେ ହେବନି ପାତର ଅନ୍ତର

ବ୍ରହ୍ମପୁର(ପିପିଏସ୍): ଦୀର୍ଘ ମାସ ପରେ ମହାନଗର ନିଗମର ସାଧାରଣ ବୈଠକ ମେୟର ସଂଘମିତ୍ରା ଦଳେଇଙ୍କ ଅଧକ୍ଷତାରେ ମଙ୍ଗଳବାର ନିଗମ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଦୀର୍ଘଦିନ ପରେ ନିଗମର ବୈଠକ ଆୟୋଜିତ ହୋଇଥିବା କାରଣରୁ ବହୁ କର୍ପୋରେଟର ଉଦ୍‌ବେଗ ପ୍ରକାଶ କରିବା ସହ ଚଳିତ କାଉନସିଲ ଆସିବାର ସାଢେ ୩ବର୍ଷ ବିତିବାକୁ ଯାଉଥିଲେ ସୁଧା ବୈଠକରେ ଆଲୋଚିତ ପ୍ରସଙ୍ଗର ଉତ୍ତର ମିଳୁନାହିଁ କି କାର୍ଯ୍ୟକାରୀ ହେଉନାହିଁ ବୋଲି କ୍ଷୋଭ ପ୍ରକାଶ କରିବା ସହ ବୈଠକ ଆରମ୍ଭରୁ ପ୍ରସଙ୍ଗ ଉଠାଇଥିଲେ। କେବଳ ସେତିକି ନୁହଁ ଏଣିକି ବିଏମ୍‌ସିର ସହ ଆଲୋଚନା କରି ସାଂସଦ ଓ ବିଧାୟକ ଦେଉଥିବା ଅନୁଦାନ କାର୍ଯ୍ୟକାରୀ କରାଯିବା ପାଇଁ ଆଲୋଚନା ହୋଇଥିଲା । ନିଗମର ବିଭିନ୍ନ ୱାର୍ଡରେ ପୂର୍ବରୁ ମହାନଗର ନିଗମ କାର୍ଯ୍ୟ କରିବା ପାଇଁ ଟେଣ୍ଡର କରିସାରିଥିବା ବେଳେ ସେହି ସ୍ଥାନରେ ପୁଣି ସାଂସଦ ଓ ବିଧାୟକମାନଙ୍କ ନିଜସ୍ୱ ହାତପାଣ୍ଠିରୁ କାର୍ଯ୍ୟ କରିବା ପାଇଁ ଅନୁଦାନ ଆସୁଥିବାରୁ କର୍ପୋରେଟରମାନେ ଏହା ଜାଣିପାରୁନାହାଁନ୍ତି କି କାର୍ଯ୍ୟ କରିବାରେ ବିଳମ୍ବ ହେଉଛି । ତେଣୁ ସାଂସଦ ଓ ବିଧାୟକ ମାନେ ଦେଉଥିବା ଅନୁଦାନ ପୂର୍ବରୁ ମହାନଗର ନିଗମ ସହ ଆଲୋଚନା କରିବାକୁ ବୈଠକରେ ଉପସ୍ଥିତ ଥିବା ସାଂସଦ ଓ ବିଧାୟକଙ୍କ ପ୍ରତିନିଧିମାନଙ୍କୁ ମେୟର ଅନୁରୋଧ କରିଥିଲେ । ଏଭଳି ପ୍ରଶ୍ନକୁ କମିସନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଉତ୍ତରରେ କହିଲେ ଅଭିଯୋଗକୁ ଗ୍ରହଣ କରି କେତେକ କାମ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଆଗାମୀ ଦିନରେ ମଧ୍ୟ ଏଦିଗରେ ତଦନ୍ତ କରାଯାଉଛି ବୋଲି କହିଥିଲେ। ଅନୁଷ୍ଠିତ ବୈଠକରେ ବିକାଶମୂଳକ କାର୍ଯ୍ୟ ହେଉ କିମ୍ବା ମୌଳିକ କାର୍ଯ୍ୟ ହେଉ ସବୁଥିରେ ବିଏମ୍‌ସିର ଅବହେଳ ଯୋଗୁଁ ସାଧାରଣରେ ଜନପ୍ରତିନିଧି ମାନେ ନିନ୍ଦିତ ହେଉଛନ୍ତି ଏପରିକି ବିଏମ୍‌ସିର କାର୍ଯ୍ୟ କାରିତାକୁ ନେଇ ଗଳିକନ୍ଦିରେ ଆଲୋଚନା ଜୋର ଧରିଛି ବୋଲି କେତେକ କର୍ପୋରେଟର ଅଭିଯୋଗ କରିଥିଲେ। ପୂର୍ବ ନିର୍ଦ୍ଧାରିତ ଏଜେଣ୍ଡାନେଇ ଆଲୋଚନା କରିବା ବେଳେ ପ୍ରଥମେ କର୍ପୋରେଟର ଶ୍ୱେତାରେଖା ତ୍ରିପାଠୀ ଏଥିରେ ହସ୍ତକ୍ଷେପ କରି କହିଥିଲେ ବୈଠକ ହେବାର ୭ଦିନ ପୂର୍ବରୁ ଏଜେଣ୍ଡା ସମସ୍ତ ସଦସ୍ୟଙ୍କୁ ପ୍ରଦାନ କଲେ ତାହାକୁ ନେଇ କର୍ପୋରେଟର ମାନେ ବୈଠକର ଆଲୋଚ୍ୟ ବିଷୟ ଉପରେ ମତାମତ ରଖିବେ। କିନ୍ତୁ ବୈଠକର ଗୋଟିଏ ଦିନ କିମ୍ବା ଦୁଇଦିନ ପୂର୍ବରୁ କାହିଁକି ପ୍ରଦାନ କରାଯାଉଛି ଏବଂ ୬ମାସ ପୂର୍ବେ ଅନୁଷ୍ଠିତ ବୈଠକର ଗୃହିତ ପ୍ରସ୍ତାବକୁ କାହିଁକି ୭ଦିନ ମଧ୍ୟରେ ପ୍ରଦାନ କରାଯାଉ ନାହିଁ। ମାସ ମାସ ଧରି ଗୃହିତ ପ୍ରସ୍ତାବର ସଂପୂର୍ଣ୍ଣ ତଥ୍ୟ ମିଳୁନଥିବା ଯୋଗୁଁ କେଉଁ ପ୍ରସଙ୍ଗରେ ଆଲୋଚନା ହୋଇଥିଲା ତାହା ସ୍ପଷ୍ଟ ଏବଂ ସ୍ୱଚ୍ଛତା ରହୁ ନାହିଁ ବୋଲି ଅଭିଯୋଗ କରିଥିଲେ। ଏହାକୁ ମେୟର ଶ୍ରୀମତି ଦଳେଇ ଏଭଳି ସମସ୍ୟା ଉପରେ ଗୁରୁତ୍ୱ ଦେଇ ସମୟାନୁସାରେ ପ୍ରଦାନ କରାଯିବ ବୋଲି କହିଥିଲେ। ଏହାଛଡା ବର୍ଷବର୍ଷ ଧରି ସହରର ବହୁ କାର୍ଯ୍ୟ ପଡି ରହିଛି ସେ ଦିଗରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କେତେକ କର୍ପୋରେଟର ଅଭିଯୋଗ କରିବା ବେଳେ ମେୟର କହିଥିଲେ ବିଏମ୍‌ସି ପାଖରେ ଫଣ୍ଡର ଅଭାବ ଯୋଗୁଁ କାର୍ଯ୍ୟ କରିବାରେ କଷ୍ଟସାଧ ହେଉଛି ବୋଲି ସୂଚନା ଦେଇଥିଲେ। କର୍ପୋରେଟର ଶ୍ରୀ ଶତପଥୀ ପୁଣିଥରେ ସହରର ସୌନ୍ଦର୍ଯ୍ୟକରଣ ବାବଦରେ କୋଟି କୋଟି ଟଙ୍କା ବ୍ୟୟ ହୋଇଥିବା ସ୍ଥଳେ ବିଏମ୍‌ସିର ରକ୍ଷଣାବେକ୍ଷଣ ଅଭାବରୁ ସେସବୁ ଆଜି ନଷ୍ଟ ହୋଇ ସହରର ସୌନ୍ଦର୍ଯ୍ୟକରଣକୁ ଉପହାସିତ କରିବା ଭଳି ଲାଗୁଛି ବୋଲି କହିବା ବେଳେ କମିସନର ଏଦିଗରେ କହିଲେ ସଂପ୍ରତି ବିଡିଏ ପ୍ରକ୍ଷରୁ ୨କୋଟି ଟଙ୍କା ବ୍ୟୟରେ ସହରର ପ୍ରମୁଖ ଛକରେ ଥିବା ସୌନ୍ଦର୍ଯ୍ୟକରଣ ଗୁଡିକର ପୁନରୁଦ୍ଧାର ନେଇ ଟେଣ୍ଡର ଆହ୍ୱାନ କରାଯାଇଛି। ଅକ୍ଟୋବର ସୁଧା ଏହାର କାର୍ଯ୍ୟ ଶେଷ ହେବ ବୋଲି କହିବା ସହ ଏଡାକୁ ତଦାରଖ କରିବା ନେଇ ବିଏମ୍‌ସି ପକ୍ଷରୁ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯିବ ବୋଲି କହିଥିଲେ। ଅନ୍ୟତମ କର୍ପୋରେଟର ଟି.ତ୍ରିପତି ପାତ୍ର ଜବରଦଖଲକାରୀଙ୍କ କବଳରେ ଥିବା ବିଏମ୍‌ସିର ସଂପତ୍ତିକୁ କିପରି ଉଦ୍ଧାର କରାଯିବ ସେନେଇ ବର୍ଷ ବର୍ଷ ଧରି ଆଲୋଚନା କରାଯାଉଥିଲେ ସୁଧା ଆଜି ପର୍ଯ୍ୟନ୍ତ କିଛି ସୁଫଳ ମିଳୁନାହିଁ ତେଣୁ ଏ ଦିଗରେ କମିସନର ଟିକେ ଦୃଷ୍ଟି ଦିଅନ୍ତୁ ବୋଲି କହିଥିଲେ। ସେଭଳି ଅନ୍ୟତମ କର୍ପୋରେଟର ପ୍ରଶାନ୍ତ ପଟ୍ଟନାୟକ ଜବରଦକଲକାରୀଙ୍କ ଯୋଗୁଁ ଦିନକୁ ଦିନ ସହର ରାସ୍ତାଘାଟ ସଂକୀର୍ଣ୍ଣ ହେବାରେ ଲାଗିଛି। ଏହା ଦ୍ୱାରା ସାଧାରଣରେ ଚାଲିବା କଷ୍ଟସାଧ ହୋଇପଡୁଛି ଏଭଳି ସମସ୍ୟା ନେଇ ସହରବାସୀ ଉଦ୍‌ବେଗ ପ୍ରକାଶ କରୁଛନ୍ତି ବୋଲି କହିଥିବା ବେଳେ କମିସନର କହିଲେ ସଂପ୍ରତି ଜବରଦକଲ ହଟାଇବା ନେଇ ବିଏମ୍‌ସି ପକ୍ଷରୁ ୬ଟି ଟିମ ଗଠନ କରାଯାଇଛି ଏବଂ ତିନୋଟି ଗାଡି । ପ୍ରତ୍ୟେକ ଦିନ ତିନିଥର ସହରର ଜବରଦକଲ ଉଚ୍ଛେଦ କରାଯାଇ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିବା ସହ ଆଗାମୀ ୩ମାସ ମଧ୍ୟରେ ଏହାର କାର୍ଯ୍ୟ ଶେଷ କରିବା ନେଇ ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ଦେଇଥିଲେ। ଏହାଛଡା ସହରବାସୀଙ୍କୁ ଉପଯୁକ୍ତ ସେବା ଦେବା ନେଇ ସହରର ଉପକଣ୍ଠ ମହୁଡା ଏବଂ ଶୀତଳାପଲ୍ଲୀ ଠାରେ ବିଏମ୍‌ସି ପକ୍ଷରୁ ନିର୍ମାଣାଧୀନ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର କାର୍ଯ୍ୟରେ ସ୍ୱଚ୍ଛତା ରହୁ ନାହିଁ ଏ ଦିଗରେ ତର୍ଜମା କରିବାର ଆବ୍ୟାକତା ରହିଛି ବୋଲି କହିଥିଲେ। କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି ନିଜ ୱାର୍ଡରେ ଅଙ୍ଗନବାଡି କେନ୍ଦ୍ର ନଥିବାରୁ ବହୁ ଗର୍ଭବତୀ ଏବଂ ଶିଶୁ ମାନ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ରହୁଛନ୍ତି ଏପରିକି ଏନେଇ ବର୍ଷବର୍ଷ ଧରି ବିଏମ୍‌ସିରେ ଅଭିଯୋଗ କରିଥିଲେ ସୁଧା କେହି ଗୁହାରୀ ଶୁଣୁନଥିବା ଅନ୍ୟନ୍ତ ଦୁଃଖର ବିଷୟ ବୋଲି କହିଥିବା ବେଳେ ଅନ୍ୟଜଣେ କର୍ପୋରେଟର ଦୁର୍ଗା ଲାୟକ ବିଭିନ୍ନ ପ୍ରକାର ସାମାଜିକ ସୁରକ୍ଷା ଭତ୍ତା ନେଇ ସହର ପ୍ରାୟ ୫ହଜାର ହିତାଧିକାରୀ ପ୍ରାୟ ଏକବର୍ଷ ହେଲା ନାହିଁ ନଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଏ ଦିଗରେ ଗୁରୁତ୍ୱଦେବାକୁ ଅନୁରୋଧ କରିଥିଲେ । ଅନ୍ୟଜଣେ କର୍ପୋରେଟର ଅଶ୍ୱିନୀ ପଟ୍ଟନାୟକ ବିଏମ୍‌ସିର ସୂଚନା ଅଧିକାରରୁ ମିଳିଥିବା ତତ୍ତ୍ୱକୁ ଆଧାରକରି କହିଲେ ଗୋସାଇଁନୂଆଗାଁ ଠାରେ ଥିବା ଧାର୍ମିକ ଅନୁଷ୍ଠାନ ଗୋକୁଳଧାମ ବିଏମ୍‌ସିର ସମ୍ପତ୍ତିକୁ ଜବରଦଖଲ କରି ସେଠାରେ ମନ୍ଦିର ନିର୍ମାଣ କରାଯାଇଛି ବୋଲି କହିଥିବା ବେଳେ ଆରଟିଆଇ ତଥ୍ୟକୁ ଦେଖି ମକିଶନର ଏ ଦିଗରେ ଆସନ୍ତାକାଲି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଥିଲେ । ଏଭଳି ବହୁ କର୍ପୋରେଟର ନିଜ ନିଜ ୱାର୍ଡର ବିଭିନ୍ନ ସମସ୍ୟା ନେଇ ଅନେକ ପ୍ରଶ୍ନ କରିଥିବା ବେଳେ ବିଏମ୍‌ସି କର୍ତ୍ତୃପକ୍ଷ ଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନଥିବା ନେଇ ବହୁ କର୍ପୋରଟର କ୍ଷୋଭ ପ୍ରକାଶ କରିଥିଲେ। ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ବୈଠକରେ ଆଲୋଚ୍ୟ ବିଷୟକୁ ଗୁରୁତର ସହ ନେଇ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ନିଜେ ହସ୍ତକ୍ଷେପକରି ଖୁବ୍‌ଶୀଘ୍ର କାର୍ଯ୍ୟ କରାଯିବ ବୋଲି ନିର୍ବାଚିତ ପ୍ରତିନିଧିଙ୍କୁ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଇ.ବିବେକ ରେଡ୍ଡି, ଅତିରିକ୍ତ କମିଶନର କଲ୍ୟାଣୀ ସଂଘମିତ୍ରା, ଡେପୁଟି କମିଶନର ଆର୍ଶୀବାଦ ପରିଡାଙ୍କ ସମେତ ଅନ୍ୟ ୨ଜଣ ଡେପୁଟି କମିଶନର, ସିଟି ଇଞ୍ଜିନିୟର ମନୋଜ ପାତ୍ର, ବ୍ରହ୍ମପୁର ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ଗୋପାଳପୁର ବିଧାୟକ ପ୍ରତିନିଧି ଶିବଶଙ୍କର ନାୟକ, ବ୍ରହ୍ମପୁର ସାଂସଦ ପ୍ରତିନିଧି ବାଳକୃଷ୍ଣ ସାମନ୍ତରାଙ୍କ ସମେତ ନିଗମର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ସମେତ ସମସ୍ତ କର୍ପୋରେଟର ଉପସ୍ଥିତ ଥିଲେ

## କାଜୁ ବଦଳରେ ଚୋପା ଦେଇ ପର୍ଯ୍ୟଟକଙ୍କୁ ଶୋଷଣ

- ରାସ୍ତାକୁ ଦଖଲ କରି କରୁଛନ୍ତି ବ୍ୟବସାୟ
- ବାରମ୍ବାର ଖବର ପ୍ରକାଶ ପରେବି ଅଚିନ୍ତାରେ ଜିଲ୍ଲା ପ୍ରଶାସନ

କୋଣାର୍କ(ପି ପି ଏସ):-ସୋମବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନ ରେ କୋଲକତା ର ଦକ୍ଷିଣ ଚବିଶପ୍ରଗଣା ନରେନ୍ଦ୍ରପୁର ଥାନା ଅଧିନ ଗୋଡ଼ିଆ ଗ୍ରାମର ବାଦଲ ଚନ୍ଦ୍ର ବାଗ(୪୦) ବାପନ ହାଜରା(୫୦), ବର୍ଷା ବାଗା(୩୮) ପିଆଲି ହାଜରା(୩୫) ନାମକ ୬ ଜଣ ପରିବାର ସହ ପୁରୀ ବୁଲିସାରି କୋଣାର୍କରେ ଆସି ପହଁଛି ସୂର୍ଯ୍ୟମନ୍ଦିର ବୁଲି ଫେରୁ ଥିବା ବେଳେ କିଛି କାଜୁ ବ୍ୟବସାୟୀ ଲୋଭନୀୟ ପ୍ୟାକେଟରେ ଦେଖାଇ ୬୦୦ ଟଙ୍କା କେଜି କହି କାଜୁ ଖୋଳପା ବିକ୍ରି କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। କାଜୁ କିଣି ପର୍ଯ୍ୟଟକମାନେ ପ୍ୟାକେଟ ଖୋଲି ଦେଖନ୍ତି ତ ପ୍ୟାକେଟରେ ଭିତରେ ଖାଲି ଖୋଳ ଗୁଡିକ ଭରି ରହିଛି ।କେବଳ ବାହାର ପାର୍ଶ୍ୱରେ କିଛି କାଜୁ ରହିଛି ।ଏନେଇ ପର୍ଯ୍ୟଟକ କୋଣାର୍କ ଥାନାରେ ତୁରନ୍ତ ପହଁଚି ଅଭିଯୋଗ କରିବା ସହ ସାଥିରେ ନେଇଥିବା କାଜୁ ଗୁଡିକୁ ପୋଲିସକୁ ଦେଖାଇଥିଲେ। ପୋଲିସ ପର୍ଯ୍ୟଟକଙ୍କୁ ଧରି ଏହି ପୋକରା କାଜୁ ବେପାରୀ ଙ୍କୁ ଧରିବା ପାଇଁ ଖୋଜିଥିଲେ ମଧ ଘଟଣା ସ୍ଥଳରୁ ସେମାନେ ଫେରାର ହୋଇଯାଇଥିଲେ। ପୂର୍ବରୁ ଏହି ଅସାଧୁ ବ୍ୟବସାୟୀ ମାନେ ପୋକରା, ତେଲିଆ କାଜୁ ବିକୁଥିବା ବେଳେ ବର୍ତ୍ତମାନ ତା ଠାରୁ ଦି'ପାଦ ଆଗେଇ ଖୋଳପା ବିକ୍ରି କରୁଥିବା ଜଣାପଡିଛି।କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖ ରାସ୍ତାକୁ କିଛି ବ୍ୟବସାୟୀ ଦଖଲ କରି ଦୋକାନ କରିବା ସହ ଏପରି ପୋକା, ତେଲିଆ ଓ ଫିମ୍ପି ଲାଗିଥିବା କାଜୁ ଉଚ୍ଚ ଦାମରେ ପର୍ଯ୍ୟଟକ ମାନଙ୍କୁ ବିକ୍ରୟ କରୁଥିବା ବିଭିନ୍ନ ସମୟର ଅଭିଯୋଗ ହୋଇଆସୁଛି। ହେଲେ ଜିଲ୍ଲା ପ୍ରଶାସନ ହେଉ କି ସ୍ଥାନୀୟ ପ୍ରଶାସନ ଏହାକୁ ଅଣଦେଖା କରି କୋଣାର୍କକୁ ବଦନାମ୍ କରାଯାଉଥିବା ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଅଛନ୍ତି।

# ବିପଦରେ ମାନପୁର ଓଭରବ୍ରିଜ୍

**କଳିଙ୍ଗନଗର, (ପିପିଏସ):**

କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଗୁରୁତର ସମସ୍ୟା ସୃଷ୍ଟି କରୁଥିବା ମାନପୁର ରେଳ ଓଭରବ୍ରିଜ ପ୍ରସଙ୍ଗରେ ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ପତ୍ର ମାଧ୍ୟମରେ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳ ଏବଂ କଳିଙ୍ଗ ନଗର ଶିଳ୍ପାଞ୍ଚଳ ସହିତ ବ୍ୟାସନଗର ପୌରାଞ୍ଚଳ, ଜିଲା ମୁଖ୍ୟାଳୟ ଏବଂ ଜିଲା ଆରକ୍ଷୀ ମୁଖ୍ୟାଳୟ ସହିତ ସଂଯୋଗ ରହିଥିବା ଡୁବୁରୀ-ଦାନଗଦି ପୂର୍ତ୍ତ ରାସ୍ତାରେ ଥିବା ମାନପୁର ରେଲୱେ ଓଭରବ୍ରିଜ୍‌ଟି ମରାମତି ଅଭାବରୁ ଦୁର୍ବଳ ହୋଇପଡ଼ିଛି। ସେତୁର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଖାଲଖମା ସୃଷ୍ଟି ହେବା ଯୋଗୁଁ ପ୍ରତ୍ୟହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ତୁରନ୍ତ ମରାମତି କରାନଗଲେ ଯେ କୌଣସି ମୁହୂର୍ତ୍ତରେ ଭୁଶୁଡ଼ି ପଡ଼ିବାର ଆଶଙ୍କା ଦେଖା ଦେଇଛି ବୋଲି ଶ୍ରୀ ଘଡ଼ାଇ ଜିଲାପାଳଙ୍କୁ ସୂଚିତ କରିଛନ୍ତି।ଦ୍ୱିତୀୟତଃ ଶିଳ୍ପାଞ୍ଚଳର ସର୍ବାଧିକ ବ୍ୟସ୍ତ ବହୁଳ ଏହି ରାସ୍ତା ଉପରେ ଦୈନିକ ହଜାର ହଜାର ସଂଖ୍ୟାରେ ଭାରୀଯାନ ସହିତ ଅନ୍ୟାନ୍ୟ ଯାନବାହନ ଯା'ଆସ କରିଥାଏ। ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ୨୦୧୯-୨୦ ମସିହାରେ ଦ୍ୱିତୀୟ ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ତାହାର କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହିଛି। ତେଣୁ ମାନପୁର ଓଭର ବ୍ରିଜର ତୁରନ୍ତ ମରାମତି, ନିର୍ମାଣ ଅଟକିଥିବା ଦ୍ୱିତୀୟ ରେଲୱେ ଓଭର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଜଣାଇଲେ ପୂର୍ବତନ ବିଧାୟକ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଏବଂ ଦ୍ୱିତୀୟ ରେଲୱେ ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ଭାରୀଯାନ ଗୁଡ଼ିକୁ ଖୁରୁଣ୍ଟି ବିଆରପିଏଲ୍ ଛକ ଠାରୁ ମିଲିଟାରୀ ଛକ ଭାୟା ରାବଣା ଦେଇ ଚଳାଚଳ କରିବା ପାଇଁ ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ପୂର୍ବତନ ମନ୍ତ୍ରୀ ଶ୍ରୀ ଘଡ଼ାଇ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ଫିରିଙ୍ଗିଆ ମେଡିକାଲ୍‌ରେ ରୋଗୀଙ୍କୁ ମିଳୁନି ୧୦୮ ଆମ୍ବୁଲାନ୍ସ ସେବା

**କନ୍ଧମାଳ: (ପିପିଏସ୍):** ବିପର୍ଯ୍ୟସ୍ତ ହୋଇପଡିଛି ୧୦୮ ଆମ୍ବୁଲାନ୍ସ ସେବା । ରୋଗୀଙ୍କୁ ମିଳୁନି ଆମ୍ବୁଲାନ୍ସ ସେବା । ଆମ୍ବୁଲାନ୍ସ ନପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚ ର ଗରିବ ରୋଗୀ । ଆମ୍ବୁଲାନ୍ସ କୁ ଅପେକ୍ଷା କରି ମେଡିକାଲ ବାରଣ୍ଡାରେ ଘଣ୍ଟାଘଣ୍ଟା ଧରି ରୋଗୀଙ୍କୁ ଅପେକ୍ଷା କରିବାକୁ ପଡୁଛି ପରିବାର ଲୋକଙ୍କୁ । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଆଦିବାସୀ ବହୁଳ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ। ସୂଚନା ଅନୁସାରେ ଫିରିଙ୍ଗିଆ ବ୍ଲକ କେଲାପଡା ପଞ୍ଚାୟତ ଟୁମୁଲା ପଦର ଗାଁ ର ସରୋଜିନୀ କହଁର ନାମକ ଜଣେ ମହିଳା ବିଲରେ କାମ କରୁଥିବା ବେଳେ ପଡିଯାଇ ତାଙ୍କର ବାମ ଗୋଡ଼ ଭାଙ୍ଗିଯାଇଥିଲା । ତାଙ୍କ ସ୍ୱାମୀ ଉମାଚରଣ କହଁର ଓ ତାଙ୍କର କିଛି ସମ୍ପର୍କୀୟ ତାଙ୍କୁ ପ୍ରଥମେ ଫିରିଙ୍ଗିଆ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ ଓ ପରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ଫିରିଙ୍ଗିଆ ମେଡିକାଲରେ ଚିକିତ୍ସା କରିଥିବା ଡାକ୍ତର ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠେଇ




ଦେଇଥିଲେ ଓ ଏହା ପରେ ଗୁରୁତର ଆହତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିବା ମହିଳା ଙ୍କ ସ୍ୱାମୀ ୧୦୮ ଆମ୍ବୁଲାନ୍ସ କୁ ଯୋଗାଯୋଗ କରିଥିଲେ ଓ କିନ୍ତୁ ଦୁଃଖ ଓ ପରୀତାପ ର ବିଷୟ ଦୀର୍ଘ ୪ ରୁ ୫ ଘଣ୍ଟା ଅପେକ୍ଷା କରିବା ପରେ ମଧ୍ୟ ୧୦୮ ଆମ୍ବୁଲାନ୍ସ ସେବା ମିଳିପାରିନଥିଲା ଓ କଲ ସେଣ୍ଟର କୁ କଲ କଲେ କେବଳ ଅପେକ୍ଷା କର ଆମ୍ବୁଲାନ୍ସ ଏବେ ଲେବୁଲ ନାହିଁ ବୋଲି କୁହା ଯାଉଥିଲା ଓ ଅନ୍ୟପଟେ ମହିଳା ଜଣକ ଅତି ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କ ପକ୍ଷେ ବେସରକାରୀ ଆମ୍ବୁଲାନ୍ସ କରିବା ସମ୍ଭବ ହୋଇପାରିନଥିଲା ଓ ଘଟଣା ବିଷୟରେ ଖବର ପାଇ ଫିରିଙ୍ଗିଆ ଦୁଇ ଯୁବ ସାମ୍ବାଦିକ ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରି ଓ ସୁବ୍ରତ କୁମାର ମହାନ୍ତି ଖବର ସଂଗ୍ରହ କରିବା ପାଇଁ ମେଡିକାଲ ରେ ପହଞ୍ଚି ଥିଲେ ଖବର ସଂଗ୍ରହ କରିବା ସହ ମହିଳା ଙ୍କ ଯନ୍ତ୍ରଣା ସହିନପାରି ବାଧ୍ୟ ହୋଇ ମେଡିକାଲ ରେ ଥିବା ଅନ୍ୟ ଏକ ଆମ୍ବୁଲାନ୍ସ କୁ ନିଜ ହାତରୁ ବିଲ ପଇଠ କରି ଗୁରୁତର ମହିଳା ଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠେଇ ଥିଲେ ଓ ତେବେ ଏହି ଫିରିଙ୍ଗିଆ ମେଡିକାଲ ରେ ଏହା ନୁଆଁ ଘଟଣା ନୁହଁ ଆଗରୁ ମଧ୍ୟ ଅନେକ ରୋଗୀ ଏହି ୧୦୮ ଆମ୍ବୁଲାନ୍ସ ସେବା ପାଇବାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ନଜିର ରହିଛି ଓ ତେଣୁ ଏହି ଫିରିଙ୍ଗିଆ ମେଡିକାଲ ରେ ରୋଗୀ ମାନଙ୍କୁ ଆମ୍ବୁଲାନ୍ସ ସେବା ଯୋଗାଇଦେବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଜିଲ୍ଲା ପ୍ରଶାସନର ଅଣଦେଖା

**ଯାଜପୁର(ପିପିଏସ):** ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ଅଣ୍ଡେଇଗୋଡା ଗ୍ରାମ ଓ ମୌଜାର ବିଭିନ୍ନ ଚକରେ କୃଷକଙ୍କ ବିଲରେ ଦୀର୍ଘ ୬ମାସ ଧରି ୬ଫୁଟର ବର୍ଷା ଜଳ ଜମିରହୁଛି। ବର୍ଷାଜଳ ନିଷ୍କାସିତ ନ ହେବା ଫଳରେ ଅନ୍ୟୁନ ପାଞ୍ଚ ଶହ କୃଷକ ପରିବାର ଭାତହାଣ୍ଡି ପ୍ରତ୍ୟେକ୍ଷ

## ବିଲରେ ୬ଫୁଟର ବର୍ଷାଜଳ

## ହତାଶ ଚାଷୀକୁଳ



ଓ ପରୋକ୍ଷରେ ପ୍ରଭାବିତ ହେଉଛି।କୃଷକଙ୍କ ଆର୍ଥିକ ମେରୁଦଣ୍ଡ ସଂପୂର୍ଣ ଭାଙ୍ଗିପଡୁଥିବା ନେଇ ଆଜି ଧର୍ମଶାଳା ବ୍ଲକ ଅଫିସରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଅଣ୍ଡେଇଗୋଡା ଗ୍ରାମର ଯୁବ ସମାଜସେବୀ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ଗ୍ରାମର ବରିଷ୍ଠ କୃଷକ କାହ୍ନୁ ଚରଣ ରାଉତ, ରଘୁନାଥ ସାହୁ, ବିନୋଦ ବିହାରୀ ପଣ୍ଡା,ଶିଦ୍ଧେଶ୍ୱର ପଣ୍ଡା,ନରେଶ ଚନ୍ଦ୍ର ନାୟକ,ସତ୍ୟାନନ୍ଦ ପଣ୍ଡା,ୱାର୍ଡ ସଭ୍ୟ ରମେଶ ଚନ୍ଦ୍ର ନାୟକ,ଅସୀମା ପଣ୍ଡା,ବୀର କିଶୋର ପାତ୍ର ପମୁଖ ଅନେକ ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଏହି ଅଭିଯୋଗ କରିଛନ୍ତି।ବ୍ଲକ ଅଧିନରେ ଥିବା ଗ୍ରାମ୍ୟ ରାସ୍ତାଟିକୁ ଆରଡି ବିଭାଗୀୟ ଅଧିନକୁ ହସ୍ତାନ୍ତର କରାଗଲେ ବିଭାଗ ପକ୍ଷରୁ ଏକ କଂକ୍ରିଟ ଡ୍ରେନେଜ ନିର୍ମାଣ ହେଲେ କୃଷକଙ୍କ ବିଲରୁ ବର୍ଷାଜଳ ନିଷ୍କାସିତ ହୋଇପାରିବ ବୋଲି ଜିଲ୍ଲାପାଳ ପି ଅନ୍ନେଷା ରେଡୀ ଅନୁଭବ କରିଥିଲେ। ଶିବିରରେ ଉପସ୍ଥିତ ଥିବା ଯାଜପୁର-୨ ଗ୍ରାମ୍ୟ ଉନ୍ନୟନ ବିଭାଗ ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଜନ୍ନେଜୟ ଶଡଙ୍ଗୀଙ୍କୁ ଜିଲ୍ଲାପାଳ ଶ୍ରୀମତୀ ରେଡୀ ନିର୍ଦ୍ଦେଶ ଦେବା ସହିତ କୃଷକଙ୍କ ଦାବିକୁ ଗୁରୁତ୍ୱ ଦେଇ ତୁରନ୍ତ କାରର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରକାଶ ଥାଉ କି, ଗତ ୨୦୨୪ ମସିହା ଜୁନ ମାସ ୨୬ ତାରିଖରେ ଗ୍ରାମବାସୀ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଏହି ଅଭିଯୋଗ ସର୍ବ ପ୍ରଥମେ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ଶଚିବ ତଦନ୍ତ ରିପୋର୍ଟ ପଠାଇବାକୁ ଯାଜପୁର ଜିଲ୍ଲାପାଳକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗର ୮ ମାସ ପରେ ଅର୍ଥାତ୍ ଗତ ମାର୍ଚ୍ଚ ମାସରେ ଗ୍ରାମ୍ୟ ଉନ୍ନୟନ ପକ୍ଷରୁ ଉଚ୍ଚ ଅଧିକାରୀ ତଦନ୍ତ କରି ଫେରିଯାଇଥିଲେ ମଧ୍ୟ କାର୍ଯ୍ୟ ନଥିପତ୍ରରେ ସୀମିତ ରହିଯାଇଥିଲା।ଫଳରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ପୁଃନର୍ବାର ଆଜି ଜିଲ୍ଲାପାଳଙ୍କୁ ସମାନ ଅଭିଯୋଗ କରିବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହିତ ଏହାର ସମାଧାନ ସୁନିଶ୍ଚିତ କରାଯିବ ବୋଲି ଅଭିଯୋଗକାରୀ କୃଷକମାନଙ୍କୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ।

# ଶତାୟୁ ପୁରୋହିତଙ୍କ ପରଲୋକ

**ଚାରିଛକ,( ପି ପି ଏସ):** ନିକଟସ୍ଥ ବାଇଦିପଡ଼ା ଗ୍ରାମର ଶତାୟୁ ପୁରୋହିତ ରଘୁନାଥ ମିଶ୍ର (୧୦୩) ଙ୍କ ର ତାଙ୍କ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ଶ୍ରୀ ମିଶ୍ର ନିକଟସ୍ଥ ସିରିକୋଇଲି, ଗଡ଼ ଅମର ପ୍ରସାଦ, ଓଡ଼ଗୁଆଁ, ବାଇଦିପଡ଼ା ପ୍ରଭୃତି ଗ୍ରାମ ର ବିଭିନ୍ନ ପରିବାର ର କୁଳ ପୁରୋହିତ ଥିଲେ। ତାଙ୍କ ମୃତ୍ୟୁ ରେ ସ୍ଥାନୀୟ ଅଞ୍ଚଳ ରେ ଶୋକ ର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ। ତାଙ୍କ ମର ଶରୀର କୁ ପୁରୀ ସ୍ୱର୍ଗଦ୍ୱାର କୁ ନିଆ ଯାଇ ଶେଷକୃତ ସମ୍ପନ୍ନ କରାଯାଇ ଥିଲା। ତାଙ୍କ ଏକ ମାତ୍ର ପୁତ୍ର ଗୁଣନିଧି ମୁଖାଗ୍ନୀ ଦେଇଥିଲେ।

## ନିମାପଡ଼ା ବ୍ଲକରେ ଯୁଗ୍ମ ଶୁଣାଣି ଶିବିର

# ପୁରୀ ଜିଲ୍ଲାପାଳଙ୍କ ନିକଟରେ ୬୧ ଅଭିଯୋଗ ଦାଖଲ

**ଚାରିଛକ, ( ପି ପି ଏସ):** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ କାର୍ଯ୍ୟାଳୟ ରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିର ରେ ପୁରୀ ଜିଲ୍ଲାପାଳ ଚଞ୍ଚଳ ରଣା ଯୋଗ ଦେଇ ଜନସାଧାରଣ ଙ୍କ ଅଭିଯୋଗ ଶୁଣିଥିଲେ। ଏହି ଜନଶୁଣାଣୀ ରେ ସମୁଦାୟ ୬୧ ଅଭିଯୋଗ ହୋଇଥିଲା ।ସେହି ଅଭିଯୋଗ ମଧ୍ୟରୁ ସାମାଜିକ ସୁରକ୍ଷା ଯୋଜନାର ସଂପର୍କରେ ୫ଟି ଅଭିଯୋଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ୪ଟି ଅଭିଯୋଗ, ଯୋଗାଣ ବିଭାଗ ଅଧିନରେ ଥିବା ଖାଉଟି କାର୍ଡ଼ ସଂପର୍କରେ ଗୋଟିଏ ଅଭିଯୋଗ, ମୁଖ୍ୟମନ୍ତ୍ରୀ ସହୟତା ଯୋଜନାରେ ୪ ଟି ଅଭିଯୋଗ ଏବଂ ତହସିଲ ସମେତ ଅନ୍ୟାନ୍ୟ ବିଷୟରେ ୪୫ ଟି ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଚଞ୍ଚଳ ରଣା, ଏଡ଼ିଏମ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା,




ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ପ୍ରିୟ ରଞ୍ଜନ ପୃଷ୍ଟି, ଡ଼େପୁଟି କଲେକ୍ଟର ମନିଷା ଷଡ଼ଙ୍ଗୀ ,ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ାକ୍ତର ଅକ୍ଷୟ ଶତପଥୀ, ନିମାପଡ଼ା ବ୍ଲକ ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ , ତହସିଲଦାର ମନୋଜ କୁମାର ପ୍ରଧାନ, ସୂଚନା ପ୍ରସାରଣ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଙ୍କ ସମେତ ଜିଲା ଏବଂ ବ୍ଲକ ର ବିଭିନ୍ନ ବିଭାଗ ର ଅଧିକାରୀମାନେ ଉପସ୍ଥିତ ଥିଲେ। ନିମାପଡ଼ା ବ୍ଲକରେ ସମାଜ ମଙ୍ଗଳ ଅଧିକାରୀ, ସମବାୟ ସଂପ୍ରସାରଣ ଅଧିକାରୀ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ, ଯୋଗାଣ ଅଧିକାରୀ, ଶିକ୍ଷା ମଣ୍ଡଳ ଅଧିକାରୀ , ୯ ଟି ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ଖାଲି ପଡ଼ିଥିବା ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବ୍ଲକର ମୁଖ୍ୟ ବିଭାଗ ଗୁଡ଼ିକରେ ଅଧିକାରୀ ନଥିବାରୁ ଜନସାଧାରଣ ବିଭିନ୍ନ ସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଥିଲା।

# ବାବାଜୀ ବେହେରା ଥିଲେ ଜଣେ ଆଦର୍ଶ ଶିକ୍ଷକ



**ଧାମନଗର, (ପି ପି ଏସ):** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ନୋଡାଲର ପୂର୍ବତନ ପ୍ରଧାନ ଶିକ୍ଷକ ସ୍ୱର୍ଗତ ବାବାଜୀ ଚରଣ ବେହେରା (ମୂରଲୀ ସାର)ଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଉପଲକ୍ଷେ ସ୍ମୃତିଚାରଣ ସଭା ଓ ସ୍ମରଣିକା ଉନ୍ମୋଚନ ହୋଇଯାଇଛି। କାନ୍ତ ସାହିତ୍ୟ ପରିଷଦ ତଥା ଶିକ୍ଷାଗୁରୁ ବାବାଜୀ ଚରଣ ବେହେରା ସ୍ମୃତି ପରିଷଦର ମୁଖ୍ୟ ସମ୍ପାଦକ ଶଚିକାନ୍ତ ପଣ୍ଡାଙ୍କ ପରିଚାଳନରେ ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀଧର ଦାଶ। ଦୂରଦର୍ଶନର ଆଧାତ୍ମ୍ୟ ପ୍ରବଚକ ପଣ୍ଡିତ ବିରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବହୁ ଶିକ୍ଷଣୀୟ ବକ୍ତବ୍ୟ ସହ ମୂରଲୀ ସାରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ପୂଜ୍ୟପୂଜା କାର୍ଯ୍ୟକ୍ରମରେ କବୟିତ୍ରୀ ତଥା ସାହିତ୍ୟିକା ଝରଣା ପଟ୍ଟନାୟକ ମୁଖ୍ୟବକ୍ତା, ଫେଲୋସିପ ଭଦ୍ରକ ମୁଖ୍ୟ ସେକ.ଏମ.ଫାରୁକ ବରେଣ୍ୟ ଅତିଥି,ନିର୍ଦ୍ଦେଶକ ଫେଲୋସିପ ଭଦ୍ରକ ଲଲାଟେନ୍ଦୁ ମହାନ୍ତି ସମ୍ମାନୀତ ଅତିଥି ଓ ବାଣୀକବି ପଣ୍ଡିତ ଦୟାନିଧି ମିଶ୍ର ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ମୂରଲୀ ସାରଙ୍କ କୀର୍ତ୍ତି କୃତି ବଖାଣି ଥିଲେ। ଶିକ୍ଷାବିତ ରାମଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସ୍ମୃତି କମିଟି ସମ୍ପାଦକ ରମଣୀ ରଞ୍ଜନ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ନାଗରିକ ପରିଷଦର ପଦ୍ମନ କୁମାର ରାୟ, କୈଳାସ ମହାପାତ୍ର, ପ୍ରାକ୍ତନ ଅଧ୍ୟାପକ ରବିନ୍ଦ୍ର ବେହୁରିଆ,ଶିକ୍ଷାବିତ ରସାନନ୍ଦ ମହାପାତ୍ର, ମହେଶ୍ୱର ସ୍ୱାଇଁ,ହୃଦାନନ୍ଦ କର, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ନିରାକାର ରାଉତ, ଭିକାରୀ ଚରଣ ବେହେରା, ନିତ୍ୟାନନ୍ଦ ଦାସ,ବାସୁଦେବ ମହାପାତ୍ର, ଆଇନଜୀବୀ ରମେଶ ବେହେରା, ସୁବ୍ରତ ନନ୍ଦ, ସାମ୍ବାଦିକ ସୁଧାକର ଦାଶ, ପ୍ରଦୀପ କୁମାର ମହାପାତ୍ର, ଅବସରପ୍ରାପ୍ତ କୃଷି ଅଧିକାରୀ ସନ୍ତୋଷ ପାଢ଼ୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମୁରଲୀ ସାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମରଣିକା 'ସ୍ମୃତିରେ କୃତବିଦ୍ୟ ମୂରଲୀ' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହେବା ସହ ସ୍ମୃତି କମିଟି ପକ୍ଷରୁ ସେବା ନିବୃତ ପ୍ରଧାନ ଶିକ୍ଷକ ପୁରୁଷୋତ୍ତମ ଦାଶ ଓ ଛାତ୍ରୀ ଅଞ୍ଜଳି ସାହୁ, ପ୍ରଜ୍ଞାବିଭାରୀ ଦାଶଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇ ଥିଲା। ଶେଷରେ ସ୍ୱର୍ଗତ ବାବାଜୀ ବେହେରାଙ୍କ ସୁପୁତ୍ରୀ ପୁଷ୍ପାଞ୍ଜଳି ବେହେରା ସଭିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ବିଶ୍ୱନାଥ ବେହେରା, ଅନନ୍ତ ବେହେରା, ଗୁରୁଦତ୍ତ ବେହେରା, ଭାଗବତ ବେହେରା,କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଲକ୍ଷାଧିକ ଟଙ୍କା ଜବତ, ଚୋର ଗିରଫ

କଣ୍ଟାପଡା(ପିପିଏସ):କଣ୍ଟାପଡ଼ା ବ୍ଲକ ଓଲଟପୁର ଥାନା ଅନ୍ତର୍ଗତ ଅଡ଼ଶପୁରଠାରେ ଥିବା ଅନଲାଇନ ସପିଙ୍ଗ କମ୍ପାନୀ 'ଫ୍ଲିପକାର୍ଟ'ର ଗୋଦାମ ଗୃହରୁ ଲକ୍ଷାଧିକ ଟଙ୍କା ଚୋରି ହୋଇଯାଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିବା ସହିତ ଚୋରି ଯାଇଥିବା ସମସ୍ତ ଟଙ୍କାକୁ ଉଦ୍ଧାର କରିଛି। ଓଲଟପୁର ଥାନା ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୦ତାରିଖ ବିଳମ୍ବିତ ରାତିରେ ଅଡ଼ଶପୁରଠାରେ ଥିବା ଅନଲାଇନ ସପିଙ୍ଗ କମ୍ପାନୀ 'ଫ୍ଲିପକାର୍ଟ'ର କମ୍ପାନୀର ଗୋଦାମରୁ ଜିନିଷ ବିକ୍ରି ବାବଦ ରହିଥିବା ୨ଲକ୍ଷ ୯ହଜାର ୮ଶହ ଟଙ୍କା ଚୋରି ହୋଇଯାଇଥିଲା। କେହି ଦୁର୍ବୃତ୍ତ ଗୋଦାମର ସ୍କାଏଲାଇଟ ଭାଙ୍ଗି ଭିତରେ ଥିବା ଲକରକୁ ନେଇ ପଳାଇଥିଲା। ଏ ନେଇ ଗୋଦାମର ସୁପରଭାଇଜର ସ୍ଥାନୀୟ ଅଡ଼ଶପୁର



ଅଞ୍ଚଳର ଜୀବନଜ୍ୟୋତି ପାଇଟାଳ ଓଲଟପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରି ଚୋରି ଘଟଣାର ତଦନ୍ତ ଚଳାଇଥିଲା। ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ ସୂତ୍ରରୁ ସୂଚନା ପାଇ ପୁଲିସ ଗୋବିନ୍ଦପୁର ଥାନା ଅନ୍ତର୍ଗତ ତଣ୍ଡିକଣା ଗ୍ରାମର ଅଜୟକୁମାର ରାଉତ ଓରଫ ଅଜୁକୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଥିଲା। ସେ ଏହି କାଣ୍ଡରେ ସଂଶ୍ଲିଷ୍ଟ ବୋଲି ପୁଲିସ ନିକଟରେ ସ୍ୱୀକାର କରିଥିଲା। ଅଜୁର ସୂଚନା ମୁତାବକ ବାବଜା ନିକଟ କେନାଲ ଭିତରୁ ଭଙ୍ଗାରୁଜା ଅବସ୍ଥାରେ ଲକରକୁ ପୁଲିସ ଉଦ୍ଧାର କରିଥିଲା। ଏହି ଚୋରି ଘଟଣାରେ ବ୍ୟବହୃତ ଏକ ହାତୁଡ଼ି, ତିନୋଟି ମୋବାଇଲ ଫୋନ, ଗୋଟିଏ ହିରୋ ମୋଟରସାଇକଲ ଏବଂ ଚୋରି ଯାଇଥିବା ସମସ୍ତ ଟଙ୍କା ଜବତ ହୋଇଛି। ଅଭିଯୁକ୍ତ ଅଜୁକୁ ଆଜି କୋର୍ଟ ଚାଲାଣ କରାଯାଇଥିବା କଟକ ସଦର ଏସ୍‌ଡିପିଓ କିରଣ ହେମ୍ବ୍ରମ୍ ଓ ଆଇଆଇସି କାଦମ୍ବିନୀ ପରିଡ଼ା ଆଜି ଥାନାରେ ପରିସରରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# କଣ୍ଟାପଡାରେ ବାଟ ହୁଡୁଛି ପ୍ରଶାସନ: ବିଡିଓଙ୍କୁ ଦାବିପତ୍ର

କଣ୍ଟାପଡା(ପିପିଏସ: କଣ୍ଟାପଡା ବ୍ଲକ ପ୍ରଶାସନ ଏବେ ସରକାରୀ ନୀୟମର ଖୋଲା ଉଲଂଘନ କରି ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାର ଦୁରୁପଯୋଗ କରୁଛନ୍ତି। କେବଳ ସେତିକି ନୁହେଁ ସରପଞ୍ଚ ତଥା ନିର୍ବାଚିତ ଜନ ପ୍ରତିନିଧିଙ୍କ ଅଧିକାର ଓ କ୍ଷମତାକୁ ଅଣଦେଖା କରି କାହା କଥାରେ ପରିଚାଳିତ ହେଉଛନ୍ତି ତାକୁ ନେଇ କଣ୍ଟାପଡା ବିଜେଡି ତରଫରୁ କ୍ଷୋଭ ପ୍ରକାଶ କରାଯାଇଛି। ଏହାର ପ୍ରତିବାଦ କରି ଆଜି ଦଳର ସ୍ଥାନୀୟ ନେତୃବର୍ଗଙ୍କ ସହ ନିର୍ବାଚିତ ଜନ ପ୍ରତିନିଧି ମାନେ କଣ୍ଟାପଡା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଧାରଣା ନୋଟିସ ପ୍ରଦାନ କରିଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଏବିଡିଓ ଦାବୀପତ୍ର ଗ୍ରହଣ କରିଥିବା ବେଳେ ବିଡିଓ କାର୍ଯ୍ୟାଳୟକୁ ଆସିଲେ ସେ ତାହା ପ୍ରଦାନ କରିବେ ବୋଲି କହିଛନ୍ତି।

କଣ୍ଟାପଡା ବ୍ଲକରେ କାର୍ଯ୍ୟରତ ପ୍ରଶାସନୀକ ଅଧିକାରୀ ମାନେ ସରକାରଙ୍କ ବିଭିନ୍ନ ଯୋଜନା ଓ ଏହାର ଉପଯୋଗୀତାକୁ ନେଇ ରହିଥିବା ନୀୟମର ଖୋଲା ଉଲଂଘନ କରି କାର୍ଯ୍ୟ କରୁଛି। ଏପରିକି ନିର୍ବାଚିତ ଜନ ପ୍ରତିନିଧିଙ୍କ କ୍ଷମତାକୁ ଅଣଦେଖା କରି କାର୍ଯ୍ୟ କରୁଥିବା କଣ୍ଟାପଡା ବ୍ଲକ ବିଜେଡି ଅଭିଯୋଗ କରିଛି। ଆଜି କଣ୍ଟାପଡା ବ୍ଲକ ବିଜେଡି ସଭାପତି କୈାଳାଶ ଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଏକାଧିକ ଜନ ପ୍ରତିନିଧି କଣ୍ଟାପଡା ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ ଓ ଆଲୋଚନା ପାଇଁ ଯାଇଥିଲେ। ହେଲେ ସେ ସମୟରେ ବିଡିଓ ଅନୁପସ୍ଥିତ ଥିବାରୁ ଏବିଡିଓ ରବି ତପସ୍ୱିନୀ ଦାସଙ୍କୁ ବିଭିନ୍ନ ଦାବି ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ଗୁଡିକ ମଧ୍ୟରେ ବିଭିନ୍ନ ଆବାସ ଯୋଜନା ବଣ୍ଟନରେ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ବେଳେ ବହୁ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି। ସେହିପରି ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଗୁଡିକ ଗ୍ରାମସଭା ମାଧ୍ୟମରେ ଚୟନ କରାଯାଇଥିବା ବେଳେ ତାହାର କାର୍ଯ୍ୟକାରୀତା ସମୟରେ ନୀୟମ ଉଲଂଘନ କରାଯାଉଛି।ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ପ୍ରକଳ୍ପରେ ସରପଞ୍ଚଙ୍କ କ୍ଷମତାକୁ ସଙ୍କୁଚିତ କରାଯାଇ ମନମୁଖି କରାଯାଉଛି। ବ୍ଲକ ମହିଳା ମହାସଂଘକୁ ଅଣଦେଖା କରାଯାଇ ବିଭିନ୍ନ କାର୍ଯ୍ୟ କରାଯାଉଛି। ଏହି ପରି ୯ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଯଦି ୭ଦିନ ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ନନିଏ କିମ୍ବା ପଦ୍ଧତିରେ ପରିବର୍ତ୍ତନ ନକରେ ତେବେ ବାଧ୍ୟ ହୋଇ ଦଳ କଣ୍ଟାପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ସୂଚନା ଦିଆ ଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ପିୟୁଷ ମିଶ୍ର,କ୍ରିଷ୍ଣାରାଣୀ ବେହେରା,ସରପଞ୍ଚ ତୃପ୍ତିମୟୀ ରାଉତ,ସୁମିତ୍ରା ପାଢୀ,ସୁମିତ୍ରା ଭୋଇ,ଶସ୍ମିତା ଶାସେନୀ,ସୁବ୍ରତ କୁମାର ଦାସ,ମନୁଶ୍ରୀ ମଲ୍ଲିକ,ସମିତି ସଦସ୍ୟ ପ୍ରଶାନ୍ତ କୁମାର ପାଢୀ,ପୁଷ୍ପାଞ୍ଜଳୀ ବିଶ୍ୱାଳ,ସୁମିତ୍ରା ଚତାର,ସସ୍ମିତା ଦାସଙ୍କ ସହ ପୂର୍ବତନ ବ୍ଲକ ଆତ୍ମା ଅଧ୍ୟକ୍ଷ ନକୁଳ ରାଉତ,ଯୁବ ବିଜେଡି ସଭାପତି ବିମାନ ବିହାରୀ ବେହେରା,ବିଜେଡି କାର୍ଯ୍ୟକାରୀ ସଭାପତି ସୁବ୍ରତ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ୟୁକୋ ବ୍ୟାଙ୍କର ପ୍ରଥମ ତ୍ରୈମାସରେ ୬୦୭ କୋଟି ଟଙ୍କାର ନେଟ୍ ଲାଭ

ଭୁବନେଶ୍ୱର : ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ଜୁନ୍ ମାସ ଶେଷ ସୁଦ୍ଧା, ପ୍ରଥମ ତ୍ରୈମାସେର ଶତକଡା ୧୦.୧୬ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୬୦୭ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟେର ୫୫୧ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସକଳ ଅଗ୍ରୀମେର ଶତକଡା୧୬.୪୮ ପ୍ରତିଶତ ବୃଦ୍ଧି ଘଟି ୨,୨୫,୧୦୧ କୋଟିରେ ପହଞ୍ଚିଛି। ଜୁନ୍ ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ଶତକଡା ୧୩.୫୧ ପ୍ରତିଶତ ବୃଦ୍ଧି ଘଟି ୫,୨୩,୭୩୬ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟେର ଶତକଡା ୬.୬୧ ପ୍ରତିଶତ ବୃଦ୍ଧି ଘଟି ୨,୪୦୩ କୋଟିରେ ପହଞ୍ଚିଛି। ପ୍ରଥମ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ଶତକଡା ୨.୯୬ ପ୍ରତିଶତ ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୮.୩୯ ପ୍ରତିଶତ ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭେରଜ ରେସିଓ (ପିସିଆର୍) ଶତକଡା ୯୬.୮୮ ପ୍ରତିଶତେର ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୧୮.୨୪ ପ୍ରତିଶତ ଅଭିବୃଦ୍ଧି ହାରେର ୧,୫୬୨ କୋଟିରେ ପହଞ୍ଚିଛି। ବ୍ୟାଙ୍କର ଗ୍ରସ୍ ଏନ୍‌ପିଏ ୬୯ ବିପିଏସ୍ ହ୍ରାସ ପାଇ ଶତକଡା ୨.୬୩ ପ୍ରତିଶତେର ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୩ ବିପିଏସ୍ ହ୍ରାସ ପାଇ ଶତକଡା ୦.୪୫ ପ୍ରତିଶତେର ପହଞ୍ଚିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜୁନ୍ ମାସ ଶେଷ ସୁଦ୍ଧା ୟୁକୋ ବ୍ୟାଙ୍କର ୩,୩୦୫ଟି ଘେରାଇ ଶାଖା ରହିଥିବା ବେଳେ ହଂକ୍‌କଙ୍ଗ୍ ଓ ସିଙ୍ଗାପୁରେର ୨ଟି ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୫୭୫ ଟି ଏଟିଏମ୍ ଓ ୧୦,୯୨୦ ଟି ବିସି ପଏଣ୍ଟ ରହିଛି।

# ରକ୍ତଦାନ ଶିବିରରେ ୪୦ୟୁନିଟ୍ ରକ୍ତ ସଂଗୃହୀତ




**ବାରିପଦା, (ପିପିଏସ୍):** 'ରକ୍ତଦାନ ମହାପୂଣ୍ୟ' କୁ ପାଥେୟ କରି ଆଜିର ଯୁବସମାଜ ରକ୍ତଦାନ କରିବା ପାଇଁ ଆଗେଇ ଆସିଛନ୍ତି। ତତସହିତ ନିଜ ଜନ୍ମଦିନ ଅଥବା ନିଜ ପରିବାରର ସଦସ୍ୟଙ୍କ ଜନ୍ମଦିନରେ ମଧ ରକ୍ତଦାନ ଶିବିର ଆୟୋଜନ କରି ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରୁଛନ୍ତି। ଏହି ପରିପେକ୍ଷୀରେ ଷ୍ଟେସନ ବଜାର ସ୍ଥିତ ତୁଳସୀ ଫାଉଣ୍ଡେସନ ଆନୁକୂଲ୍ୟରେ ସକ୍ରିୟ ସଦସ୍ୟା ବନ୍ଦିତା ସାହୁଙ୍କ ଜନ୍ମଦିନ ଅବସରରେ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ଓ ଅତିଥି ଭାବେ ଯୋଗଦେଇ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ ଓ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଶାନ୍ତନୁ କୁମାର ଦାଶ ଏହି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ଫାଉଣ୍ଡେସନର ପ୍ରତିଷ୍ଠାତା ରଂଜିତା ଦଲେଇ, ବାରିପଦା ଶିରିଡ଼ି ସାଇ ମନ୍ଦିର ର ସଦସ୍ୟା ଚନ୍ଦନା ବେହେରା, ସଂଗୀତା ମୁଦୁଲି, ରଞ୍ଜିତା ସେଜପଡା ନିଭା ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ବନ୍ଦିତାଙ୍କ ସ୍ୱାମୀ ଦୀପଙ୍କର ସାହୁଙ୍କ ସମେତ ମୋଟ ୪୦ ରକ୍ତଦାନ କରିଥିଲେ। ନର୍ମଦା ମୁଦୁଲି, ବିକାଶ ସାହା, ଶୁଚିସ୍ମିତା ଆଚାର୍ଯ୍ୟ, ମାନସ ବିଶ୍ୱାଳ, ଚିତ୍ତରଞ୍ଜନ ସ୍ୱାଇଁ, ତାପସ ବେହେରା, ଅରବିନ୍ଦ ମୁଖି, ଭରତ ଚନ୍ଦ୍ର ପାତ୍ର, ରୁମା ବାରିକ, ସୀତା ମାଣ୍ଡି, ନମିତା ନାୟକ, ବସନ୍ତ ହାଁସଦା, ଦିଲ୍ଲୀପ କୁମାର ତୁଙ୍ଗ ଓ ବୈଦ୍ୟନାଥ ମୁର୍ମୁ ଶିବିର ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ଶେଷରେ ନହରପଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଗହଣରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ଆଲୋଚନାଚକ୍ର

ବାରିପଦା (ପିପିଏସ୍): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା 'ଡକ୍ଟର ହରେକୃଷ୍ଣ ମହତାବ'ଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱରସ୍ଥ ଡକ୍ଟର ହରେକୃଷ୍ଣ ମହତାବ ରିସୋର୍ସ ସେଣ୍ଟର ଆନୁକୂଲ୍ୟରେ ତଥା କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର କମଳ ଲୋଚନ ବାରିକ ଅଧକ୍ଷତା କରିଥିଲେ । ମୁଖ୍ୟବକ୍ତା ଭାବେ ବାଇଗଣବାଡ଼ିଆ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଇତିହାସର ବରିଷ୍ଠ




ପ୍ରାଧାପକ ଡକ୍ଟର ଯତୀନ୍ଦ୍ରନାଥ ସିଂହଦେବ ସଚାନ ଯୋଗଦାନ କରି ଡକ୍ଟର ମହତାବଙ୍କର ସଂଗ୍ରାମୀ ଜୀବନ ଓ ଓଡ଼ିଶାରେ ପ୍ରଜା ଆନ୍ଦୋଳନ ସହ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣରେ ଡକ୍ଟର ମହତାବଙ୍କ ଭୂମିକା ସମ୍ବନ୍ଧରେ ଏକ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରିଥିଲେ । ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦର ଉପ-ସଭାପତି ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପରିଷଦର ସଂପାଦକ ଡ. ବିଚିତ୍ରନାଥ ସାହୁ ଅତିଥି ପରିଚୟକ ପ୍ରଦାନ କରିଥିଲେ । ସହ-ସମ୍ପାଦକ ଡ. ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପ୍ରାରମ୍ଭରେ ଓଡ଼ିଆ ବିଭାଗର ପ୍ରଥମ ବର୍ଷର ଛାତ୍ରୀ ଦେବସ୍ମିତା ପୁହାଣ ଅତିଥିଗଣଙ୍କୁ ମଞ୍ଚକୁ ଆବାହନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରମୋଦ କୁମାର ଶତପଥୀ, ପ୍ରଫେସର ସୁସ୍ମିତା କର, ପ୍ରଫେସର ବିଶ୍ୱଜିତ ରଥ, ପ୍ରଫେସର କବିତା କୁମାରୀ ସାହୁ, ପ୍ରଫେସର ପ୍ରଭଞ୍ଜନ ମଲ୍ଲିକ, ପ୍ରଫେସର ରାଜେଶ କୁମାର ସିଂଙ୍କ ସହ ବହୁ ସହଯୋଗୀ ପ୍ରଫେସର, ସହକାରୀ ପ୍ରଫେସର ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

# ଦିବାଲୋକରେ ଘରେ ପଶି ଛୁରାମାଡ଼ ଅଳ୍ପକେ ବର୍ତ୍ତିଲେ ମା'-ଝିଅ

ମୟୂରଭଞ୍ଜ (ହି.ସ.)- ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା । ଏହି ବାରିପଦା ସହରରେ ଆତଙ୍କ। ଆଜି ପୂର୍ବାହ୍ନ ୧୧ ଟା ରେ ୨ ଦୁର୍ବୃତ ଘରେ ପଶି ଛୁରୀ ଦ୍ୱାରା ମହିଳା ଓ ତାଙ୍କ ଝିଅକୁ ଆକ୍ରମଣ। ଦୁର୍ବୃତଙ୍କ ସହିତ ଧସ୍ତାଧସ୍ତି କରି ବର୍ତ୍ତିଲେ ମହିଳା। ବାରିପଦା ପୌର ପରିଷଦର ମୂର୍ଗାବାଡ଼ି ଅଂଚଳର ସମୀର ସାହୁଙ୍କ ଘରେ ଘଟିଛି ଏହି ଘଟଣା। ସମୀରଙ୍କ ସ୍ତ୍ରୀ ମମତା ସାହୁ ଘରେ ପୂଜା କରୁଥିବା ବେଳେ ହଠାତ କଲିଂ ବେଲ୍ ବାଜିଥିଲା ଏବଂ ମମତା କବାଟ ଖୋଲିବା ପରେ ୨ ଜଣ ଅଚିହ୍ନା ଯୁବକ ଘରେ ଧସେଇ ପଶି ତାଙ୍କ ବେକରେ ଛୁରୀ ଲଗେଇ ଜୀବନରୁ ମାରି ଦେବାର ଧମକ ଦେଇଥିଲେ। ପାଟି ଶୁଣି ତାଙ୍କ ଝିଅ ଆସି ପ୍ରତିରୋଧ କରିବାରୁ ତାଙ୍କ ବେକରେ ମଧ ଛୁରୀ ଲଗାଇ ହତ୍ୟା ଧମକ ଦେଇଥିଲେ ଦୁର୍ବୃତ୍ତ। ତେବେ ମାଆ ଝିଅ ମିଶି ପ୍ରତିରୋଧ କରିବାରୁ ଯୁବକ ଦୁଇ ଜଣ ସେଠାରୁ ପଳାଇ ଯାଇଥିଲେ। ଦୁର୍ବୃତଙ୍କ ଆକ୍ରମଣରେ ମମତାଙ୍କ ହାତରେ ଅଳ୍ପ ଆଘାତ ଲାଗିଥିଲା । ସେ ସ୍ଥାନୀୟ ପିଆରଏମ ମେଡିକାଲ ଓ ହସ୍ପିଟାଲକୁ ଆସି ନିଜ ଚିକିତ୍ସା କରାଇଛନ୍ତି। ବହୁ କଷ୍ଟରେ ଧସ୍ତାଧସ୍ତି କରି ଦୃର୍ବୃତଙ୍କ ହାତରୁ ଛୁରୀ ଛଡାଇ ନେଇ ନିଜକୁ ରକ୍ଷା କରିଥିବା କଥା କହିଛନ୍ତି ଆକ୍ରମଣର ଶିକାର ହୋଇଥିବା ମହିଳା ମମତା। ପ୍ରକାଶ ଥାଉକି, ମମତା ସାହୁଙ୍କ ଘରଠାରୁ ମାତ୍ର ୫୦ ମିଟର ଦୂରରେ ପୋଲିସ ଭ୍ୟାନ ଥାଇ ହେଲମେଟ ଚେକିଙ୍ଗ କରୁଥିବା ସମୟରେ ଏଭଳି ଘଟଣା ଘଟିଯାଇଛି । ଏହିଭଳି ପରିସ୍ଥିତିରେ ତାଙ୍କ ପରିବାର ଅସୁରକ୍ଷିତ ମନେ କରୁଛନ୍ତି ବୋଲି ମମତାଙ୍କ ସ୍ୱାମୀ ସମୀର ସାହୁ ଅଭିଯୋଗ କରିଛନ୍ତି ।

## ଆଇନ ସଚେତନତା

କନ୍ଧମାଳ, (ହି.ସ.): ଓଡିଶା ଆଦର୍ଶ ବିଦ୍ୟାଳୟ, ଧୋବାତୋଟା ଠାରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ ଦ୍ୱାରା ଏକ ଆଇନ ସଚେତନତା ଶିବିର ର ଆୟୋଜନ କରାଯାଇଥିଲା। ଉକ୍ତ ସଚେତନତା ଶିବିରରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଦୋଳଗୋବିନ୍ଦ ବାରିକ, ରମାକାନ୍ତ ମହାନ୍ତି, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ, ଡି.ଏସ.ପି. ଫୁଲବାଣୀ, ସର୍ବେଶ୍ୱର ବେହେରା, ଆଇନଜୀବୀ ଦେବରାଜ୍ ସାହାଣୀ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ ସମ୍ମୁଖ କାର୍ଯ୍ୟାଳୟ ରିଟେନର୍ ଅନୁପ ନାରାୟଣ ନାୟକ, ଓଡିଶା ଆଦର୍ଶ ବିଦ୍ୟାଳୟ ଧୋବାତୋଟା ର ପ୍ରିନ୍ସିପାଲ, ଅନ୍ୟାନ୍ୟ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର ଛାତ୍ରୀ ଓ ପାରା ଲିଗାଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ ।

# ୨୧୭୧ ବୋତଲ କଫ୍‌ସିରପ୍ ଜବତ ଦମ୍ପତିଙ୍କ ସମେତ ୭ ଅଭିଯୁକ୍ତ ଗିରଫ



ବରଗଡ :ବରଗଡ଼ ଜିଲାରେ ନିଶା କାରବାରକୁ ନେଇ ଜନଅସନ୍ତୋଷ ଲାଗିରହିଛି। ଅନ୍ୟପଟେ ଏହାକୁ ନେଇ ଲୋକେ ବିକ୍ଷୋଦ୍‌ଗାର କରିବା ପରେ ପୋଲିସ ଧରପଗଡ଼ ଅଭିଯାନକୁ ଜୋରଦାର କରିଛି। ସୋମବାର ସକାଳେ ସ୍ଥାନୀୟ ଟାଉନ ଥାନା ପୋଲିସ ବରଗଡ଼ ସହରସ୍ଥିତ ବିଶିପଡ଼ା ଛକ ନିକଟରୁ ବିପୁଳ ପରିମାଣର କଫ୍‌ସିରପ ଜବତ କରିଛି। ଏଥିରେ ସମ୍ପୃକ୍ତ ଦମ୍ପତିଙ୍କ ସମେତ ୭ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୭ ବିଶିପଡ଼ାର ନିଖିଳ ପାଢ଼ୀ(୨୯), ଝାରସୁଗୁଡ଼ା ଜିଲା ବନହରପାଲି ଥାନା ବନ୍ଧବାହାଲ ଗ୍ରାମର ମୂଳବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୭ ବିଶିପଡ଼ାରେ ରହୁଥିବା ନରେଶ ବିଶାର(୩୯), ସ୍ତ୍ରୀ ଖୁସ୍‌ବୁ(୩୦), ବରଗଡ଼ ଜିଲା ଅମ୍ଭାଭୋନା ଥାନା ଭୁକ୍ତାର ବବଲୁ ସୁନା(୩୦), ଚିଚୋଲିର ଘନଶ୍ୟାମ ନାଏକ(୩୬), ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୧୬ ଡ୍ୟାମ୍ କଲୋନୀର ବିକାଶ ଥପା(୩୧) ଏବଂ ପଦ୍ମପୁର ଥାନା ସାମପିଆର ମୂଳବାସିନ୍ଦା ତଥା ବର୍ତ୍ତମାନ ବରଗଡ଼ ବିଶିପଡ଼ାରେ ରହୁଥିବା ବିଶାଳ ସୁନା(୩୬)। ସେମାନଙ୍କ ପାଖରୁ ୨୧୭୧ ବୋତଲ କଫସିରପ୍, ୬ ମୋବାଇଲ ଫୋନ୍ ଏବଂ ନଗଦ ୭୪,୧୦୦ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ସ୍ଥାନୀୟ କାରାଗାରକୁ ପଠାଇ ଦିଆଯାଇଛି। ସେମାନଙ୍କ ବିରୋଧରେ ବରଗଡ଼ ଟାଉନ ଥାନାରେ ଏକ ମାମଲା(ନଂ.୩୫୯/୨୫) ରୁଜୁ ହୋଇଛି। ସେହିପରି ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ଏ ନେଇ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ପି ପିଏସ୍ ମୀନା ସୂଚନା ଦେଇ କହିଥିଲେ, ନିଶା କାରବାର ରୋକିବା ପାଇଁ ବରଗଡ଼ ପୋଲିସ ସବୁବେଳେ ସଜାଗ ରହିଛି। ବିଭିନ୍ନ ସୂଚନାକୁ ଆଧାରକରି ପୋଲିସ ନିଶାଦ୍ରବ୍ୟ ଜବତ ସହିତ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଗତ କିଛିଦିନ ତଳେ ପୋଲିସକୁ ବଡ଼ଧରଣର ସଫଳତା ମିଳିଥିଲା ଏବଂ ୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ସେହିପରି ସୋମବାର ସକାଳେ ବିଶିପଡ଼ାର ଗିରଫ ଅଭିଯୁକ୍ତ ଦମ୍ପତି ନରେଶ ଏବଂ ଖୁସ୍‌ବୁଙ୍କ ଘର ପାଖରେ ବିପୁଳ ପରିମାଣର କଫ୍‌ସିରପ ଅନ୍‌ଲୋଡ୍ ହୋଇ ରହିଥିବା ସୂଚନା ମିଳିଥିଲା। ସୂଚନା ପାଇବା ମାତ୍ରେ ପୋଲିସର ଏକ ଟିମ୍ ସେଠାରେ ପହଞ୍ଚିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସେଠାରୁ କଫସିରପ ଜବତ ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ସେହିପରି ଖସିଯାଇଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଏଭଳି ନିଶା କାରବାରରେ ପୂର୍ବରୁ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ଉପରେ ମଧ ପୋଲିସର ନଜର ରହିଛି ଏବଂ ସେଭଳି ନିଶାଦ୍ରବ୍ୟ ଚାଲାଣ ସୂଚନା ମିଳିଲେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ଏସ୍‌ପି ମୀନା କହିଥିଲେ। ଏହାସହିତ ବସ୍‌ଷ୍ଟାଣ୍ଡ, ପାର୍କ ଆଦି ଜନଗହଳି ସ୍ଥାନରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ସାଦା ପୋଷାକରେ ମଧ ମୁତୟନ ରହୁଛନ୍ତି। ଲୋକମାନେ ଯେଭଳି ସୁରକ୍ଷିତ ରହିପାରିବେ, ସେଥିପ୍ରତି ପୋଲିସ ସବୁବେଳେ ଗୁରୁତ୍ୱ ଦେଇଆସୁଛି ବୋଲି ଏସ୍ ?ପି ସୂଚନା ଦେଇଥିଲେ।

# ଯୁବକଙ୍କୁ ପିଟି ପିଟି ହତ୍ୟା : ଥାନାରେ ୭ ଅଟକ

ସମ୍ବଲପୁର, (ହି.ସ.) – ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ଠେଲକଲୋଇ ଥାନା ଅନ୍ତର୍ଗତ ବୋମାଲୋଇ ଗ୍ରାମରେ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ପୋଲିସ ଏହି ମାମଲାରେ ୭ ଜଣଙ୍କୁ ଅଟକ ରଖିଥିବାର ଜଣାପଡିଛି। ସୂଚନାଯୋଗ୍ୟ ଶନିବାର ଦିନ ରାତି ୮ଟା ସମୟରେ ବିମାଲୋଇର ଜନ୍ମେଜୟ କିଷାନ(୨୯)ଙ୍କୁ ପାର୍ଟି କରିବା ପାଇଁ ସାତ ଆଠ ଜଣ ସାଙ୍ଗ ଗ୍ରାମର କଂଟାପଡ଼ା ଶ୍ମଶାନ ଘାଟ ପାଖକୁ ଡାକି ଥିଲେ। ସମସ୍ତେ ପାର୍ଟି କରିଥିବା ସମୟରେ ବଚସା ହୋଇ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଏହି ଗଣ୍ଡଗୋଳରେ ଉତ୍ୟକ୍ତ ହୋଇ ପ୍ରାୟ ସାତ ଆଠ ଜଣ ସେମାନଙ୍କ ମଧ୍ୟରୁ ମିଶି ବଡି, ହାତେ ପିନ୍ଧି ଥିବା ବଲା ଓ ଫାଇବର ଯୋଗେ ଜନ୍ମେଜୟ କିଶାନ ଙ୍କୁ ପିଟି ପିଟି କରିଦେଇଥିଲେ। ଖବର ପାଇ ଠେଲକଲୋଇ ପୋଲିସ ଘଟଣାସ୍ଥଳକୁ ପହଂଚି ଯନ୍ମଜୟଙ୍କୁ ଝାରସୁଗୁଡ଼ା ଡାକ୍ତରଖାନା କୁ ପଠାଇ ଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଦେହ କୁ ହସ୍ତାନ୍ତର କରିଥିଲା। ଆଜି ଘଟଣାସ୍ଥଳକୁ ସାଇନ୍ଟିଫିକ ଦଳ ପହଂଚି ତଦନ୍ତ କରିଛି। ପୋଲିସ ବିଭିନ୍ନ ସ୍ଥାନ ରେ ଚଢାଉ କରି ୭ ଜଣଙ୍କୁ ଅଟକ ରଖିଛି। ପରିବାର ଲୋକେ କହିବା ଅନୁସାରେ ଗତ ଫେବୃଆରୀ ମାସରେ ଅଭିଯୁକ୍ତମାନଙ୍କ ସହିତ ଜନ୍ମଜୟଙ୍କ ଗଣ୍ଡଗୋଳ ହୋଇ ମାଡ଼ ପିଟ ହୋଇଥିଲା। ପରିବାର ଲୋକେ କହୁଛନ୍ତି ଜେ ପୂର୍ବ ଗଣ୍ଡଗୋଳକୁ କେନ୍ଦ୍ର କରି ଯୋଜନାବଦ୍ଧ ଭାବରେ ଜନ୍ମେଜୟଙ୍କୁ ହତ୍ୟା କରାଯାଇଛି।

## ହାତୀ - ମଣିଷ ବିବାଦ ସମ୍ପର୍କିତ ସଚେତନତା

କେନ୍ଦୁଝର, (ହି.ସ.): ଆନନ୍ଦପୁର ବ୍ଲକ ବାଉଁଶଗଡ ଗ୍ରାମର କେଉଟପଲ୍ଲୀ ସାହିରେ ବୃକ୍ଷ ମାହାତ୍ମ୍ୟ ଏବଂ ହାତୀ - ମଣିଷ ବିବାଦ ସମ୍ପର୍କରେ ପାଲା ମାଧ୍ୟମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସଂସାରରେ ଏତେ ମୂଲ୍ୟବାନ ଧାତୁ ଏବଂ ପଥର ଥିବା ସତ୍ୱେ ପ୍ରଭୁ ଜଗନ୍ନାଥ ଦାରୁରେ କାହିଁକି ନିର୍ମିତ ହେଲେ ଜାଣିଛନ୍ତି କି । ତେଣୁ ଦାରୁ ହିଁ ଈଶ୍ୱର । ଏ ସୃଷ୍ଟି କେବଳ ଗଛ ମାନଙ୍କ ପାଇଁ ସମ୍ଭବ ହୋଇପାରିଛି ଏହିଭଳି ପାଲା ଦ୍ୱାରା ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ଅଭିଯାନ କରାଯାଉଛି। ଜଙ୍ଗଲ ବିଭାଗ ଓ ପାଲା ଗାୟକ ସଂଘ ମିଳିତ ଆନୁକୁଲ୍ୟରେ ଏଭଳି ଗାଁ ଗାଁ ରେ ସଚେତନତା ଶିବିର ଆୟୋଜନ କରାଯାଉଛି ।

## ମହିଳା ମହାବିଦ୍ୟାଳୟରେ ଆଇସିସି କର୍ମଶାଳା

ଜୟପୁର, (ହି.ସ.)- ସରକାରୀ ମହିଳା ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତରଫରୁ ପୋକସୋ ଆକ୍ଟ ୨୦୧୩ ଏବଂ ୟୁଜିସି ରେଗୁଲେସନ ୨୦୧୫ ସଂପର୍କିତ ଆଇନ ସଚେତନତା ମୂଳକ କର୍ମଶାଳା ଅନୁଷ୍ଠିତ ହୋଇଛି । ଏହି କର୍ମଶାଳାର ଅଧ୍ୟକ୍ଷ ବିବେକାନନ୍ଦ ସୁନାଙ୍କ ଅଧ୍ୟକ୍ଷତାରେ ସମାପିତ ହୋଇଛି । କର୍ମଶାଳାରେ ଯୌନ ସଚେତନତା ଧର୍ମୀ ଆଇନ ସମ୍ପର୍କରେ ବିବରଣୀ ପ୍ରଦାନ କରିବା ସହ ମହାବିଦ୍ୟାଳୟରେ ଏକ ସୁସ୍ଥ ଶୈକ୍ଷିକ ବାତା ବରଣ ଜାରି ରହିବ । ସେ ସମ୍ପର୍କରେ ଛାତ୍ରୀ ମାନଙ୍କୁ ଅବଗତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ପ୍ରିଜାଇଣ୍ଡିଙ୍ଗ ଅଫିସର ଭାରତୀ ଦିଗାଲ ସଭା ପରିଚାଳନା କରିଥିଲେ । କମିଟିର ସଦସ୍ୟ ଛାତ୍ରୀ ଓ କର୍ମଚାରୀ ମଧ୍ୟରେ ଶୃଙ୍ଖଳିତ ଔପଚାରିକ ଆଚରଣ ସହ ଶାଳୀନତା ପୁବତ ସକାର୍ଯ୍ୟ ସାଧନ କରନ୍ତୁ ବୋଲି ଦୃଢ ମତ ପୋଶଣ କରନ୍ତୁ ବୋଲି ମତ ପୋଷଣ କରିଥିଲେ । ପରିଶେଷରେ ଅଧାପିକା ସୁନିତା କୁମାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା ଓ ଛାତ୍ର ଛାତ୍ରୀ ମାନେ ବହୁ ସଂଖ୍ୟାରେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସାଫଲ୍ୟ କରିବା ସହ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୌନ ସଚେତନ ଧର୍ମୀ ଶପଥ ପାଠ କରାଇଥିଲେ ।

## ନୃତ୍ୟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

କେନ୍ଦୁଝର : ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ନୃତ୍ୟ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ରବିବାର ଦିନ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ଲକ୍ଷ୍ମୀ ମଣ୍ଡପ ପରିସରରେ ବାର୍ଷିକ ନୃତ୍ୟ ଦକ୍ଷତା ବିକାଶ ଓ ନୌବେଦ୍ୟ ଡ୍ୟାନ୍ସ ଏକାଡେମୀର ନୃତ୍ୟ ଗୁରୁ ସିପୁନ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ସ୍ଥାନୀୟ ସରପଂଚ ସୁଲେଖା ନାଏକ, ଚିତ ରଂଜନ ନାଏକ, ବ୍ରଜେଶ୍ୱର ମହାନ୍ତ, ସାମ୍ବାଦିକ ସନ୍ତୋଷ କୁମାର ପତି, ବିଜୟ କୁମାର ମହାନ୍ତ ଦଶରଥ ବାରିକ ଙ୍କୁ ନୈବେଦ୍ୟ ଡ୍ୟାନ୍ସ ଏକାଡେମୀ କମିଟି ତରଫରୁ ଉତ୍ତରୀୟ ଦେଇ ସଂମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦକ୍ଷତା ବିକାଶର ବାର୍ଷିକ ନୃତ୍ୟ ଶିକ୍ଷା ଛାତ୍ର ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟର ଶିକ୍ଷା ଦେବା ସହ କିଭଳି ଛାତ୍ର ଛାତ୍ରୀ ମାନଙ୍କୁ ଦକ୍ଷତା ନୃତ୍ୟ ଶିକ୍ଷା ଅର୍ଜନ କରାଇ, ସେମାନେ ଯେଭଳି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନଶୀଳ ହେବେ ତା ଉପରେ ଅତିଥିମାନେ ମତପ୍ରକାଶ କରିଥିଲେ। ଶେଷରେ ଓଡିଶୀ ନୃତ୍ୟ ପରିବେଷଣରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କୁ ବିଧାୟକ ମାନପତ୍ର ପ୍ରଧାନ କରିଥିଲେ। କମିଟିର ଶୁଚିସ୍ମିତା ନାୟକ, ବେବି ରାଣୀ ମହାନ୍ତ, ତୋପସିନୀ ପାତ୍ର,ଭବାନୀ ମହାନ୍ତ,ରଶ୍ମି ରେଖା ସାହୁ, ଜ୍ୟୋସ୍ନାମୟୀ ସାହୁ ପ୍ରମୁଖଙ୍କ ସହଯୋଗ କରିଥିଲେ। ଶେଷରେ ନୃତ୍ୟ ଗୁରୁ ସିପୁନ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।


# ହାଟଡିହିରେ ସର୍ବାଧିକ ୧୨୦.୩ ମି.ମି. ବର୍ଷା ରେକଡ

କେନ୍ଦୁଝର (ହି.ସ.)- ଗତ ୨୪ ଘଂଟା ମଧ୍ୟରେ ରାଜ୍ୟର ଗୋଟିଏ ସ୍ଥାନରେ ଅତି ଭୀଷଣ ବର୍ଷା ହୋଇଥିବା ବେଳେ ୬ଟି ସ୍ଥାନରେ ଭୀଷଣ ବର୍ଷା ହୋଇଛି । ଅନ୍ୟ କେତେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରେକର୍ଡ଼ ହୋଇଛି । କେନ୍ଦୁଝର ଜିଲ୍ଲାର ହାଟଡିହିରେ ସର୍ବାଧିକ ୧୨୦.୩ ମି.ମି. ବର୍ଷା ରେକର୍ଡ଼ ହୋଇଛି । ସେହିପରି କେନ୍ଦୁଝର ଜିଲ୍ଲାର ତେଲକୋଇରେ ୮୬.୦ ମି.ମି., ଖୋର୍ଦ୍ଧା ଜିଲ୍ଲାର ବାଣପୁରରେ ୮୫.୦ ମି.ମି., ଅନୁଗୁଳ ଜିଲ୍ଲାର ପାଲଲହଡ଼ାରେ ୮୦.୪ ମି.ମି., ନୂଆପଡ଼ା ଜିଲ୍ଲାର ଖଡ଼ିଆଳରେ ୭୮.୦ ମି.ମି., ନବରଙ୍ଗପୁର ଜିଲ୍ଲାର ଉମରକୋଟରେ ୬୮.୨ ମି.ମି., ନୂଆପଡ଼ା ଜିଲ୍ଲାର ବୋଡେନରେ ୬୫.୦ ମି.ମି., କୋମନାରେ ୬୦.୦ ମି.ମି., ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଂଟିରେ ୬୦.୦ ମି.ମି., ନୂଆପଡ଼ା ଜିଲ୍ଲାର ସିନାପାଲିରେ ୫୮.୦ ମି.ମି., ବଲାଙ୍ଗିର ଜିଲ୍ଲାର ତୁରେଇକେଲାରେ ୫୭.୪ ମି.ମି., କନ୍ଧମାଳ ଜିଲ୍ଲାର କଳିଙ୍ଗାରେ ୫୪.୦ ମି.ମି. ଏବଂ ନବରଙ୍ଗପୁର ଜିଲ୍ଲାର ଝରିଗାଁରେ ୫୧.୪ ମି.ମି. ବର୍ଷା ରେକର୍ଡ଼ ହୋଇଛି । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

# ସ୍ନାତକ ପରୀକ୍ଷାଫଳ ପ୍ରକାଶନରେ ବିଳମ୍ବ

ଜୟପୁର, (ହି.ସ.)- ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ କୋରାପୁଟ ଜିଲ୍ଲା ବିକ୍ରମଦେବ ବିଶ୍ୱବିଦ୍ୟାଳୟର +୩ ର ଛାତ୍ରଛାତ୍ରୀମାନଙ୍କୁ ନେଇ ବିଶ୍ୱବିଦ୍ୟାଳୟର କୁଳପତି ଦେବୀ ପ୍ରସାଦ ମିଶ୍ରଙ୍କ ସହିତ ଭେଟି ପରୀକ୍ଷାଫଳ ପ୍ରକାଶ ବିଳମ୍ବ ସମ୍ପର୍କରେ ଅବଗତ କରାଇଛନ୍ତି। ୨୦୨୩-୨୪ ଶିକ୍ଷାବର୍ଷ ଠାରୁ ସ୍ନାତକ ପରୀକ୍ଷାଫଳ ପ୍ରକାଶ ହୋଇନାହିଁ। ଯାହା ଏକ ଦୁଃଖ ଏବଂ ପରିତାପର ବିଷୟ ଅଟେ। ହଜାର ହଜାର ଶିକ୍ଷାର୍ଥୀ ପରୀକ୍ଷା ପରେ ପରୀକ୍ଷା ଦେଉଛନ୍ତି ସତ କିନ୍ତୁ ପରୀକ୍ଷାଫଳ ପ୍ରକାଶ ପାଇବାକୁ ଏତେ ଦିନ ବିତିଗଲାଣି। ତେଣୁ ଏ ସଂପର୍କରେ କୁଳପତି ଶ୍ରୀ ମିଶ୍ର ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି। ଏଥି ସହିତ କୁଳପତି ମିଶ୍ର ଏ ଦାବି ଶୁଣିବା ପରେ ତ୍ୱରିତ ଭାବରେ କହିଛନ୍ତି ଯେ, ୨୦୨୩-୨୪ ଶିକ୍ଷାବର୍ଷର ପ୍ରଥମ ସେମିଷ୍ଟର କଳା ବିଭାଗର ପରୀକ୍ଷାଫଳ ୭ ଦିନ ମଧ୍ୟରେ ପ୍ରକାଶ ପାଇବା ସହିତ ଦ୍ୱିତୀୟ ସେମିଷ୍ଟରର କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗର ପରୀକ୍ଷାଫଳ ୨୦ ଦିନ ମଧ୍ୟରେ ପ୍ରକାଶ ପାଇବ ବୋଲି କୁଳପତି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଏହି ଦାବି ସମ୍ପୂର୍ଣ୍ଣ ସମାଧାନ ନ ହୁଏ ଏବିଭିପି ଆନ୍ଦୋଳନର ପନ୍ଥାକୁ ଆପଣେଇବ ବୋଲି ସୂଚେଇ ଦେଇଛି। ଛାତ୍ର ନେତା ମୋନଜ ସାହୁ, ଶିବାନନ୍ଦ ପାତ୍ର, ଶ୍ରାବଣୀ ପଟନାୟକ, ଅଜିତ ଦାସ, ଅଙ୍କିତା ମହାପାତ୍ର, ଶୁଭଶ୍ରୀ ମିଶ୍ର, ନିରୁ ମୁଦୁଲି, ଜ୍ୟୋତିରଞ୍ଜନ ପାଣିଗ୍ରାହୀ, ଘାସିରାମ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ।

# ଦିନ ଦ୍ୱିପହରରେ ବ୍ୟାଙ୍କ୍‌ରୁ ଲୁଟ୍



ଝାରସୁଗୁଡ଼ା: ଦିନ ଦ୍ୱିପହରରେ ବ୍ୟାଙ୍କ ଲୁଟ୍ କଲେ ଲୁଟେରା । ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ରେଙ୍ଗାଲୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୪୯ ନିକଟରେ ଥିବା ଉତ୍କଳ ଗ୍ରାମୀଣ ବ୍ୟାଙ୍କରୁ ଲୁଟ ହୋଇଛି । ସୂଚନା ଯୋଗ୍ୟ, ୩ ଜଣ ଦୁର୍ବୃତ୍ତ ହେଲମେଟ ପିନ୍ଧି ବ୍ୟାଙ୍କ ଭିତରକୁ ବନ୍ଧୁକ ଧରି ପଶିଥିଲେ। ବ୍ୟାଙ୍କରେ କଳାକନା ବୁଲାଇଲେ ଲୁଟେରା । ଲୁଟେରାମାନେ କେତେଟଙ୍କା ଚୋରି କରିଛନ୍ତି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ । ଲୁଟ କରିବା ପରେ ଲୁଟେରାମାନେ ଛତିଶଗଡ଼ ସୀମାନ୍ତ ଦେଇ ଫେରାର ହୋଇଥିବା ପୋଲିସ ଅନୁମାନ କରୁଛି । ଘଟଣାସ୍ଥଳକୁ ବରିଷ୍ଠ ପୋଲିସ ଅଧିକାରୀ ଓ ରେଙ୍ଗାଲି ପୋଲିସ ପହଞ୍ଚି ଛାନଭିନ ଜାରି କରିଛନ୍ତି । ଛତିଶଗଡ କୁ ସଂଯୋଗ କରୁଥିବା ରାସ୍ତାକୁ ପୋଲିସ ସିଲ କରିଛି । କିଏ ଓ କାହିଁକି ଏପରି କାର୍ଯ୍ୟ କରିଛି ତାହା ଅସ୍ପଷ୍ଟ ରହିଛି ।

## ୪୨କିଲୋ ବାର୍‌ହା ମାଂସ ଜବତ ଦୁଇଟି ଜିଅନ୍ତା ଶାବକ ଉଦ୍ଧାର, ୧୧ ଗିରଫ

ମାଲକାନଗିରି, (ହି.ସ.): ମାଲକାନଗିରିଜିଲ୍ଲା ଚିତ୍ରକୋଣ୍ଡା ବନ ବିଭାଗ ସ୍ୱାଭିମାନ ଅଂଚଳର ରାଲେଗଡ଼ା ପଂଚାୟତର ସାରକୁବନ୍ଧ ଗାଁ ନିକଟରୁ ବରାହ ଶିକାର କରୁଥିବା ଅଭିଯୋଗରେ ଗତକାଲି ୧୧ ଜଣକୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଟାଙ୍ଗିଆ,କାତି,ଠେଂଟା ଏବଂ ୧୦୦ରୁ ଊର୍ଦ୍ଧ୍ୱ ଜାଲ, ୪୨ କିଲୋ ର୍ବାହା ମାଂସ, ୨ ଗୋଟି ଜୀବନ୍ତ ଶାବକ, ୯ଟି ବାଇକ, ଗୋଟିଏ ଟ୍ରାକ୍ଟର ଜବତ କରାଯାଛି। ବନ ବିଭାଗ ତରଫରୁ ମିଳିଥିବା ସୂଚନା ଅନୁଯାୟୀ, ରାଲେଗଡ଼ା ପଂଚାୟତରେ କିଛି ଗ୍ରାମରେ ଗତ କିଛି ଦିନ ହେବ ଜଙ୍ଗଲ ଜନ୍ତୁ ଶିକାର ହେଉଥିଲା। ମାଲକାନଗିରି ଡିଏଫ୍‌ଓ ସାଇ କିରଣ ଡି ଏନଙ୍କ ନିର୍ଦ୍ଦେଶକ୍ରମେ ଚିତ୍ରକୋଣ୍ଡା ବନାଂଚଳ ଅଧିକାରୀ ବଳରାମ ନାୟକଙ୍କ ନେତୃତ୍ୱରେ ବନପାଳ ନିରଞ୍ଜନ ସାରକା, ବନପାଳ ରାଜେଶ କୁମାର ସେଠୀ, ବନରକ୍ଷୀ ସଞ୍ଜୟ କୁମାର ପରିଡ଼ା, ୱାଇଲଡ଼ ଲାଇଫ ପାରା ସ୍କ୍ୱାର୍ଡ ମିଳିତ ଭାବେ ଉକ୍ତ ଅଂଚଳରେ ଚଢ଼ାଉ କରିଥିଲେ। ଚଢ଼ଉ ସମୟରେ ସେମାନଙ୍କ ନିକଟରୁ କଟାଯାଇଥିବା ବାର୍‌ହା ମାଂସ ୪୨ କିଲୋ ୯୦୦ ଗ୍ରାମ, ଶିକାରରେ ବ୍ୟବହୃତ ହୋଇଥିବା ଟାଙ୍ଗିଆ,କାତି,ଠେଂଟା,ର୍ବାହା ଫାଶ, ୯ ଗୋଟି ମୋଟର ସାଇକେଲ, ଗୋଟିଏ ଟ୍ରାକ୍ଟର,୨ଟି ଜୀବନ୍ତ ର୍ବାହା ଶାବକ ଜବତ କରାଯାଇଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ସ୍ୱାଭିମାନ ଅଂଚଳର କୋଟାଗୁରୁ, ଲିମାସେତୁ, ମଣ୍ଡା ପାଲ୍ଲୀ ଏବଂ ପାପର ମେଟଲା ଅଂଚଳର ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତ ହେଲେ ବାଳକ୍ରୀଷ୍ଣା ଉଡ୍ଡୁ, ସନ୍ତୋଷ ବାରବାସ, କମଲେଶ ଉଡ୍ଡୁ, ରାମବାବୁ ବାରବାସ, ନାଗେଶ କୁମୁଡା, ନାଗରଜୁ ବାରବାସ, କ୍ରିଷ୍ଣା ରାଓ ପତରଙ୍ଗୀ, ବୋମାନା କୁମୁଡା, ମାଛଲିଙ୍ଗମ ବାରବାସ, ସନ୍ୟାସୀ ରାଓ ବାରବାସ, ଶ୍ରୀନୁବାବୁ ଖିଲ। ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହଜାର କରାଯାଇଥିବା ନେଇ ଚିତ୍ରକୋଣ୍ଡା ବନାଂଚଳ ଅଧିକାରୀ ବଳରାମ ନାୟକ ପ୍ରକାଶ କରିଛନ୍ତି । ଏହା ବ୍ୟତିତ ୨ ଗୋଟି ବରାହ ଶାବକକୁ ଉପଯୁକ୍ତ ତଦାରଖ ପରେ ଜଙ୍ଗଲରେ ଛଡ଼ାଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

# କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଯାଦବ ସମିତି ପୁନଃଗଠିତ

ଭବାନୀପାଟଣା, (ହି.ସ.)- ରବିବାର ନର୍ଲା ବ୍ଲକ ଯାଦବ ସମିତି ପୁନଃଗଠନ ନେଇ ଏକ ସାଧାରଣ ସଭା ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ୍ ଯାଦବ ସମିତି ସଭାପତି ଯୁଧିଷ୍ଠିର ଗଉଡଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ ଓ ସାଧାରଣ ସମ୍ପାଦକ ତ୍ରିପୁରା ଗଉଡ, ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ଅଭ୍ୟର୍ଥନା କମିଟିର ମାଧବ ଲହଜଲ ଓ ଅରକ୍ଷିତ ଭଇଁସାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଯାଦବ ସମିତିର ସତ୍ୟ ନାରାୟଣ ବିଶି ଓ ନଳିନୀକାନ୍ତ ରାଉତ, କେସିଙ୍ଗା ବ୍ଲକ ଯାଦବ ସମିତିର ଜଗନ୍ନାଥ ବାଗ ଓ ମହିପାଳ ନାଏକ, ଧର୍ମଗଡ଼ ଏନଏସି ଯାଦବ ସମିତିର ଅନିରୁଦ୍ଧ ଲହଜାଲ, ଶିକ୍ଷାବିତ ପ୍ରଶୁନ୍ନ କୁମାର ଜାଲ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପ ସଭାପତି ଦୁଲ୍ଲଭ ମାହାର, ବରିଷ୍ଠ ଯାଦବ ନେତା ହୃଷିକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ମଂଚ ପରିଚାଳନା କରିଥିଲେ ଭାଗବତିଆ କବି ମଧୁସୂଦନ ରାଉତ। ଏହି ଅବସରରେ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନର୍ଲା ବ୍ଲକ ଯାଦବ ସମିତିର ନୂତନ ସଭାପତି ଭାବେ ଲିଙ୍ଗରାଜ କରୁଆଁ, ଉପସଭାପତି ଭାବରେ ଦୁଲ୍ଲଭ ମାହାର, ସୁନୀଲ କୁମାର ଧଙ୍ଗଡାମାଝୀ ଓ ମାର୍କଣ୍ଡ ଜାଲ, ସାଧାରଣ ସମ୍ପାଦକ ଭାବେ ମଧୁସୂଦନ ରାଉତ, ଯୁଗ୍ମ ସମ୍ପାଦକ ଭାବରେ ଅଜିତ କରୁଆଁ, କୋଷାଧ୍ୟକ୍ଷ ଭାବେ ଗିରିଧାରୀ ଗଉଡ, ବ୍ଲକ ଯୁବ ଯାଦବ ସଭାପତି ଭାବେ ପ୍ରଶୁନ୍ନ କୁମାର ଜାଲ ନିର୍ବାଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ୨୫ ଗୋଟି ଆଞ୍ଚଳିକ ଯାଦବ ସମିତିର କର୍ମକର୍ତାଙ୍କ ସମେତ ବହୁ ଯାଦବ ପୁରୁଷ ଓ ମହିଳାମାନେ ଉପସ୍ଥିତ ଥିଲେ ।ହିନ୍ଦୁସ୍ଥାନ ସମାଚାର

## ଦୁଇ ବାଇକ୍‌ଆରୋହୀ ଗୁରୁତର

କେନ୍ଦୁଝର, (ହି.ସ.): କେନ୍ଦୁଝର ଜିଲ୍ଲା ସାହାରପଡା ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଘଟିଛି ଦୁର୍ଘଟଣା। ଏକ ବାଇକକୁ ଟ୍ରଲର ଧକ୍କା ଦେଇଛି । ବାଇକ ଆରୋହୀ ସାହାରପଡା ନିକଟ ଜଗାନାର୍କି ଗ୍ରାମର ବୋଲି ଜଣାପଡିଥିବା ବେଳେ ବେଳେ ସଠିକ ପରିଚୟ ମିଳି ପାରିନାହିଁ। ବାଇକ ଆରୋହୀ ୨ ଜଣ ଅତି ଗୁରୁତର ଥିବା ଜଣାପଡିଛି । ଦୁଇ ଜଣଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ପଠା ଯାଇଥିବା ବେଳେ ଫାଣ୍ଡି ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି ।

# ୩୩୭ଗୋଟି ପ୍ରକଳ୍ପର ଶିଳାନ୍ୟାସକଲେ ପଞ୍ଚାୟତିରାଜ ମନ୍ତ୍ରୀ
# ୨୦୨୯ ସୁଦ୍ଧା ଦାଦନ ମୁକ୍ତ ହେବ କୋରାପୁଟ ଜିଲ୍ଲା

କୋରାପୁଟ(ହି.ସ.)- ରାଜ୍ୟ ଗ୍ରାମୀଣ ବିକାଶ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାୟକ ୩୩୭ ଗୋଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି । ୧୬୩.୫୫ କୋଟି ପ୍ରକଳ୍ପରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା, ଗ୍ରାମୀଣ ବିକାଶ ଏବଂ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗର ଉନ୍ନୟନମୂଳକ କାର୍ଯ୍ୟ କରାଯିବ । ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ୨୫୮ ପ୍ରକଳ୍ପ ପାଇଁ ୧୨.୭୧ କୋଟି ଟଙ୍କା ଆନୁମାନିକ ମୂଲ୍ୟ ରହିଥିବା ବେଳେ ଗ୍ରାମୀଣ ବିକାଶ ବିଭାଗ ପାଇଁ ୩୦ ଗୋଟି ପ୍ରକଳ୍ପ ରହିଛି । ଯାହାର ଆନୁମାନିକ ମୂଲ୍ୟ ୧୨୫.୧୯ କୋଟି ଟଙ୍କା ରହିଛି । ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ ପାଇଁ ୪୯ ଗୋଟି ପ୍ରକଳ୍ପ ରହିଛି ।ଯାହାର ଆନୁମାନିକ ମୂଲ୍ୟ ୨୫.୬୫କୋଟି ଟଙ୍କା ରଖାଯାଇଛି । ଏହି ପ୍ରକଳ୍ପ ଗୁଡ଼ିକ ଶେଷ ହେଲେ ଜିଲ୍ଲାର ଲୋକମାନେ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।୨୦୨୯ ମସିହା ସୁଦ୍ଧା କୋରାପୁଟ ଜିଲ୍ଲା ଦାଦନ ମୁକ୍ତ ହେବ ବୋଲି ନିଷ୍ପତି ନିଆଯାଇଥିବା ସେ କହିଛନ୍ତି। ୨୦୨୬ ମସିହାରେ କୋରାପୁଟ ଜିଲ୍ଲାବାସୀଙ୍କ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ କରାଯିବ ବୋଲି ସେ କହିଛନ୍ତି ।ନୂଆପଡ଼ା ଜିଲ୍ଲାରୁ ଦାଦନ ମୁକ୍ତ ପ୍ରକଳ୍ପ ଆରମ୍ଭ କରାଯାଇ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର ଏବଂ ଗଞ୍ଜାମ ଜିଲ୍ଲାରେ ଆରମ୍ଭ କରାଯିବ ।କୋରାପୁଟ ଜିଲ୍ଲାରେ ୩ ଟି ସବୁଜ ପାର୍କ ନିର୍ମାଣ ହୋଇଥିବା ବେଳେ କଫି ଚାଷ ପାଇଁ ଅନେକ ଯୁବ ଉଦ୍ୟୋଗୀ ବାହାରିଲେଣି। ପନିପରିବା ବଜାରୀକରଣ କରିବା ସହ ଆଳୁ ସଂରକ୍ଷଣ ପାଇଁ ସୁବିଧା କରାଯାଇ ପାରିଲେ ଲୋକମାନେ ବାହାର ରାଜ୍ୟକୁ ଆଉ ଯିବେ ନାହିଁ ବୋଲି ସେ କହିଛନ୍ତି। କୋରାପୁଟ ଜିଲ୍ଲାକୁ ୧୫୨୦ ନଳକୂପ ନିର୍ମାଣ କରିବାକୁ ଅନୁମୋଦନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।କୋରାପୁଟ ସହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲର ଅଡିଟୋରିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା,କୋରାପୁଟ ଜିଲ୍ଲାପାଳ ଭି କୀର୍ତି ୱାସନ, ଆଇଏଏସ ପ୍ରୋବେସାନେରୀ ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ। ସୁନାବେଡା ଗ୍ରାମୀଣ ବିକାଶ ମୁଖ୍ୟ ନିର୍ମାଣ ଇଞ୍ଜିନିୟର ପ୍ରଭାକର ବେହେରା, କୋରାପୁଟ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ପରିମଳ ଅଧିକ୍ଷଣ ଯନ୍ତ୍ରୀ ଜଗନ୍ନାଥ ଚୌଧୁରୀ, କୋରାପୁଟ ଗ୍ରାମୀଣ ବିକାଶ ନିର୍ବାହୀ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କୋରାପୁଟ ବିଡିଓ ଦେବାଶିଷ ଗୌଡ଼, କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜିଲ୍ଲା ପରିଷଦ କାର୍ଯ୍ୟାଳୟର ହିମାଂଶୁ ଶତପଥି, ଗୌରୀ ଶଙ୍କର ସାହୁ, ମିଶନ ଶକ୍ତି ଜିଲ୍ଲା ସଭାନେତ୍ରୀ ଜ୍ୟୋତିରେଖା ଚେଟ୍ଟି ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ । ଏଥି ପୂର୍ବରୁ ବହୁ ପ୍ରତିକ୍ଷୀତ ସୁକୁ ନିର୍ମାଣଧିନ ବ୍ରିଜ ଘଟଣାସ୍ଥଳକୁ ମନ୍ତ୍ରୀ ଶ୍ରୀ ନାୟକ ଯାଇ ଆଲୋଚନା କରି ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋରାପୁଟ ବ୍ଲକ ବାସିନ୍ଦାଙ୍କ ପାଇଁ ନିର୍ମାଣଧିନ ମେଗା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ ।କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ ବିଧାୟକ ରୁପୁ ଭତ୍ରା, ଜିଲ୍ଲାପାଳ ଭି. କୀର୍ତିୱାସନ, ଗ୍ରାମୀଣ ବିକାଶ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାକର ବେହେରା, ନିର୍ବାହୀ ଯନ୍ତ୍ରୀ ଶ୍ରୀକୃଷ୍ଣ ଶବର ପ୍ରମୁଖ ଉପସ୍ଥିତ ଥିଲେ । ଏହାପରେ ଅପରାହ୍ନରେ ପଦ୍ମପୁର ପଂଚାୟତ କାର୍ଯ୍ୟାଳୟ ପରିଦର୍ଶନ କରି ଲୋକମାନଙ୍କ ସହ ସେ ଆଲୋଚନା କରିଥିଲେ । ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଉଁଶଗୁଡା କଫି ନର୍ସରୀ, ସେମିଳିଗୁଡା ବ୍ଲକ ଅନ୍ତର୍ଗତ ମିଲେଟ ପ୍ରକ୍ରିୟାକରଣ ୟୁନିଟ ଏବଂ ସେମିଳିଗୁଡା ସ୍ଥିତ ଅଦା ପ୍ରକ୍ରିୟାକରଣ ୟୁନିଟ ପରିଦର୍ଶନ କରି ସେ ମହିଳା ଗୋଷ୍ଠୀ ସଦସ୍ୟା ମାନଙ୍କ ସହ ଆଲୋଚନା କରିଥିଲେ । ମନ୍ତ୍ରୀଙ୍କ କ୍ଷେତ୍ର ପରିଦର୍ଶନ ବେଳେ କୋରାପୁଟ ଜିଲ୍ଲାପାଳ ଭି କୀର୍ତିୱାସନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ଯେଉଁ ପ୍ରସ୍ତାବ କାର୍ଯ୍ୟକାରୀ ବୋଲି ସାବ୍ୟସ୍ତ ହେଉଛି, ଅଥଚ ସରକାର କରୁ ନାହାଁ, ତେବେ ସେ ସରକାର ଅପ୍ରିୟ ହୋଇ ଚାଲିଗଲେ ଆଉ ଯେ ସରକାର ଆସିବ ସେ ଉକ୍ତ ପ୍ରସ୍ତାବ ଅନୁସାରେ କାମ କରିବ । ଏହାକୁ ହିଁ କୁହାଯାଏ ଗଠନମୂଳକ ମନୋବୃତ୍ତି ବା ସମାଲୋଚନା ।

(ଗାଁ ମଜଲିସ୍, ୧ମ ଖଣ୍ଡ, ପୃଷ୍ଠା-୧୧୬)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୨୩।୭।୨୦୨୫ ■ ବୁଧବାର

# ଆତଙ୍କକୁ ବିରୋଧ

ଆମେରିକା ଶେଷରେ ସେ ସତ୍ୟକୁ ସ୍ୱୀକାର କରିନେଲା, ଯାହା ଭାରତ ପ୍ରଥମରୁ ହିଁ ଦୁନିଆ ଆଗରେ ଉପସ୍ଥାପନ କରିଆସୁଥିଲା । ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈୟବାର ମୁଖା 'ଦ ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆରଏଫ୍)କୁ ଆମେରିକା ବିଶ୍ୱସ୍ତରରେ ଏକ ଆତଙ୍କବାଦୀ ସଂଗଠନ ବୋଲି ଘୋଷଣା କରିଛି । ଏହା ହେଉଛି ସେଇ ଆତଙ୍କବାଦୀ ସଂଗଠନ, ଯାହାକି ପହଲଗାମରେ ନିର୍ଦ୍ଦୋଷ ଲୋକଙ୍କ ରକ୍ତ ବୁହାଇଥିଲା । ଆମେରିକାର ଏ ପଦକ୍ଷେପ ଭାରତ ଲାଗି ଏକ କୂଟନୈତିକ ବିଜୟ ଭାବେ ଦେଖାଯାଉଛି । ଏହା ମଧ୍ୟ ସୂଚାଇ ଦେଉଛି ଯେ ଆତଙ୍କବାଦ ବିରୋଧରେ ଭାରତ ଚଳାଇଥିବା ପ୍ରୟାସ ସଫଳ ହେଉଛି । ଏ ନିଷ୍ପତ୍ତି କେବଳ ଟିଆରଏଫ୍‌ର ଆତଙ୍କବାଦୀ ଚେହେରା ଉପରୁ ପରଦା ହଟାଇଛି ତା' ନୁହେଁ, ବରଂ ପାକିସ୍ତାନର ଜଘନ୍ୟ ଷଡ଼ଯନ୍ତ୍ରକୁ ମଧ୍ୟ ଲୋକଲୋଚନକୁ ଆଣିଛି, ଯିଏକି ଖୋଦ୍ ନିଜକୁ ଆତଙ୍କବାଦ ଦ୍ୱାରା ପୀଡ଼ିତ ବୋଲି କହିବୁଲୁଛି । ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏହାକୁ ଭାରତ-ଆମେରିକା ମଧ୍ୟରେ ଭଜବୁତ ଆତଙ୍କବାଦ-ନିରୋଧୀ ସହଯୋଗର ପ୍ରମାଣ ବୋଲି କହିଛନ୍ତି ଓ ଆତଙ୍କବାଦ ବିରୋଧରେ ଚାଲିଥିବା ଲଢ଼େଇରେ ବିଶ୍ୱସ୍ତରର ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି ।

ଜାମ୍ମୁ-କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପଛରେ ଟିଆରଏଫ୍ ନିଜେ ଅଛି ବୋଲି ଘୋଷଣା କରିଥିଲା, କିନ୍ତୁ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢ଼ିବାରୁ ତାହା ନିଜର ବୟାନକୁ ପ୍ରତ୍ୟାହାର କରିନେଇଥିଲା । ଏହା କୌଣସି ନୂଆ ଆତଙ୍କବାଦୀ ସଂଗଠନ ନୁହେଁ, ବରଂ ଲସ୍କର-ଏ-ତୈୟବା ଓ ତାହାର ମୁଖ୍ୟ ହାଫିଜ ସଇଦର ପୁରୁଣା ଷଡ଼ଯନ୍ତ୍ରର ନୂଆ ଚେହେରା । ପାକିସ୍ତାନ ତାହାକୁ ଏଭଳି ଭାବେ ଉପସ୍ଥାପନ କଲା ଯେପରିକି ତାହା କାଶ୍ମୀରର ଏକ ସ୍ଥାନୀୟ ସଂଗଠନ, ଯାହାଫଳରେ ଦୁନିଆ ଆଗରେ ତାହା ନିଜକୁ ପାକ୍‌ସାଫ ବୋଲି ପ୍ରତିପାଦିତ କରିପାରିବ । ପାକିସ୍ତାନ ମାଟିରୁ କେତେକ ବଡ଼ ଆତଙ୍କବାଦୀ ସଂଗଠନ ସଂଚାଳିତ ହୋଇଆସୁଛି । ତନ୍ମଧ୍ୟରୁ ଲସ୍କର-ଏ-ତୈୟବା, ଜୈଶ-ଏ-ମହମ୍ମଦ ଓ ହିଜିବୁଲ ମୁଜାହିଦ୍ଦିନ ହେଉଛନ୍ତି ପ୍ରମୁଖ । ଆନ୍ତର୍ଜାତିକ ମଞ୍ଚରେ ମଧ୍ୟ ଅନେକଥର ଏମାନଙ୍କୁ ନେଇ ପ୍ରଶ୍ନ ଉଠାଯାଇଛି । ଫଳରେ ପାକିସ୍ତାନ ତାହାର ରଣନୀତି ବଦଳାଇ ଆତଙ୍କବାଦୀ ସଂଗଠନମାନଙ୍କର ନାମ ପରିବର୍ତ୍ତନ କରିଦେଇଛି । ଟିଆରଏଫ୍ ହେଉଛି ସେଭଳି ନାମ ପରିବର୍ତ୍ତନର ଏକ ଉଦାହରଣ ।

ତେବେ ଆମେରିକା ପକ୍ଷରୁ ଟିଆରଏଫ୍‌କୁ ବିଶ୍ୱରେ ଏକ ଆତଙ୍କବାଦୀ ସଂଗଠନ ଘୋଷଣା କରିବା ପ୍ରମାଣିତ କରିଦେଇଛି ଯେ ଆତଙ୍କବାଦୀଙ୍କୁ ଅସ୍ତ୍ର ଭାବେ ବ୍ୟବହାର କରିବା ଉଦ୍ଦେଶ୍ୟ କୌଣସି ଛଦ୍ମନାମ ଆଳରେ ଲୁଚାଯାଇ ପାରିବ ନାହିଁ । ଏହାକୁ ଭାରତର କୂଟନୈତିକ ସାମର୍ଥ୍ୟ ବୋଲି କୁହାଯିବ ଯେ ତାହା କେବଳ ଟିଆରଏଫ୍‌ର ମୁଖା ଖୋଲିଦେଇ ନାହିଁ ବରଂ ଦୁନିଆକୁ ଜଣାଇ ଦେଇଛି ଯେ ଆତଙ୍କବାଦ ବିରୋଧରେ ତାହାର ମନୋଭାବ କେତେ ଦୃଢ଼ । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ କୂଟନୈତିକ ସ୍ତରରେ ବିଭିନ୍ନ ଦେଶକୁ ଆତଙ୍କ ବିରୁଦ୍ଧରେ ଏକଜୁଟ କରିବା ପାଇଁ ପ୍ରୟାସ ଚଳାଇଛି । ଏ ସ୍ଥିତିରେ ଆମେରିକା ଉପରେ ଚାପ ମଧ୍ୟ ଥିଲା ଯେ ତାହା ଆତଙ୍କବାଦକୁ ନେଇ ଦୋହରା ମାପଦଣ୍ଡ ଗ୍ରହଣ ନ କରୁ । ଦୋହରା ମାପଦଣ୍ଡ କଥା ଉଠୁଥିଲା କାରଣ ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇରେ ଆମେରିକା ଛିଡ଼ା ହୋଇଛି ବୋଲି କହୁଥିଲେ ମଧ୍ୟ ପାକିସ୍ତାନକୁ ଆଇଏମଏଫ୍ ଓ ବିଶ୍ୱବ୍ୟାଙ୍କରୁ ବିପୁଳ ଧନ କରଜ ଭାବେ ଦେଉଥିଲା । ପ୍ରଶ୍ନ ଥିଲା କାହିଁକି ଏପରି ଦୋହରା ମାପଦଣ୍ଡ ଆମେରିକା ଆପଣାଉଛି ? ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ଭାରତର ଆଭିମୁଖ୍ୟକୁ ସବୁ ଦେଶ ଗ୍ରହଣ କରି ଏକଜୁଟ ହୋଇ ଲଢ଼ିବାର ଆବଶ୍ୟକତା ଅଛି । ❑❑

# ସନ୍ଥ ରାଘବ ଦାସ

ଜଗନ୍ନାଥ ସଂସ୍କୃତି ବିନା ଓଡ଼ିଆ ଜାତିର ଅସ୍ତିତ୍ୱ ନାହିଁ । ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ ବଡ଼ଦେଉଳର ରତ୍ନସିଂହାସନରେ ବସି ଦୁଃଖୀରଙ୍କଙ୍କ ଡାକ ଶୁଣନ୍ତି । ଯାହାର ଯାହା ହାରି ଗୁହାରୀ ଓ ଭଲମନ୍ଦ ବୁଝନ୍ତି । ଭକ୍ତର ଅଭିଷ୍ଟ ମନୋବାଞ୍ଛା ପୂରଣ କରନ୍ତି । ସେଥିପାଇଁ ଭକ୍ତଟିଏ ଧାଇଁ ଯାଏ ଶ୍ରୀଜଗନ୍ନାଥଙ୍କୁ ଗୁହାରୀ ଜଣାଇବା ପାଇଁ । ହେଲେ ବର୍ଷକୁ ଥରେ ବଡ଼ ଠାକୁର ରଥଯାତ୍ରା ସମୟରେ ଧାଇଁ ଆସନ୍ତି ଭକ୍ତଙ୍କ ଦୁଃଖ ଶୁଣିବା ପାଇଁ । ଭକ୍ତଙ୍କୁ ଦର୍ଶନ ଦେବା ପାଇଁ । ଭକ୍ତ ସହିତ ଏକାକାର ହୋଇଯିବା ପାଇଁ । ମୁଣ୍ଡରେ ଟାହିଆ ବାନ୍ଧି ଝୁଲି ଝୁଲି ଆସି ଶ୍ରୀଜୀଉ ମାନେ ରଥାରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ବହୁଦିନ ତଳେ ଶ୍ରୀକ୍ଷେତ୍ରରେ ଦାରୁଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଦେଖିବା ପାଇଁ ତାଙ୍କର ପରମ ଭକ୍ତ ସନ୍ନ୍ୟାସୀ ରାଘବ ଦାସ ଥରେ ପୁରୀ ଆସିଲେ । ବହୁବାଟ ଚାଲି ଚାଲି ରାଘବ ଦାସ ଆସି ଶରଧାବାଲିରେ ପହଞ୍ଚିଲେ । ଚାଲି ଚାଲି ଗୋଡ଼ ଫୁଲି ଯାଇଥାଏ । ମନରେ ଥାଏ କିଭଳି ପ୍ରଭୁ ଚକାଡୋଳାଙ୍କୁ ଦର୍ଶନ କରିବି । ମୁଣ୍ଡ ଉପରେ ପ୍ରଚଣ୍ଡ ଖରା ପଡୁଥାଏ । ସନ୍ନ୍ୟାସୀ ରାଘବ ଦାସ ଅସୁସ୍ଥ ହୋଇ ପଡ଼ିଲେ । ସେ ଭାବିଲେ ମୁଁ ଆଉ ଜଗନ୍ନାଥଙ୍କୁ ଦର୍ଶନ କରିପାରିବିନାହିଁ । ସେଇଠି ବସି ଜଗନ୍ନାଥଙ୍କ ସ୍ତୁତି ଗାନ କଲେ ।ପ୍ରଭୁ ଗଜପତିଙ୍କୁ ସ୍ୱପ୍ନରେ କହିଲେ, ମୋର ପ୍ରିୟ ଭକ୍ତ ରାଘବ ଦାସ ଅଧାବାଟରେ ଶରଧାବାଲିରେ ରହିଛନ୍ତି । ତାଙ୍କୁ ମୋ ଦର୍ଶନ ପାଇଁ ଆଣ ଓ ସେଠାରେ ତାଙ୍କର ରହିବାର ବ୍ୟବସ୍ଥା କର । ସକାଳୁ ସକାଳୁ ରାଜା ଯାଇ ଦେଖିଲେ ରାଘବ ଦାସ ବାଲିରେ ବସି ଜଗନ୍ନାଥଙ୍କୁ ଆକୁଳ ନିବେଦନ କରୁଛନ୍ତି । ପରେ ରାଜା ତାଙ୍କୁ ଆଣି ଜଗନ୍ନାଥଙ୍କ ଦର୍ଶନ କରାଇଲେ । ଯେଉଁଠାରେ ସେ ଧ୍ୟାନରେ ବସିଥିଲେ, ସେଠାରେ ତାଙ୍କ ପାଇଁ ଏକ ଘର ତିଆରି କରିଦେଲେ । ସେହିଦିନୁ ସେଠାରେ ରାଘବ ଦାସ ମଠ ରହିଛି । ରାଘବ ଦାସ ଜଗନ୍ନାଥଙ୍କ ଦର୍ଶନ ପାଇଁ ନିଜକୁ କୃତାର୍ଥ ମନେକଲେ । ରାଘବ ଦାସଙ୍କ ମଠ ତିଆରି ହେଲା । ପ୍ରତିଦିନ ସେ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଗଲେ । ରଥଯାତ୍ରା ସମୟ ଆସିଲା, ରାଘବ ଦାସ ଜଗନ୍ନାଥଙ୍କୁ ଚାହିଁ ଅଶ୍ରୁପୂର୍ଣ୍ଣ ନୟନରେ ନିବେଦନ କଲେ ପ୍ରଭୁ ମୋତେ ଆପଣ ବାସ ଦେଲେ । ମୁଁ ଆପଣଙ୍କ ପାଇଁ ମୁକୁଟ ଦେବି । ତାଙ୍କ ମନୋବାଞ୍ଛା ପୂର୍ଣ୍ଣ ହେଲା ଓ ପ୍ରଭୁଙ୍କ ନିର୍ଦ୍ଦେଶ ଅନୁସାରେ ସେ ଟାହିଆ ପ୍ରସ୍ତୁତ କଲେ । ଟାହିଆରେ ସୋଲ, ଜମ୍ଭୁରା, ତୁଳସୀ, ଦୟଣା, ଫୁଲ ଆଦି ବ୍ୟବହାର କଲେ । ଜଗନ୍ନାଥ ବାହାରକୁ ଆସିଲେ ସେହି ଟାହିଆ ବାନ୍ଧି ଝୁଲି ଝୁଲି ଆସନ୍ତି । ସେହିଦିନ ଠାରୁ ଶ୍ରୀଜିଉମାନଙ୍କ ପାଇଁ ବର୍ଷକୁ ୧୮ଟି ଟାହିଆ ରାଘବ ଦାସ ମଠ ତରଫରୁ ଯୋଗାଯାଉଛି । ସେହି ଟାହିଆରୁ ଖଣ୍ଡେ ଭକ୍ତିରେ ଆଣି ସାଇତି ରଖେ ଭକ୍ତ । ବିଶ୍ୱାସ ଅଛି ଟାହିଆ ଘରେ ସାଇତି ରଖିଲେ ସନ୍ତାନ ସନ୍ତତିଙ୍କୁ ଦୁଃଖ ପଡ଼େ ନାହିଁ । ଯେତେବଡ଼ ଦୁଃଖ ଆସିଲେ ମଧ୍ୟ ଦୂର ହୋଇଥାଏ ।

ବିପିନ ବିହାରୀ ରାଉତ
ଶ୍ରୀବିହାର କଲୋନୀ, କଟକ

# ଅଟାରେ ଲୁଣ ନା ଲୁଣରେ ଅଟା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ସେତୁ ନିର୍ମାଣ ଯେକୌଣସି ଦେଶ ଭିତ୍ତିଭୂମିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ସେତୁଗୁଡ଼ିକ କେବଳ ଭୌଗୋଳିକ ଦୂରତା ନୁହେଁ ବରଂ ସାମାଜିକ ଏବଂ ଆର୍ଥିକ ସମ୍ପର୍କକୁ ସଂଯୋଗ କରିବାର ମାଧ୍ୟମ । ଯେତେବେଳେ ଏଗୁଡ଼ିକ ହଠାତ୍ ଭାଙ୍ଗି ଅନେକ ମୃତ୍ୟୁବରଣ କରନ୍ତି ସେତେବେଳେ ପ୍ରଶ୍ନ ଉଠେ ଏହା କି ପ୍ରକାର ବିକାଶ ? ଗତ କିଛି ବର୍ଷ ମଧ୍ୟରେ ବାରମ୍ବାର ପୋଲ ଭୁଶୁଡ଼ିବା ଘଟଣା କେବଳ ସରକାରୀ ଅବହେଳାର କାହାଣୀ ବଖାଣେ ନାହିଁ ବରଂ ଏକ ଦୁର୍ନୀତିଗ୍ରସ୍ତ, ଦାୟିତ୍ୱହୀନ ଏବଂ ଅସମ୍ବେଦନଶୀଳ ବ୍ୟବସ୍ଥାର ଚିତ୍ର ମଧ୍ୟ ଉପସ୍ଥାପନ କରେ । ସଦ୍ୟତମ ଘଟଣା ହେଉଛି ଗୁଜରାଟର ଭଦୋଦରା ଜିଲ୍ଲାରୁ ଯେଉଁଠାରେ ମହିସାଗର ନଦୀ ଉପରେ ନିର୍ମିତ ପୋଲଟି ଗାଡ଼ିଗୁଡ଼ିକ ଅତିକ୍ରମ କରୁଥିବା ସମୟରେ ହଠାତ୍ ଭୁଶୁଡ଼ି ପଡ଼ିଥିଲା । ପୋଲର ଭଙ୍ଗା ଅଂଶ ସହିତ ଦୁଇଟି ଟ୍ରକ, ଦୁଇଟି କାର ଏବଂ ଏକ ଅଟୋ ନଦୀରେ ଖସି ପଡ଼ିଥିଲା । ଏହି ଦୁର୍ଘଟଣାରେ ୧୮ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଅନେକ ଆହତ ହୋଇଥିଲେ । ଏହି ଘଟଣା କୌଣସି ବ୍ୟତିକ୍ରମ ନୁହେଁ ବରଂ ଭାରତର ଅଗଣିତ ପୋଲ ଦୁର୍ଘଟଣାର ଆଉ ଏକ ନମୁନା ଯାହା ପ୍ରଶାସନିକ ବିଫଳତା, ଦୁର୍ନୀତି କିମ୍ବା ଅବହେଳାର ଉଦାହରଣ । ଆଶ୍ଚର୍ଯ୍ୟଜନକ କଥା ହେଉଛି ଭଦୋଦରାରେ ଭୁଶୁଡ଼ି ପଡ଼ିଥିବା ପୋଲଟି ଶହେ ବର୍ଷ ପୁରୁଣା ନଥିଲା । ଏହା ମାତ୍ର ୪୩ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା । ଯଦି ଏତେ କମ୍ ସମୟ ମଧ୍ୟରେ ସେତୁଟି ସମ୍ପୂର୍ଣ୍ଣ ଦୁର୍ବଳ ହୋଇଯାଏ ତେବେ ଏହା ଏକ ବୈଷୟିକ ବିଫଳତା ନିଶ୍ଚୟ । ଏହି ପ୍ରଶ୍ନ ପଚରାଯିବା ଉଚିତ୍ ଯେ ଆମେ ପ୍ରଯୁକ୍ତିବିଦ୍ୟା ଯୁଗରେ ବାସ କରିବା ସତ୍ତ୍ୱେ ବ୍ରିଟିଶମାନଙ୍କ ଦ୍ୱାରା ନିର୍ମିତ ସେତୁ ତୁଳନାରେ ବର୍ତ୍ତମାନ ସେତୁଗୁଡ଼ିକ ଏତେ ଶୀଘ୍ର କାହିଁକି ଭୁଶୁଡ଼ି ପଡୁଛି ? ୧୮୭୫ ମସିହାରେ ବ୍ରିଟିଶମାନଙ୍କ ଦ୍ୱାରା ନିର୍ମିତ କାନପୁର-ଉନ୍ନାଓ ମଧ୍ୟରେ ଗଙ୍ଗା ଉପରେ ନିର୍ମିତ ସେତୁ ୧୯୮୮ ପର୍ଯ୍ୟନ୍ତ ସେବାରେ ଥିଲା । କାସଗଞ୍ଜର ନାଦରାଇ ସେତୁ ଶହେ ବର୍ଷ ଏବଂ ପ୍ରୟାଗରାଜର କରଜନ ସେତୁ ୯୦ ବର୍ଷରୁ ଅଧିକ ସମୟ ଧରି ଚାଲିଥିଲା କିନ୍ତୁ ଆଜି ନିର୍ମିତ ସେତୁଗୁଡ଼ିକ ମାତ୍ର କୋଡ଼ିଏ-ତିରିଶ ବର୍ଷ ମଧ୍ୟରେ ଦୁର୍ବଳ ହୋଇପଡୁଛି ।

ଦେଶରେ ସେତୁ ଭୁଶୁଡ଼ିବାର ଦୁଃଖଦ ଘଟଣା କେବଳ ଗୁଜରାଟ ପର୍ଯ୍ୟନ୍ତ ସୀମିତ ନୁହେଁ । ପ୍ରତିବର୍ଷ ବିହାର, ମହାରାଷ୍ଟ୍ର, ଉତ୍ତର ପ୍ରଦେଶ, ପଶ୍ଚିମବଙ୍ଗ, ଆସାମ, ଝାଡ଼ଖଣ୍ଡ, ଓଡ଼ିଶା ଆଦି ଅନେକ ରାଜ୍ୟରେ ପୋଲ ଭୁଶୁଡ଼ିବା ଘଟଣା ସାମ୍ନାକୁ ଆସେ । ବିହାରରେ ପରିସ୍ଥିତି ସବୁଠାରୁ ଖରାପ । ସାମ୍ପ୍ରତିକ ବର୍ଷଗୁଡ଼ିକରେ ନିର୍ମାଣ ସମୟରେ କିମ୍ବା ଉଦଘାଟନ ପୂର୍ବରୁ ସେଠାରେ ଡଜନ ଡଜନ ସେତୁ ଭୁଶୁଡ଼ି ପଡ଼ିଛି । ପାଟନା ଏବଂ ହାଜିପୁର ମଧ୍ୟରେ ଗଙ୍ଗା ନଦୀ ଉପରେ ନିର୍ମିତ ଐତିହାସିକ ଗାନ୍ଧୀ ସେତୁର ଅବସ୍ଥା ଏହାର ଜ୍ୱଳନ୍ତ ଉଦାହରଣ । ଏହାର ପ୍ରଥମ ଲେନ୍ ୧୯୮୨ ମସିହାରେ ଏବଂ ଦ୍ୱିତୀୟ ଲେନ୍ ୧୯୮୭ ମସିହାରେ ଖୋଲାଯାଇଥିଲା କିନ୍ତୁ ୧୯୯୧ ସୁଦ୍ଧା ଏହାକୁ ମରାମତିର ଆବଶ୍ୟକତା ପଡ଼ିଲା । ୨୦୦୦ ସୁଦ୍ଧା ସେତୁଟି ଜୀର୍ଣ୍ଣ ହୋଇଯାଇଥିଲା ଏବଂ ଏହାକୁ ସଜାଡ଼ିବା ପାଇଁ ୨୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା । ସ୍ଥାନୀୟ ଲୋକମାନେ କୁହନ୍ତି ଯେ ଅଟାରେ ଲୁଣ ନୁହେଁ ବରଂ ଲୁଣ ସହିତ ଅଟା ମିଶାଯାଇଥିଲା' ଅର୍ଥାତ୍ ଦୁର୍ନୀତି ଏତେ ବ୍ୟାପକ ଥିଲା ଯେ ନିର୍ମାଣରେ ଗୁଣବତ୍ତା ଅଣଦେଖା କରାଯାଇଥିଲା । ପୋଲ ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଦାୟିତ୍ୱ ସରକାରୀ ବିଭାଗଗୁଡ଼ିକର । ଏହି ପ୍ରଶ୍ନ ପଚାରିବା ଉଚିତ୍ ଯେତେବେଳେ ଏପରି ଦୁର୍ଘଟଣା ଘଟେ ତଦନ୍ତ ରିପୋର୍ଟ କାହିଁକି ସାର୍ବଜନୀନ କରାଯାଏ ନାହିଁ ? ଦୋଷୀ ବିରୁଦ୍ଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଏ ନାହିଁ ? କେବେ କୁହାଯାଇଛି କି ଯେକୌଣସି ସେତୁର ଏତେ ଖରାପ ଅବସ୍ଥା ପାଇଁ କେଉଁ ଇଞ୍ଜିନିୟର, ଠିକାଦାର ଏବଂ ଅଧିକାରୀ ଦାୟୀ ଥିଲେ ? ଏବଂ ସେମାନଙ୍କ ମଧ୍ୟରୁ କାହାକୁ ଦଣ୍ଡ ଦିଆଯାଇଥିଲା ? ଏହି କାରଣରୁ ଅବହେଳା ଏବଂ ଦୁର୍ନୀତିର ଏହି ଚକ୍ର ବିନା କୌଣସି ଯାଞ୍ଚରେ ଜାରି ରହିଛି । କିଛି ମାସ ପୂର୍ବରୁ ମହାରାଷ୍ଟ୍ରର ପୁଣେ ଜିଲ୍ଲାରେ ଇନ୍ଦ୍ରାୟଣୀ ନଦୀ ଉପରେ ନିର୍ମିତ ଏକ ସେତୁ ମଧ୍ୟ ଭୁଶୁଡ଼ି ପଡ଼ିଥିଲା । ସେହି ସେତୁ ପୂର୍ବରୁ ଜୀର୍ଣ୍ଣ ହୋଇଯାଇଥିଲା ଏବଂ ପ୍ରଶାସନ ଏହାକୁ ବନ୍ଦ କରିଥିଲା । ଏହା ଏବେ ଭାରତରେ ଏକ ଗମ୍ଭୀର ଜାତୀୟ ସମସ୍ୟା ପାଲଟିଛି । ମୋର୍ବି ସେତୁ ଦୁର୍ଘଟଣାକୁ କେହି ଭୁଲିପାରିବେ ନାହିଁ । ଅକ୍ଟୋବର ୨୦୨୨ ରେ ଏକ ଝୁଲା ପୋଲ ଭୁଶୁଡ଼ି ପଡ଼ିବା ଯୋଗୁଁ ୧୩୫ ଜଣ ପ୍ରାଣ ହରାଇଥିଲେ । ସେହି ସମୟରେ କୁହାଯାଇଥିଲା ଯେ ସମସ୍ତ ସେତୁ ଯାଞ୍ଚ କରାଯିବ । ଦୁର୍ବଳ ସେତୁ ମରାମତି କରାଯିବ । ସୁରକ୍ଷା ମାନଦଣ୍ଡ କଡ଼ାକଡ଼ି କାର୍ଯ୍ୟକାରୀ କରାଯିବ । କିନ୍ତୁ ଏହା କ'ଣ ପ୍ରକୃତରେ କରାଯାଇଛି ? ବାସ୍ତବରେ ସମସ୍ୟା କେବଳ ବୈଷୟିକ ନୁହେଁ ଏହା ବ୍ୟବସ୍ଥାଗତ । ଯେତେବେଳେ ଏକ ସେତୁପାଇଁ ଶିଳାନ୍ୟାସ ହୁଏ ସେତେବେଳେ ଦୁର୍ନୀତିର ମୂଳଦୁଆ ସ୍ଥାପିତ ହୁଏ । ଟେଣ୍ଡର ପ୍ରକ୍ରିୟାରେ ଜାଲିଆତି, ଶସ୍ତା ଏବଂ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଏ । ଯାଞ୍ଚ କେବଳ ଔପଚାରିକତା ପାଇଁ କରାଯାଏ । ଯଦି କୌଣସି ଅଧିକାରୀ ସଚ୍ଚୋଟ ଭାବରେ କାମ କରିବାକୁ ଚାହାଁନ୍ତି ତେବେ ତାଙ୍କୁ ବାହାର କରିଦିଆଯାଏ । ପ୍ରତ୍ୟେକ ଦୁର୍ଘଟଣା ପରେ କିଛି ଦିନ ପାଇଁ ଶୋକ କରିବା, କିଛି ଦିନ ପାଇଁ ଅସନ୍ତୋଷ ପ୍ରକାଶ କରିବା ଏବଂ ପରେ ଭୁଲିଯିବା ପ୍ରବୃତ୍ତି ସାଧାରଣ ହୋଇଗଲାଣି । ସରକାର ତଦନ୍ତ ଘୋଷଣା କରନ୍ତି, କ୍ଷତିପୂରଣ ଘୋଷଣା କରନ୍ତି, କିନ୍ତୁ କୌଣସି ଦୋଷୀଙ୍କୁ ଦଣ୍ଡ ଦିଆଯାଏ ନାହିଁ କିମ୍ବା କୌଣସି ସ୍ଥାୟୀ ସମାଧାନ ମିଳିନଥାଏ । ଫଳସ୍ୱରୂପ ପ୍ରତ୍ୟେକ ବ୍ୟବଧାନରେ ଏକ ନୂତନ ପୋଲ ଭୁଶୁଡ଼ି ପଡ଼େ । ଆହୁରି କିଛି ଜୀବନ ଯାଏ । ଦେଶର ନିର୍ମାଣ ଏବଂ ଭିତ୍ତିଭୂମିର ଆସ୍ଥାକୁ ରକ୍ଷା କରିବା ପାଇଁ ନିର୍ମାଣ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଆବଶ୍ୟକ । ନିର୍ମାଣ କାର୍ଯ୍ୟର ତୃତୀୟ ପକ୍ଷ ତଦାରଖ ହେବା ଉଚିତ । ଖରାପ ଅବସ୍ଥାରେ ଥିବା ସେତୁଗୁଡ଼ିକୁ ତୁରନ୍ତ ବନ୍ଦ କରି ବିକଳ୍ପ ରାସ୍ତା କରାଯିବା ଉଚିତ ।

ଏହା ମଧ୍ୟ ଆବଶ୍ୟକ ଯେ ସେତୁ ଭାଙ୍ଗିବା କିମ୍ବା ପଡ଼ିବା ଦୁର୍ଘଟଣାରେ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ସେ ଜଣେ ଅଧିକାରୀ, ଠିକାଦାର କିମ୍ବା ଜନପ୍ରତିନିଧି ଯେ କେହିବି ହୁଅନ୍ତୁ । ଯଦି ଆଇନଗତ ପ୍ରକ୍ରିୟା ଦୁର୍ବଳ ହୁଏ ତେବେ ଦୁର୍ନୀତିକୁ ପ୍ରୋତ୍ସାହିତ କରାଯିବ ଏବଂ ଦେଶର ଲୋକମାନେ ଏହିପରି ପୋଲ ତଳେ ପୋତି ହୋଇ ରହିବେ ।ପ୍ରତ୍ୟେକ ଥର ସମାନ କାହାଣୀ ପୁନରାବୃତ୍ତି ହେବ । କ୍ଷତିପୂରଣ, ତଦନ୍ତ କମିଟି, ରିପୋର୍ଟ ଏବଂ ତା'ପରେ ନୀରବତା । ଏହା ଅତ୍ୟନ୍ତ ଲଜ୍ଜାଜନକ ଯେ ଯେଉଁ ଦେଶରେ ଗୋଟିଏ ଦିନରେ କୋଟି କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଏ ସେଠାରେ ଲୋକଙ୍କ ଜୀବନ ନେଉଥିବା ପୋଲ ଦୁର୍ଘଟଣାର ତଦନ୍ତ ରିପୋର୍ଟ ବର୍ଷ ବର୍ଷ ଧରି ଚାପି ରଖାଯାଏ । ଯଦି ଏହି ମନୋଭାବ ପରିବର୍ତ୍ତନ ନହୁଏ ତେବେ ଏହିପରି ପୋଲଗୁଡ଼ିକ ଭୁଶୁଡ଼ି ଥିବେ ଏବଂ ଆମେ ଲୁହ ଗଡ଼ାଇ ଚାଲିଥିବା ।

ନୟାଗଡ଼
ମୋ:୯୪୩୭୬୪୨୯୪୭

# ଅସହାୟ ଜାତିସଂଘ

ସୌଭାଗ୍ୟ ରଂଜନ ମହାନ୍ତି

ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ବିଶ୍ୱରେ ଶାନ୍ତି, ସ୍ଥିରତା, ନିରସ୍ତ୍ରୀକରଣ, ସହଯୋଗିତା ଏବଂ ସହାବସ୍ଥାନର ଲକ୍ଷ୍ୟ ନେଇ ଜନ୍ମ ନେଇଥିବା ମିଳିତ ଜାତିସଂଘ ୮୦ବର୍ଷ ବୟସରେ ପଦାର୍ପଣ କରିଛି । ବର୍ତମାନ ସମୟରେ ଜନ୍ମ ଦିବସକୁ ମହାସମାରୋହରେ ଉତ୍ସବ ଆକାରରେ ପାଳନ କରାଯାଉଥିବା ବେଳେ ୧୯୩ ରାଷ୍ଟ୍ରକୁ ନେଇ ଗଠିତ ମିଳିତ ଜାତିସଂଘର ପ୍ରତିଷ୍ଠା ବା ଜନ୍ମ ଦିବସ ଅଲକ୍ଷିତ ଭାବେ ଅତିକ୍ରମ କରିବା ଏହାର ହତାଶ ବା ଆଶାଶୂନ୍ୟ ଭାବକୁ ପ୍ରଦର୍ଶିତ କରୁଛି ବୋଲି ନିସନ୍ଦେହରେ କୁହାଯାଇପାରିବ । ଜାତିସଂଘର ଲକ୍ଷ୍ୟ, ଉଦ୍ଦେଶ୍ୟ ସାଂପ୍ରତିକ ସମୟରେ କେବଳ ଅର୍ଥହୀନ ହୋଇପଡ଼ିନାହିଁ, ଅପବିତ୍ର ହୋଇଯାଇଛି । ଏହାର ସମ୍ବିଧାନ କେବଳ କାଗଜପତ୍ରରେ ସୀମିତ ହୋଇପଡିଥିବା ବେଳେ ଏହା ତାର ଗୁରୁତ୍ୱ, ପ୍ରଭାବ ହରାଇଛି ଛିଣ୍ଡା କାଗଜପତ୍ରରେ ସୀମିତ ହୋଇପଡିଥିବାବେଳେ ଏହା ତାର ଗୁରୁତ୍ୱ, ପ୍ରଭାବ ହରାଇଛି, ଛିଣ୍ଡା କାଗଜ ଟୁକରାରେ ପରିଣତ ହୋଇଛି ବୋଲି କହିଲେ ହୁଏତ ଅତିରଂଜିତ ହୋଇନପାରେ । କହିବା ବାହୁଲ୍ୟ ଯେ, ଆଠ ଦଶନ୍ଧି ତଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ପାଉଁଶ ସ୍ତୁପରୁ ବିଶ୍ୱରେ ଆଉ ଯୁଦ୍ଧର ପୁନରାବୃତ୍ତି ନକରାଇବା ନେଇ ଲକ୍ଷ୍ୟ ନେଇ ମିଳିତ ଜାତିସଂଘ ଜନ୍ମ ନେଇଥିଲା । କିନ୍ତୁ ଏବେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ, ଯୁଦ୍ଧ, ଆତଙ୍କବାଦୀଙ୍କ ଅନ୍ୟ ରାଷ୍ଟ୍ର ବିରୁଦ୍ଧରେ ଛାୟାଯୁଦ୍ଧ ଆଦି ଲାଗି ରହିଛି । ଚଳିତ ଦଶନ୍ଧିର ଆରମ୍ଭରୁ ବିଶ୍ୱ ବହୁ ରାଷ୍ଟ୍ର ମଧ୍ୟରେ ବର୍ଷ ବର୍ଷ ଧରି ଯୁଦ୍ଧ ଲାଗି ରହିଛି । ଯାହା ଥମିବାର ନାଁ ଧରୁନାହିଁ, କେବେ ଯୁଦ୍ଧର ଅନ୍ତଘଟିବ କହିହେବ ନାହିଁ । ଗାଜା-ଇସ୍ରାଏଲ-ୟୁକ୍ରେନ-ରୁଷ, ଇରାନ-ଇସ୍ରାଏଲ ମଧ୍ୟରୁ ଯୁଦ୍ଧ ଲାଗି ରହିଥିବା ବେଳେ ବିଶ୍ୱର କେତେକ ବୃହତ ଶକ୍ତିଶାଳୀ ରାଷ୍ଟ୍ର ବୋଲାଉଥିବା ଦେଶ ଅନ୍ୟ ରାଷ୍ଟ୍ର ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ଯୁଦ୍ଧ ବନ୍ଦ ଲାଗି ଜାତିସଂଘର ପ୍ରସ୍ତାବକୁ ଭିଟୋ' କ୍ଷମତାଧାରୀ ରାଷ୍ଟ୍ର ଉପେକ୍ଷା କରିଚାଲିଛନ୍ତି । ଯାହାର ପରିଣତି ସ୍ୱରୁପ ବିଶ୍ୱ କେବଳ ଯୁଦ୍ଧ ନୁହେଁ, ଅସ୍ଥିରତା ମଧ୍ୟକୁ ଠେଲି ହୋଇଯାଇଛି ।

ଜାତିସଂଘର ସର୍ବଶକ୍ତିମାନ ସଂସ୍ଥା ଭାବେ ପରିଚିତ ନିରାପଦ ପରିଷଦର ସ୍ଥାୟୀ ତଥା ଭିଟୋ କ୍ଷମତାଧୀରୀ ସଦସ୍ୟ ରୁଷର ୟୁକ୍ରେନ ଉପରେ ଆକ୍ରମଣ, ଗାଜାରେ ଶରଣାର୍ଥୀ ଶିବିରରେ ଭୋକିଲା ପିଲାଙ୍କ ଉପରେ ଇସ୍ରାଏଲର ବୋମାମାଡ, ସ୍କୁଲ, ହସପିଟାଲ ଉପରେ ବୋମାମାଡ, ଚୀନ'ର ବିସ୍ତାରବାଦୀ ଆଭିମୁଖ୍ୟ ସାଙ୍ଗକୁ କୁଖ୍ୟାତ ଆତଙ୍କବାଦୀଙ୍କୁ ଅଭୟଦାନ, ଏବଂ ଆମେରିକାର ଏକଚାଟିଆ କାରବାର ସହ ଜାତିସଂଘ ଏବଂ ଅନ୍ୟ କ୍ଷୁଦ୍ର ରାଷ୍ଟ୍ରମାନଙ୍କୁ ହେୟ ଜ୍ଞାନ ବିଶ୍ୱସଂସ୍ଥାକୁ ଅକାମୀ କରି ଦେଇଛି । ଅନ୍ୟାୟ କାର୍ଯ୍ୟକଳାପ ବିରୁଦ୍ଧରେ ସୁରକ୍ଷା ଓ ନ୍ୟାୟ ପାଇଁ ଯୁଦ୍ଧ ରାଷ୍ଟ୍ରଙ୍କ ଜାତିସଂଘରେ ନିରର୍ଥକ ହୋଇପଡିଛି ।

ପଂଚ ଭିଟୋ କ୍ଷମତାଧାରୀ ରାଷ୍ଟ୍ରଙ୍କର ଜାତିସଂଘର ପ୍ରସ୍ତାବ ଉପରେ ଭିଟୋ ପ୍ରୟୋଗ ଯୋଗୁଁ ପ୍ରସ୍ତାବ କେବଳ ରଦ୍ଦ ହେଉନାହିଁ, ଅନ୍ୟ ରାଷ୍ଟ୍ରର ଅଧିକାରକୁ ମଧ୍ୟ ପାଦରେ ଦଳିଦେଇ ପାରୁଛନ୍ତି । ସେହି ମିଳିତ ଜାତିସଂଘର ସଂସ୍ଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) କିମ୍ବା ଅନ୍ୟକୌଣସି ସଂସ୍ଥା ପିଡିତ ରାଷ୍ଟ୍ରମାନଙ୍କୁ ରିଲିଫ, ଔଷଧ, ଚିକିତ୍ସା, ସୁବିଧା ଯୋଗାଇଦେବାକୁ ଆଗେଇ ଆସୁଥିବା ସମୟରେ ଏହି ସଂସ୍ଥାଗୁଡିକୁ ଅନୁଦାନ ଦେଉଥିବା ରାଷ୍ଟ୍ରଗୁଡିକ ଏଥିରେ ଅସହମତ ହେବା ଯୋଗୁଁ ତାହା କାର୍ଯ୍ୟକାରୀ ହେଉ ପାରୁନାହିଁ । ପାଲେଷ୍ଟାଇନ ଓ ୟୁକ୍ରେନର ଶରଣାର୍ଥୀ ଏହାର ଜ୍ୱଳନ୍ତ ଉଦାହରଣ । ଏଥିରେ ଦ୍ୱିରୁକ୍ତି ନାହିଁ, ବିଶ୍ୱ ସଂସ୍ଥା ପଂଚ ସ୍ଥାୟୀ ସଦସ୍ୟ ଦୀର୍ଘ ୮୦ବର୍ଷ ଧରି ଅଖଣ୍ଡ କ୍ଷମତା ଉପଭୋଗ କରି ଆସୁଛନ୍ତି । ଇତି ମଧ୍ୟରେ ବିଶ୍ୱରେ ଜନସଂଖ୍ୟା ବୃଦ୍ଧି ପାଇଛି, ସଦସ୍ୟ ରାଷ୍ଟ୍ରଙ୍କ ସଂଖ୍ୟା ମଧ୍ୟ ବଢୁଛି । କିନ୍ତୁ ଜାତିସଂଘ ନିରାପତା, ପରିଷଦର ସଂପ୍ରସାରଣ ପାରୁନାହିଁ । କହିବା ବାହୁଲ୍ୟ ଯେ, ୮୦ ଦଶକରୁ ଜାତିସଂଘର ନିରାପତା ପରିଷଦର ସଂପ୍ରସାରଣ ପାଇଁ ଯୋରଦାର ଦାବି ହୋଇ ଆସୁଥିବା ବେଳେ ପଂଚ ସ୍ଥାୟୀ ଶକ୍ତି ସେଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାଁନ୍ତି । ଜାତିସଂଘ ବାହାରେ ବିଭିନ୍ନ ଫୋରମ ବା ସଂଗଠନ ମଧ୍ୟରେ ହେଉ ବା ବ୍ୟକ୍ତିଗତ ସ୍ତରରେ ହେଉ, ନିରାପତା ପରିଷଦର ସଂପ୍ରସାରଣ ଅବା ସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ବୃଦ୍ଧି ପାଇଁ ପଂଚ ଶକ୍ତି ରାଷ୍ଟ୍ର ମତ ଦେଉଥିବା ବେଳେ ଜାତିସଂଘରେ କିନ୍ତୁ ତାହା ଉପରେ ଭିଟୋ ପ୍ରୟୋଗ କରି ପ୍ରସ୍ତାବକୁ ରଦ୍ଦ କରିଦେବା ଏବେ ପରମ୍ପରାରେ ପାଲଟିଯାଇଛି ।

ଏହା ନିସନ୍ଦେହ ଯେ, ସେମାନେ ନିଜର ପ୍ରଭାବ, ପ୍ରତିପତି, କ୍ଷମତାକୁ ଭାଗ ଭାଗ କରିବାକୁ ଚାହୁଁନାହାନ୍ତି । ଏହା ସତ୍ୟ ଯେ, ବିଶ୍ୱ ଏବେ ଯେଉଁ ସବୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ତାହାର ସମାଧାନ ବିଶ୍ୱ ସଂସ୍ଥା ପାଇଁ ଯେତିକି ନୈତିକି ପୂର୍ଣ୍ଣ, ଏହା ଢାଂଚାଗତ ଲକ୍ଷ୍ୟ, ଉଦ୍ଦେଶ୍ୟକୁ ସୁଦୃଢ କରିବା ଲାଗି ସେତିକି ଗୁରୁତ୍ୱ ବହନ କରେ ।

ଏହା ସତ୍ୟ ଯେ, ଜାତିସଂଘର ସଫଳତା, ଗୌରବ, ଗୁରୁତ୍ୱ ସଦସ୍ୟ ରାଷ୍ଟ୍ରମାନଙ୍କୁ ସୁରକ୍ଷା, ନ୍ୟାୟ ପ୍ରଦାନ ନୀତି ଉପରେ ନିର୍ଭର କରେ । କିନ୍ତୁ ଗତ ଦୁଇବର୍ଷ ଧରି ମିଳିତ ଜାତିସଂଘ ଯେଉଁଠି ଗଣହତ୍ୟା ଓ ଧ୍ୱଂସର ତାଣ୍ଡବ ଦେଖି ଆସୁଛି, ସେଠାରେ ଏହାର ସ୍ଥିତିର ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଭୁବନେଶ୍ୱର
ମୋ:୭୯୭୮୬୬୬୪୦୩

# ଭାରତୀୟତାର ବିଚାର

ଡ. ସମନ୍ୱୟ ନନ୍ଦ

ଦେଶର ଶ୍ରମ କ୍ଷେତ୍ରରେ ୧୯୫୫ ମସିହା ଜୁଲାଇ ମାସ ୨୩ ତାରିଖ ଦିନ ଲୋକମାନ୍ୟ ତିଳକଙ୍କ ପୁଣ୍ୟତିଥି ଅବସରରେ ଭୋପାଳ ଠାରେ ଏକ ନୂଆ ଶ୍ରମିକ ସଂଗଠନ ଭାରତୀୟ ମଜଦୂର ସଂଗଠନ ପ୍ରତିଷ୍ଠା ହୋଇଥିଲା । ରାଷ୍ଟ୍ରଋଷି ଦତୋପନ୍ତ ଠେଙ୍ଗଡୀ ଏହି ସଂଗଠନର ମୂଳ ଦୁଆ ରଖିଥିଲେ ଓ ଏହି ସଂଗଠନ ଏବେ ୭୦ ବର୍ଷ ପୂରଣ କରୁଛି । ସେତେବେଳ ଯାଏ ଶ୍ରମ କ୍ଷେତ୍ରରେ ବାମପନ୍ଥୀ ଓ ସମାଜବାଦୀ ଶ୍ରମ ସଂଗଠନ ମାନଙ୍କର ବହୁଳ ପ୍ରଭାବ ଥିଲା । ହେଲେ ଭାରତୀୟତା ଓ ରାଷ୍ଟ୍ରବାଦର ଆଧାରରେ ତିଆରି ହୋଇଥିବା ଏହି ନୂତନ ସଂଗଠନ ତାର କାର୍ଯ୍ୟକର୍ତା ମାନଙ୍କର ତ୍ୟାଗ, ତପସ୍ୟା ବଳିଦାନ କାରଣରୁ ଖୁବ କମ ବର୍ଷ ମଧ୍ୟରେ ଦେଶର ସବୁ ଠାରୁ ବଡ ଶ୍ରମ ସଂଗଠନରେ ପରିଣତ ହୋଇ ପାରିଥିଲା । ଏହି ଲେଖାରେ ବିଏମଏସର ବୈଶିଷ୍ଟ୍ୟ ସମ୍ପର୍କରେ ଆଲୋଚନା କରିବା ।

ଭାରତୀୟ ମଜଦୂର ସଂଘର ଆଚାର ଓ ବିଚାର ଦେଶର ଅନ୍ୟ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଗୁଡିକ ଠାରୁ ଭିନ୍ନ । ଭାରତୀୟ ସଂସ୍କୃତି ହେଉଛି ବିଏମଏସର ମୂଳ ଆଧାର । ଭାରତୀୟତାର ମୂଳଦୁଆ ଉପରେ ବିଏମଏସର ବିଚାରଧାରା ଠିଆ ହୋଇଛି । ବିଭିନ୍ନ ବାମପନ୍ଥୀ ବିଚାରଧାରା ବିଶିଷ୍ଟ ଶ୍ରମିକ ସଂଗଠନ ଗୁଡିକର ବିଚାରଧାରା ବିଦେଶୀ ବିଚାର ଉପରେ ପର୍ଯ୍ୟବେକ୍ଷିତ ହୋଇଥିବା ବେଳେ ବିଏମଏସର ବିଚାରଧାରା ଏହା ଠାରୁ ସମ୍ପୂର୍ଣ୍ଣ ଭିନ୍ନ । କମ୍ୟୁନିଷ୍ଟ ବିଚାରଧାରା ହେଉ ବା ଅନ୍ୟ କୌଣସି ପାଶ୍ଚାତ୍ୟ ବିଚାରଧାରା ସମସ୍ତେ ଜୀବନକୁ ଭାଗ- ଭାଗ କରି ଅର୍ଥାତ କମ୍ପାର୍ଟମେଂଟାଲ ଭାବେ ଦେଖିଥାନ୍ତି । କିନ୍ତୁ ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ ହେଲା ଯେ ସେ ଜୀବନକୁ ଭାଗ ଭାଗ କରି ନ ଦେଖି ସମଗ୍ର ଭାବେ ଦେଖିଥାଏ । ତେଣୁ ଭାରତୀୟ ସଂସ୍କୃତିର ଦୃଷ୍ଟିକୋଣ ହେଉଛି ସମଗ୍ର । ଜୀବନର ବିବିଧତା ଓ ବହୁଳତା ତ ନିଶ୍ଚିତ ଭାବେ ରହିଛି ହେଲେ ଭାରତୀୟ ସଂସ୍କୃତି ସଦୈବ ଏହି ବିବିଧତା ମଧ୍ୟରେ ଏକତ୍ୱର ଭାବକୁ ଖୋଜିବାର ପ୍ରୟାସ କରିଥାଏ । ଜୀବନର ବିବିଧତା କେବଳେ ଆନ୍ତରିକ ଏକତାର ହିଁ ଅଭିବ୍ୟକ୍ତି ହୋଇଥାଏ । ମଂଜିର ଉଦାହରଣ ଏଠାରେ ଦିଆଯାଇ ପାରେ । ମଂଜିର ଏକତା ବିଭିନ୍ନ ରୂପରେ ପ୍ରକଟ ହୋଇଥାଏ ଯେପରିକି ଚେର, ଶାଖା, ପତ୍ର, ଫୁଲ ଓ ଫଳ ଆଦି । ବିବିଧତାରେ ଏକତା ଓ ବିଭିନ୍ନ ରୂପରେ ପ୍ରକଟ ହେଉଥିବା ଏହି ଏହି ଏକତାର ଅଭିବ୍ୟକ୍ତି ବୋଲି ଭାରତୀୟ ସଂସ୍କୃତି ସ୍ୱୀକାର କରିଥାଏ । ଏକାତ୍ମ ମାନବଦର୍ଶନର ଏହା ହେଉଛି ମୂଳ ବିଚାର । ଯଦି ଏହି ସତ୍ୟକୁ ସ୍ୱୀକାର କରି ନିଆଯାଏ ତେବେ ବିଭିନ୍ନ ଶକ୍ତି ମାନଙ୍କ ମଧ୍ୟରେ ସଂଘର୍ଷର କୌଣସି କାରଣ ଆଉ ରହି ଯିବ ନାହିଁ । ସଂଘର୍ଷ ସଂସ୍କୃତି କିମ୍ବା ପ୍ରକୃତିର ଲକ୍ଷଣ ନୁହେଁ । ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ଭାରତୀୟ ସଂସ୍କୃତିର ଅନେକ ଗୁଣ ଯେପରି କି ଶାଶ୍ୱତତା, ଗତିଶୀଳତା, ସମନ୍ୱୟଶୀଳତା ଓ ଉଦାତ୍ତତାକୁ ପ୍ରତିପାଦିତ କରିଛନ୍ତି । ଭାରତୀୟ ମଜଦୂର ସଂଘର ବିଚାରକୁ ଏହି ଭାରତୀୟ ବିଚାର ହିଁ ଦିଗ ପ୍ରଦାନ କରିଥାଏ । ଅନେକ ଲୋକ ବିଶେଷ ଭାବେ ପାଶ୍ଚାତ୍ୟ ବିଚାରରେ ଅନୁପ୍ରାଣିତ ଲୋକ ମାନେ ମନେ କରନ୍ତି ଯେ ଶ୍ରମ ସମ୍ପର୍କୀୟ ସମସ୍ୟା କେବଳ ଜନସଂଖ୍ୟାର ଗୋଟିଏ ବର୍ଗ ଅର୍ଥାତ ଶ୍ରମିକ ବର୍ଗ ସହ ଜଡିତ । ବିଏମଏସ ଏହାକୁ ସ୍ୱୀକାର କରେ ନାହିଁ । ତେଣୁ ସ୍ୱାଭବିକ ଭାବେ ତାଙ୍କର ସମସ୍ୟାର ସ୍ୱରୂପ କୌଣସି ବର୍ଗର ନୁହେଁ ବରଂ ରାଷ୍ଟ୍ରୀୟ । ସେମାନଙ୍କର ସ୍ୱାର୍ଥ ରକ୍ଷା ଓ ତାଙ୍କୁ ପ୍ରୋତ୍ସାହନ ଦେବା ସମଗ୍ର ରାଷ୍ଟ୍ରର ସ୍ୱାଭବିକ ଦାୟିତ୍ୱ । ବିଏମଏସ ଏହି ମୌଳିକ ରାଷ୍ଟ୍ରୀୟ ଦାୟିତ୍ୱକୁ ନିର୍ବାହ କରିବାକୁ ସଂକଳ୍ପ ବଦ୍ଧ ହୋଇ ଗତ ୭୦ ବର୍ଷ ଧରି କାର୍ଯ୍ୟ କରି ଆସୁଛି ।

ମାର୍କ୍ସବାଦୀ ଓ ସମାଜବାଦୀ ବିଚାରଧାରାର ଲୋକ ମାନେ ନିଜର ଶ୍ରମିକ ସଂଗଠନ ଗୁଡିକୁ ବର୍ଗ ସଂଘର୍ଷକୁ ତୀବ୍ର କରିବା ପାଇଁ ଏକ ସାଧନ ଭାବେ ବ୍ୟବହାର କରିଥାନ୍ତି ଯାହାର ଅନ୍ତିମ ଉଦ୍ଦେଶ୍ୟ ହେଉଛି ସମାଜବାଦର ପ୍ରତିଷ୍ଠା । ବିଏମଏସର ବିଚାର ଏମାନଙ୍କ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ବିଏମଏସ ରାଷ୍ଟ୍ରବାଦ ଓ ଏକାତ୍ମତାର ପକ୍ଷଧର । ତେଣୁ ବିଏମଏସ ବର୍ଗ ସଂଘର୍ଷର ସିଦ୍ଧାନ୍ତକୁ ଅସ୍ୱୀକାର କରିଥାଏ । ବର୍ଗ ସଂଘର୍ଷକୁ ଯଦି ଚରମ ସୀମା ଯାଏ ନିଆଯାଏ ତେବେ ତାହା ରାଷ୍ଟ୍ରର ବିଘଟନର କାରଣ ହୋଇ ପାରେ । ରାଷ୍ଟ୍ରର ସମସ୍ତ ନାଗରିକ ହେଉଛନ୍ତି ଗୋଟିଏ ଶରୀରର ଅଲଗା ଅଲଗା ଅଙ୍ଗ । ସେମାନଙ୍କର ସ୍ୱାର୍ଥ ପରସ୍ପରର ବିରୋଧୀ ନୁହେଁ । ବିଏମଏସ ଘୃଣା , ଶତ୍ରୁତା ଆଧାରିତ ବର୍ଗ ସଂଘର୍ଷର ବିରୋଧ କରିଥାଏ, କିନ୍ତୁ ସର୍ବଦା ଅସମାନତା, ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ସଂଘର୍ଷ କରିଥାଏ । ରାଷ୍ଟ୍ରର ସମୃଦ୍ଧି ପାଇଁ ଦାରିଦ୍ର୍ୟ ଉନ୍ମୂଳନ ଉଦ୍ଦେଶ୍ୟରେ ବିଏମଏସ ଅଧିକତମ ଉତ୍ପାଦନ ଓ ନ୍ୟାୟ ସଂଗତ ବିତରଣ ଉପରେ ଜୋର ଦେଇଥାଏ । ପୁଂଜିବାଦ ଉତ୍ପାଦନ ପକ୍ଷକୁ ଅତ୍ୟଧିକ ମହତ୍ୱ ଦେଇଥାଏ । ସେହିପରି ସମାଜବାଦ ବିତରଣ ପକ୍ଷ ଉପରେ ଅତ୍ୟଧିକ ଜୋର ଦେଇଥାଏ । କିନ୍ତୁ ବିଏମଏସ ଉଭୟକୁ ଗୁରୁତ୍ୱ ଦେଇଥାଏ । ବିଏମଏସର ସ୍ପଷ୍ଟ ମତ ଯେ ଅଧିକତମ ଉତ୍ପାଦନ ଶ୍ରମିକ ମାନଙ୍କର ରାଷ୍ଟ୍ରୀୟ କର୍ତବ୍ୟ ହୋଇଥିବା ବେଳେ ଉତ୍ପାଦନର ଫଳକୁ ନ୍ୟାୟପୂର୍ଣ୍ଣ ବିତରଣ ମଧ୍ୟ ଶ୍ରମିକର ଅଧିକାର । ବିଏମଏସର ଏକ ସ୍ଲୋଗାନ 'ଦେଶ ହିତ ମେଁ କରେଙ୍ଗେ କାମ, କାମ କେ ଲେଙ୍ଗେ ପୂରା ଦାମ 'ରୁ ଏହି ବିଚାର ପ୍ରତିଫଳିତ ହୋଇଥାଏ ।

ଯେପରିକି ପୂର୍ବରୁ ଉଲ୍ଲେଖ କରାଯାଇଛି ବିଏମଏସ ହେଉଛି ଏକ ମାତ୍ର ଶ୍ରମିକ ସଂଗଠନ ଯାହା ଭାରତୀୟ ମୂଲ୍ୟବୋଧ ଆଧାରରେ ଅନୁପ୍ରାଣିତ । ବିଏମଏସ ବର୍ତମାନର ସିଧା ସିଧା ଆମନା- ସାମନା ହେଉଥିବା ପ୍ରଣାଳୀର ବିରୋଧୀ । ବିଏମଏସ ସଂଘର୍ଷର ବ୍ୟବସ୍ଥାରୁ ସହମତିର ବାତାବରଣ ଆଡକୁ ବଢିବାର ପକ୍ଷଧର ଅଟେ । ଔଦ୍ୟଗିକ (ଶିଳ୍ପ) ସମ୍ପର୍କରେ ଏଭଳି ସାମଂଜସ୍ୟପୂର୍ଣ୍ଣ ବାତାବରଣ ହେବା ଆବଶ୍ୟକ ଯେଉଁ ଠାରେ ପ୍ରତ୍ୟେକ ପ୍ରସଙ୍ଗକୁ ତୃଣମୂଳ ସ୍ତରରେ ହିଁ ନିଯୁକ୍ତି ଦାତା ଓ ଶ୍ରମିକ ଏକାଠି ବସି ସମାଧାନ କରିବା ଉଚିତ । ଏହା ହିଁ ଦ୍ୱିପକ୍ଷୀୟତା । ତ୍ରିପକ୍ଷୀୟତା (ଟ୍ରାଇପାର୍ଟିଜମ) ସେତେବେଳେ ଆବଶ୍ୟକ ହେବା ଉଚିତ ଯେତେବେବେଳେ ଦ୍ୱିପକ୍ଷୀୟତା ବିଫଳ ହୋଇ ଯାଏ । ସରକାରଙ୍କ ଭୂମିକା ପରିତ୍ରାଣାୟ ସାଧୁନାଂର ସିଦ୍ଧାନ୍ତ ଉପରେ ଆଧାରିତ ହେବା ଆବଶ୍ୟକ ଅର୍ଥାତ ସଦଗୁଣ ସମ୍ପନ୍ନ ଓ ନିର୍ବଳର ରକ୍ଷା କରିବା ।

ଆମର ଶ୍ରମ ଆଇନରେ ସଂସ୍କାର ଏଭଳି ଦିଗରେ ହେବା ଆବଶ୍ୟକ ଯେଉଁଥିରେ ସରକାର, ନିଯୁକ୍ତିଦାତା ଓ ଟ୍ରେଡ ୟୁନିୟନ ମାନେ ମିଳିତ ଭାବେ ଓକ ସାମଂଜସ୍ୟପୂର୍ଣ୍ଣ ବାତାବରଣ ତିଆରି କରିବା ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ବିଏମଏସର ସ୍ପଷ୍ଟ ମତ । ବିଏମଏସ ତାର ପ୍ରତିଷ୍ଠା ସମୟରୁ ହିଁ 'ଔଦ୍ୟଗିକ ପରିବାର' ର ଅବଧାରଣା ପ୍ରସ୍ତୁତ କରି ଆସିଛି । ତେଣୁ ଏଚଆରକୁ ହ୍ୟୁମାନ ରିସୋର୍ସେସ ( ଯାହା ଏକ ବ୍ୟବସାୟିକ ଶବ୍ଦ) କୁ ବ୍ୟବହାର ନ କରି ହ୍ୟୁମାନ ରିଲେସନ୍ସ କୁହା ଯିବା ଆବଶ୍ୟକ । ଏହା ଫଳରେ ଏକ ଏପରି କାର୍ଯ୍ୟ ସଂସ୍କୃତି ବିକଶିତ ହେବ ଯେଉଁ ଠାରେ ଶ୍ରମିକର ଗରିମାକୁ ସର୍ବୋଚ୍ଚ ସ୍ଥାନ ମିଳି ପାରିବ ।

ବିଏମଏସ ସମେତ ଅନେକ ସଂସ୍କାରବାଦୀ ବିଚାରକ ମାନେ ଶ୍ରମ ଆଇନର ନାମକୁ ପରିବର୍ତନ କରିବାକୁ ସରକାରଙ୍କୁ ପରାମର୍ଶ ଦେଇଛନ୍ତି । ଇଂଡଷ୍ଟ୍ରିଆଲ ଡିସ୍ପୁଟ୍ସ ଆକ୍ଟ (ଔଦ୍ୟଗିକ ବିବାଦ ଅଧିନିୟମ) କୁ ବଦଳାଇ ଇଂଡଷ୍ଟ୍ରିଆଲ ରିଲେସନ୍ସ ଆକ୍ଟ (ଔଦ୍ୟଗିକ ସମ୍ପର୍କ ଅଧିନିୟମ) କରାଯାଉ ବୋଲି ସେମାନେ ପରାମର୍ଶ ଦେଇଛନ୍ତି । ଏହା ଦ୍ୱାରା ଦେଶରେ ଶ୍ରମ ସମ୍ପର୍କ ଗୁଡିକ ପ୍ରତି ସକାରାତ୍ମକ ବିଚାରର ଶୁଭାରମ୍ଭର ସଂକେତ ମିଳିବ । ବିଏମଏସର ପ୍ରବେଶ ନ ହେବା ଯାଏ ଭାରତ ମାତା କି ଜୟ ସ୍ଲୋଗାନ ଶ୍ରମିକ କ୍ଷେତ୍ର ପାଇଁ ଅପରିଚିତ ଥିଲା । ବିଏମଏସ ଏହି ନୂଆ ସ୍ଲୋଗାନ ର ଶୁଭାରମ୍ଭ କରି ବର୍ଗୀୟ ଦୃଷ୍ଟିକୋଣ ଓ ରାଷ୍ଟ୍ରୀୟ ଦୃଷ୍ଟିକୋଣ ମଧ୍ୟରେ ଥିବା ଅନ୍ତରକୁ କମ କରିବାର ପ୍ରୟାସ କରିଥିଲା । ତେବେ ଶ୍ରମିକ ମାନେ ମୂଳତଃ ଦେଶ ଭକ୍ତ ହୋଇଥିବା କାରଣରୁ ଶ୍ରମିକ ମାନେ ଏହି ସ୍ଲୋଗାନକୁ ଖୁବ ଶୀଘ୍ର ସ୍ୱୀକାର କରି ନେଲେ ।

ଶ୍ରମ କ୍ଷେତ୍ରରେ ୧୯୫୫ରେ ଏକ ପ୍ରଚଳିତ ସ୍ଲୋଗାନ ଥିଲା "ସାରା ବିଶ୍ୱର ଶ୍ରମିକ ମାନେ ଏକ ହୁଅ" । ବାସ୍ତବରେ ଏହି ସ୍ଲୋଗାନ ବିଘଟନକାରୀ ବିଚାରର ପ୍ରତୀକ ଥିଲା । ବିଏମଏସ ଏହି ସ୍ଲୋଗାନକୁ ଅସ୍ୱୀକାର କରି ନୂଆ ସ୍ଲୋଗାନ ଦେଲା "ଶ୍ରମିକ ମାନେ, ସମ୍ପୂର୍ଣ୍ଣ ବିଶ୍ୱକୁ ଏକ କର । "

ଖାରବେଳନଗର, ଭୁବନେଶ୍ୱର
ମୋ:୯୪୩୮୪୧୩୭୦୪

## ସଂପାଦକଙ୍କୁ ପତ୍ର

### ସାମାଜିକ ବନୀକରଣ ଏକ ସ୍ଲୋଗାନ ନ ହେଉ

ମହାଶୟ

ଆମ ରାଜ୍ୟରେ ଜଙ୍ଗଲ କ୍ଷୟ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଏଥିପାଇଁ ବିଭିନ୍ନ ପ୍ରକାରର ପରିବେଶଗତ ତଥା ସ୍ୱାସ୍ଥ୍ୟଗତ ଅସୁବିଧା ଦେଖା ଦେବାରେ ଲାଗିଲାଣି । ତେବେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ, ବିକାଶ ମୂଳକ ପ୍ରକଳ୍ପ ତଥା ଲୋକଙ୍କର ବେଖିଆଲ ମନୋବୃତ୍ତି ଯୋଗୁଁ ଏହି ଜଙ୍ଗଲ କ୍ଷୟ ହୋଇ ଆସୁଛି, ଯାହା ଫଳରେ ଶତକଡ଼ା ୩୩ ଭାଗ ଜଙ୍ଗଲ ରଖିବାର ପ୍ରୟାସ ମରୀଚିକା ଭଳି ମନେହୁଏ । ସହରୀକରଣ ଓ ଆଧୁନିକୀକରଣ ନାଁରେ ଜଙ୍ଗଲ ଗୁଡ଼ିକ ସଫା କରାଯାଇ କଂକ୍ରିଟ୍ ଜଙ୍ଗଲ ତିଆରି ହେଉଛି । ପାହାଡ଼ ଗୁଡ଼ିକରୁ କ୍ରମାଗତ ଭାବେ ଗଛ କାଟିବା ଫଳରେ ତାହା ଲଣ୍ଡା ହୋଇଯାଉଛି । ଯେଉଁଠି ଝରଣା ଅବିରତଭାବେ ବୋହୁଥିଲା ସେଠାରେ ଡିନାମାଇଟ୍ ଫୁଟାଯିବା ଫଳରେ ଉଭୟ ବାୟୁ ଏବଂ ଧ୍ୱନି ପ୍ରଦୂଷଣ ବଢୁଛି ଏବଂ ଏଠାରୁ ଜନ୍ମ ଲାଭ କରିଥିବା ନଦୀ ଗୁଡ଼ିକ ଶୁଖି ଯାଉଛି । ଏଥିରୁ ମୁକ୍ତି ପାଇବା ପାଇଁ ସରକାରଙ୍କ ଅନେକ ଯୋଜନା ଥିଲେ ମଧ୍ୟ ଲୋକମାନଙ୍କର ଗଛପ୍ରତି ମମତା ସୃଷ୍ଟି ହେବା ପରିବର୍ତ୍ତେ ଶତ୍ରୁତା ହେବା ଯୋଗୁଁ ଦିନକୁ ଦିନ ଜଙ୍ଗଲ ସମ୍ପଦ ହାନୀ ହେବାରେ ଲାଗିଲାଣି । ଆମମାନଙ୍କ ମଧ୍ୟରୁ ଅନେକ ଲୋକ ନିଜ ବାରି ବଗିଚାରେ ଚାଲିବା ବେଳେ କାଳେ ପାଦରେ କାଦୁଅ ଲାଗିବ ବୋଲି ଭାବି ସେଗୁଡ଼ିକୁ କଂକ୍ରିଟ୍ କରିଦେଉଛନ୍ତି । ସହରରେ ରାସ୍ତାକଡ଼ରେ ଲାଗିଥିବା ଗଛ ଗୁଡ଼ିକ ଚାରିପଟେ କଂକ୍ରିଟ୍ କରାଯାଉଥିବା ବେଳେ ଯୋଜନାବଦ୍ଧ ପ୍ରଚେଷ୍ଟା ଅଭାବ କାରଣରୁ କେଉଁଠି ମାଟି ଭିତରକୁ ଚେର ଯାଉଥିବା ଗଛ ଲଗାଇବା ଦରକାର । ତେବେ ବନୀକରଣ ସପ୍ତାହରେ କେବଳ ଗଛ ଲଗାଇଦେଲେ ହେବ ନାହିଁ, ତାହା ପରର ଅବସ୍ଥା କ'ଣ, ଗଛଗୁଡ଼ିକର ଯତ୍ନ କିଭଳି ନିଆଯିବ, ସେ ଦିଗରେ ଚିନ୍ତା କରିବା ଦରକାର ।

ଦେବକାନ୍ତ ନାୟକ, ପୁରୀ



ଲୋକ ସମସ୍ୟା
ପ୍ରଜାତନ୍ତ୍ର



୨୩.୦୭.୨୦୨୫

# ଏଠି ସ୍ୱପ୍ନ ପାଲଟିଛି ଇଲିସି, ମତ୍ସ୍ୟଜୀବିଙ୍କର ବୁଡ଼ିଲାଣି ଜୀବିକା



ଭଦ୍ରକ: ଏବେ ଶ୍ରୀହୀନ ହୋଇପଡିଛି ଭଦ୍ରକ ଜିଲ୍ଲାର ଚୂଡାମଣି ବନ୍ଦର। ଏଠି ଆଉ ପୂର୍ବ ଭଳି ଗହଳି ନାହିଁ। ଚୁଡ଼ାମଣି ଇଲିସ ମାଛ ପାଇଁ ବେଶ୍ ପ୍ରସିଦ୍ଧି ଥିଲା। ଆଉ ଇଲିସି ମାଛର ଦେଖା ନାହିଁ। କର୍ତ୍ତୃପକ୍ଷଙ୍କର ଅବହେଳାରୁ ପୋତି ହୋଇପଡ଼ିଲାଣି ବନ୍ଦର ମୁହାଣ। ସମୁଦ୍ରର ଜୁଆର ପାଣି ଆସିବାରେ ବାଧା ସୃଷ୍ଟି ହେବାରୁ ବନ୍ଦର ମୁହାଣକୁ ଆଉ ମାଛ ଆସୁନାହାନ୍ତି। ମାଛ ମିଳୁନଥିବାରୁ ଆଉ ଅଧିକ ଧୀବର ଏଠାକୁ ମାଛ ମାରିବାକୁ ଆସୁନାହାନ୍ତି। ଏବେ ସ୍ୱପ୍ନ ପାଲଟିଛି ଚୂଡାମଣି ଇଲିସି। ମୁହାଣରେ ବାଲି ଚରି ଯାଇ ପୋତି ହୋଇପଡ଼ିବାରୁ ଆଉ ଅଧିକ ସଂଖ୍ୟକ ମତ୍ସ୍ୟଜୀବି ଚୂଡ଼ାମଣି ଘାଟ ମୁହାଣକୁ ମାଛଧରା ବୋଟ ଧରି ଆସୁନାହାନ୍ତି। ଘାଟ ମୁହାଣ ପୋତି ହୋଇଯାଇଥିବାରୁ ବୋଟଗୁଡ଼ିକ ଚୂଡ଼ାମଣି ଘାଟ ଛାଡ଼ି ଏବେ ଚୂଡ଼ାମଣି ଜେଟିରେ ଲାଗୁଛି। ଜେଟିରେ ଆବଶ୍ୟକ ସରଞ୍ଜାମ ମିଳୁ ନଥିବାରୁ ମତ୍ସ୍ୟଜୀବିମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେବଳ ସମୁଦ୍ର ଜୁଆରକୁ ଅପେକ୍ଷା କରି ବୋଟଗୁଡିକୁ ଚୂଡାମଣି ଘାଟ ମୁହାଣ ପର୍ଯ୍ୟନ୍ତ ଫେରିବାକୁ ପଡୁଛି। ଦୀର୍ଘ ଦିନ ଧରି ଏହି ସମସ୍ୟା ଲାଗିରହିଥିଲେ ବି ମତ୍ସ୍ୟ ବିଭାଗର ନଜର ପଡୁନି । ମତ୍ସ୍ୟଜୀବି ସଂଘ ବିଗତ ଦିନରେ ବିଭାଗୀୟ ନିକଟରେ ଏହି ସବୁ ସମସ୍ୟା ସମ୍ପର୍କରେ ନିଜର ଦାବି ଉଠାଇଛନ୍ତି। କିନ୍ତୁ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ।

ପୂର୍ବରୁ ଚୂଡ଼ାମଣି ଘାଟରେ ୧୫୦ରୁ ଅଧିକ ମାଛଧରା ବୋଟ ଲାଗୁଥିଲା। ପଡୁଆଁ, କୁମାରପୁର, ନୂଆଗାଁ, ଇରମ, ଚୂଡ଼ାମଣି, ଅଡୁଆଁ, ଭୈରବପୁର, ସୁଦର୍ଶନପୁର, ମନ୍ଦାରୀ, ରାଧାନାଥପୁର, ରାଧାକାନ୍ତପୁର ଆଦି ଅଞ୍ଚଳର ମତ୍ସ୍ୟଜୀବି ମାଛ ମାରି ଘାଟକୁ ଫେରୁଥିଲେ। ଘାଟରେ ମାଛ ବିକି ଆବଶ୍ୟକ ସରଞ୍ଜାମ ଧରି ପୁଣି ମାଛ ମାରିବାକୁ ସମୁଦ୍ରକୁ ଯାଉଥିଲେ। ଏବେ ଚୂଡାମଣି ଘାଟରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ପୋତିହୋଇ ପଡ଼ିଥିବାରୁ ଆଉ ବୋଟଗୁଡିକ ଘାଟକୁ ଫେରିପାରୁନି। କେବଳ ଜୁଆରକୁ ଭରସା କରି ବୋଟଗୁଡିକ ଚୂଡାମଣି ଘାଟକୁ ଫେରୁଛି। ଯଦିଓ ମତ୍ସ୍ୟଜୀବିମାନେ ଜେଟିରେ ବୋଟ ଭିଡି ମାଛ ବିକ୍ରି କରୁଛନ୍ତି, ତଥାପି ବୋଟ ପାଇଁ ଜେଟି ଅଞ୍ଚଳରେ ବହୁ ଉପକରଣ ମିଳୁନି। ବାଧ ହୋଇ ବୋଟ ମାଲିକ ଘାଟରୁ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଜେଟିକୁ ଯାଉଛନ୍ତି। ସମୁଦ୍ରକୁ ବୋଟ ପଠାଇବା ଲାଗି ଅସୁବିଧାରେ ପଡୁଛୁ ବୋଲି କହିଛନ୍ତି ଚୂଡାମଣି ବୋଟ ମାଲିକ ସଂଘ ସଭାପତି ଶଶିକାନ୍ତ ନାୟକ, ସମ୍ପାଦକ ହେମନ୍ତ କୁମାର ଜେନା, ଉପସଭାପତି ସୁନନ୍ଦ ମଲିକ, ରବିନ୍ଦ୍ର ନାୟକ ଓ ବଳରାମ ମୁଦୁଲି। ସମସ୍ୟା ସମ୍ପର୍କରେ ବହୁ ପୂର୍ବରୁ ବିଭାଗୀୟ ମନ୍ତ୍ରୀ ଓ ବିଧାୟକଙ୍କୁ ଅବଗତ କରିଥିଲେ ବି ସୁଧାର ଆସିପାରିନି। ଚୂଡାମଣି ଘାଟରୁ ଜେଟିକୁ ଉପକରଣ ଧରି ଯିବାକୁ ପଡୁଥିବା ମତ୍ସ୍ୟଜୀବୀ କହୁଛନ୍ତି । ତା' ଛଡ଼ା ଚୂଡାମୁଣି ପୋଲଠାରୁ ମୁହାଣ ଯାଏ ନଈଟି ପୋତି ହୋଇ ପଡ଼ିଥିବାରୁ ବନ୍ୟା ପାଣି ନିଷ୍କାସନରେ କ୍ଷତିଗ୍ରସ୍ତ ନଈକୁ ନେଇ ବାଧା ଉପୁଜୁଛି। ଘାଟରୁ ମୁହାଣ ପର୍ଯ୍ୟନ୍ତ ଖୋଳାଗଲେ ଚାଷୀଙ୍କ ଠାରୁ ଆରମ୍ଭ କରି ମତ୍ସ୍ୟଜୀବୀମାନେ ଉପକୃତ ହୋଇ ପାରନ୍ତେ। ଦିନ ଥିଲା ଇଲିଶ୍ ମାଛ ଉତ୍ପାଦନରେ ଚୂଡାମଣି, କସିଆ ଓ ଧାମରା ଓଡ଼ିଶାରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲା। ଚୂଡାମଣି ଇଲିସିର ବାସ୍ନା ଥିଲା ନିଆରା। ରାତି ପାହିଲେ ଏହି ପାରମ୍ପରିକ ମାଛଧରା ବନ୍ଦରରୁ ପ୍ରତିଦିନ ପ୍ରାୟ ୫ ଶହ କୁଇଂଟାଲରୁ ଅଧିକ ଇଲିସି ମାଛ ଧରା ଯାଉଥିଲା। ଏଠାରୁ ଇଲିସି ମାଛ ରାଜଧାନୀଠାରୁ ଆରମ୍ଭ କରି କଟକ, ବ୍ରହ୍ମପୁର ଓ ସମ୍ବଲପୁର ପର୍ଯ୍ୟନ୍ତ ପଠାଯାଉଥିଲା। କଲିକତାରେ ଗଙ୍ଗା ଇଲିସି ଭଳି ଭଦ୍ରକ ଜିଲ୍ଲାର ଚୂଡାମଣି ଇଲିସିର ଭାଉ କଲିକତାରେ ରହିଥିଲା। ଆଜି ଏହି ବନ୍ଦର ଶ୍ରୀହୀନ ହୋଉଥିବାବେଳେ ଇଲିସି ସ୍ୱପ୍ନ ପାଲଟିଛି।

# ଶିଳ୍ପ କରିଡର ନାମରେ କଷଣ: ଦୁର୍ଦ୍ଦଶା ଭୋଗୁଛନ୍ତି ସାଧାରଣ ଲୋକେ

ଅନୁଗୁଳ: ରାସ୍ତାରେ ବଡ଼ ବଡ଼ ଖାଲ। କେଉଁଠି ଆଣ୍ଠୁଏ ପାଣି ତ କିଛି ଜାଗାରେ କୃତ୍ରିମ ହ୍ରଦ ଭଳି ସ୍ଥିତି। ଇଏ କେଉଁ ଅପନ୍ତରା ଗାଁର ଅଜଣା ରାସ୍ତାର ଚିତ୍ର ନୁହେଁ। ବରଂ, ଶିଳ୍ପ କରିଡର କୁହାଯାଉଥିବା ୧୪୯ ନମ୍ବର ଜାତୀୟ ରାଜପଥର ଅବସ୍ଥା। ବଆଁରପାଳରୁ ତାଳଚେରକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ଅତି ଦୟନୀୟ ଅବସ୍ଥାରେ ରହିଛି। ବଡ଼ କଥା ହେଲା, ପୁଣି କିଛି ସ୍ଥାନରେ ରାସ୍ତା ବୋଲି କିଛି ନାହିଁ। ସେଥିପାଇଁ ଏହି ରାସ୍ତାରେ ଛୋଟମୋଟ କାର ଯିବା ଦୂର କଥା, ଯାତ୍ରୀବାହୀ ବସ୍ ବି ଚାଲିପାରୁନି। ଅନୁଗୁଳ-ତାଳଚେର ଶିଳ୍ପ କରିଡରର ବିକାଶ ପାଇଁ ସରକାର ବେଶ୍ ଗୁରୁତ୍ୱ ଦେଉଥିବା କହୁଛନ୍ତି। ଭିତିଭୂମି ବିକାଶକୁ ପ୍ରାଥମିକତା ଦେଉଥିବା ବାରମ୍ବାର ଦୋହରାଉଛନ୍ତି। କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ତାଳଚେରକୁ ଅନୁଗୁଳ ସହ ଯୋଡୁଥିବା ୧୪୯ ନମ୍ବର ଜାତୀୟ ରାଜପଥକୁ ଦେଖିଲେ ଯେ କେହି ସହଜରେ ଅନୁମାନ କରିପାରିବ ସରକାରଙ୍କ ଦରଦ। ବଆଁରପାଳରୁ ଆରମ୍ଭ ହୋଇଥିବା ଏହି ଜାତୀୟ ରାଜପଥ ତାଳଚେର ଦେଇ ପାଳଲହଡ଼ାକୁ ଛୁଇଁଛି। ଏହି ରାସ୍ତାରେ ନିତି ହଜାର ହଜାର ଟ୍ରକ୍ ଚାଲୁଛି। ବିଭିନ୍ନ ଶିଳ୍ପାନୁଷ୍ଠାନକୁ ମାଲ୍ ପରିବହନ ସହ କୋଇଲା ଯାଉଛି। ଏହା ବାଦ୍ ଅନୁଗୁଳ, ଢେଙ୍କାନାଳ ସମେତ ଦେବଗଡ଼, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ହେଲେ ରାସ୍ତା ବୋଲି ଯାହା ଅଛି ତାହା କେବଳ ମରଣଯନ୍ତା। ବଆଁରପାଳ ପଟରୁ ଏହି ରାସ୍ତାରେ ଗଲେ ଗୋଟିଏ କିଲୋମିଟର ନ ଯାଉଣୁ ଆରମ୍ଭ ହୋଇଯିବ ଯମଯନ୍ତ୍ରଣା। ମେଡିକାଲ ସମ୍ମୁଖ ଓଭରବ୍ରିଜର ଆପ୍ରୋଚ୍ ରାସ୍ତାରେ ମାଟି ମୁଠାଏ ନାହିଁ। ଏଣୁ ଓଭରବ୍ରିଜ୍‌ର ଦୁଇ ପଟ ଖାଲ ହୋଇ ରହିଛି। ଏଥିରେ ଗାଡ଼ି ପଡ଼ିଲେ ଭାଙ୍ଗିବା ଥୟ। ପରେ ଅପର୍ତିପୁର ଛକରେ ବଡ଼ ବଡ଼ ଖାଲ। ଗୋତମରା ଛକ, ଶିବା ମାର୍ବଲ ଛକ, ରେଙ୍ଗାଳି କେନାଲ ପୋଲ, ଲିଙ୍ଗରାକଟା ଛକ, ଜିଓ ପେଟ୍ରୋଲ ପମ୍ପ ସମ୍ମୁଖ, କ୍ଲାସିକ୍ ଗ୍ୟାରେଜ ନିକଟ ଓ ଇଣ୍ଡିଆନ ଅଏଲ ଛକରେ ୩ରୁ ୫ଫୁଟ ପର୍ଯ୍ୟନ୍ତ ଖାଲ ହୋଇଛି। ଗୋଟିଏ ଗୋଟିଏ ସ୍ଥାନରେ ୪ରୁ ୫ଟି ଖାତ ସୃଷ୍ଟି ହୋଇଛି। ଫଳରେ ଗାଡ଼ି ନେବା ସମ୍ଭବ ହେଉନି। ଏମିତି ଚାଇଁପାଳ ପର୍ଯ୍ୟନ୍ତ ରାସ୍ତାର ଦୟନୀୟ ଅବସ୍ଥା। ଏହା ପରେ ବି ସ୍ଥିତି ଭଲ ନାହିଁ। ଚାଇଁପାଳ ଓଭରବ୍ରିଜର ଉଭୟ ପାର୍ଶ୍ୱରେ ୩ ଫୁଟିଆ ଗାତ ହୋଇ ଯାଇଛି। ଏଥିରେ କାର କିମ୍ବା ଛୋଟ ଗାଡ଼ି ଫସିଗଲେ ଆଉ ବାହାରିବାର ବାଟ ନାହିଁ। ପରେ ନନ୍ଦିରା ପୋଲ, ଆନନ୍ଦବଜାର ଛକ, ନୂଆପଡ଼ା ଗାଁ ନିକଟରେ ବି ଜାତୀୟ ରାଜପଥର ଅବସ୍ଥା ଭଲ ନାହିଁ। ବହ୍ଲର ଛକ ପର୍ଯ୍ୟନ୍ତ ୩୦ଟି ଗାତ ଭିତରେ ଗାଡ଼ି ନେବାକୁ ପଡ଼ିବ। ଫଳରେ ଏହି ରାସ୍ତାରେ ଯାଉଥିବା ଗାଡ଼ିଗୁଡ଼ିକ ବ୍ରେକ୍ ଡାଉନ୍ ହେଉଛି। କିଛି ଗାଡ଼ି ଗାତରୁ ବାହାରି ପାରୁ ନାହାନ୍ତି ତ କାହାର ପତି ଛିଣ୍ଡି ଯାଉଛି। ଏହା ଟ୍ରାଫିକ ବ୍ୟବସ୍ଥାକୁ ବିଗାଡ଼ି ଦେଉଛି। ଏପଟେ ତାଳଚେରରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ବି ଅତି ଖରାପ। ରେଲୱେ ଓଭରବ୍ରିଜ ନିକଟରେ ରାସ୍ତା ଖାଲ ହୋଇ ପାଣି ଭର୍ତି ହୋଇ ରହିଛି। ଏଥିପାଇଁ ଲୋକମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ବାରମ୍ବାର ଅଭିଯୋଗ ବି ହେଉଛି। ହେଲେ ସରକାର କି ପ୍ରଶାସନର ନଜର ପଡୁନି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।



# ଧ୍ୱଂସ ମୁହଁରେ ଶତାବ୍ଦୀର ଶୈବ ପୀଠ



ବୌଦ୍ଧ : ବୌଦ୍ଧର ପ୍ରାଚୀନ ଇତିହାସ ଗୌରବମୟ ଥିବାବେଳେ ଏଠାରେ ଥିବା ପ୍ରାଚୀନ ବୌଦ୍ଧ ପୀଠ, ଶୈବ ପୀଠ, ଦେବୀ ପୀଠ ଯୋଗୁଁ ବୌଦ୍ଧ ଜିଲ୍ଲା ଆଜି ଗର୍ବିତ। ଚାରିଶମ୍ଭୁର ବିଶେଷତ୍ୱ ହେଲା ଗୋଟିଏ ମଣ୍ଡପ ଉପରେ ହର(ସିଦ୍ଧେଶ୍ୱର) ଓ ହରି(ନୀଳମାଧବ) ମନ୍ଦିର ଅବସ୍ଥିତ। ହର ମନ୍ଦିର ଚୂଡ଼ାରେ ଶିବ ଲିଙ୍ଗ ଥିବା ବେଳେ ମନ୍ଦିର ମଧ୍ୟରେ ଶିବ ଲିଙ୍ଗ ଅବସ୍ଥିତ। ସେହିପରି ହରି ମନ୍ଦିର ଚୂଡ଼ାରେ ଚକ୍ର ସ୍ଥାପିତ ହୋଇ ଥିବା ବେଳେ ମନ୍ଦିର ମଧ୍ୟରେ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ବିଷ୍ଣୁ ବିରାଜମାନ କରିଛନ୍ତି, ଯାହାକି ପୃଥିବୀର ବିରଳ ବୋଲି ଐତିହାସିକମାନେ ମତପ୍ରକାଶ କରନ୍ତି। ଏହି ବିଶ୍ୱ ପ୍ରସିଦ୍ଧ ମନ୍ଦିର ଦ୍ୱୟ ନିର୍ମାଣ ଅଷ୍ଟମ ଶତାବ୍ଦୀରେ ତତ୍କାଳୀନ ଭଞ୍ଜ ବଂଶୀୟ ତଥା ଭୌମକର ଶାସକଙ୍କ ଦରଦ ରାଜ୍ୟ ରୂପେ ଶାସନ କରୁଥିବା ରାଜା ଶତ୍ରୁଭଞ୍ଜ ପ୍ରଥମଙ୍କ ସମୟରେ ନିର୍ମାଣ କରାଯାଇଥିବା ଐତିହାସିକ ମାନେ ମତ ଦିଅନ୍ତି। ମନ୍ଦିର ଦ୍ୱୟର ନିର୍ମାଣ ଶୈଳୀ ସମାନ ଓ ଏହାର ଉଚ୍ଚତା ୪୦ ଫୁଟ। ଏଠାରେ ଥିବା ପ୍ରାଚୀନ କୀର୍ତୀରାଜରୁ ଅନୁମାନ କରାଯାଏ। ପୂର୍ବରୁ ଏହି ମନ୍ଦିର ଦ୍ୱୟ ନିକଟରେ ଅନ୍ୟ ଦୁଇଟି ପ୍ରାଚୀନ ଶୈବ ମନ୍ଦିର ଯଥା-ଯୋଗେଶ୍ୱର ଓ କପିଳେଶ୍ୱର ଥିବା ବେଳେ ଉକ୍ତ ଦୁଇ ଗୋଟି ମନ୍ଦିର କାଳର କରାଳ ଗତିରେ ଧ୍ୱଂସ ହୋଇ ଯାଇଛି। ଏହାର ଅନତି ଦୂରରେ ପଶ୍ଚିମ ସୋମନାଥ ମନ୍ଦିର ଦେଖିବାକୁ ମିଳେ। ୭୨ ଗୋଟି ମନ୍ଦିର ମଧ୍ୟରେ ବର୍ଣ୍ଣିତ ୪ ଗୋଟି ଶିବ (ଶମ୍ଭୁ) ମନ୍ଦିର ଥିବାରୁ ଏହି ସ୍ଥାନର ନାମ ଚାରିଶମ୍ଭୁ ବା ଗନ୍ଧରାଡି ବୋଲି ସ୍ୱଜନାଦୃତ। ନିର୍ମିତ ମନ୍ଦିର ତତ୍କାଳୀନ ସମୟରେ ରାଜଧାନୀର ଉତର ପଶ୍ଚିମ କୋଣରେ ମହାନଦୀ କୂଳରେ ଥିଲା। ଇତିହାସର ସମୟ ପ୍ରବାହରେ ଏହି ବିଶାଳ ଭୂଖଣ୍ଡରେ ରାଜଧାନୀର ନାମ ବିଭିନ୍ନ ପର୍ଯ୍ୟାୟରେ ଧୃତିପୁର, ଯଯାତି ନଗର (ଅଧୁନା ଜଗତି), ଗନ୍ଧବତୀ ପାଟଣା, ଗନ୍ଧିତପତି ନଗର ବୋଲି ପ୍ରାପ୍ତ ତାମ୍ର ଫଳକରୁ ସୂଚୀତ ହୋଇଥାଏ। ତତ୍କାଳୀନ ରାଜଧାନୀ ଯଯାତି ନଗର ଦୁଇ ପାର୍ଶ୍ୱରୁ ମହାନଦୀ ଭାଗ ହୋଇ ଏକ ଦ୍ୱୀପ ସଦୃଶ ସୃଷ୍ଟି ହୋଇ ଏହା ମଧ୍ୟରେ ରାଜଧାନୀ ଅବସ୍ଥାପିତ ହୋଇଥିଲା। କିନ୍ତୁ ପରବର୍ତୀ ସମୟରେ ନଦୀ ଗତିପଥ ବଦଳାଇବା ସହିତ କେବଳ ଦକ୍ଷିଣ ଦିଗରେ ଘାଇ ସୃଷ୍ଟି ହୋଇ ପ୍ରବାହିତ ହୋଇଥିଲା। ଫଳରେ ସେହି ପ୍ରାଚୀନ ନଗରୀ ତଥା ରାଜଧାନୀ ଯଯାତି ନଗର ମହାନଦୀ ଗର୍ଭରେ ଲୀନ ହୋଇ ଯାଇଥିଲା। ଏହାର ପ୍ରମାଣ ଏଠାକାର ନଦୀ ଶଯ୍ୟାରୁ ପ୍ରାପ୍ତ ହୋଇ ଥିବା ବିଭିନ୍ନ ଦୀପ, ଚଉରା, ହଣ୍ଡା ପାତ୍ର ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରୁ ମିଳେ। ଶୈବ ଓ ବୈଷ୍ଣବ ଧର୍ମର ମିଳନ ସ୍ଥଳୀ ଭାବରେ ପରିଚିତ ଏହି ମନ୍ଦିର ଦ୍ୱୟ ଉତ୍କୃଷ୍ଟ ଗାନ୍ଧାରକଳା ବ୍ୟତୀତ ମନ୍ଦିରର ନିର୍ମାଣ ଶୈଳୀ ଦେଖିଲେ ଯେକୌଣସି ପର୍ଯ୍ୟଟକ ବିସ୍ମିତ ହୋଇଥାଏ। ଉଭୟ ମନ୍ଦିରର ଗମ୍ଭୀରା ଘର ମଧ୍ୟରେ ଗୋଟିଏ ଲେଖାଏଁ ଗବାକ୍ଷ (ଝରକା) ଦେଖିବାକୁ ମିଳେ। ଏହା ମଧ୍ୟଦେଇ ଆଲୋକ ସମ୍ପୂର୍ଣ୍ଣ ଭାବରେ ମୁଖ୍ୟ ମନ୍ଦିରରେ ପ୍ରବେଶ କରୁଥିଲେ ମଧ୍ୟ ବର୍ଷା ପାଣି ଭିତରକୁ ପ୍ରବେଶ କରେ ନାହିଁ।ଉକ୍ତ ଦୁଇ ମନ୍ଦିରର ଜଗମୋହନରେ ଦୁଇଟି କଳା ମୁଗୁନି ପଥରରେ ନିର୍ମିତ ବିରାଟ ଝରକାମାନ ସ୍ଥାପନ କରାଯାଇଛି। ଏହାର ବିଶେଷତ୍ୱ ହେଲା ଏହି ଦୁଇ ମନ୍ଦିରର ୪ ଟି ଝରକାର ଜାଲି(ଛିଦ୍ର)ଗୁଡିକ ସମାନ୍ତରାଳ ରେଖାରେ ବସାଯାଇଛି।

ଏହି ଦୁଇ ମନ୍ଦିରରେ ସିଦ୍ଧେଶ୍ୱର ଓ ନୀଳମାଧବଙ୍କ ବ୍ୟତୀତ ଅନ୍ୟାନ୍ୟ ପାର୍ଶ୍ୱ ଦେବତା ଭାବରେ ଗଣେଶ, ଦୁର୍ଗା, ଚାମୁଣ୍ଡା, ଭୈରବ,ଦଶାବତାର, ବୁଦ୍ଧ, ମହାଲକ୍ଷ୍ମୀ ଇତ୍ୟାଦିଙ୍କ ପ୍ରତିମୂର୍ତିଙ୍କୁ ଭକ୍ତମାନେ ବିଭିନ୍ନ ନାମରେ ସ୍ମରଣ କରି ପୂଜା କରିଥାନ୍ତି।

କେମିତି ଯିବେ: ବୌଦ୍ଧ-ବଲାଙ୍ଗୀର ଜାତୀୟ ରାଜପଥ ନଂ ୫୭ର ବୌଦ୍ଧରୁ ପଶ୍ଚିମକୁ ୧୩ କିମି ଗଲା ପରେ ପଡ଼େ ଜହ୍ନାପଙ୍କ ଛକ। ଏହି ଛକ ଠାରୁ ଉତରକୁ ୨.୫ କିମି ଗଲେ ପଡ଼େ ଏହି ଐତିହାସିକ କୀର୍ତିରାଜ ହରିହରଙ୍କ ମିଳନ ସ୍ଥଳୀ ତଥା ବିଶ୍ୱ ପ୍ରସିଦ୍ଧ ଗନ୍ଧରାଡ଼ି ବା ଚାରିଶମ୍ଭୁ ମନ୍ଦିର। ଭକ୍ତଙ୍କ ଉଦ୍ଦେଶ୍ୟରେ ଜହ୍ନାପଙ୍କ ଛକ ଠାରେ ନିର୍ମିତ ହୋଇଛି ସେହି ହରିହରଙ୍କୁ ସମର୍ପିତ ଏକ ବିରାଟ ସ୍ଥାୟୀ ତୋରଣ। ଏଠାରେ କାର୍ତିକ, ମାଘ, ବୈଶାଖ, ଶ୍ରାବଣ ମାସରେ ବହୁ ଭକ୍ତଙ୍କ ସମାଗମ ହୋଇଥାଏ। ବର୍ଷରେ ମହାଶିବରାତ୍ରି ଓ ମହାବିଷୁବ ସଂକ୍ରାନ୍ତିରେ ଯାତ୍ରା ଅନୁଷ୍ଠିତ ହୋଇଥାଏ। ପୂର୍ବରୁ ଏହି ମନ୍ଦିରକୁ ଦେଶ ତଥା ଦେଶ ବାହାରୁ ପର୍ଯ୍ୟଟକମାନେ ଦର୍ଶନ ପାଇଁ ଆସୁଥିବା ବେଳେ ତାଙ୍କ ରହିବା ପାଇଁ କୌଣସି ସୁବିଧା ନଥିବାରୁ ଆଉ ବାହାର ପର୍ଯ୍ୟଟକ ଆସିବାକୁ ଉଚିତ ମଣୁ ନାହାଁନ୍ତି। ୧୯୫୮ ମସିହାରୁ କେନ୍ଦ୍ର ପ୍ରତ୍ନତତ୍ୱ ବିଭାଗ ଏହାକୁ ନିଜ ଅଧୀନକୁ ନେଇଥିଲେ ମଧ୍ୟ ଏହାର ସୁରକ୍ଷା କିମ୍ବା ଏହାର ଉନ୍ନତି ନିମନ୍ତେ କୌଣସି ଆଖିଦୃଶିଆ ପଦକ୍ଷେପ ନେଉନଥିବା ଫଳରେ ଏଠାରେ ଥିବା କିଛି ଦୁର୍ଲ୍ଲଭ କଳାକୃତି ଧ୍ୱଂସ ପାଇବାକୁ ବସିଲାଣି।

ମନ୍ଦିର ପରିସରରେ ଆଲୋକ ବ୍ୟବସ୍ଥା ନଥିବାରୁ ସନ୍ଧ୍ୟା ହେଲେ ଅନ୍ଧାରରେ ମନ୍ଦିର ଦ୍ୱୟ ହଜିଯାଏ। ଏଠାରେ ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଯିବା ସହିତ ଚତୁରପାର୍ଶ୍ୱ ଆଲୋକୀକରଣ ଓ ମନ୍ଦିର ପଛ ପାର୍ଶ୍ୱରେ ଏକ ପାର୍କ ନିର୍ମାଣ କରାଯିବା ସହ ଜହ୍ନାପଙ୍କ ଠାରୁ ଚାରିଶମ୍ଭୁ ପର୍ଯ୍ୟନ୍ତ ଆଲୋକୀକରଣ କରାଯାଆନ୍ତା ତେବେ ଦୈନିକ ଏହି ମନ୍ଦିର ଦର୍ଶନ କରିବା ପାଇଁ ହଜାର ହଜାର ପର୍ଯ୍ୟଟକ ଦେଶ ତଥା ଦେଶ ବାହାରୁ ଆସିବା ସହିତ ଏହାର ଶିରି ବଢିବା ସହିତ ସ୍ଥାନୀୟ ଲୋକଙ୍କ ବ୍ୟବସାୟୀକ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ କେତେକ ବେକାର ଯୁବକ ରୋଜଗାର ର ମାଧ୍ୟମ ହୁଅନ୍ତା। ତିନି ବର୍ଷ ହେଲା ଏହି ମନ୍ଦିର ଉନ୍ନତି ପାଇଁ ଗନ୍ଧରାଡ଼ି ଲୋକକଳା ମହୋତ୍ସବ କରାଯାଉଛି। କିନ୍ତୁ ମନ୍ଦିର ଉନ୍ନତି ପାଇଁ କାହାରି ଶୁଭ ଦୃଷ୍ଟି ନାହିଁ। କେବଳ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି ମନୋରଂଜନ ପାଇଁ। ଏହି ମନ୍ଦିର ଅବହେଳାର ଶିକାର ହୋଇଥିବା ଅଭିଯୋଗ ହୋଇଛି।




## ପୁଲିମେଟଲା କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ରରେ ଦୁର୍ନୀତି

# ଶ୍ରମିକଙ୍କ ମଜୁରି ଅର୍ଥ ହଡ଼ପ ଅଭିଯୋଗ

ମାଲକାନଗିରି, (ହି.ସ.)-ମାଲକାନଗିରି ଜିଲ୍ଲା କାଲିମେଳା ବନାଚଂଳ ଅଧିନରେ ଥିବା ପୋଟେରୁସ୍ଥିତ ପୁଲିମେଟଲା କେନ୍ଦ୍ରୀୟ ଚାରା ଉତ୍ପାଦନ କେନ୍ଦ୍ରରେ ବିଭିନ୍ନ କାମ ବାବଦକୁ ଆସୁଥିବା ଶ୍ରମିକ ମଜୁରୀ ଅର୍ଥ ହଡପ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ, ଉକ୍ତ କେନ୍ଦ୍ରରେ ମନରେଗା ଯୋଜନାରେ ହୋଇଥିବା ବିଭିନ୍ନ କାମ ବାବଦକୁ ଆସୁଥିବା ଶ୍ରମିକ ଅର୍ଥ ଶ୍ରମିକମାନଙ୍କୁ ପ୍ରଦାନ ନକରି ପୋଟେରୁ ବନପାଳ ହଡପ କରିଛନ୍ତି । ଗତ ୪ ମାସରୁ ଉର୍ଦ୍ଧ୍ୱ ସମୟ ଅତିବାହିତ ହୋଇଥିବା ବେଳେ ଶ୍ରମିକ ମାନଙ୍କୁ ମଜୁରୀ ଅର୍ଥ ପ୍ରଦାନ କରାଯାଇନଥିବାରୁ ଶ୍ରମିକମାନେ କାମ ବନ୍ଦ କରି ଧାରଣାରେ ବସିଥିଲେ । ଏହି ଚାରା ଉତ୍ପାଦନ କେନ୍ଦ୍ରରେ କାମ୍ପା ଓ ମନରେଗା ଯୋଜନାରେ ପ୍ରତିଦିନ ୨୦ ରୁ ଉର୍ଦ୍ଧ୍ୱ ଶ୍ରମିକ କାମ କରୁଥିବା କାଗଜ ପତ୍ରରେ ଦର୍ଶା ଯାଉଛି । କିନ୍ତୁ, କାମ୍ପା ଯୋଜନାରେ କାମ କରୁଥିବା ଶ୍ରମିକ ମାନଙ୍କର ଫଟୋକୁ ମନରେଗା ଯୋଜନାରେ କାମ କରୁଥିବା ଦର୍ଶାଇ ବନପାଳ ଏନଏମଏମଏସ କରୁଥିବା ଜଣାପଡିଛି । କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ କହିବା ଅନୁଯାୟୀ, ଏହି ଚାରା ଉତ୍ପାଦନ କେନ୍ଦ୍ରରେ ପୋଟେରୁ, ଏମଭି -୬୩, ଏମଭି- ୪୧, ଏମ ପି ଭି-୫୪ ସମେତ ସ୍ଥାନୀୟ ଅଂଚଳର ବିଭିନ୍ନ ଗ୍ରାମର ଶ୍ରମିକ ମାନେ ପ୍ରାୟ ୧୫ ରୁ ୨୦ ବର୍ଷ ଧରି ଏଠାରେ କାମ କରି ଆସୁଛନ୍ତି । ହେଲେ ପ୍ରତିଦିନ ମଜୁରୀ ବାବଦକୁ ୪୦୦ ଟଙ୍କା ଦିଆଯାଉଥିଲେ ମଧ ଗତ ୪ ମାସ ହେଲା ଆମକୁ ମଜୁରୀ ପ୍ରଦାନ କରାଯାଉନାହିଁ ବୋଲି କହିଛନ୍ତି । ଏହାସହ ସେମାନେ କେବେ ଉକ୍ତ କେନ୍ଦ୍ରରେ ମନରେଗାରେ କାମ କରିନଥିବା କହିବା ସହ କେବେ କୌଣସି କାମ ବାବଦକୁ ଜବ୍ କାର୍ଡ ମଧ ଦେଇନଥିବା କହିଛନ୍ତି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ, ମନରେଗା ଯୋଜନାରେ କୌଣସି କାମ ଶ୍ରମିକ ମାନେ କରୁନଥିବା ବେଳେ ପ୍ରତିଦିନ କିପରି କାର୍ଯ୍ୟ ହେଉଥିବା ଦର୍ଶାଯାଇ ଏନଏମଏମଏସ କରାଯାଉଛି । ଏବଂ ଏହି ଟଙ୍କା କେଉଁ ଶ୍ରମିକ ଆକାଉଂଟକୁ ଯାଉଛି ଏହାର ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ କାଲିମେଳା ବନାଚଂଳ ଅଧିକାରୀ ବିଜୟ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ ମନରେଗା ଯୋଜନା ବିଷୟରେ କିଛି ଜାଣିନଥିବା କହିବା ସହ ବୁଝିକି କହିବି ବୋଲି କହିଥିଲେ ।

## ପାନୀୟଜଳ ପ୍ରକଳ୍ପ ଅଚଳ

# ଭରସା ସାଜିଛି ଝରଣା ପାଣି



କଳାହାଣ୍ଡି :କଳାହାଣ୍ଡି ଜିଲା ଥୁଆମୂଳରାମପୁର ବ୍ଲକ କର୍ଲାପାଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୁରୁଣାଗୁମାରେ ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ପାନୀୟଜଳ ପ୍ରକଳ୍ପ ଅଚଳ ଯୋଗୁ ଲୋକେ ଝରଣା ପାଣି ପିଇବାକୁ ବାଧ ହେଉଛନ୍ତି । ସୂଚନାକ୍ରମେ ପୁରୁଣାଗୁମାରେ କିଛିବର୍ଷ ତଳେ ୧୪, ୩୧୪, ୨୪୬ ଟଙ୍କା ବ୍ୟୟବରାଦରେ ବସୁଧା ଯୋଜନାରେ ଓଭରହେଡ୍ ଟାଙ୍କି ନିର୍ମାଣ ହେବା ପରେ ଲୋକେ ବିଶୁଦ୍ଧ ପାଣି ପାଇବା ନେଇ ଖୁସି ହୋଇଥିଲେ । ହେଲେ ୨୦ ଦିନ ହେଲା ପାଣିଟାଙ୍କି ଅଚଳ ଅବସ୍ଥାରେ ପଡ଼ିରହିଛି । ଫଳରେ ପୁରୁଣାଗୁମା ଗାଁର ୫ ପଡ଼ା ଯଥା ଲାଇନିଗୁଡ଼ା, କୋସପାଏର, ପୂର୍ଣ୍ଣାଗୁମା ଡୁକୁରିପଡ଼ା, ପୂର୍ଣ୍ଣାଗୁମା ଟିକ୍ରାପଡ଼ା, ପୂର୍ଣ୍ଣାଗୁମା ବସ୍ତିପଡ଼ାର ପ୍ରାୟ ୨୫୦ ପରିବାର ଲୋକେ ଝରଣାର ଗୋଳିଆ ପାଣି ବ୍ୟବହାର କରୁଛନ୍ତି । ବସୁଧା ଯୋଜନାରେ ଗଭୀର ନଳକୂପ ଖନନ ପରେ ନଳକୂଅରୁ ବର୍ତ୍ତମାନ ପାଣି ବାହାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି । ଯେଉଁ ଗୋଟିଏ ଦୁଇଟି ନଳକୂଅ ଅଛି ସେଥିରୁ ବାହାରୁଥିବା ପାଣି ସମୁଦ୍ରକୁ ଶଙ୍ଖେ ସଦୃଶ । ଫଳରେ ଗ୍ରାମର ପିଲାଠୁଆଠାରୁ ବୟସ୍କ ପର୍ଯ୍ୟନ୍ତ ନାଳପାଣି ବ୍ୟବହାର କରି ଚର୍ମରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏ ନେଇ ପଡ଼ାବାସୀ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ ସୁଫଳ ମିଳି ନ ଥିବା କହିଛନ୍ତି । ତୁରନ୍ତ ଅଚଳ ପ୍ରକଳ୍ପ ମରାମତି ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି । ଏନେଇ ଜଳ ଓ ପରିମଳ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନ୍ମଥ ମୁର୍ମୁଙ୍କୁ ପଚାରିବାରୁ ଓଭର ହେଡ ଟାଙ୍କିକୁ ସପ୍ଲାଏ ହୋଇଥିବା ଟ୍ରାନ୍ସଫର୍ମର ଫ୍ୟୁଜ ହୋଇଛି । ଏଣୁ କରେଣ୍ଟ ସମସ୍ୟା ହେତୁ ପାଣି ମୋଟର ଚାଲିପାରୁ ନାହିଁ । ଗାଁ ଲୋକେ ବିଦ୍ୟୁତ୍ ବିଭାଗ ସହ ଯୋଗାଯୋଗ କରି ସମସ୍ୟା ସମାଧାନ କରିବା କଥା । ସେ ମଧ ବିଭାଗୀୟ ଜେଇଙ୍କୁ କହିଥିଲେ, ହେଲେ ସେମାନେ ଶୁଣୁନାହାନ୍ତି ବୋଲି କହିଛନ୍ତି ।

## ଜନଶୁଣାଣି ଶିବିର

ଜୟପୁର, (ହି.ସ.)- ଜୟପୁର ବ୍ଲକ ଅନ୍ତର୍ଗତ କାଳିଆ ଗାଁ ଠାରେ ପଂଚାୟତ ସ୍ତରିୟ ଅଭିଯୋଗ ଓ ଜନ ଶୁଣାଣି ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ସହକାରି ନିର୍ବାହୀ ଯନ୍ତ୍ରୀ ବିଜୟ ନନ୍ଦ, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଏପିଓ ସନ୍ତୋଷି ମହାପାତ୍ର, ଡବ୍ଲୁଓ ଆଭା ପ୍ରଧାନ, ପେନସନ ବିଭାଗର ସସ୍ମିତା ପରିଡା ସହ ଅନ୍ୟ ଲାଇନର ବ୍ଲକସ୍ତରିୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ନାବାଳିକା ଦୁଷ୍କର୍ମକାରୀକୁ ୭ବର୍ଷ ଜେଲ୍

କନ୍ଧମାଳ, (ହି.ସ.)- କନ୍ଧମାଳ ଜିଲ୍ଲା ଦୌରା ଜଜ୍ ତଥା ପୋକ୍ସୋ କୋର୍ଟର ସତନ୍ତ୍ର ବିଚାରପତି ମନୋରଞ୍ଜନ ଦାସ ଏକ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ମାମଲାର ଅଭିଯୁକ୍ତ ସନ୍ତୋଷ ଓରଫ ସୂରଜ ଓରଫ ବାବୁ ଦିଗାଲକୁ ମାମଲାର ସାକ୍ଷୀ, ଡାକ୍ତରୀ ରିପୋର୍ଟ ଓ ପୀଡିତାଙ୍କ ବୟାନ ଆଧାରରେ ଦୋଷୀ ସାବ୍ୟସ୍ତ କରି ତାକୁ ସାତ ବର୍ଷ ଜେଲ ଓ ୧୭ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ତାକୁ ଆଉ ଅଧିକ ୯ ମାସ ଜେଲ ଦଣ୍ଡ ଭୋଗିବାକୁ ପଡିବ ବୋଲି ନିଜ ରାୟରେ ଦର୍ଶାଇଛନ୍ତି ବିଚାରପତି । ଏଥିସହ ପୀଡିତାକୁ ଏକ ଲକ୍ଷ ପଚାସ ହଜାର ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ମଧ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି । ସୂଚନା ଅନୁସାରେ, ଗତ ୨୦୧୬ ମସିହା ସେପ୍ଟେମ୍ବର ମାସ ୨ ତାରିଖର ମାମଲାର ପୀଡିତାଙ୍କ ପରିବାର ପକ୍ଷରୁ ବାବୁ ଦିଗାଲ ବିରୋଧରେ ପିଡିତାଙ୍କୁ ଅପହରଣ ତା ସହିତ ଦୁଷ୍କର୍ମ କରିଥିବା ନେଇ ଫୁଲବାଣୀ ଟାଉନ ଥାନାରେ ଏକ ଅଭିଯେଗ ହୋଇଥିଲା । ଅଭିଯୋଗ ପ୍ରକାରେ ଫୁଲବାଣୀ ଟାଉନ ଥାନା ପୋଲିସ ଏକ ମାମଲା ୨୧୬/ ୨୦୧୬ ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟରେ ହାଜର କରାଇଥିଲା । ବିଚାରପତି, ଆଜି ସେହି ମାମଲାର ବିଚାର କରି ଉପୋରୋକ୍ତ ରାୟ ଶୁଣାଇଛନ୍ତି । ମାମଲାକୁ ପୀଡିତାଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ କୁମାର ପ୍ରହରାଜ ପରିଚାଳନା କରୁଥିଲେ ।

## ମହିଳାଙ୍କୁ ଯୌନ ଉତ୍ପୀଡନ ନେଇ କର୍ମଶାଳା

କେନ୍ଦୁଝର, (ହି.ସ.): ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ପରିସରରେ ମହିଳାଙ୍କୁ ଯୌନ ଉତ୍ପୀଡନ ନିରୋଧ ନେଇ ଏକ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଆନ୍ତରିଣ ଅଭିଯୋଗ କମିଟିର ତତ୍ତ୍ୱାବଧାନରେ ହୋଇଥିବା କର୍ମଶାଳାରେ ମହାବିଦ୍ୟାଳୟରେ ହେଉଥିବା ଯୌନ ଉତ୍ପୀଡନ ନେଇ ଆଲୋଚନା ହେଇଥିଲା । ଏଥିରେ ମହିଳା ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ଶତାଧିକ ଛାତ୍ରୀ ଯୋଗ ଦେଇଥିଲେ ।

## ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହ କାର୍ଯ୍ୟରେ ଯୋଗଦେଲେ ଅନନ୍ତ

କେନ୍ଦୁଝର, (ହି.ସ.)- ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ଯେଭଳି ଭାବେ ଲୋକସଭାରେ ହଟ୍ଟଗୋଳ କରି ଗୃହ କାର୍ଯ୍ୟକୁ ବାରମ୍ବାର ବନ୍ଦ କରାଇଲେ ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ବିଜେପିର କେନ୍ଦୁଝର ସାଂସଦ ଅନନ୍ତ ନାୟକ । ଶ୍ରୀ ନାୟକ ସୋମବାର ଦିନ ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ ଗୃହ କାର୍ଯ୍ୟରେ ଯୋଗ ଦେଇଥିଲେ । ଶ୍ରୀ ନାୟକ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଜେପି ଓ ଏନଡିଏ ସରକାର ବାରମ୍ବାର ସ୍ପଷ୍ଟ କରି ସାରିଛନ୍ତି ଯେ, ବିରୋଧୀ ଦଳ ପକ୍ଷରୁ ଅପରେସନ ସିନ୍ଦୁର, ପହଲଗାମ ଆତଙ୍କବାଦୀ ଆକ୍ରମଣ କିମ୍ବା ଅନ୍ୟ ଯେକୌଣସି ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା କରିବା ଓ ବିରୋଧୀଙ୍କ ପ୍ରଶ୍ନର ଉତର ଦେବାକୁ ପ୍ରସ୍ତୁତ ରହିଛନ୍ତି । ହେଲେ ସଂସଦ ସଂସଦୀୟ ବିଧିବ୍ୟବସ୍ଥା ଅନୁସାରେ ହିଁ ଚାଲିବ, ବିରୋଧୀ କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କ କଥା ଅନୁଯାୟୀ ଚାଲିବ ନାହିଁ । ତେଣୁ ବିରୋଧୀ କଂଗ୍ରେସ ଦଳ ଏହି କଥାକୁ ଭଲ ଭାବେ ବୁଝିବା ଉଚିତ ଯେ ସଂସଦର ବିଧି ବ୍ୟବସ୍ଥା ଅନୁସାରେ ଆଲୋଚନା ଓ ପ୍ରଶ୍ନର ଉତର ଦେବା ପାଇଁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛନ୍ତି । ତେଣୁ କଂଗ୍ରେସ ଲୋକ ମାନଙ୍କର ସହ ଜଡିତ ବିଷୟ ଗୁଡିକର ଆଲୋଚନା ପାଇଁ ଉଦ୍ଦିଷ୍ଟ ଗୃହର ମୂଲ୍ୟବାନ ସମୟକୁ ହଟ୍ଟଗୋଳ କରି ନଷ୍ଟ କରନ୍ତୁ ନାହିଁ । ସଂସଦର ବିଧିବ୍ୟବସ୍ଥା, ଆଇନ କାନୁନ ଅନୁସାରେ ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଆଗକୁ ଆସୁ ବୋଲି ସେ କହିଛନ୍ତି ।

## ସମ୍ବଲପୁର ବିଜେଡିର ଗଣବିକ୍ଷୋଭ

ସମ୍ବଲପୁର, (ହି.ସ.) – ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମହୁତି ମାମଲାର ନ୍ୟାୟିକ ତଦନ୍ତ ଏବଂ କ୍ରମ ବର୍ଦ୍ଧିଷ୍ଣୁ ନାରୀ ନିର୍ଯାତନାର, ଆଇନ ଶୃଙ୍ଖଳା ସମସ୍ୟାର ପ୍ରତିବାଦରେ ଆଜି ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ଉତରାଂଚଳ ରାଜସ୍ୱ କମିସନର(ଆରଡିସି) କାର୍ଯ୍ୟାଳୟ ଆଗରେ ଗଣବିକ୍ଷୋଭ, ଘେରାଉ ସହିତ ପ୍ରତିବାଦ ସଭା କରାଯାଇଥିଲା । ଏଥିରେ ରାଜସ୍ୱ ଡିଭିଜନ ଅନ୍ତର୍ଗତ ୧୨ଟି ଜିଲ୍ଲାର ବିଜେଡି ବିଧାୟକ, କର୍ମକର୍ତା, ବରିଷ୍ଠ ନେତା ଓ ଦଳର ସମସ୍ତ ଛାମୁଆ ସଂଗଠନ ମାନଙ୍କର କର୍ମୀମାନେ ଅଂଶଗ୍ରହଣ କରିଥିଲେ । ଏମାନେ ଟାଉନ ହଲ ପଡିଆ ଠାରୁ ଏକ ବିଶାଳ ପଟୁଆର ରେ ବାହାରି ବିକ୍ଷୋଭ ସ୍ଥଳରେ ପହଂଚିଥିଲେ । ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ । ଦଳର ଉପ ସଭାପତି ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ସଭାପତି ରୋହିତ ପୂଜାରୀ, ବିଧାୟକ ନିରଞ୍ଜନ ପୂଜାରୀ, ଅଧୀରାଜ ପାଣିଗ୍ରାହୀ, କଳିକେଶ ନାରାୟଣ ସିଂହଦେଓ, ଶାରଦା ନାୟକ, ଯୋଗେଶ ସିଂହ, ନଳିନୀ କାନ୍ତ ପ୍ରଧାନ, ବର୍ଷା ସିଂହ ବିରିହା, ରାଜେନ୍ଦ୍ର ଢୋଲକିଆ, ରୋମାଂଚ ରଞ୍ଜନ ବିଶ୍ୱାଲ ଏବଂ ସୁଦର୍ଶନ ହରିପାଳ, ଅଭିମନ୍ୟୁ ସେଠି, ପ୍ରାକ୍ତନ ସାଂସଦ ମହେଶ ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ରିତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ସରୋଜ ମେହେର, ଦେବେଶ ଆଚାର୍ଯ୍ୟ, ରଜନୀ କାନ୍ତ ସିଂହ, ସୁଧୀର ସାମଲ, ମୁକେଶ ପାଲ, ଆୟୁବ ଖାନ, ଲମ୍ବୋଦର ଲମ୍ବୋଦର ନିଆଳ, ସୁବ୍ରତ ତରାଇ, ରାଜେନ୍ଦ୍ର ଛତରିଆ, ଅନିଲ ବାର୍ଲା ଏବଂ ଅଳକା ମହାନ୍ତି, ଯୁବନେତା ସଞ୍ଜୟ ବାବୁ, ମନୋଜ ମହାପାତ୍ର, ଅରୁଣ ପ୍ରଧାନ, ବିନୋଦ ବଡପଣ୍ଡା, ଶୁଭ୍ରାଂଶୁ ପାଢ଼ୀ, ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ, ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ବିଭିନ୍ନ ଜିଲ୍ଲାର ଜିଲ୍ଲା ପରିଷଦ ଅଧକ୍ଷ ଓ ଅଧକ୍ଷା, ଜିଲ୍ଲା ବିଜେଡି ସଭାପତି ବୃନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ ।

## ଶ୍ରାବଣରେ ପରିବା ଦର ଆକାଶଛୁଆଁ

ଜୟପୁର, (ହି.ସ.)- ମାଛ, ମାଂସଠୁ ବଳିଗଲା ପରିବା ଦର । ଦେଶୀ କାଙ୍କଡ଼ କେଜି ପ୍ରତି ୪ଶହ ଟଙ୍କା ଦରରେ ଜୟପୁର ସହରରେ ବିକ୍ରି ହେଉଥିବା ଦେଖାଯାଇଛି । ଲୋକେ ଆଗ୍ରହ କରି ପାଖକୁ ଯାଆନ୍ତି । କିନ୍ତୁ ଦର ଶୁଣି କାନମୁଣ୍ଡ ଆଉଁଶି ଫେରି ଯାଉଥିବା ଦେଖାଯାଇଛି । ତେଣୁ ଦେଶୀ ଛୋଟ କାଙ୍କଡ଼କୁ ପରିବା ବଜାରର ରାଜା ଆଖ୍ୟା ଦିଆଯାଇଛି । ଶ୍ରାବଣ ମାସକ ପାଇଁ ଅଧିକାଂଶ ଲୋକ ଆମିଷ ଖାଦ୍ୟ ବର୍ଜନ କରୁଥିବା ବେଳେ ପରିବା ଦର ଆମିଷଠାରୁ ବଳି ଯାଇଛି । ଆଳୁ, ପିଆଜକୁ ବାଦ୍ ଦେଲେ ଅନ୍ୟ ସମସ୍ତ ପନିପରିବା ଦାମ ଗ୍ରାହକଙ୍କୁ ଚିନ୍ତାରେ ପକାଇଛି । ଶ୍ରାବଣ ମାସର ପରିବା ଦର ଆକାଶଛୁଆଁ । ମାସ ଶେଷ ହେବା ବେଳକୁ ସ୍ଥିତି କ'ଣ ହେବ ବୋଲି ଲୋକେ ଚିନ୍ତା ପ୍ରକଟ କଲେଣି । ବଜାରରେ ୬୦ ଟଙ୍କା କିଲୋରେ ବିକ୍ରି ହେଉଛି ଟମାଟୋ ଓ ଅମୃତଭଣ୍ଡା ଅନ୍ୟ ପରିବା ବନ୍ଧାକୋବି ଗୋଟାକ ୪୦ ଟଙ୍କା, ଗାଜର, ବିଟ ଆଦି କିଲୋ ୫୦ ଟଙ୍କା, ସାରୁ ଓ କାକୁଡ଼ି ୬୦ ଟଙ୍କା, ପୋଟଳ ୫୦ ଟଙ୍କା ଦରରେ ବିକ୍ରି ହୋଇଛି । ବାଇଗଣ, ଭେଣ୍ଡି, କଲରା, ହାଇବ୍ରିଡ କାଙ୍କଡ଼, କିଲୋ ୪୦ ରୁ ୫୦ ଟଙ୍କା ଦରରେ ବିକ୍ରି ହୋଉଛି । ପରିବା ର ଏଭଳି ଆକାଶଛୁଆଁ ଦରକୁ ନେଇ ସାଧାରଣ ଉପଭୋକ୍ତା ଚିନ୍ତାରେ ପଡ଼ିଛନ୍ତି ।

## ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର

କଳାହାଣ୍ଡି : କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତି ଅଭିଯୋଗର ଶୁଣାଣୀ କରିଥିଲେ । ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ୧୫୮ ଗୋଟି ଆପତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୧୩୪ ଗୋଟି ଓ ସାମୂହିକ ୧୫ ଗୋଟି ରହିଥିବା ବେଳେ ୨୯ ଗୋଟି ଆପତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ ,ଭତା, ପାନୀୟଜଳ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ପୂର୍ତ, ବିଦ୍ୟୁତ, ଗ୍ରାମ୍ୟ ଉନ୍ନୟନ, ଶିଶୁ ସୁରକ୍ଷା, ଜିଲ୍ଲା, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ଆପତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ, (ପ୍ରବେଶନ) ଅନିମେସ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ମିନତୀ ଲତା ଦାସ, ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ମଳୟ କୁମାର ପରିଡା, ସହ ନିର୍ଦ୍ଦେଶକ ଜିଲ୍ଲା ସ୍ୱଳ୍ପ ସଂଚୟ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ,ପି ଡି, ଡୁଡା, ମୁନିନ୍ଦ୍ର ହୋନନା ଗା, ଡେପୁଟି କଲେକ୍ଟର ଚିତରଞ୍ଜନ ପିଲା, ତହସିଲଦାର, ଶୁଭସ୍ମିତା ମିଶ୍ର, ଜିଲ୍ଲା ପଂଚାୟତ ଅଧିକାରୀ ନୃସିଂହ ଚରଣ ପଟ୍ଟନାୟକ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶା,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କୁମାର କହଁର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ତରୁଣ ପ୍ରଜ୍ଞା ଭାରତୀର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି

କୋରାପୁଟ, (ହି.ସ.)- ତରୁଣ ପ୍ରଜ୍ଞା ଭାରତୀ ଅନୁଷ୍ଠାନର ୩୭ତମ ବାର୍ଷିକ ଉତ୍ସବ ୨୦୨୫ ନିମନ୍ତେ ପ୍ରସ୍ତୁତି ବୈଠକ ଅମୂଲ୍ୟ ଆୟୁର୍ବେଦିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅନୁଷ୍ଠାନର ପ୍ରମୁଖ କାର୍ଯ୍ୟକର୍ତାଙ୍କ ଉପସ୍ଥିତିରେ ଚଳିତ ବର୍ଷର ବିବିଧ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ସହ ଅନୁଷ୍ଠାନର ନିଜସ୍ୱ ଏକ ସ୍ଥାୟୀ କାର୍ଯ୍ୟାଳୟ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ପୂର୍ବକ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଛି । ପୂର୍ବବର୍ଷ ଭଳି ଏହି ବର୍ଷ ମଧ ଅନୁଷ୍ଠାନର ପ୍ରତିଷ୍ଠାତା ସ୍ୱର୍ଗତ ଡ.ଗଙ୍ଗାଧର ନନ୍ଦଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ସମସ୍ତ ପ୍ରତିଯୋଗିତା ଯଥା ସୂର୍ଯ୍ୟନମସ୍କାର, ଯୋଗାସନ, ଶଙ୍ଖବାଦନ, ହୁଳହୁଳି, ଗୀତା ଶ୍ଳୋକାବୃତି, ପ୍ରବନ୍ଧ ଲିଖନ, ସାଂସ୍କୃତିକ ପରୀକ୍ଷା, ଧୀର ଚକ୍ରିକା, ଝୋଟି, ଶିଶୁଗୀତ, ଚିତ୍ରାଙ୍କନ, ତର୍କ, ଦେଶାତ୍ମବୋଧକ ସଙ୍ଗୀତ, ଓଡିଶୀ, ଲୋକ ନୃତ୍ୟ ଇତ୍ୟାଦି ଅକ୍ଟୋବର ଓ ନଭେମ୍ବର ମାସରେ ଆୟୋଜନ କରାଯିବ । ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏବଂ ସାଧାରଣ ବର୍ଗର ପୁରୁଷ ଓ ମହିଳାମାନେ ଅଂଶଗ୍ରହଣ କରିପାରିବେ । ଆସନ୍ତା ଡିସେମ୍ବର ମାସରେ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ କରାଯିବ ଏବଂ କୃତି ଛାତ୍ରଛାତ୍ରୀ ଏବଂ ପୁରୁଷ ଓ ମହିଳାମାନଙ୍କୁ ପୁରସ୍କୃତ କରାଯିବ । ଏହି ବୈଠକରେ ଅନୁଷ୍ଠାନର ସଭାପତି ତପନ କିରଣ ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ରାମ ଶଙ୍କର ଷଡଙ୍ଗୀ, ଅଜୟ କୁମାର ମଲ୍ଲିକ, ରବିନ୍ଦ୍ର ମହାରଣା, ସବିତା ତ୍ରିପାଠୀ, ତପସ୍ୱିନୀ ସାହୁ ଓ ଆଇନ ପରାମର୍ଶଦାତା ଜି. ମହେଶ ଉପସ୍ଥିତ ରହି ସର୍ବସମ୍ମତି କ୍ରମେ ଉପରୋକ୍ତ ନିଷ୍ପତିମାନ ଗ୍ରହଣ କରି ଆଜିର ବୈଠକକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

## 'ଶ୍ୟାମଳ ଦିଗନ୍ତ' ଗଳ୍ପ ସଂକଳନ ଲୋକାର୍ପିତ

ବାରିପଦା, (ହି.ସ.)- ତତ୍ତ୍ୱମସି ପ୍ରକାଶନୀ ଦ୍ୱାରା ପ୍ରକାଶିତ ଅବସରପ୍ରାପ୍ତ ପ୍ରାଧ୍ୟାପିକା ମେଘମାଳା ବେହେରାଙ୍କର ଗଳ୍ପ ସଂକଳନ ଶ୍ୟାମଳ ଦିଗନ୍ତ ଲୋକାର୍ପିତ ହୋଇଯାଇଛି । ତତ୍ତ୍ୱମସି ପ୍ରତିଷ୍ଠାନ ଆନୁକୂଲ୍ୟରେ ବାରିପଦା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଲୋକାର୍ପଣ ଉତ୍ସବରେ ପ୍ରତିଷ୍ଠାନର ସଭାପତି ଆଶିଷ କୁମାର ବଶା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଓଡିଆ ପ୍ରାଧ୍ୟାପିକା ଡ. ପଦ୍ମଶ୍ରୀ ଦାସ, ମୁଖ୍ୟ ବକ୍ତା ଭାବରେ ପ୍ରତିଷ୍ଠାନର ସମ୍ପାଦକ ତଥା ପ୍ରାକ୍ତନ ଅଧ୍ୟକ୍ଷ ରାଜେନ୍ଦ୍ର ସାମଲ, ସମୀକ୍ଷକ ଭାବରେ ପ୍ରାକ୍ତନ ଓଡିଆ ପ୍ରାଧ୍ୟାପକ ଡ. ରବୀନ୍ଦ୍ର ଶତପଥୀ, ସମ୍ମାନୀତ ବକ୍ତା ଭାବରେ ପ୍ରାକ୍ତନ ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର, ସମ୍ମାନୀତ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟାପିକା ପୂଜ୍ୟା ପ୍ରତିଭା ମିଶ୍ର ଏବଂ ବାରିପଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେ ଯୋଗଦେଇ ପୁସ୍ତକର ଲୋକାର୍ପଣ କରିବା ସହିତ ଗଳ୍ପ ଗୁଡିକ ପାଠକଙ୍କ ମନଛୁଆଁ ହୋଇଛି ବୋଲି ମତ ରଖିଥିଲେ । ପ୍ରତିଷ୍ଠାନର ସହ ସମ୍ପାଦକ ଡ. ପ୍ରଭାତ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଉପସଭାପତି ତଥା ସହକାରୀ ପ୍ରଫେସର ଡ. ବିଚିତ୍ରନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସେହିପରି ଡ. ସଂଜୀବ କୁମାର ପାଣିଗ୍ରାହୀ ମଙ୍ଗଳାଚରଣ ପାଠ କରିଥିବା ବେଳେ ଡ. ପ୍ରଭାତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଧାନଶିକ୍ଷକଙ୍କ ତାଲିମ୍ ଶିବିର

ମାଲକାନଗିରି, (ହି.ସ.)-ମାଲକାନଗିରି ଉଚ୍ଚ ବାଳକ ବିଦ୍ୟାଳୟ ଠାରେ ମାଲକାନଗିରି ଜିଲ୍ଲାର ୧୨୯ଟି ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମାନଙ୍କ ୫ ଦିନିଆ ତାଲିମ ଶିକ୍ଷଣ ପେଟିକା 'ସମ୍ଭବ ' ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତରଞ୍ଜନ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ତାଲିମ ଶିବିରକୁ ଉଦଘାଟନ କରି ପ୍ରଧାନ ଶିକ୍ଷକ ମାନଙ୍କ ନେତୃତ୍ୱରେ ବିକାଶ ସମ୍ପର୍କରେ ମାର୍ଗ ଦର୍ଶନ କରିଥିଲେ କ୍ଷ ଖଇରପୁଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ କୁମାର ଗଣ୍ଡ, ଉଚ୍ଚ ବାଳକ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମମତା ସଏ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଶୈକ୍ଷିକ ସଂଯୋଜକ ଶେଷଶଙ୍କର ମହାଳିକ ମଂଚାସୀନ ଥିଲା ବେଳେ, ସାଧନ କର୍ମୀ ଭାବେ ଦିଲ୍ଲୀପ କୁମାର ଗଣ୍ଡ, ଅଜୟ କୁମାର ନାୟକ, ଦିଲ୍ଲୀପ କୁମାର ସାହୁ ଓ ଦେବରାଜ ସେଠୀ ଉପସ୍ଥିତ ଥିଲେ କ୍ଷ ଏହି ୫ ଦିନିଆ 'ସମ୍ଭବ' ତାଲିମ ଶିବିରର ଏନସିଏଫ ଓ ଏନଇପି - ୨୦୨୦ ର ଉଦ୍ଦେଶ୍ୟ ଓ ଶୈକ୍ଷିକ ଲକ୍ଷ୍ୟ, ମାନ ନିର୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକାରଣ, ଧନ୍ଦାମୂଳକ ଶିକ୍ଷା, ଏସ ଡି ଜେ, ଡିଆଇ ଏସ ଇ ଓ ପି ଜି ଇ ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାନଙ୍କ ଦକ୍ଷତା ବୃଦ୍ଧି କରାଯିବାର କାର୍ଯ୍ୟକ୍ରମ ରହିଛି ।

## ସାହାଣୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ : ଆର୍‌ଏସ୍‌ପି ବିଜୟୀ

କେନ୍ଦୁଝର,(ହି.ସ.)- କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଏବଂ ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ସହାୟତାରେ କେନ୍ଦୁଝର ଷ୍ଟାଡିୟମ ପଡିଆ ଠାରେ ଆଜି ୬୪ତମ ସାହାଣୀ କପ ସିନିଅର ଆନ୍ତଃ ଜିଲ୍ଲା ପୁରୁଷ ଫୁଟବଲ ଟୁର୍ନାମେଂଟର ପଂଚମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ଆଜି ଅନୁଷ୍ଠିତ ଦ୍ୱିତୀୟ ଖେଳ ମଧ ସଂଘର୍ଷପୂର୍ଣ୍ଣ ତଥା ଉତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ ରାଉରକେଲା ଷ୍ଟିଲ ପ୍ଲାଂଟ ଘରୋଇ କେନ୍ଦୁଝର ବିପକ୍ଷରେ ୧-୦ ଗୋଲରେ ବିଜୟୀ ହୋଇ ୩ଟି ମ୍ୟାଚରୁ ସମୁଦାୟ ୯ ପଏଂଟ ହାସଲ କରି ପ୍ରଥମ ଦଳ ଭାବେ ଗ୍ରୁପ 'ବି ' ରୁ ଜୋନାଲ ଫାଇନାଲ ଖେଳିବାର ଯୋଗ୍ୟତା ହାସଲ କରିଛି କ୍ଷ ଆଜିର ଦ୍ୱିତୀୟ ଖେଳରେ ପ୍ରଥମାର୍ଦ୍ଧର ୨୦ତମ ମିନିଟରେ ଆରଏସପି ର ଜର୍ସି ନମ୍ବର ୧୨ ରମେଶ ଓରାମ ଦଳ ପକ୍ଷରୁ ଏହି ଏକମାତ୍ର ଗୋଲଟି ସ୍କୋର କରିବା ସହ ଦଳକୁ ବିଜୟର ମୁକୁଟ ପିନ୍ଧାଇଥିଲେ । ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ମୁଖ୍ୟଅତିଥି ବରିଷ୍ଠ ଆଇନଜୀବୀ ତଥା କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ସଦସ୍ୟ ଗୋପାଳକ୍ରିଷ୍ଣା ପରିଡା ଏବଂ ଚତୁର୍ଭୁଜ ହୋତାଙ୍କ ସହ ଖେଳାଳି ମାନଙ୍କୁ ପରିଚିତ କରାଇ ଦିଆଯାଇଥିଲା । ଆଜିର ଏହି ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ଉପ ସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକ,ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଯୁଗ୍ମ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ, ରବୀନ୍ଦ୍ର ପାଢ଼ୀ, କୋଷାଧକ୍ଷ ସରୋଜ ରଣା, କାଉନସିଲ ସଦସ୍ୟ , ରାଜକୁମାର ମିଶ୍ର,ସୁରେଶ ରଣା, ଗିରୀଶ ଚନ୍ଦ୍ର ହୋତା, ପ୍ରଶାନ୍ତ ସାହୁ, ଦିଲ୍ଲୀପ କୁମାର ପଣ୍ଡା ଏବଂ ବୀରେନ୍ଦ୍ର ମହାନ୍ତ ପ୍ରମୁଖ ମଂଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଚତୁର୍ଥ ରେଫରୀ ଥିଲେ ଚକ୍ରଧର ଚାଟକ୍ଷର । ସେହିପରି ଦ୍ୱିତୀୟ ଖେଳରେ ସୁବ୍ରତ ପୁରୋହିତ ରେଫରୀ ଦାୟିତ୍ୱ ତୁଲାଇ ଥିବା ବେଳେ ଲାଇନରେ ଅରୁଣ ନାୟକ ଓ ଉତ୍କଳମଣି ବେହେରା ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ଆଶୀର୍ବାଦ କାନୁନଗୋ । ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ଫାଓର ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡେଇ କେନ୍ଦୁଝର ଜୋନ ପାଇଁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ ସଞ୍ଜୟ କୁମାର ନାଏକ, କରୁଣାକର ବେହେରା ଓ ସନ୍ତୋଷ ମହାରଣା ଚୟନକର୍ତା ଭାବେ ସୁରେଶ କୁମାର ଦାଶ ମ୍ୟାଚ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ । ଏହି ପ୍ରତିଯୋଗିତାରେ ଭାଷ୍ୟକାର ପ୍ରେମାନନ୍ଦ ମହାନ୍ତ ଧାରବିବରଣୀ ପ୍ରଦାନ କରିବା ସହ ଉପସ୍ଥିତ ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ ।

### ଶ୍ରାବଣର ଦ୍ୱିତୀୟ ସୋମବାର

## ଶିବାଳୟରେ କାଉଡିଆଙ୍କ ଜଳାଭିଷେକ

କୋରାପୁଟ (ହି.ସ.) - ଆରମ୍ଭ ହୋଇଯାଇଛି ପବିତ୍ର ଶ୍ରାବଣ ମାସ । ବୋଲବମ, ହରହର ବମ ଧ୍ୱନିରେ ପ୍ରକମ୍ପିତ ହୋଇଛି ସହର ଓ ଏହାର ଆଖପାଖ ଅଂଚଳ । ମାନସିକଧାରୀ କାଉଡିଆ ଏବଂ ଶ୍ରଦ୍ଧାଳୁମାନେ ଶିବଙ୍କ ମସ୍ତକରେ ଜଳାଭିଷେକ କରିଛନ୍ତି । ଝିପି ଝିପି ବର୍ଷା ସତ୍ତ୍ୱେ ସହରର ଭୁତନାଥ ମନ୍ଦିର, ପଂଚାନନ ମନ୍ଦିର, ବୈଦନାଥ ମନ୍ଦିର, ନୀଳକଣ୍ଠେଶ୍ୱର ମନ୍ଦିର, କପିଳେଶ୍ୱର ମନ୍ଦିର, ପାରାବେଡା ଶିବି ମନ୍ଦିର, ଗାଗନାପୁର ଶିବ ମନେଇର, କୋରାପୁଟ ଘାଟିର ଅର୍ଦ୍ଧନାରୀଶ୍ୱର ଏବଂ ହଟକେଶ୍ୱର ମନ୍ଦିରରେ ଭକ୍ତଙ୍କ ଭିଡି ଜମିଥିଲା । କାଉଡିଆମାନେ ବୋଲମୋବ ନାରା ଦେଇ ବିଭିନ୍ନ ନଦୀରୁ ପାଣି ନେଇ ଶିବଙ୍କ ଉପରେ ପାଣି ଢାଳିଛନ୍ତି । ଗୁପ୍ତେଶ୍ୱର ପୀଠରେ ପ୍ରଥମ ସୋମବାରରେ ସେତେଟା ଭିଡ ଦେଖିବାକୁ ମିଳିନଥିବା ବେଳେ ଦ୍ୱିତୀୟ ସୋମବାରରେ ହଜାର ହଜାର ଭକ୍ତଙ୍କ ଭିଡ ଦେଖିବାକୁ ମିଳିଥିଲା । ଗୁପ୍ତେଶ୍ୱର ପୀଠରେ ଜଳାଭିଷେକ କରିବାକୁ ଜୟପୁର ବ୍ଲକ ପାତ୍ରପୁଟ କୋଲାବ ବ୍ରିଜ ନିକଟ ନଦୀରୁ ଜଳ ସଂଗ୍ରହ କରିଥିଲେ କାଉଡିଆମାନେ । ସେଠାରେ ପୂଜାର୍ଚ୍ଚନା କରିବା ପରେ କାଉଡିଯାତ୍ରାରେ ଗୁପ୍ତେଶ୍ୱର ଯାଇଥିଲେ । କାଉଡିଆ ମାନଙ୍କୁ ସେବା ଯୋଗାଇଦେବା ନିମନ୍ତେ ରାସ୍ତା କଡରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରସାଦ ବଂଟନ କରାଯାଉଥିଲା । ସେମିଳିଗୁଡାର ହରିଓଁ ସେବା ମଣ୍ଡଳ ପକ୍ଷରୁ ସ୍ଥାନୀୟ ରାମଗିରି ନିକଟରେ ଗତ ୧୩ ବର୍ଷ ହେଲା କାଉଡିଆମାନଙ୍କୁ ସେବା ଯୋଗାଇ ଆସୁଥିବା ଏହି ଦଳ ଚଳିତ ବର୍ଷ ମଧ ୪ରୁ ୫ହଜାର ଲୋକଙ୍କ ନିମନ୍ତେ ଚାହା, ଜଳଖିଆ ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଥିଲେ । ଆସନ୍ତା ସୋମବାର ତୃତୀୟ ସୋମବାର ମଧ ଅଧିକ ଭିଡ ରହିବ ବୋଲି ଆଶା କରାଯାଉଛି ।

## ଅବ୍ୟବସ୍ଥା ବିରୁଦ୍ଧରେ ଚାଷୀ ମେଳି

ଟିଟିଲାଗଡ଼: ଶିଳ୍ପବିହୀନ, ଦାଦନ ପ୍ରବଣ ଟିଟିଲାଗଡ଼ ବ୍ଲକରେ ସାଧାରଣ ଜନତା ହାହାକାର ହୋଇପଡିଛନ୍ତି । ଶ୍ରମିକ ତଥା ଚାଷୀ ପରିବାରର ଶିକ୍ଷିତ ବେକାର ଯୁବକ ଯୁବତୀ ଅନ୍ୟ ପନ୍ଥା ନପାଇ ଦାଦନ ଖଟି ଯିବାକୁ ବାଧ ହେଉଛନ୍ତି । ବର୍ତ୍ତମାନ ଖରିଫ ଋତୁରେ ସ୍ୱଳ୍ପ ବୃଷ୍ଟି ଚାଷୀ ପରିବାରଙ୍କୁ ବ୍ୟଥିତ କରିଛି । ଏଭଳିସ୍ଥଳେ ବ୍ଲକ ଅନ୍ତର୍ଗତ ଗୁରୁଜିଭଟା, ଡୁଙ୍ଗୁରିପାଲି ଠାରେ ଥିବା ବୃହତ ଉଠାଜଳସେଚନ ପ୍ରକଳ୍ପ ଅଚଳ ହେବା ଚାଷୀଙ୍କ ନଇଁ ପଡ଼ିଥିବା ପିଠିରେ ଶକ୍ତ ବିଧା ସଦୃଶ ବୋଲି ଆଜି ବ୍ଲକ ଅନ୍ତର୍ଗତ ଭାଲେଗାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଚାଷୀ ମେଳିରେ ବରିଷ୍ଠ କୃଷକ ନେତା ନିରାଶା ପ୍ରକଟ କରିଛନ୍ତି । ଭାଲେଗାଁ ସରପଞ୍ଚ ଯୁଗଳ କିଶୋର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଚାଷୀ ମେଳିରେ ଟିଟିଲାଗଡ଼ କୃଷକ ସଂଘର୍ଷ ଅଭିଯାନ ସମିତି ଆବାହକ ବାଳକୃଷ୍ଣ ଷାଣ୍ଢ, ବେଣୁଧର ଝାଙ୍କର, ପ୍ରଭାକର ସାହୁ, ଦେବରାଜ ମାଝୀ, ମେଘବର୍ଣ୍ଣ କୁମ୍ଭାର, ଗୋକୁଲ ସୁନାନୀ ଚାଷୀଙ୍କୁ କ୍ରମାଗତ ଅବହେଳା ନେଇ ଚିନ୍ତା ପ୍ରକଟ କରିଥିଲେ କ୍ଷ ୩୫ କୋଟି ୯୪ ଲକ୍ଷ ଟଙ୍କାରେ ନିର୍ମିତ ଗୁରୁଜିଭଟା ବୃହତ ଉଠା ଜଳସେଚନ ପ୍ରକଳ୍ପ ସମେତ ଡୁଙ୍ଗରିପାଲି, ବେଲଗାଁ, ଭୁସକିମାଲ, ଶିଶକେଲା ଆଦି ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲାରେ ପୁର୍ବ ସରକାର ସମୟରେ ନିର୍ମିତ୍ତ ୧୩ ଗୋଟି ବୃହତ ଉଠା ଜଳସେଚନ ପ୍ରକଳ୍ପରେ ବର୍ତ୍ତମାନ ସରକାରଙ୍କ ଅବହେଳା ଯୋଗୁଁ ତାଲା ପଡିଛି । ଏହା ଚାଷୀଙ୍କ ପ୍ରତି ଉପହାସ ବୋଲି ଚାଷୀ ନେତା କ୍ଷୋଭ ପ୍ରକାଶ କରିଛନ୍ତି କ୍ଷ ବର୍ତ୍ତମାନ ଖରିଫରେ ବର୍ଷାଭାବ ସମୟରେ ରୁଆ, ବିହୁଡା ପାଇଁ ଚାଷ ଜମିରେ ପାଣି ନଥିବା ବେଳେ ପ୍ରକଳ୍ପ ଗୁଡିକରେ ତାଲା ପଡିବା ନିନ୍ଦନୀୟ । ଏନେଇ ପ୍ରଶାସନ ତଥା ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ନକଲେ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚାଷୀ ନେତା ଚେତାବନୀ ଦେଇଛନ୍ତି । ସଭାରେ ବିଶିଷ୍ଟ ଚାଷୀ ନେତା ଯୋଗେଶ୍ୱର କଟା, ପରମେଶ୍ୱର ରଣା, ଯାଦବ ମାଝୀ, ଅମରେଶ ଜ୍ୟୋତି, ମନୋଜ ବିଶି, ସୁବଳ ବାଗ, ପିତାମ୍ବର ମାଝୀ, ହେମବନ୍ତ ଗହୀର, ପ୍ରକାଶ ସାହୁ, ଚିତ୍ତରଞ୍ଜନ ସାହୁ, ରୋହିତ ସାହୁ, ଇନ୍ଦ୍ରମଣି ମାଝୀ, ତ୍ରିନାଥ ସାହୁ କପିଳଦେବ ଷାଣ୍ଢ, ଘିନୁ ପୋଢ଼, ବୈବସ୍ୱତ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ ।

# ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପାଇଁ ଲୋକେ ହୀନସ୍ତା

**ଭୁବନେଶ୍ୱର(ପିପିଏସ୍) :** ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ପାଇବାକୁ ନାନା ଦହଗଞ୍ଜ ହେଉଛନ୍ତି ଲୋକେ। ପଞ୍ଜୀକରଣ ପ୍ରକ୍ରିୟାକୁ ରାଜ୍ୟ ସରକାର ସରଳୀକରଣ କରିବା ପରେ ବି ସମସ୍ୟା ସୁଧୁରିବାର ନା ନେଉନି। ପୂର୍ବର ଲମ୍ୱାଧାଡ଼ି ଓ ସମୟ ସାପେକ୍ଷ ବ୍ୟବସ୍ଥାରେ ପରିବର୍ତ୍ତନ ଆଣି ଉଭୟ ଆବେଦନ ଓ ପ୍ରମାଣପତ୍ର ପାଇବା ପାଇଁ ଅନ୍‌ଲାଇନ୍ ବ୍ୟବସ୍ଥା ଲାଗୁ ହେଲା। ଆଉ ଲୋକଙ୍କୁ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟକୁ ମାସ ମାସ ଦୌଡ଼ିବାକୁ କି ଘଣ୍ଟା ଘଣ୍ଟା ଧାଡ଼ିରେ ଛିଡ଼ା ହୋଇ ଆବେଦନ କରିବାକୁ ପଡ଼ିବନି ବୋଲି ସରକାର ଲକ୍ଷ୍ୟ ରଖିଲେ। କିନ୍ତୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଜନ୍ମ-ମୃତ୍ୟୁ



ପଞ୍ଜୀକରଣ କାର୍ଯ୍ୟାଳୟ ଏବେ ବି ପୁରୁଣା ବ୍ୟବସ୍ଥାରୁ ବାହାରି ପାରିନି। ସେ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ହେଉ କି ନାମ ପରିବର୍ତ୍ତନ ପ୍ରମାଣପତ୍ର, ଏବେ ବି ଆବେଦନକାରୀଙ୍କୁ ମାସ ମାସ ଧରି କାର୍ଯ୍ୟାଳୟକୁ ଦୌଡ଼ାଯାଉଛି। କାର୍ଯ୍ୟାଳୟର ଭୁଲ୍ ପାଇଁ ଭୋଗୁଛନ୍ତି ନିରୀହ ଲୋକେ। ତ୍ରୁଟିପୂର୍ଣ୍ଣ ପ୍ରମାଣପତ୍ର ଦେଇ ଲୋକଙ୍କୁ ହଇରାଣ କରୁଛନ୍ତି କାର୍ଯ୍ୟାଳୟ କର୍ତ୍ତୃପକ୍ଷ। ଏଣୁ ଲୋକେ ଜରୁରିକାଳୀନ ସମୟରେ ବି ପ୍ରମାଣପତ୍ର ନପାଇ ଅସୁବିଧାରେ ପଡୁଛନ୍ତି। ଖାରବେଳନଗରରେ ରହିଛି ବିଏମ୍‌ସିର ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟ। ସେ ଜନ୍ମ ପ୍ରମାଣପତ୍ର ହେଉ କି ମୃତ୍ୟୁ ପ୍ରମାଣପତ୍ର ଅବା ନାମ ସଂଶୋଧନ ପରବର୍ତ୍ତୀ ପ୍ରମାଣପତ୍ର, ଦୈନିକ ୨୫ରୁ ୫୦ଟି ଆବେଦନ ଏଠାରେ ପଡୁଛି। ଭୁବନେଶ୍ୱରର ମୂଳବାସିନ୍ଦା ଜଣେ ମହିଳା କହିଛନ୍ତି, ଏକ ଘରୋଇ ଡାକ୍ତରଖାନାରେ ତାଙ୍କ ଝିଅର କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଜନ୍ମ ପ୍ରମାଣପତ୍ର ପାଇଁ ଅନ୍ ?ଲାଇନ୍ ?ରେ ସେ ଆବେଦନ କରିଥିଲେ। କିନ୍ତୁ ପ୍ରମାଣପତ୍ରରେ ଝିଅର ନାମ ତ୍ରୁଟିପୂର୍ଣ୍ଣ ରହିଥିଲା। କାର୍ଯ୍ୟାଳୟକୁ ମାସାଧିକ କାଳ ଦୌଡ଼ିବା ସହ ଏକାଧିକ ଥର ଅଭିଯୋଗ ପରେ ତାଙ୍କୁ ତ୍ରୁଟିଶୂନ୍ୟ ଜନ୍ମ ପ୍ରମାଣପତ୍ର ମିଳିଥିଲା। ସେହିଭଳି ରଙ୍ଗମାଟିଆର ପ୍ରିୟଦର୍ଶିନୀ ବେହେରା ତାଙ୍କର ଓ ତାଙ୍କ ଦୁଇ ଝିଅର ନାମ ସଂଶୋଧନ ପାଇଁ ଆବଶ୍ୟକ ସତ୍ୟପାଠ ଓ ଅନ୍ୟ ପ୍ରମାଣପତ୍ର ସହ ଆବେଦନ କରିଥିଲେ। ହେଲେ ଜନ୍ମ ପ୍ରମାଣପତ୍ରରେ ତାଙ୍କ ଝିଅ ନାମ ତ୍ରୁଟିପୂର୍ଣ୍ଣ ରହିଥିବା ବେଳେ ଦୁଇଝିଅଙ୍କର ଜନ୍ମ ପ୍ରମାଣପତ୍ରରେ ବି ଭୁଲ୍ ରହିଥିଲା। ଅଭିଯୋଗ କରିବାରୁ ଆବଶ୍ୟକ ସଂଶୋଧନ କରିଦେବେ ବୋଲି କହିଥିଲେ। କିନ୍ତୁ ଦ୍ୱିତୀୟ ଥର ବି ଘଟଣାର ପୁନରାବୃତ୍ତି ଘଟିଲା। ତୃତୀୟ ଥରରେ ଯାଇ ଜନ୍ମ ପ୍ରମାଣପତ୍ରରେ ନାମ ଠିକ୍ ଆସିଥିଲା। ଅଭିଯୋଗ ହୋଇଛି, ଜନ୍ମ-ମୃତ୍ୟୁ ପଞ୍ଜୀକରଣ ସରଳୀକରଣ ବ୍ୟବସ୍ଥାକୁ ଅଧିକ ଜଟିଳ କରି ଦେଉଛନ୍ତି ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ କାମ କରୁଥିବା ସରକାରୀ ଅଧିକାରୀ ଓ କର୍ମଚାରୀମାନେ। ସେମାନେ ଯଦି ନିଜ କାମ ଠିକ୍ କରନ୍ତେ, ଏଭଳି ଅସୁବିଧା ଭୋଗିବାକୁ ପଡ଼ନ୍ତାନି। କେବଳ ରାଜଧାନୀ ନୁହେଁ, ବିଭିନ୍ନ ଗ୍ରାମାଞ୍ଚଳରେ ଏହି ସମସ୍ୟା ଦେଖିବାକୁ ମିଳୁଛି। ସତ୍ୟବାଦୀ ବ୍ଲକ୍ ଅଳଗୁମ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମ-ମୃତ୍ୟୁ ପଞ୍ଜୀକଣ କେନ୍ଦ୍ରରେ ମଧ ଏଭଳି ଅବ୍ୟବସ୍ଥା ନେଇ ଲୋକେ ଅଭିଯୋଗ କରିଛନ୍ତି।

# ଆନ୍ଦୋଳନକୁ ଓହ୍ଲାଇବ ଜାତୀୟ ରାଜପଥ କର୍ମଚାରୀ ସଂଘ

**ଭୁବନେଶ୍ୱର (ପିପିଏସ୍):** ପୂର୍ତ୍ତ ବିଭାଗ ଅଧୀନରେ ଥିବା ରାସ୍ତା ଓ ଗୃହ, ଏନ୍.ଏଚ, ଜିପିଏଫ୍, ଜିଇଡି, ମେଚନିକାଲ ଓ ଆରଡିୟୁକ୍ୟପି ସଂସ୍ଥା ମାନଙ୍କରେ ମୋଟ ୩୩୩୪ ଜଣ ବିଭିନ୍ନ ପଦପଦବୀରେ ନିୟୋଜିତ ରହି କାର୍ଯ୍ୟ କରୁଥିଲେ। ଏମାନଙ୍କ ମଧ୍ୟରୁ ୱ୍ୱାର୍କଚାର୍ଜଡ୍ ଓ ୱ୍ୱାର୍କଚାର୍ଜଡରୁ ନିୟମିତ ହୋଇ ୧୨୩୯ ଜଣ ଚାକିରିରୁ ଅବସର ନେବା ପରେ ଅବଶିଷ୍ଟ ଚାକିରିରେ ଅଛନ୍ତି। ଅବସରପ୍ରାପ୍ତ ୱ୍ୱାର୍କଚାର୍ଜଡ୍ କର୍ମଚାରୀଙ୍କୁ ଡିଏଲ୍‌ଆର୍ ନିଯୁକ୍ତି ସମୟରୁ ୱ୍ୱାର୍କଚାର୍ଜଡ୍ ପର୍ଯ୍ୟନ୍ତ ୧୯୭୨ ପି.ଜି ଆକ୍ଟ ନିୟମ ଆଧାରରେ ଗ୍ରାଚ୍ୟୁଇଟି ପ୍ରଦାନ ନିମନ୍ତେ ପୂର୍ତ୍ତ ସଚିବ ଯନ୍ତ୍ରୀମୁଖ୍ୟଙ୍କୁ ହିସାବ ମାଗିଥିଲେ। ଏ ବାବଦରେ ଯନ୍ତ୍ରୀମୁଖ୍ୟ ହିସାବ କରି ମୋଟ ୧୪୯ କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ବ୍ୟୟ ବାବଦରେ ନବେ କୋଟି ଟଙ୍କାର ହିସାବ ପୂର୍ତ୍ତ ସଚିବଙ୍କୁ ଗତ ମଇ ମାସରେ ପ୍ରଦାନ କରିଛନ୍ତି। ମହମ୍ମଦ ଜମିଲୁର ରହମନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କର୍ମଚାରୀ ନେତା ସର୍ବଶ୍ରୀ ଅଶୋକ ଚୌଧୁରୀ, ଅରୁଣ ପରିଡା, କମଳା ଦାସ, ରବି ଡାକୁଆ, ସଞ୍ଜୟ ସାମଲ, ନାରାୟଣ ଦାଶ, ସର୍ଦ୍ଦିପ ଗିରି, ନୀଳମଣୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଶା ଅମଲା ସଂଘର ୮୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାର ସଭାପତି ଓ ସମ୍ପାଦକ ସହିତ ରାଜ୍ୟ ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ। ସଂଘର ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀ, ଜିଲ୍ଲା ସଭାପତି ଶଶୀଭୂଷଣ ଦାଶ, ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସଭାରେ ରାଜ୍ୟ ସଂଘର ଅବସର ଗ୍ରହଣ କରିଥିବା ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ ଏବଂ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦରମା ଲେଭଲ-୯ ଅନୁସାରେ ପ୍ରଦାନ ସହିତ ନେସନାଲ୍ ବେନିଫିଟ୍, ପ୍ରତ୍ୟେକ ଚାରିବର୍ଷରେ ପ୍ରମୋସନ, ପ୍ରଥମ ଓ ଦ୍ୱିତୀୟସ୍ତର ଅଧିକାରୀଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷିତ ରଖାଯାଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବିଭାଗର ଅମଲାମାନଙ୍କ ପ୍ରମୋସନ ଆଦି ଦାବିଗୁଡ଼ିକୁ ସରକାର ଅଳ୍ପ ଦିନରେ ପୂରଣ କରିବେ ନଚେତ୍ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି।

# 'ଛାତ୍ର ଜାଗୃତି' ଅଭିଯାନ





**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱର: ନବନିର୍ମାଣ ଯୁବଛାତ୍ର ସଂଗଠନର 'ଛାତ୍ର ଜାଗୃତି' ଅଭିଯାନ ଆରମ୍ଭ ହୋଇଛି। ଯୁବଛାତ୍ର ରାଜ୍ୟ ସଂଯୋଜକ ମହମ୍ମଦ ମନଓ୍ୱ ? ଅଲ୍ଲୀଙ୍କ ନେତୃତ୍ୱରେ ଆଜି ନୂଆପଲ୍ଲୀସ୍ଥିତ ଦେବରାୟ ଓ ରାଜଧାନୀ କଲେଜରୁ ଏହି ଅଭିଯାନ ଆରମ୍ଭ ହୋଇଛି। ସଂଗଠନର ପ୍ରତିଷ୍ଠାତା ଅକ୍ଷୟ କୁମାର ଓ ସହପ୍ରତିଷ୍ଠାତା ଶେଷଦେବ ନନ୍ଦ ଛାତ୍ରମାନଙ୍କୁ ସମ୍ବୋଧିତ କରିଥିଲେ। ଗୁରୁଶିଷ୍ୟ ପରମ୍ପରା, ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏହି ଅଭିଯାନର ମୂଳ ଲକ୍ଷ୍ୟ ରହିଛି। ମହାପୁରୁଷମାନଙ୍କ ପଦାଙ୍କ ଅନୁସରଣ କରି ଛାତ୍ର ସମାଜ ଏକଜୁଟ୍ ? ହେବାକୁ ଯୁବ ଛାତ୍ର ସଂଗଠନର ସଂଯୋଜକ ମନଓ୍ୱର ଅଲ୍ଲୀ ଆହ୍ୱାନ ଦେଇଥିଲେ। ଅଗଷ୍ଟ ୪ରୁ ୧୮ ତାରିଖ ଯାଏ ବାଲେଶ୍ୱରରୁ ଭୁବନେଶ୍ୱର ପଦଯାତ୍ରା ଚାଲିବ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବୀପ୍ରସାଦ ମହାରଣା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶେଷରେ କଲେଜ କ୍ୟାମ୍ପସ୍ ?ରୁ ପାଣ୍ଠି ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥିଲା। ଅମିତ ଜେନା, ନିଗମାନନ୍ଦ ବେହେରା, ରାହୁଲ ବେହେରା, ସୋହେଲ ଖାନ୍, ଶ୍ରେୟାଂଶୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପାଇକ ବିଦ୍ରୋହକୁ ଇତିହାସ ବହିରୁ ବାଦ୍ ଘଟଣାରେ ଓଡ଼ିଆ ଅସ୍ମିତା ପରିଷଦର କ୍ଷୋଭ

**ଭୁବନେଶ୍ୱର (ପିପିଏସ୍):** ବହୁ ବାଦ ବିବାଦ ଓ ଉଦ୍ୟମ ଫଳରେ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ବ୍ରିଟିଶ ବିରୋଧୀ ବିଦ୍ରୋହ ଓଡ଼ିଶାର ପାଇକ ବିଦ୍ରୋହକୁ ୨୦୧୭ ମସିହାରୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ୮ମ ଶ୍ରେଣୀର ଇତିହାସ ବହିରେ ସ୍ଥାନିତ କରାଯାଇଥିଲା। କିନ୍ତୁ ଗତ ସପ୍ତାହରେ ଏନ୍‌ସିଇଆରଟି ତରଫରୁ ଯେଉଁ ନୂଆ ଇତିହାସ ବହି ଛପା ଯାଇଛି, ସେଥିରେ 'ଖୋର୍ଦ୍ଧାର ପାଇକ ବିଦ୍ରୋହ'କୁ କର୍ତ୍ତୃପକ୍ଷ ବାଦ ଦେଇଛନ୍ତି। ଏହା ଓଡ଼ିଆ ଜାତି ପ୍ରତି ଏକ ଚରମ ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ କୁହାଯାଇଛି। ପାଇକ ବିଦ୍ରୋହକୁ ଏନ୍‌ସିଇଆର୍‌ଟି ଇତିହାସ ବହିରେ ପୁନର୍ବାର ସ୍ଥାନ ଦେବା ଦାବିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳମାନଙ୍କର ବିଦ୍ରୋହ ସେହି ଇତିହାସ ବହିରେ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ ଦେବା ବୀର ପାଇକ ମାନଙ୍କର ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅରୁଣ ଜେନା, ସୁବାସ କୁମାର ତାରିଣିଆଁ ପ୍ରମୁଖ ଦାବି କରିଛନ୍ତି।

# ନରେନ୍ଦ୍ର ପ୍ରସାଦ ଦାସ ସ୍ମୃତି ସମ୍ମାନ

**ଭୁବନେଶ୍ୱର (ପିପିଏସ୍) :** ଶିକ୍ଷାପ୍ରାପ୍ତ କରିବା ସମସ୍ତଙ୍କର ଅଧିକାର। କିନ୍ତୁ ଆମେ ଯେଉଁ ସମାଜରେ ରହୁଛେ, ସେଠାରେ ଅନେକ ଅସମାନତା ରହିଛି। ଧନାଢ଼୍ୟ, ବଦାନ୍ୟ ତଥା ଓଡ଼ିଶା ବାହାରେ ରହୁଥିବା ବ୍ୟକ୍ତିମାନେ ମଝିରେ ମଝିରେ ଓଡ଼ିଶା ଆସି ଯଦି କିଛି କିଛି ବିଦ୍ୟାର୍ଥୀଙ୍କୁ ଆର୍ଥିକ ସହାୟତା ଯୋଗାନ୍ତେ, ତେବେ ସମାଜରୁ ଏହି ଅସମାନତା ଦୂର




ହୋଇପାରନ୍ତା। ନରେନ୍ଦ୍ର ପ୍ରସାଦ ଦାସ ମେମୋରିଆଲ୍ ଟ୍ରଷ୍ଟ ପକ୍ଷରୁ ଆଜି ଆୟୋଜିତ ଦ୍ୱିତୀୟ ନରେନ୍ଦ୍ର ପ୍ରସାଦ ଦାସ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହା କହିଛନ୍ତି ତନୟା ପଟ୍ଟନାୟକ। ଏହି ସମ୍ମାନ ସମାରୋହରେ ଦଶମ ପରୀକ୍ଷାରେ ୫୮୩ ନମ୍ବର ରଖି ସାରା ଓଡ଼ିଶାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସ୍ୱୟଂପ୍ରକାଶ ସାହୁ ଓ ୫୬୫ ନମ୍ବର ରଖି ଏ୧ ଗ୍ରେଡ୍ ? ପାଇଥିବା ଅବିନାଶ ଦାଶଙ୍କୁ ସମ୍ମାନିତ କରାଯାଇଛି। ସ୍ୱୟଂଙ୍କୁ ୪୦ ହଜାର ଓ ଅବିନାଶଙ୍କୁ ୧୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଯାହାକି ସେମାନଙ୍କ ଟ୍ୟୁସନ ଫି, ପୁସ୍ତକ ଓ ଆଇଆଇଟି କୋଚିଂରେ ବ୍ୟୟ କରାଯିବ। ଟ୍ରଷ୍ଟର ମୁଖ୍ୟ ବିଶ୍ୱଜିତ ଦାସ ଏହି ଅବସରରେ କହିଛନ୍ତି, କିଛି ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଯୋଗାଇ ସେମାନଙ୍କୁ ଆଗକୁ ପଢ଼ିବାରେ ସାହାଯ୍ୟ କରି ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଯୋଗ ?ଦାନ ଦେବାକୁ ଆମେ ପ୍ରଚେଷ୍ଟା ଆରମ୍ଭ କରିଛୁ। ଏହି ପ୍ରଚେଷ୍ଟା ଆଗକୁ ଯେମିତି ଅଧିକ ପ୍ରଭାବଶାଳୀ ହେବ ସେ ନେଇ ଆମେ ପ୍ରୟାସ କରିବୁ। ଏହା ମୋ ବାବାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦିଆଯାଉଥିବା ପ୍ରତିଭା, ପରିଶ୍ରମ ଓ ସ୍ୱପ୍ନର ଉଡ଼ାଣ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମକୁ ଶ୍ରୀ ଦାସଙ୍କ କନ୍ୟା ନିରାଳି ଦାସ ସଂଯୋଜନା କରିଥିଲେ।

# ବାସ୍ତୁ ଓ ଜ୍ୟୋତିଷ ବିଦ୍ୟା ସଂପର୍କିତ ଆଲୋଚନା ଚକ୍ର

**ଭୁବନେଶ୍ୱର (ପିପିଏସ୍):** ପଳାଶୁଣିସ୍ଥିତ ଇଣ୍ଡିଆନ ବାସ୍ତୁ ଏକାଡେମୀ ତରଫରୁ ବାଲିଅନ୍ତା ବ୍ଲକ୍ ହୀରାପୁରର ପ୍ରସିଦ୍ଧ ତନ୍ତ୍ରପୀଠ ଚଉଷଠୀ ଯୋଗିନୀ ପୀଠ ପରିସରରେ ବାସ୍ତୁ ଓ ଜ୍ୟୋତିଷ ବିଦ୍ୟା ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସ୍ତୁ ଏକାଡେମୀର ଅଧ୍ୟକ୍ଷା ଡ. ତପସ୍ୱିନୀ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଏ ନେଇ ଆୟୋଜିତ ଆଲୋଚନାଚକ୍ରରେ ଜ୍ୟୋତିଷ ବିଭାଗର ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ଦାଶ, ବାସ୍ତୁ ବିଭାଗର ଅଧ୍ୟାପକ ଇଞ୍ଜିନିୟର ପ୍ରଦୀପ ପଟ୍ଟନାୟକ ଚଉଷଠୀ ଯୋଗିନୀ ପୀଠର ଐତିହ୍ୟ, ସଂସ୍କୃତି, ମହିମା, ବାସ୍ତୁ, ଆଧ୍ୟାତ୍ମିକତା ଓ ଯୋଗ ବିଦ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବାସ୍ତୁଶାସ୍ତ୍ର ଓ ଜ୍ୟୋତିଷ ବିଦ୍ୟାର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପୀଠ ପରିସରରେ ଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ସମାଜସେବୀ ଲଲାଟେନ୍ଦୁ ଦିକ୍ଷୀତ, ସାମ୍ବାଦିକ ବଟକୃଷ୍ଣ ମହାପାତ୍ର, ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତି, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ଫୁଲ ଚାରା, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନ୍ମେଜୟ ମହାପାତ୍ର, ଅମର କେଶରୀ ସିଂହଦେଓ, ମଧୁମାଳା ରାଉତ, ଇତିଶ୍ରୀ ସାହୁ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କଳ୍ପତରୁ ଓଝା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ବିଷ୍ଣୁ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କିଟ୍ ବିଶ୍ୱବିଦ୍ୟାଳୟକୁ ୟୁଜିସିଙ୍କ କାରଣଦର୍ଶାଅ ନୋଟିସ୍

**ଭୁବନେଶ୍ୱର (ପିପିଏସ୍):** ଭୁବନେଶ୍ୱରର କିଟ୍ ବିଶ୍ୱବିଦ୍ୟାଳୟ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ଏନ୍‌ଏଚ୍‌ଆର୍‌ସିଙ୍କ କାର୍ଯ୍ୟାନୁଷ୍ଠାନକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କିଟ୍ କର୍ତ୍ତୃପକ୍ଷଙ୍କୁ ଏବେ ୟୁଜିସି(ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ)ଙ୍କ ଶକ୍ତ ଝଟକା । ଦୁଇ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲାରେ ଗତକାଲି ଜୁଲାଇ ୨୧ତାରିଖରେ କିଟ୍ ବିଶ୍ୱବିଦ୍ୟାଳୟକୁ କାରଣ ଦର୍ଶାଅ ନୋଟିସ୍ ଜାରିଛନ୍ତି ୟୁଜିସି। ସପ୍ତାହକ ମଧରେ ସନ୍ତୋଷଜନକ ଉତ୍ତର ଦେବାରେ ବିଫଳ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ



କରାଯିବ ବୋଲି ୟୁଜିସି କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି । ୨୦୨୫ ଫେବୃୟାରୀ ୧୬ ଓ ମେ' ୧ତାରିଖରେ ଦୁଇଜଣ ନେପାଳୀ ଛାତ୍ରୀଙ୍କ ଆତ୍ମହତ୍ୟା ପ୍ରସଙ୍ଗରେ ଏହି କାରଣଦର୍ଶାଅ ନୋଟିସ୍ ଜାରି ହେବା ସହ ବିଶ୍ୱବିଦ୍ୟାଳୟରେ ମାନସିକ ସ୍ୱାସ୍ଥ୍ୟ ସହାୟତା ବ୍ୟବସ୍ଥା, ସୁରକ୍ଷା ପ୍ରୋଟୋକଲ ଓ ପ୍ରଶାସନିକ ପ୍ରତିକ୍ରିୟା ପ୍ରଣାଳୀରେ ରହିଥିବା ଗୁରୁତର ତ୍ରୁଟିକୁ ନେଇ ମଧ ୟୁଜିସି କର୍ତ୍ତୃପକ୍ଷ ଚିନ୍ତା ବ୍ୟକ୍ତ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ଦୁଇ ବିଦେଶୀ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଗୁରୁତର ସହ ନେଇ ୟୁଜିସି କର୍ତ୍ତୃପକ୍ଷ ୨୦୨୫ ମେ' ୨ତାରିଖରେ ପ୍ରଫେସର ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଥିଲେ । ଏହି କମିଟି ଭୁବନେଶ୍ୱର ଆସି କିଟ୍ ପରିସରରରେ ସରଜମିନ୍ ତଦନ୍ତ କରି ଫେରିବା ପରେ ମେ' ୨୦ତାରିଖରେ ୟୁଜିସି କର୍ତ୍ତୃପକ୍ଷଙ୍କୁ ଦେଇଥିବା ରିପୋର୍ଟ ଓ ସୁପାରିଶ ଆଧାରରେ କିଟ୍ କର୍ତ୍ତୃପକ୍ଷଙ୍କୁ ଗତକାଲି ଏହି ନୋଟିସ୍ ଜାରି ହୋଇଛି । ଏହି କମିଟିର ରିପୋର୍ଟକୁ ମଧ ୟୁଜିସି କର୍ତ୍ତୃପକ୍ଷଙ୍କ ଦ୍ୱାରା ଗତକାଲିର ନୋଟିସ୍ ସହ ସଂଲଗ୍ନ କରି କିଟ୍ କର୍ତ୍ତୃପକ୍ଷଙ୍କୁ ଦିଆଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାରଙ୍କୁ ଏହି ନୋଟିସ୍ ପାଇବାର ସାତଦିନ ମଧରେ ଲିଖିତ ଭାବେ ଜବାବ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ମିଳୁନାହାନ୍ତି ସାକ୍ଷୀ, ଅଧିକାଂଶ ମାମଲାରେ ଖସିଯାଉଛନ୍ତି ଅଭିଯୁକ୍ତ

**ଭୁବନେଶ୍ୱର (ପିପିଏସ୍):** ଅଧିକାଂଶ ଅପରାଧିକ ମାମଲାରେ ସାକ୍ଷୀ ମିଳୁନଥିବାରୁ ଅପରାଧୀମାନେ ଖସିଯାଉଛନ୍ତି। ରାଜଧାନୀରେ ହତ୍ୟା, ଦୁଷ୍କର୍ମ, ଲୁଟ୍, ଅପହରଣ ଆଦି ସମ୍ବେଦନଶୀଳ ମାମଲା ରୁଜୁ ହେଉଛି। ପୁଲିସ ଏହି ସବୁ ଅପରାଧରେ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କୁ ଗିରଫ କରି ଜେଲ୍ ପଠାଉଛନ୍ତି। ବଡ଼ କଥା ହେଲା ପୁଲିସର ଯୋଗାଡ଼ିଆ ସାକ୍ଷୀ ପାଇଁ ଅଭିଯୁକ୍ତମାନେ ଖସି ଯାଉଛନ୍ତି। କାରଣ ଅପରାଧ ଘଟଣାସ୍ଥଳରେ ପୁଲିସ ସାକ୍ଷୀ ଯୋଗାଡ଼ କରି ସେଠାରୁ ବିଭିନ୍ନ ସାମଗ୍ରୀ ଜବତ କରିଥାଏ। କିନ୍ତୁ ଅପରାଧ ଘଟିଥିବା ସ୍ଥାନରୁ ପୁଲିସ ପ୍ରମାଣ ସ୍ୱରୂପ ବିଭିନ୍ନ ସାମଗ୍ର ଜବତ କରିଥିଲେ ମଧ ସାକ୍ଷୀ ପକାଇବାକୁ କେହି ଲୋକେ ମିଳୁନାହାନ୍ତି। ପୁଲିସ ଯୋଗାଡ଼ କରି ସେଠାରେ କିଛି ଲୋକଙ୍କୁ ସାକ୍ଷୀ ପକାଉଛନ୍ତି। କିନ୍ତୁ କୋର୍ଟରେ ଶୁଣାଣି ସମୟରେ ଏହି ଲୋକମାନଙ୍କ ଦେଖା ମୁଳୁନି। ଯଦି କେହି କୋର୍ଟକୁ ସାକ୍ଷୀ ଦେବାକୁ ଯାଉଛନ୍ତି ସେମାନଙ୍କର କିଛି ମନେ ନଥିବା କହୁଛନ୍ତି। ଯେଉଁଥି ପାଇଁ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖସି ଯାଉଛନ୍ତି। ଏପରିକି ସାକ୍ଷୀଙ୍କୁ ସୁରକ୍ଷା ଦେବାକୁ ଯୋଜନା ରହିଛି। ସାକ୍ଷୀ ଚାହିଁଲେ



ନିଜ ସୁରକ୍ଷା ପାଇଁ ପୁଲିସ ନିକଟରୁ ସୁରକ୍ଷା ମାଗିପାରିବ।

ଦଣ୍ଡ ହାର ଅପେକ୍ଷା ନିର୍ଦ୍ଦୋଷରେ ଖସି ଯାଉଥିବା ଅଭିଯୁକ୍ତଙ୍କ ହାର ଦୁଇ ଗୁଣା ଥିବା ଏନ୍‌ସିଆର୍‌ବି ରିପୋର୍ଟରୁ ସ୍ପଷ୍ଟ ହେଉଛି। ଏନ୍‌ସିଆରବି ଅନୁସାରେ, ରାଜ୍ୟରେ ୨୦୨୧ରେ ୫୯ ହଜାର ୨୨୯ ଜଣ ଗିରଫ ହୋଇଥିଲେ। ସେଥିରେ ୫୫ହଜାର ୭୭୦ ଜଣ ପୁରୁଷ ରହିଥିବା ବେଳେ ସେଥିରେ ୩ହଜାର ୪୫୯ ଜଣ ମହିଳା ରହିଥିଲେ। ସେହିପରି ୧ଲକ୍ଷ ୪୩ ହଜାର ୨୦୩ଜଣଙ୍କ ବିରୋଧରେ ପୁଲିସ ଚାର୍ଜସିଟ୍ ଦାଖଲ କରିଥିଲା। ୬୮୫ଜଣ ଅଭିଯୁକ୍ତ କୋର୍ଟରେ ଦଣ୍ଡିତ ହୋଇଥିଲେ। ସେଥିରେ ୬୭୯ଜଣ ପୁରୁଷ ରହିଥିବା ବେଳେ ୬ଜଣ ମହିଳା ରହିଛନ୍ତି। ବଡ଼ କଥା ହେଲା ୨୦୨୧ରେ ୧୬ ହଜାର ୯୫ଜଣ ଅଭିଯୁକ୍ତ କୋର୍ଟରୁ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ସେଥିରୁ ୧୫ ହଜାର ୪୭୨ଜଣ ପୁରୁଷ ଥିବା ବେଳେ ୬୨୩ଜଣ ମହିଳା ରହିଛନ୍ତି। ୨୦୨୨ ଏବଂ ୨୦୨୩ରେ ୧୮ ହଜାର ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

ସେହିପରି ଭୁବନେଶ୍ୱରରେ ମଧ ସମାନ ସ୍ଥିତି ରହିଛି। ୨୦୦୭ରୁ ୨୦୨୦ ମଧରେ ରାଜଧାନୀରୁ ୧୮୦୦ଜଣ ନିର୍ଦ୍ଦୋଷରେ ଖଲାଇ ହୋଇଛନ୍ତି। ୨୦୧୪ରେ ସର୍ବାଧିକ ୨୩୧ଜଣ ଏବଂ ୨୦୨୦ରେ ସର୍ବନିମ୍ନ୨୦ ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ଚୋରି ଘଟଣାରେ ୧୦୯, ହତ୍ୟାକାଣ୍ଡରେ ୨୮, ଡକାୟତିରେ ୧୦, ସିନ୍ଧିଚୋରିରେ ୭୦, ଲୁଟ୍ ମାମଲାରେ ୧୫୦, ଠକେଇରେ ୬୦, ଦଙ୍ଗା କରିବା ଘଟଣାରେ ୧୧, ଦୁଷ୍କର୍ମ ମାମଲାରେ ୬୦, ମୋଟରଯାନ ଅପରାଧରେ ୯୦ ଓ ମିସ୍‌ଲାନ୍ସ ମାମଲାରେ ସର୍ବାଧିକ ୧୨୦୦ଜଣ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି। ପୂର୍ବରୁ ବିଭିନ୍ନ କୋର୍ଟରେ କୋର୍ଟ ଇନ୍ସପେକ୍ଟର ରହୁଥିଲେ। ଏମାନେ ମୁଖ୍ୟତ କେଉଁ ମାମଲାରେ ଚାର୍ଜସିଟ୍ ଦାଖଲ ହେବ, ସଜା ପାଇଁ ସାକ୍ଷୀମାନଙ୍କୁ ଠିକ୍ ସମୟରେ କୋର୍ଟରେ ପହଞ୍ଚାଇବା। ଅଭିଯୁକ୍ତ ବିରୋଧରେ କିଭଳି ପ୍ରମାଣ ଯୋଗାଡ଼ ହୋଇଛି, ଆଉ କଣ ଦରକାର ସବୁ କୋର୍ଟ ଇନ୍ସପେକ୍ଟର ବୁଝନ୍ତି। କିନ୍ତୁ ଏବେ ତାହା ହେଉନାହିଁ। ଠିକ୍ ସମୟରେ ସାକ୍ଷୀମାନେ ଆସୁନାହାନ୍ତି ଏବଂ ତଦନ୍ତ ଅଧିକାରୀ ଚାର୍ଜସିଟ୍‌ରେ ସଠିକ୍ ତଥ୍ୟ ଦେଉନାହାନ୍ତି। ଯାହାଫଳରେ ମାମଲା ଦୁର୍ବଳ ହେବା ପରେ ଅଭିଯୁକ୍ତ ଜେଲ୍‌ରୁ ଖସିଯାଉଛନ୍ତି।

# ତଦନ୍ତ ରିପୋର୍ଟ ଆସିଲା ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

**ଭୁବନେଶ୍ୱର (ପିପିଏସ୍):** ବିଏମ୍‌ସିର ୱାର୍ଡ ନମ୍ବର ୩୪ରେ ଜଣେ ସ୍ୱଚ୍ଛସାଥୀଙ୍କୁ ନେଇ ବିଏମ୍‌ସିରେ ତୁମୁଳ କାଣ୍ଡ ଘଟିଥିଲା। ସ୍ୱଚ୍ଛସାଥୀ ଦୋକାନୀଙ୍କଠାରୁ ଟଙ୍କା ମାଗିବା ସହ ଲୋକଙ୍କୁ ଦୁର୍ବ୍ୟବହାର କରିବା ମାମଲାର ତଦନ୍ତ କରୁଥିବା ବିଏମ୍‌ସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ବିଏମ୍‌ସି କାର୍ଯ୍ୟାଳୟ ଭିତରେ ଅଭିଯୋଗ ଶୁଣାଣି ବେଳେ ମରଣାନ୍ତକ ଆକ୍ରମଣ ହେଲା। ୪ରୁ ୫ ଦିନ ଧରି ଏଭଳି ଏକ କଳା ଅଧ୍ୟାୟ ପାଇଁ ବିଏମ୍‌ସି ରାତିଦିନ ଖବରରେ ରହିଲା। ରାସ୍ତାରେ ପ୍ରତିବାଦ ହେଲା। ଓଏସ୍‌ଏସ୍ ସଂଘ କଲମଛାଡ ଆନ୍ଦୋଳନକୁ ଚାଲିଗଲା। ଏପରିକି ଏହି ଘଟଣାରେ ବିଜେପି ନେତା ଓ କର୍ପୋରେଟର ଜେଲ ବି ଗଲେ। ହେଲେ ତଦନ୍ତ ରିପୋର୍ଟରେ ସ୍ୱଚ୍ଛସାଥୀଙ୍କ ସମ୍ପୃକ୍ତି ଜଣାପଡ଼ିବା ପରେ ବି ସେ ମୁକୁଳିଗଲା ଭଳି ମନେ ହେଉଛି। ତାଙ୍କ ବିରୋଧରେ ତଦନ୍ତ ଶେଷ ହୋଇଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବାକୁ ବିଏମ୍‌ସି ଆଉ ସାହାସ ଜୁଟାଇ ପାରୁ ନାହିଁ। ପ୍ରାୟ ଏକ ମାସ ହେବ ଫାଇଲ ଗୋଟିଏ ଅଧିକାରୀଙ୍କ ପାଖରୁ ଆଉ ଏକ ଅଧିକାରୀଙ୍କ ପାଖରେ ବୁଲୁଛି। ପୂର୍ବରୁ ଘଟିଥିବା ଗୁଣ୍ଡାରାଜକୁ ନେଇ ଏହି ଫାଇଲରେ କେହି ହାତ ମାରିବାକୁ ଡରୁଛନ୍ତି। ସ୍ୱଚ୍ଛସାଥୀ ଯାହା କରନ୍ତୁ ପଛେ କାଳେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ରାଜନୈତିକ ଆକ୍ରୋଶର ଶିକାର ହେବେ ସେଥିପାଇଁ ସମସ୍ତେ ଡରୁଛନ୍ତି। ମିଳିଥିବା ସୂଚନା ମୁତାବକ, ସମ୍ପୃକ୍ତ ସ୍ୱଚ୍ଛସାଥୀ ଜଣଙ୍କ ସତ୍ୟନଗର ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ମାଗୁଥିଲେ। ମାସିକ ଦେଢ଼ ହଜାର ଟଙ୍କା ନେଇଥିବା ନେଇ କର୍ପୋରେଟରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଡବ୍ଲ୍ୟୁସିସି ବୈଠକରେ ମଧ ସେ ଧରା ପଡ଼ିଲେ। ଏହାପରେ ସ୍ଥାନୀୟ କର୍ପୋରେଟର ପୁଷ୍ପାଞ୍ଜଳି ସେଠୀ ବିଗତ କର୍ପୋରେସନ ବୈଠକରେ ଏହି କଥା ଉଠାଇଥିଲେ। ଏହାପରେ ବିଏମ୍‌ସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ଅନ୍ୟ ସଦସ୍ୟଙ୍କ ମଧରେ ଜେଡିସି, ୱାର୍ଡ ଅଫିସର ଏବଂ ଏସ୍‌ଆଇ ଥିଲେ। ତଦନ୍ତ ରିପୋର୍ଟକୁ ଆଧାର କରି କାର୍ଯ୍ୟାନୁଷ୍ଠାନ ନେଲା ବେଳକୁ ବିଏମ୍‌ସି ଅଧିକାରୀଙ୍କୁ ମରାଣାନ୍ତକ ଆକ୍ରମଣ କରାଗଲା। ଏହି ଘଟଣାରେ ବିଜେପି ନେତା ଏବଂ କର୍ପୋରେଟର ଜେଲ ଗଲେ। ହେଲେ ତଦନ୍ତ ରିପୋର୍ଟ ଆସିବା ପରେ ବି ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏସମ୍ପର୍କ ବିଏମସି କମିସନର ରାଜେଶ ପ୍ରଭାକର ପାଟିଲଙ୍କୁ ପଚାରିବାରୁ ସେ କହିଛନ୍ତି ତାଙ୍କୁ କୌଣସି ପ୍ରକାର କ୍ଲିନ୍‌ଚିଟ୍ ଦିଆଯାଇ ନାହିଁ। ତଦନ୍ତ ରିପୋର୍ଟ ଆସିଯାଇଛି। ଏହାକୁ ଅନୁଧ୍ୟାନ କରାଯିବ। ଏକ ସପ୍ତାହ ମଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

**ଭୁବନେଶ୍ୱର (ପିପିଏସ୍):** କଳିଙ୍ଗବିହାର ନିବାସୀ ଅବସରପ୍ରାପ୍ତ ସରକାରୀ ଅଧିକାରୀ ତଥା ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ବିଳାସପୁର ଅଞ୍ଚଳର ସରଧାପୁର ନିବାସୀ କାହ୍ନୁ ଚରଣ ଜେନାଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତ୍ର ଦେବୀ ପ୍ରସାଦ ଜେନା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜେନା ଓଡ଼ିଶା ସଚିବାଳୟର ଘରୋଇ, ଶିକ୍ଷା, ସାଧାରଣ ପ୍ରଶାସନ, ନିର୍ବାଚନ ଆଦି ବିଭିନ୍ନ ବିଭାଗରେ ସେକସନ୍ ଅଫିସର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ତାଙ୍କ ପରଲୋକ ଖବର ପାଇ ତାଙ୍କର ବହୁ ବନ୍ଧୁ, ପରିଜନ, ସହକର୍ମୀ ଶୋକ ପ୍ରକାଶ କରିଛନ୍ତି।

# ପାର୍କରେ ମନୋରଞ୍ଜନର ଖୋରାକ ଯୋଗାଉଛି ଜୀବଜନ୍ତୁଙ୍କ ପ୍ରତିକୃତି

**ଭୁବନେଶ୍ୱର (ପିପିଏସ୍):** ଗରିଲା, ବାଘ, ଡାଇନୋସର ଆଦି ଭଳିକିଭଳି ବନ୍ୟ ପ୍ରାଣୀଙ୍କ ସମାହାର ଏବଂ ତାଙ୍କ ଗର୍ଜନର ଶବ୍ଦ। ପାର୍କର ସେହି ପାର୍ଶ୍ୱକୁ ଗଲେ ଡାଇନୋସର ଯୁଗର ଭ୍ରମ ଦେଲାପରି ଲାଗେ। ଯେତେ ଭିତରକୁ ଗଲେ ଭିନ୍ନ ଭିନ୍ନ ଜୀବଙ୍କ ବଡ ବଡ ପ୍ରତିକୃତି। ଏପରି ଦୃଶ୍ୟ ଅନ୍ୟ କେଉଁଠି ନୁହଁ ବରଂ ରାଜଧାନୀର ଏକ ପାର୍କରେ ଦେଖିବାକୁ ମିଳୁଛି।

ପିଲାଙ୍କ ମନୋରଞ୍ଜନ ସହିତ ତାଙ୍କୁ ବିଜ୍ଞାନ ପ୍ରତି ଆକର୍ଷିତ କରିବାଲାଗି ରାଜଧାନୀର ଆଚାର୍ଯ୍ୟବିହାର ଅଞ୍ଚଳରେ ରହିଛି ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ବା ସାଇନ୍ସ ପାର୍କ। ଏଠାରେ ଭଳିକି ଭଳି ବିଜ୍ଞାନ ଉପକରଣ ସାଙ୍ଗକୁ ଛୋଟ ପିଲା ଏବଂ ପର୍ଯ୍ୟଟକଙ୍କ ପାଇଁ ରହିଛି ବିଭିନ୍ନ ଶୋ ସହ ପରିସର ମଧ୍ୟରେ ରହିଛି 'ପ୍ରାକ ଐତିହାସିକ ଯୁଗରେ ଡାଇନୋସର ଜୀବନ୍ତ' ଶୀର୍ଷକ ପାର୍କ। ବିଲୁପ୍ତପ୍ରାୟ ଡାଇନୋସର, ସେମାନେ କରୁଥିବା ଗର୍ଜନ, ଅଙ୍ଗଭଙ୍ଗୀ, ପକ୍ଷୀଙ୍କ ସ୍ୱର ସମେତ ଆଦିମ ମଣିଷର କାହାଣୀ ମଧ୍ୟ ଏଥିରେ ପ୍ରଦର୍ଶିତ ହେଉଛି। ଏଥିସହିତ ବିଭିନ୍ନ ଶୋ ତଥା - ନଲେଜ ଅଫ ସ୍ପିଅର, ଡାଇନୋସର ଆଲିଭ, ଲାଇଟ ଆଣ୍ଡ ସାଉଣ୍ଡ ସୋ ଏବଂ ସାଇନ୍ସ ସୋ ଭଳି ମୋଟ ୪ଟି ସୋ ବର୍ତ୍ତମାନ ପ୍ରଦର୍ଶିତ ହେଉଛି।

ଏହାସହ ଗଣିତ ଗ୍ୟାଲେରୀ, ବିଜ୍ଞାନ ଗ୍ୟାଲେରୀ, ଥ୍ରି ଡି ସୋ କକ୍ଷ ଆଦି ମୋଟ ୪ ଟି ଗ୍ୟାଲେରି ଅଛି। ଯୋଉଁଠି ପିଲାଙ୍କ ଶିଖିବା ଭଳି ଗଣିତ ଏବଂ ବିଜ୍ଞାନ ସମ୍ବନ୍ଧିତ ବିଭିନ୍ନ ଉପକରଣ ରହିଛି। ଯାହାକୁ ଦେଖିବାକୁ ବର୍ତ୍ତମାନ ଲୋକ ଆଗ ଅପେକ୍ଷା ଅଧିକ ଆସୁଥିବା ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସେହିପରି ଅନ୍ୟ ଦିନଗୁଡ଼ିକରେ ମଧ୍ୟ ବିଜ୍ଞାନ ସମ୍ବନ୍ଧିତ



ବିଭିନ୍ନ ପ୍ରଦର୍ଶନୀ ଆୟୋଜିତ କରିଯାଇ ସ୍କୁଲ ପିଲାଙ୍କୁ ସେଥିରେ ସାମିଲ କରାଯାଉଛି।

ସୂଚନା ଅନୁଯାୟୀ, ୨୪-୨୫ ବର୍ଷରେ ୩ ଲକ୍ଷ ୫୯ ହଜାର ୫୩୧ ଜଣ ପର୍ଯ୍ୟଟକ ବିଜ୍ଞାନ କେନ୍ଦ୍ରକୁ ବୁଲିବାକୁ ଆସିଛନ୍ତି। ଯାହା ଅନ୍ୟ ବର୍ଷ ତୁଳନାରେ ୧୦ ପ୍ରତିଶତ ଅଧିକ ରହିଛି। ସେହିପରି ଏହି ପର୍ଯ୍ୟଟକଙ୍କ ମଧ୍ୟରେ ସ୍କୁଲ ପିଲା ଏବଂ ଯୁବ ପିଢ଼ିଙ୍କ ସଂଖ୍ୟା ଅଧିକ ରହିଛି। ବାକି ଦିନ ଅପେକ୍ଷା ପର୍ଯ୍ୟଟନ ଋତୁରେ ସବୁଠୁ ଅଧିକ ବିଭିନ୍ନ ସ୍କୁଲ ପିଲାଙ୍କୁ ନେଇ ଭିଜିଟରେ ଆସିଥାନ୍ତି।

ପ୍ରକାଶ ଥାଉ କି ବର୍ତ୍ତମାନ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ମଧରେ ଥିବା ୪ଟି ଗ୍ୟାଲେରୀ ମଧ୍ୟରୁ ୨ଟି ଗ୍ୟାଲେରୀରେ ରିନୋଭେସନ କାର୍ଯ୍ୟ ଚାଲୁ ରହିଛି। ସେଥିପାଇଁ ତାରାମଣ୍ଡଳ ସୋ ସହ ଆଉ ଏକ ସୋ ବନ୍ଦ ରହିଥିବାରୁ ତା ବଦଳରେ ଅନ୍ୟ ଦୁଇଟି ସୋ ପର୍ଯ୍ୟଟକଙ୍କ ପାଇଁ ବ୍ୟବସ୍ଥା କରାଯାଇଥିବା ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।






## ରାଜରାସ୍ତାକୁ ଓହ୍ଲାଇଲେ ପିଓକେ ପୁଲିସ

ଇସଲାମାବାଦ: ସାଧାରଣ ଲୋକଙ୍କ ପରେ ଏବେ ପାକ୍ ଅଧିକୃତ କଶ୍ମୀର (ପିଓକେ)ର ପୁଲିସ କର୍ମଚାରୀମାନେ ସରକାରଙ୍କ ବିରୋଧରେ ମୋର୍ଚ୍ଚା ଖୋଲିଛନ୍ତି। ରାଜଧାନୀ ମୁଜାଫରାବାଦରେ, ୟୁନିଫର୍ମ ପିନ୍ଧି ଶହ ଶହ ପୁଲିସ କର୍ମଚାରୀ ବ୍ୟାନର ଏବଂ ପୋଷ୍ଟର ଧରି ରାସ୍ତାକୁ ବାହାରି ଆସି ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରିଛନ୍ତି। ସେମାନେ ଡ୍ୟୁଟିକୁ ଫେରିବାକୁ ସ୍ପଷ୍ଟ ଭାବରେ ମନା କରିଦେଇଛନ୍ତି। 'ଜମିଅତ-ଏ-ପୁଲିସ୍ କଶ୍ମୀର' ବ୍ୟାନର ତଳେ ଧର୍ମଘଟରେ କରୁଥିବା ପୁଲିସ ଏବଂ ଅଧିକାରୀମାନେ ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ସରକାର ଦୀର୍ଘ ସମୟ ଧରି ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ସେମାନେ ଦଶନ୍ଧି ଧରି ଭେଦଭାବ, ଆର୍ଥିକ ଶୋଷଣ ଏବଂ ପ୍ରଶାସନିକ ଅବହେଳା ବିରୁଦ୍ଧରେ ସ୍ୱର ଉଠାଇ ଆସିଛନ୍ତି ଏବଂ ଡ୍ୟୁଟିକୁ ଫେରିବା ପାଇଁ ସରକାରଙ୍କ ନିକଟରେ ୧୨ ଦଫା ଦାବି ରଖିଛନ୍ତି।

ପିଓକେର କଶ୍ମୀରବାସୀଙ୍କ ପ୍ରତି ପକ୍ଷପାତପୂର୍ଣ୍ଣ ମନୋଭାବ ପ୍ରଦର୍ଶନ କରାଯାଉଥିବା ନେଇ ୨୧ ଜୁଲାଇରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ କରୁଥିବା ପାକ୍ ଅଧିକୃତ କଶ୍ମୀରର ପୁଲିସ ଅଧିକାରୀ ଏବଂ ଜବାନମାନେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି ଯେ, ପାକିସ୍ତାନ ସରକାର ପିଓକେର କଶ୍ମୀରବାସୀଙ୍କ ପ୍ରତି ପକ୍ଷପାତପୂର୍ଣ୍ଣ ମନୋଭାବ ପୋଷଣ କରୁଛି। ଅଭିଯୋଗ ହେଉଛି ଯେ, କର୍ତ୍ତବ୍ୟ ସମୟରେ ପ୍ରାଣ ହରାଇଥିବା ପୁଲିସ କର୍ମଚାରୀଙ୍କ ସଞ୍ଚୟ ଟଙ୍କା ମଧ୍ୟ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଉ ନାହିଁ। ସେହି ଟଙ୍କାକୁ ସରକାର ଫ୍ରିଜ୍ କରି ଦେଉଛନ୍ତି। ଏହା ସହିତ ଗତ ୫୦ ବର୍ଷ ଧରି ମୃତ ପୁଲିସ କର୍ମଚାରୀଙ୍କ ପରିବାରକୁ ଦିଆଯାଉଥିବା ପେନସନରେ ମଧ୍ୟ କୌଣସି ବୃଦ୍ଧି କରାଯାଇ ନାହିଁ। ପୁଲିସ କର୍ମଚାରୀମାନେ କହିଛନ୍ତି ଯେ, ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଏପରି ପରିସ୍ଥିତି ନାହିଁ। ସେଠାରେ, ମୃତ ପୁଲିସ କର୍ମଚାରୀଙ୍କ ପରିବାରକୁ ପ୍ରତି ମାସରେ ଉପଯୁକ୍ତ ପେନସନ ମିଳିଥାଏ ଏବଂ ସେମାନଙ୍କର ସମ୍ପୂର୍ଣ୍ଣ ଜମା ଟଙ୍କା ମଧ୍ୟ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରାଯାଇଥାଏ। ମାତ୍ର ପିଓକେରେ, ନା ଆର୍ଥିକ ସାହାଯ୍ୟ ଦିଆଯାଏ ନା ସମ୍ମାନଜନକ ବ୍ୟବହାର କରାଯାଇଥାଏ ବୋଲି ପୁଲିସମାନେ ଅଭିଯୋଗ କରିଛନ୍ତି।

## ସବୁ ବୋଇଂ ୭୮୭ ବିମାନର ଇନ୍ଧନ ସ୍ୱିଚ୍ ଠିକ ଅଛି : ଏୟାର ଇଣ୍ଡିଆ

ମୁମ୍ବାଇ: ଏୟାର ଇଣ୍ଡିଆ ଏହାର ଫ୍ଲିଟରେ ଥିବା ସମସ୍ତ ବୋଇଂ ୭୮୭ ଏବଂ ବୋଇଂ ୭୩୭ ବିମାନର ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ (ଏଫସିଏସ)ର ଲକିଂ ସିଷ୍ଟମର ଯାଞ୍ଚ ସମାପ୍ତ କରିଛି। କମ୍ପାନି ପକ୍ଷରୁ ମଙ୍ଗଳବାର କୁହାଯାଇଛି ଯେ ଇନ୍ଧନ ନିୟନ୍ତ୍ରଣ ସ୍ୱିଚରେ କୌଣସି ସମସ୍ୟା ମିଳିନାହିଁ। ସୁରକ୍ଷା ଦୃଷ୍ଟିକୋଣରୁ ବିମାନଗୁଡ଼ିକର ଯାଞ୍ଚ କରିବାକୁ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ନିର୍ଦ୍ଦେଶ ଜାରି କରିଥିଲା। ଡିଜିସିଏଙ୍କ ନିର୍ଦ୍ଦେଶ ଅନୁଯାୟୀ ତଦନ୍ତ କରାଯାଇଥିଲା ବୋଲି ଏୟାରଲାଇନ୍ସ କହିଛି। ଏୟାର ଇଣ୍ଡିଆ ଏକ ବିବୃତ୍ତିରେ କହିଛି, 'ଏୟାର ଇଣ୍ଡିଆ ଏହାର ଫ୍ଲିଟରେ ଥିବା ସମସ୍ତ ବୋଇଂ ୭୮୭ ଏବଂ ବୋଇଂ ୭୩୭ ବିମାନର ଫୁଏଲ କଣ୍ଟ୍ରୋଲ ସ୍ୱିଚ୍ (ଏଫସିଏସ) ର ଲକିଂ ସିଷ୍ଟମର ସତର୍କତାମୂଳକ ଯାଞ୍ଚ ସମାପ୍ତ କରିଛି। ଏଥିରେ କୌଣସି ସମସ୍ୟା ମିଳିନାହିଁ।' ଗତ ମାସରେ ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବୋଇଂ ଡ୍ରିମଲାଇନର ବିମାନ ଦୁର୍ଘଟଣା ପରେ ଏହି ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଥିଲା, ଯେଉଁଥିରେ ୨୬୦ ଜଣ ଲୋକ ପ୍ରାଣ ହରାଇଥିଲେ।ଏହି ଦୁର୍ଘଟଣାର ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ଉଡ଼ାଣ ବେଳେ ଏହାର ଇନ୍ଧନ ନିୟନ୍ତ୍ରଣ ସ୍ୱିଚ୍ ବନ୍ଦ ଥିଲା । ଏ ସଂପର୍କରେ ଜଣେ ପାଇଲଟ ଅନ୍ୟ ଜଣକୁ ପଚାରିଥିଲେ ବି ସେ ଏ ଏପରି କରିନାହାନ୍ତି ବୋଲି କହିଥିଲେ ।

## ଭାରତୀୟ ସେନା ପାଇଁ ଆସିଲା 'ଆପାଚି' ହେଲିକପ୍ଟର

ନୂଆଦିଲ୍ଲୀ : ଭାରତୀୟ ସେନାର ଶକ୍ତି ଆହୁରି ବୃଦ୍ଧି ପାଇବାକୁ ଯାଉଛି। ଯାହା ଯୋଗୁ କେବଳ ପାକିସ୍ତାନ ନୁହେଁ ବରଂ ଚାଇନାର ସମସ୍ୟା ମଧ୍ୟ ବୃଦ୍ଧି ପାଇବ। ମଙ୍ଗଳବାର ଆପାଚେ ଆଟାକ ହେଲିକପ୍ଟରର ପ୍ରଥମ ବ୍ୟାଚ ହିଣ୍ଡନ ଏୟାରବେସରେ ପହଞ୍ଚିଛି। ପ୍ରଥମ ବ୍ୟାଚରେ ଆମେରିକାରୁ ତିନୋଟି ଆପାଚେ ଆଟାକ ହେଲିକପ୍ଟର ଭାରତରେ ପହଞ୍ଚିଛି। ଏହି ହେଲିକପ୍ଟରଗୁଡ଼ିକୁ ଭାରତୀୟ ସେନାର ଏଭିଏସନ କୋର୍ପ୍ସ ନାଗପୁରରେ ମୁତୟନ କରାଯିବ। ଯାହା ପାଇଁ ଯୋଧପୁରର ନାଗତଲାଭରେ ଆପାଚି ସ୍କ୍ୱାର୍ଡନ ପ୍ରସ୍ତୁତ କରାଯାଇଛି। ଏହା ସହିତ, ପାଇଲଟ ଏବଂ ଫିଲ୍ଡ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି।ସୂଚନାଯୋଗ୍ୟ, ଭାରତୀୟ ସେନା ଏହି ହେଲିକପ୍ଟରକୁ ବହୁତ ଦିନ ଧରି ଅପେକ୍ଷା କରିଥିଲା। ଏହି ହେଲିକପ୍ଟରର ଡେଲିଭରି ଗତ ବର୍ଷ ଜୁନ ମାସରେ ହେବାର ଥିଲା, କିନ୍ତୁ କୋଭିଡ ମହାମାରୀ ଭଳି ସମସ୍ୟା ଯୋଗୁ ଏହାକୁ ଭାରତ ଆଣିବାରେ ଗୋଟିଏ ବର୍ଷ ବିଳମ୍ବ ହୋଇଥିଲା। ଭାରତ ସରକାର ଫେବୃଆରୀ ୨୦୨୦ ରେ ୬ଟି ଆପାଚି ଏଏଚ-୬୪ଇ ଆଟାକ ହେଲିକପ୍ଟର ପାଇଁ ଏକ ଚୁକ୍ତି କରିଥିଲେ। ଏହି ଚୁକ୍ତି ୬୦୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୫୨୦୦ କୋଟି ଟଙ୍କାରେ କରାଯାଇଥିଲା। ଏହି ଚୁକ୍ତି ଅନୁଯାୟୀ, ଏପର୍ଯ୍ୟନ୍ତ ତିନୋଟି ହେଲିକପ୍ଟର ଭାରତରେ ପହଞ୍ଚିଛି। ଖୁବ ଶୀଘ୍ର ଆଉ ତିନୋଟି ହେଲିକପ୍ଟର ଭାରତକୁ ଯୋଗାଇ ଦିଆଯିବ।

ଆପାଚେ ଆଟାକ ହେଲିକପ୍ଟରକୁ ଉଡ଼ନ୍ତା ତୋପ କୁହାଯାଏ। ଯାହା ବହୁତ ଭାରୀ। ଏହି ହେଲିକପ୍ଟରଗୁଡ଼ିକ ଆକାଶରୁ ଶତ୍ରୁ ଉପରେ ଗୁଳି ବର୍ଷା କରିବାକୁ ସକ୍ଷମ। ଏହି ହେଲିକପ୍ଟରଗୁଡ଼ିକ ରାଜସ୍ଥାନର ଭାରତ-ପାକିସ୍ତାନ ସୀମାରେ ନିୟୋଜିତ ହେବେ। ଯାହା ଯୋଧପୁରରେ ୪୫୧ ଆର୍ମି ଏଭିଏସନ ସ୍କ୍ୱାଡ୍ରନର ଅଂଶ ହେବ। ଆପାଚେ ଆଟାକ ହେଲିକପ୍ଟରକୁ ବିଶ୍ୱର ସବୁଠାରୁ ଉନ୍ନତ ଆଟାକ ହେଲିକପ୍ଟର ବୋଲି ବିବେଚନା କରାଯାଏ। ଯେଉଁଥିରେ ଘାତକ ଅଗ୍ନିଶକ୍ତି ଏବଂ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି।

## ଦୀର୍ଘ ୬୨ବର୍ଷ ପରେ ଅବସର ନେବ ପ୍ରତିଷ୍ଠିତ ଲଢୁଆ ବିମାନ ମିଗ୍-୨୧



ନୂଆଦିଲ୍ଲୀ: ଭାରତୀୟ ବାୟୁସେନା ଦୀର୍ଘ ୬୨ ବର୍ଷ ପରେ ପ୍ରତିଷ୍ଠିତ ଲଢୁଆ ବିମାନ ମିଗ୍-୨୧କୁ ଅବସର ଦେବାକୁ ଯାଉଛି। ଶେଷ ଜେଟ୍ ସେପ୍ଟେମ୍ବର ୧୯ରେ ଚଣ୍ଡିଗଡ଼ ଏୟାରବେସରେ ୨୩ ସ୍କ୍ୱାଡ୍ରନ (ପାନ୍ଥର୍ସ) ଦ୍ୱାରା ଏକ ଆନୁଷ୍ଠାନିକ ବିଦାୟ ଦିଆଯିବ।୧୯୬୩ ମସିହାରେ ବାୟୁସେନାରେ ସାମିଲ ହୋଇଥିବା ମିଗ୍-୨୧ ୧୯୬୫ ଏବଂ ୧୯୭୧ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧ, ୧୯୯୯ ମସିହାରେ କାର୍ଗିଲ ଯୁଦ୍ଧ, ୨୦୧୯ ମସିହାରେ ବାଲାକୋଟ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଥିଲା। ଭାରତୀୟ ବାୟୁସେନାର ସବୁଠାରୁ ପୁରୁଣା ସୁପରସୋନିକ ଲଢୁଆ ବିମାନ ମିଗ୍-୨୧ ଏବେ ଇତିହାସ ହେବାକୁ ଯାଉଛି। ସୂତ୍ର ଅନୁସାରେ ପ୍ରାୟ ୬୨ ବର୍ଷର ସେବା ପରେ ମିଗ-୨୧କୁ ୧୯ ସେପ୍ଟେମ୍ବର ୨୦୨୫ ରେ ଔପଚାରିକ ଭାବରେ ବିଦାୟ ଦିଆଯିବ। ଚଣ୍ଡିଗଡ଼ ଏୟାରବେସରେ ହେବାକୁ ଥିବା ଏହି ଖାସ୍ ସମାରୋହରେ ବାୟୁସେନାର ବରିଷ୍ଠ ଅଧିକାରୀ, ମିଗ୍-୨୧ ସହିତ ଜଡ଼ିତ ପାଇଲଟ ଏବଂ ଅନେକ ପୂର୍ବତନ ଭେଟେରାନ୍ ସାମିଲ ହେବାର ସମ୍ଭାବନା ଅଛି। ମିଗ୍-୨୧ ବାୟୁସେନାର ପ୍ରଥମ ସୁପରସୋନିକ୍ ଫାଇଟର ଜେଟ୍ ଥିଲା ଯାହା ୧୯୬୦ ଏବଂ ୭୦ ଦଶକରେ ଭାରତକୁ ବୈଶ୍ୱିକ ବିକାଶ ଦେଇଥିଲା। ଯେତେବେଳେ ଭାରତ ପାଖରେ ମିଗ୍-୨୧ର ୮୫୦ରୁ ଅଧିକ ବିମାନ ଥିଲା ସେଥିମଧ୍ୟରୁ ୬୦୦ରୁ ଅଧିକ ହିନ୍ଦୁସ୍ତାନ ଏରୋନୋଟିକ୍ସ ଲିମିଟେଡ୍ (HAL) ଭାରତରେ ହିଁ ତିଆରି କରିଥିଲା।

# କାଉଡି ଯାତ୍ରା ମାର୍ଗରେ ସବୁ ହୋଟେଲ୍‌ର ଲାଇସେନ୍ସ ଓ ପଞ୍ଜୀକରଣ ସାର୍ଟିଫିକେଟ୍ ବାଧ୍ୟତାମୂଳକ : ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ : କାଉଡି ଯାତ୍ରାକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ଯାତ୍ରା ରୁଟରେ ଦୋକାନ ଓ ଢାବା ମାଲିକଙ୍କୁ ଲାଇସେନ୍ସ ଏବଂ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦର୍ଶନ କରିବାକୁ ପଡିବ ବୋଲି ଆଜି କହିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ସେଭଳି କ୍ୟୁଆର କୋଡ୍ ପ୍ରସଙ୍ଗରେ ଉତ୍ତର ପ୍ରଦେଶ ସରକାରଙ୍କୁ ମିଳିଛି ଆଶ୍ୱସ୍ତି। ଯଦିଓ ସ୍କାନର ଲଗାଯିବା ବାଧ୍ୟତାମୂଳକ ବୋଲି କହିନାହାନ୍ତି ସର୍ବୋଚ୍ଚ ନ୍ୟାୟାଳୟ। କିନ୍ତୁ କୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ମନା କରି ଏକ ପ୍ରକାର ଆଶ୍ୱସ୍ତି ପ୍ରଦାନ କରିଛନ୍ତି। କ୍ୟୁଆର କୋଡ୍ ପ୍ରସଙ୍ଗରେ,ୟୁପି ସରକାରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଧରଣର ଆଶ୍ୱସ୍ତି । ଯଦିଓ ସୁପ୍ରିମକୋର୍ଟ ଏହାକୁ ବାଧ୍ୟତାମୂଳକ ବୋଲି କହିନାହାନ୍ତି ତେବେ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଛନ୍ତି। ଏହା ସହ କୋର୍ଟ କହିଛନ୍ତି, ଆଜି କାଉଡି ଯାତ୍ରାର ଶେଷ ଦିନ। ଏହା ସରିବାକୁ ଯାଉଥିବାରୁ ଯାତ୍ରା ରୁଟରେ ଦୋକାନ ଓ ଢାବା ମାଲିକଙ୍କୁ ଲାଇସେନ୍ସ ଏବଂ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦର୍ଶନ ପଡିବ ।



QR କୋଡ୍ ପ୍ରସଙ୍ଗ ଏପର୍ଯ୍ୟନ୍ତ ବିଚାର କରାଯାଇନାହିଁ ଏବଂ ମୁଖ୍ୟ ଆବେଦନର ଶୁଣାଣି ସମୟରେ ଏହା ଉପରେ ବିଚାର କରାଯାଇପାରିବ। ମୁଖ୍ୟ ଆବେଦନଟି ଏବେ ବି କୋର୍ଟରେ ବିଚାରାଧୀନ ଅଛି।' ପ୍ରତିବର୍ଷ ଶ୍ରାବଣ ମାସରେ ଲକ୍ଷ ଲକ୍ଷ ଶିବ ଭକ୍ତଙ୍କ ଦ୍ୱାରା କରାଯାଉଥିବା କାଉଡି ଯାତ୍ରା ସମୟରେ, ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡ ସରକାର ଯାତ୍ରା ରାସ୍ତାରେ ଥିବା ଭୋଜନାଳୟ, ଢାବା ଏବଂ ଦୋକାନଗୁଡ଼ିକୁ ଛଜ କୋଡ୍ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଛଜ କୋଡ୍ ସ୍କାନ କରିବା ଦ୍ୱାରା ଦୋକାନ ମାଲିକଙ୍କ ନାମ, ଧର୍ମ ଏବଂ ଅନ୍ୟାନ୍ୟ ସୂଚନା ଜଣାପଡିବ। ସରକାରଙ୍କ ଯୁକ୍ତି ଥିଲା ଯେ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଦୋକାନର ସ୍ୱଚ୍ଛତା ବିଷୟରେ ତୀର୍ଥଯାତ୍ରୀମାନଙ୍କୁ ସୂଚନା ଦେବା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ ବିରୋଧରେ ଶିକ୍ଷାବିତ୍ ଅପୂର୍ବାନନ୍ଦ ଝା, ଆସୋସିଏସନ୍ ଫର୍ ପ୍ରୋଟେକ୍ସନ୍ ଅଫ୍ ସିଭିଲ୍ ରାଇଟ୍ସ, ଟିଏମସି ସାଂସଦ ମହୁଆ ମୋଇତ୍ରା ଏବଂ ଅନ୍ୟମାନଙ୍କ ଦ୍ୱାରା ଆବେଦନ କରାଯାଇଥିଲା। ଆବେଦନକାରୀମାନେ କହିଛନ୍ତି ଯେ ଦୋକାନୀଙ୍କ ନାମ ପ୍ରଦର୍ଶିତ କରିବାର ଅର୍ଥ ହେଉଛି ଭେଦଭାବର ସଙ୍କେତ। ସରକାରଙ୍କ ଏହି ନିଷ୍ପତ୍ତି ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି କରିବ। ଉଲ୍ଲେଖନୀୟ ଯେ ଗତ ବର୍ଷ ସୁପ୍ରିମକୋର୍ଟ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଉତ୍ତରାଖଣ୍ଡ ସରକାରଙ୍କ ସମାନ ନିର୍ଦ୍ଦେଶ ଉପରେ ରୋକ ଲଗାଇଥିଲେ।

## ରୋଜଗାର କରି ଖାଇବା ଉଚିତ : ମୁଖ୍ୟ ବିଚାରପତି



ନୂଆଦିଲ୍ଲୀ: ସୁପ୍ରିମ କୋର୍ଟରେ ଏକ ବୈବାହିକ ବିବାଦ ମାମଲାର ଶୁଣାଣି ସମୟରେ ଭାରତର ମୁଖ୍ୟ ବିଚାରପତି (ଉଔଓ) ଜଷ୍ଟିସ ଭୂଷଣ ରାମକୃଷ୍ଣ ଗବେଇ (ଇ.ଜ. ଏବଙ୍ଗବସ) ଜଣେ ମହିଳାଙ୍କୁ କଡ଼ା ମନ୍ତବ୍ୟ ଦେଇଛନ୍ତି। ଏହି ମହିଳା ମାତ୍ର ୧୮ ମାସର ବିବାହ ପରେ ତାଙ୍କ ସ୍ୱାମୀଙ୍କଠାରୁ ମୁମ୍ବାଇରେ ଏକ ଘର, ଏକ ଇଗଡ କାର ଏବଂ ୧୨ କୋଟି ଟଙ୍କାର ଗୁଜୁରାଣ ଭତ୍ତା ଦାବି କରିଥିଲେ। ଉଔଓ ଗବେଇ ମହିଳାଙ୍କୁ କହିଛନ୍ତି, "ଆପଣ ଏତେ ଉଚ୍ଚଶିକ୍ଷିତ। ଆପଣଙ୍କୁ ନିଜେ ମାଗିବା ଉଚିତ ନୁହେଁ, ବରଂ ନିଜେ ରୋଜଗାର କରି ଖାଇବା ଉଚିତ।" ଏହି ମନ୍ତବ୍ୟ ସୋସିଆଲ ମିଡିଆରେ ବେଶ ଚର୍ଚ୍ଚାରେ ରହିଛି। ଏହି ମାମଲା ଏକ ଦମ୍ପତିଙ୍କ ବୈବାହିକ ବିବାଦ ସହ ଜଡ଼ିତ, ଯାହାଙ୍କର ବିବାହ ମାତ୍ର ୧୮ ମାସ ଚାଲିଥିଲା। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ସ୍ୱାମୀ ତାଙ୍କୁ ମାନସିକ ରୋଗୀ (ସିଜୋଫ୍ରେନିଆ ରୋଗୀ) ବୋଲି ଅଭିଯୋଗ କରି ବିବାହ ବାତିଲ କରିବାକୁ ଆବେଦନ କରିଥିଲେ। ଏହା ସହିତ, ସ୍ୱାମୀ ମହିଳାଙ୍କ ବିରୁଦ୍ଧରେ ଏକ ଏଫଆଇଆର ମଧ୍ୟ ଦାୟର କରିଥିଲେ। ଅନ୍ୟପକ୍ଷରେ, ମହିଳା ଅଭିଯୋଗ କରିଛନ୍ତି ଯେ ତାଙ୍କ ସ୍ୱାମୀ ତାଙ୍କୁ ଚାକିରି ଛାଡ଼ିବାକୁ ବାଧ୍ୟ କରିଥିଲେ ଏବଂ ତାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଲଗାଇଛନ୍ତି। ମହିଳାଙ୍କ ଦାବି ଅନୁଯାୟୀ, ତାଙ୍କ ସ୍ୱାମୀ ଅତ୍ୟନ୍ତ ଧନୀ ହୋଇଥିବାରୁ ସେ ମୁମ୍ବାଇର କଳ୍ପତରୁ କମ୍ପ୍ଲେକ୍ସରେ ଏକ ଋଣମୁକ୍ତ ଫ୍ଲାଟ, ଇଗଡ କାର ଏବଂ ୧୨ କୋଟି ଟଙ୍କାର ଗୁଜୁରା ଭତ୍ତା ଦାବି କରିଛନ୍ତି।

ଶୁଣାଣି ସମୟରେ ଗବେଇ ମହିଳାଙ୍କୁ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଓ କାମ ନକରିବାର ଅନିଚ୍ଛା ଉପରେ ପ୍ରଶ୍ନ ଉଠାଇଥିଲେ। ମହିଳା ଜଣେ ଗଇଇ ଡିଗ୍ରୀଧାରୀ ଏବଂ ଓଞ୍ଚ ପ୍ରୋଫେସନାଲ ହୋଇଥିବାରୁ କୋର୍ଟ ତାଙ୍କୁ କହିଥିଲେ, "ଆପଣ ଏତେ ପଢ଼ିଛନ୍ତି, ଓଞ୍ଚ କ୍ଷେତ୍ରରେ ଅଛନ୍ତି, ଆପଣଙ୍କୁ ବେଙ୍ଗାଲୁରୁ, ହାଇଦ୍ରାବାଦ କିମ୍ବା ପୁଣେରେ ଚାକିରି ମିଳିପାରେ। ଆପଣ କାହିଁକି କାମ କରୁନାହାନ୍ତି?" ସେ ଆହୁରି କହିଥିଲେ, "ଆପଣଙ୍କ ବିବାହ ମାତ୍ର ୧୮ ମାସ ଚାଲିଛି ଓ ଆପଣ ମାସକୁ ୧୨ କୋଟି ଟଙ୍କା ଦାବି କରୁଛନ୍ତି। ଏହା କେମିତି ସମ୍ଭବ?" ସୁପ୍ରିମ କୋର୍ଟର ବେଞ୍ଚ, ଯେଉଁଥିରେ ଉଔଓ ଗବେଇ ନେତୃତ୍ୱ ନେଉଥିଲେ, ମହିଳାଙ୍କୁ ଦୁଇଟି ବିକଳ୍ପ ଦେଇଥିଲେ: ହୁଏତ ମୁମ୍ବାଇରେ ଏକ ଋଣମୁକ୍ତ ଫ୍ଲାଟ ନିଅନ୍ତୁ, ନଚେତ୍ ୪ କୋଟି ଟଙ୍କା ନେଇ ଏକ ଭଲ ଚାକିରି ଖୋଜନ୍ତୁ। ଏହା ସହିତ, କୋର୍ଟ ମହିଳାଙ୍କ ବିରୁଦ୍ଧରେ ଥିବା ଏଫଆଇଆର ରଦ୍ଦ କରିବାକୁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ମହିଳା ନିଜ ଯୁକ୍ତିରେ କହିଥିଲେ ଯେ ତାଙ୍କ ବିରୁଦ୍ଧରେ ଥିବା ଏଫଆଇଆର ଯୋଗୁଁ ତାଙ୍କୁ ଚାକିରି ମିଳିବାରେ ଅସୁବିଧା ହେବ। ସେ ଆହୁରି ଅଭିଯୋଗ କରିଥିଲେ ଯେ ତାଙ୍କ ସ୍ୱାମୀ ତାଙ୍କ ଓକିଲଙ୍କୁ ପ୍ରଭାବିତ କରିଛନ୍ତି। ମହିଳା କୋର୍ଟରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କୀୟ ଅଭିଯୋଗକୁ ଖଣ୍ଡନ କରି କହିଥିଲେ, "ମୁଁ କ'ଣ ସିଜୋଫ୍ରେନିଆ ରୋଗୀ ପରି ଲାଗୁଛି, ମାନ୍ୟବର?" ଉଔଓ ଗବେଇଙ୍କ ନେତୃତ୍ୱାଧୀନ ବେଞ୍ଚ ମହିଳାଙ୍କ ଦାବିକୁ ତାଙ୍କ ଶିକ୍ଷାଗତ ଯୋଗ୍ୟତା ଓ ବିବାହର ଅଳ୍ପ ଅବଧି ଆଧାରରେ ବିଶ୍ଳେଷଣ କରିଥିଲେ। କୋର୍ଟ ସ୍ପଷ୍ଟ କରିଥିଲେ ଯେ ଜଣେ ଉଚ୍ଚଶିକ୍ଷିତ ମହିଳା କେବଳ ବସି ରହି ଗୁଜୁରାଣ ଭତ୍ତା ଦାବି କରିପାରିବେ ନାହିଁ। ଉଔଓ କହିଥିଲେ, "ଆପଣ ଏତେ ପଢ଼ାଲେଖା କରିଛନ୍ତି, ଆପଣଙ୍କର ଆର୍ଥିକ ସ୍ୱାଧୀନତା ପାଇଁ ଚେଷ୍ଟା କରିବା ଉଚିତ।" ସେ ଆହୁରି ସ୍ପଷ୍ଟ କରିଥିଲେ ଯେ ମହିଳାଙ୍କର ସ୍ୱାମୀଙ୍କ ପିତାଙ୍କ ସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ। ଏହା ସହିତ, କୋର୍ଟ ଗୁଜୁରାଣ ଭତ୍ତା ନିର୍ଦ୍ଧାରଣ କରିବା ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ଆର୍ଥିକ ସ୍ଥିତି, ସାମାଜିକ ପୃଷ୍ଠଭୂମି ଏବଂ ଜୀବନଶୈଳୀକୁ ବିଚାରକୁ ନେବା ଉଚିତ ବୋଲି ମତ ଦେଇଥିଲେ।

## ୯୨ ବର୍ଷ ବୟସରେ ପୁଣି ନିର୍ବାଚନ ଲଢ଼ିବେ ରାଷ୍ଟ୍ରପତି

ୟାଓୟୁଣ୍ଡେ: କାମେରୁନର ୯୨ ବର୍ଷୀୟ ରାଷ୍ଟ୍ରପତି ପୁଣି ଥରେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଘୋଷଣା କରିଛନ୍ତି। କେନ୍ଦ୍ରୀୟ ଆଫ୍ରିକୀୟ ଦେଶ କାମେରୁନର ରାଷ୍ଟ୍ରପତି ପଲ ବିୟା ଅକ୍ଟୋବର ୨୦୨୫ରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପଲ ବିୟା ବିଶ୍ୱର ସବୁଠାରୁ ବୟସ୍କ ଏବଂ ସବୁଠାରୁ ଦୀର୍ଘ ସମୟ ଧରି କ୍ଷମତାରେ ଥିବା ରାଷ୍ଟ୍ରମୁଖ୍ୟମାନଙ୍କ ମଧ୍ୟରୁ ଜଣେ। ସେ ଗତ ୪୩ ବର୍ଷ ଧରି କାମେରୁନର ରାଷ୍ଟ୍ରପତି ଅଛନ୍ତି ଏବଂ ବର୍ତ୍ତମାନ ତାଙ୍କ ବୟସ ୯୨ ବର୍ଷ। ଏବେ ସେ ୧୦୦ ବର୍ଷ ବୟସ ପର୍ଯ୍ୟନ୍ତ କ୍ଷମତାରେ ରହିବାକୁ ଚାହାନ୍ତି। ପଲ୍ ବିୟା ରବିବାର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ପୋଷ୍ଟ କରି ତାଙ୍କର ପ୍ରାର୍ଥୀତ୍ୱ ଘୋଷଣା କରିଛନ୍ତି। ସେ ଲେଖିଛନ୍ତି, ମୁଁ ୧୨ ଅକ୍ଟୋବର ୨୦୨୫ ରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ମୋର ପ୍ରାର୍ଥୀତ୍ୱ ଘୋଷଣା କରୁଛି। ସେ ୧୯୮୨ ମସିହାରେ ରାଷ୍ଟ୍ରପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ସେବେଠାରୁ ଲଗାତାର ଭାବରେ ଏହି ପଦବୀରେ ରହିଛନ୍ତି।ପଲ୍ ବିୟା ତାଙ୍କ ପୋଷ୍ଟରେ ଦାବି କରିଛନ୍ତି ଯେ, ସେ ଜନସାଧାରଣଙ୍କ ଦାବି ଯୋଗୁ ଏହି ନିଷ୍ପତ୍ତି ନେଇଛନ୍ତି। ସେ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ସେ ଭବିଷ୍ୟତରେ ମଧ୍ୟ ସେମାନଙ୍କର ସେବା କରି ଚାଲିବେ। ତେବେ ୪୩ ବର୍ଷର ଦୀର୍ଘ ଶାସନ ପରେ, ଦେଶରେ ତାଙ୍କ ବିରୁଦ୍ଧରେ ପ୍ରତିବାଦର ସ୍ୱର ଜୋରଦାର ହେବାରେ ଲାଗିଛି। ଅନେକ ବିରୋଧୀ ନେତା ଏବଂ ସାମାଜିକ କର୍ମୀ କାମେରୁନର ବିକାଶ ଏବଂ ଗଣତନ୍ତ୍ରରେ ତାଙ୍କୁ ସବୁଠାରୁ ବଡ଼ ପ୍ରତିବନ୍ଧକ ବୋଲି ବିବେଚନା କରୁଛନ୍ତି।

## ଭାରତୀୟ ଅର୍ଥନୀତିକୁ ତଳିତଳାନ୍ତ କରିଦେବୁ: ଆମେରିକା



ୱାସିଂଟନ : ରୁଷରୁ ଶସ୍ତାରେ ତେଲ କିଣୁ ଥିବା ଚୀନ, ଭାରତ ଓ ବ୍ରାଜିଲକୁ ପୁଣି ଥରେ ଧମକ ଦେଇଛି ଆମେରିକା । ଯଦି ଏହି ଦେଶଗୁଡ଼ିକ ରୁଷରୁ ଶସ୍ତା ତେଲ କିଣିବା ଜାରି ରଖନ୍ତି, ତେବେ ସେମାନଙ୍କର ଅର୍ଥନୀତିକୁ ବଡ଼ କ୍ଷତି ସହିବାକୁ ପଡ଼ିପାରେ ବୋଲି ଆମେରିକାର ଜଣେ ସିନେଟର ଧମକ ଦେଇଛନ୍ତି। ଆମେରିକାର ସେନେଟର ଲିଣ୍ଡସେ ଗ୍ରାହାମ୍ ସମ୍ପ୍ରତି ଫକ୍ସ ନ୍ୟୁଜ୍ରେ ଖୋଲାଖୋଲି ଭାରତ, ଚୀନ ଓ ବ୍ରାଜିଲକୁ ଧମକାଇଥିଲେ। ଏହି ତିନିଦେଶକୁ ଟାର୍ଗେଟ କରି ସେ କହିଛନ୍ତି, ଯଦି ତୁମେମାନେ ରୁଷରୁ ଶସ୍ତା ତେଲ କିଣି ୟୁକ୍ରେନ୍ ଯୁଦ୍ଧକୁ ଅର୍ଥ ଯୋଗାଇବ, ତେବେ ଆମେ ତୁମର ଅର୍ଥନୀତିକୁ ଧ୍ୱଂସ କରିଦେବୁ। ଗ୍ରାହାମ୍ କହିଛନ୍ତି ଯେ ଏହି ତିନୋଟି ଦେଶ ରୁଷର ପ୍ରାୟ ୮୦% ତେଲ କିଣୁଛନ୍ତି, ଯାହା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଯୁଦ୍ଧ ଯନ୍ତ୍ରପାତିକୁ ପାଣି ଯୋଗାଇ ଆସୁଛି । ସେନେଟର ଲିଣ୍ଡସେ ଗ୍ରାହାମ ଏବଂ ରିଚାର୍ଡ ବ୍ଲୁମେନ୍ଥଲ ମିଳିତ ଭାବରେ ଆମେରିକୀୟ ସଂସଦରେ ଏକ ବିଲ୍ ଆଗତ କରିଛନ୍ତି, ଯେଉଁଥିରେ ରୁଷରୁ ତେଲ ଏବଂ ଗ୍ୟାସ କିଣୁଥିବା ଦେଶମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଷୟରେ କୁହାଯାଇଛି। ଏହି ବିଲ୍ ରେ ୫୦୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବା ବିଷୟରେ ପ୍ରସ୍ତାବ ଦିଆଯାଇଛି। ଅର୍ଥାତ୍, ଯଦି ଭାରତ, ଚୀନ୍ କିମ୍ବା ବ୍ରାଜିଲ ରୁଷରୁ ତେଲ କିଣୁଛନ୍ତି, ତେବେ ସେମାନଙ୍କ ସାମଗ୍ରୀ ଉପରେ ଏତେ ଭାରୀ ଟିକସ ଲାଗୁ ହୋଇପାରେ ଯେ ସେମାନଙ୍କ ଅର୍ଥନୀତିକୁ ବଡ଼ ଝଟକା ଲାଗିବ।ଏହା ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏହି ତିନି ଦେଶକୁ ଚେତାବନୀ ଦେଇଥିଲେ । ସେହିପରି ନାଟୋ ଏବଂ ୟୁରୋପୀୟ ସଂଘ ପକ୍ଷରୁ ମଧ୍ୟ ଭାରତକୁ ଚେତାବନୀ ଦିଆଯାଇଥିଲା ।

## ପରମାଣୁ ଜିଦ୍‌ରେ ଅଟଳ ଇରାନ !

ନୂଆଦିଲ୍ଲୀ : ଇରାନର ପରମାଣୁ କାର୍ଯ୍ୟକ୍ରମ ଦଶନ୍ଧି ଧରି ଆନ୍ତର୍ଜାତୀୟ ବିବାଦର ବିଷୟ ହୋଇ ରହିଛି। ସମ୍ପ୍ରତି ଇସ୍ରାଏଲ ଓ ଆମେରିକାର ଆକ୍ରମଣ ସତ୍ତ୍ୱେ ଇରାନ ତା'ର ପରମାଣୁ କାର୍ଯ୍ୟକ୍ରମ ଜାରି ରଖିବାକୁ ନିଷ୍ପତ୍ତି ନେଇଛି। ଫକ୍ସ ନ୍ୟୁଜ୍କୁ ଦିଆଯାଇଥିବା ଏକ ସାକ୍ଷାତକାରରେ ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଅରାଘଚି ସ୍ପଷ୍ଟ କରିଛନ୍ତି ଯେ, ଇଉରେନିୟମ ସଂବର୍ଦ୍ଧନ (ଶୁଦ୍ଧିକରଣ) ବନ୍ଦ କରିବା ଜାତୀୟ ଗୌରବ ଓ ବୈଜ୍ଞାନିକ ସଫଳତା ସହ ଆପୋଷ କରିବା ସହିତ ସମାନ। ସେ ଏହାକୁ ଇରାନୀ ବୈଜ୍ଞାନିକମାନଙ୍କର କଠୋର ପରିଶ୍ରମ ଓ ସଫଳତାର ପ୍ରତୀକ ବୋଲି ଅଭିହିତ କରିଛନ୍ତି। ଗତ ୧୩ ଜୁନରେ ଇସ୍ରାଏଲ ଇରାନର ପରମାଣୁ ଓ ସାମରିକ ସୁବିଧା ଉପରେ ଆଶ୍ଚର୍ଯ୍ୟଜନକ ଆକ୍ରମଣ ଆରମ୍ଭ କରିଥିଲା, ଯାହା ପରେ ୧୨ ଦିନିଆ ଏକ ଭୀଷଣ ଯୁଦ୍ଧରେ ପରିଣତ ହୋଇଥିଲା। ଏହି ଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ଆମେରିକା 'ଅପରେସନ ମିଡନାଇଟ ହାମର' ନାମକ ଅଭିଯାନ ଆରମ୍ଭ କରିଥିଲା, ଯେଉଁଥିରେ ବି-୨ ସ୍ପିରିଟ ବୋମାରୁ ବିମାନରୁ ୩୦,୦୦୦ ପାଉଣ୍ଡ ଓଜନର ଏଇଟ-୫୭ ବଙ୍କର ବଷ୍ଟର ବୋମା ପକାଇ ଇରାନର ପ୍ରମୁଖ ପରମାଣୁ ସ୍ଥାନ ଫୋର୍ଡୋ, ନାତାଞ୍ଜ ଓ ଇସ୍ଫାହାନକୁ ନିଶାନା କରାଯାଇଥିଲା। ଇରାନ ସ୍ୱୀକାର କରିଛି ଯେ, ଏହି ଆକ୍ରମଣରେ ତା'ର ପରମାଣୁ ସୁବିଧାଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ତଥାପି, ଇରାନ ସରକାର ଘୋଷଣା କରିଛନ୍ତି ଯେ, ସେମାନେ ଇଉରେନିୟମ ସଂବର୍ଦ୍ଧନ ଜାରି ରଖିବେ ଏବଂ କ୍ଷତିଗ୍ରସ୍ତ ସୁବିଧାଗୁଡ଼ିକୁ ପୁନଃନିର୍ମାଣ କରିବା ପାଇଁ ପଦକ୍ଷେପ ନେବେ।

## ମୁକ୍ତହେବେ ନିମିଷା ପ୍ରିୟା !



କୋଚି : ୟେମେନରେ ମୃତ୍ୟୁଦଣ୍ଡ ଅପେକ୍ଷାରେ ଥିବା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କୁ ଖୁବ୍ ଶୀଘ୍ର ମୁକ୍ତ କରାଯାଇପାରେ। ଏହି ଦାବି କରିଛନ୍ତି ଡାକ୍ତର କେ ଏ ପଲ୍, ଯିଏ ଏହି ମାମଲାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ନିମିଷା ମୁକ୍ତି ପରେ ଖୁବ୍ ଶୀଘ୍ର ଭାରତ ଫେରି ଆସିବେ। ୟେମେନରେ ଏକ କ୍ଲିନିକ୍ ଚଳାଉଥିବା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କ ବିରୋଧରେ ତାଙ୍କ ନିଜ ସାଥୀ ଆବଦୋ ମହଦିଙ୍କୁ ହତ୍ୟା କରିବାର ଅଭିଯୋଗ ରହିଛି, ଏହି ମାମଲାରେ ନିମିଷାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ନର୍ସଙ୍କ ପରିବାର ବ୍ଲଡମନି ( ଇସ୍ଲାମୀୟ ଦେଶରେ ପ୍ରଚଳିତ ଏକ ପ୍ରକାରର ଆର୍ଥିକ କ୍ଷତିପୂରଣ ବ୍ୟବସ୍ଥା) ପାଇଁ ପୀଡିତଙ୍କ ପରିବାର ସହିତ ଆଲୋଚନା କରିଥିଲେ, କିନ୍ତୁ ପୀଡିତଙ୍କ ପରିବାର ଏଥିପାଇଁ ପ୍ରସ୍ତୁତ ହୋଇ ନଥିଲେ । ଏହା ପରେ ନିମିଷାଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ଜୁଲାଇ ୧୬ ତାରିଖ ସ୍ଥିର କରାଯାଇଥିଲା, କିନ୍ତୁ ଶେଷ ମୁହୂର୍ତ୍ତରେ ଏହାକୁ ସ୍ଥଗିତ ରଖାଯାଇଥିଲା। ମୃତ୍ୟୁଦଣ୍ଡ ସ୍ଥଗିତ ରଖିବା ପଛରେ ଭାରତ ସରକାରଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ଗତ ସପ୍ତାହରେ ଭାରତର ବୈଦେଶିକ ମନ୍ତ୍ରାଳୟ ମଧ୍ୟ ଏହି ପ୍ରସଙ୍ଗରେ କହିଥିଲା ଯେ ଏହା ଏକ ସଂବେଦନଶୀଳ ପ୍ରସଙ୍ଗ । ଭାରତ ସରକାର ଏହି ସମସ୍ୟାର ଏକ ସମାଧାନ ପାଇଁ ଉଦ୍ୟମ କରୁଛନ୍ତି ଓ ୟେମେନ ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି ।

## ପ୍ରାଣ ନେଲା ଏମଆର୍‌ଆଇ ମେସିନ୍

ଜୀବନ ବଞ୍ଚାଇବା ପାଇଁ ଯାଇଥିଲେ, ହେଲେ ଏମଆରଆଇ ଡାଇଗ୍ନୋସିସ୍ ତାଙ୍କ ପ୍ରାଣ ନେଇଗଲା। ଏକ ମେଟାଲ୍ ଚେନ୍ ପିନ୍ଧି ଏମଆରଆଇ ରୁମ୍ ଭିତରକୁ ଯିବା ଜଣେ ବ୍ୟକ୍ତିଙ୍କ ପାଇଁ କାଳ ହୋଇଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଆମେରିକାରେ। ଆମେରିକାର ଓ୍ୱେଷ୍ଟବରୀର ନାସାଉର ଏକ ଓପନ ଏମଆରଆଇ ସେଣ୍ଟରରେ ଘଟିଛି ଏହି ଘଟଣା। ଖବର ମୁତାବକ, ୬୧ ବର୍ଷୀୟ କିଥ୍ ମ୍ୟାକଏଲିଷ୍ଟର ନିଜ ଆଣ୍ଠୁର ଏମଆରଆଇ କରାଇବାକୁ ସମ୍ପୃକ୍ତ ସେଣ୍ଟରକୁ ଯାଇଥିଲେ। ମାତ୍ର ପିନ୍ଧିଥିବା ମେଟାଲ୍ ଚେନ୍ କାରଣରୁ ତାଙ୍କୁ ପ୍ରାଣ ହରାଇପାକୁ ପଡ଼ିଛି। କିଥ୍ ପାଖାପାଖି ୨୦ ପାଉଣ୍ଡ ଓଜନର ଏକ ଚେନ୍ ପିନ୍ଧିଥିଲେ। ମେସିନର ଚୁମ୍ବକୀୟ ଶକ୍ତି ସେହି କାରଣରୁ କିଥଙ୍କୁ ନିଜ ଭିତରକୁ ଟାଣି ନେଇଥିଲା। ସତେ ଯେମିତି ଏମଆରଆଇ ମେସିନ୍ ତାଙ୍କୁ ଗିଳି ଦେଉଛି। ମେସିନ୍ ଭିତରେ ଫସି ବାରମ୍ବାର ଆଘାତ ଫଳରେ ସେ ଗମ୍ଭୀର ଭାବେ ଆହତ ହୋଇଥିଲେ। ଏହାପରେ ହୃଦଘାତ ଯୋଗୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଟେକ୍ନିସିଆନଙ୍କ ଅବହେଳା କାରଣରୁ ଏଭଳି ଘଟିଥିବା ଅଭିଯୋଗ କରିଛନ୍ତି କିଥ୍ଙ୍କ ପତ୍ନୀ ଏଡ୍ରିଏନ ଜୋନ୍ସ-ମ୍ୟାକଏଲିଷ୍ଟର।

## ଏଆଇ ମଡ଼େଲ୍‌କୁ ମାତ୍ ଦେଲେ ବିଶ୍ୱର ଶ୍ରେଷ୍ଠ ପ୍ରୋଗ୍ରାମର

ନୂଆଦିଲ୍ଲୀ : ଏଆଇକୁ ନେଇ ବିଶ୍ୱରେ ଚର୍ଚ୍ଚା । ଅଧିକାଂଶ କମ୍ପାନି ଏଆଇକୁ ମଣିଷ ବା ତା'ଠୁ ବି ଅଧିକ ସମର୍ଥ କରିବା ଦିଗରେ କାମ କରୁଛନ୍ତି । କିନ୍ତୁ ଜଣେ ବ୍ୟକ୍ତି ପ୍ରମାଣ କରିଛନ୍ତି, ଏଆଇ ଯେତେ ଉନ୍ନତ ହେଲେ ମଧ୍ୟ ମଣିଷଠୁ ଆଗକୁ ଯାଇପାରିବ ନାହିଁ । ଟୋକିଓରେ ଆୟୋଜିତ ଆଟକ୍କୋଡର୍ ୱାର୍ଲଡ୍ ଟୁର୍ ଫାଇନାଲ୍-୨୦୨୫ ହ୍ୟୁରିଷ୍ଟିକ୍ ପ୍ରତିଯୋଗିତାରେ ଚାଟ୍ଜିପିଟି ମେକର୍ ଓପନ୍ଏଆଇର କଷ୍ଟମ୍ ଏଆଇ ମଡେଲକୁ ପୋଲାଣ୍ଡର ଜଣେ ପ୍ରୋଗ୍ରାମର୍ ହରାଇ ଦେଇଛନ୍ତି । ଏହା ପରେ ତାଙ୍କୁ ନେଇ ବିଶ୍ୱରେ ଚର୍ଚ୍ଚା ଆରମ୍ଭ ହୋଇଛି। ଗତ ସପ୍ତାହ ହୋଇଥିବା ଏହି ପ୍ରତିଯୋଗିତାରେ ପୂର୍ବ ଓପନ୍ଏଆଇ କର୍ମଚାରୀ ଓ ପ୍ରୋଗ୍ରାମର୍ ପ୍ରଜେମିସ୍ଲାଭ ଡେବିୟାକ ଏକ ଓପନ୍ଏଆଇର କଷ୍ଟମ୍ ଏଆଇ ମଡେଲ୍କୁ ମାତ୍ ଦେଇଛନ୍ତି ।

# ଦେଶୀ ମଦ ସହ ୨ ବନ୍ଧୁକ ଜବତ, ଜଣେ ଗିରଫ

ବ୍ରହ୍ମପୁର(ପିପିଏସ୍): ଦିଗପହଣ୍ଡି ପୁଲିସ୍ ପକ୍ଷରୁ ଥାନା ଇଲାକାରେ ଅବକାରୀ ଧରପଗଡ ବେଳେ ଜଣେ ଯୁବକଙ୍କ ଘରୁ ୨ଟି ପ୍ଲାଷ୍ଟିକ୍ ଜାରରେ ଥିବା ୪୦ଲିଟର ମଦ ଓ ୨ଟି ବନ୍ଧୁକ ଜବତ କରିଛି । ଯୁବକଜଣକ ହେଲେ ଲୁଣ୍ଡୁରିଗୁଡା ଗ୍ରାମର ସୁରେନ୍ଦ୍ର ମଲ୍ଲିକ(୪୫) । ମଙ୍ଗଳବାର ସନ୍ଧ୍ୟାରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି । ମିଳିଥିବା ସୂଚନା ପ୍ରକାରେ, ଗିରଫ ସୁରେନ୍ଦ୍ର ଲୁଣ୍ଡୁରିଗୁଡା ଗ୍ରାମରେ ବେଆଇନ୍ ଦେଶୀ ମଦ କାରବାର କରିବା ସହ ବନ୍ୟଜନ୍ତୁ ମାରିବା ପାଇଁ ୨ଟି ବନ୍ଧୁକ ରଖିଥିଲା । ଏହି ଖବର ପାଇବାପରେ ଦିଗପହଣ୍ଡି ଥାନା ପୁଲିସ୍ ଲୁଣ୍ଡୁରିଗୁଡା ଗ୍ରାମରେ ପହଞ୍ଚି ସୁରେନ୍ଦ୍ରଙ୍କ ଘରେ ଚଢ଼ାଉକରି ମଦ ଓ ବନ୍ଧୁକ ଜବତ କରିଥିଲା । ତାଙ୍କୁ ପଚରା ଉଚୁରା ବେଳେ ଗଜପତି ଜିଲ୍ଲା ମୋହନା ଅଞ୍ଚଳରୁ ୨ଟି ବନ୍ଧୁକ ବନ୍ୟଜନ୍ତୁ ମାରିବା ପାଇଁ ଆଣିଥିବା କହିଥିଲା । ଏହି ଘଟଣାରେ ଦିଗପହଣ୍ଡି ପୁଲିସ୍ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି ।

# ଭୂତକୋଠି ସହ ସରୀସୃପଙ୍କ ଆଶ୍ରୟସ୍ଥଳ ପାଲଟିଛି ମାର୍କେଟ୍ କମ୍ପ୍ଲେକ୍ସ

ଭାପୁର, ୨୨/୭(ପିପିଏସ) ଦୀପ ତଳ ଅନ୍ଧାର ପରି, ଭାପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ୬ଟି ମାର୍କେଟ କମ୍ପ୍ଲେକ୍ସ ଗୃହ ଗୁଡିକର ରକ୍ଷଣା ବେକ୍ଷଣ ଅଭାବରୁ ସେଗୁଡ଼ିକ ଭୂତକୋଠି ପାଲଟିଛି। ଭାପୁର ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକର ଦକ୍ଷିଣ ଦିଗରେ ମୁଖ୍ୟ ରାସ୍ତା ପଟକୁ ଥିବା ୬ଟି ମାର୍କେଟ କମ୍ପ୍ଲେକ୍ସ ଗୃହ ଲାଗି ରହିଛି। ଉକ୍ତ ଗୃହ ଗୁଡିକ ଆଜକୁ ପ୍ରାୟ ୨୨ ବର୍ଷ ରୁ ଉର୍ଦ୍ଧ୍ୱ ସମୟ ଧରି ନିର୍ମାଣ ହୋଇ ପଡି ରହିଛି। ମାତ୍ର, ଗୃହ ଗୁଡିକ ନିର୍ମାଣଧିନ ହେବା ଦିନ ଠାରୁ ଭଡ଼ା ସୂତ୍ରରେ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ମାନଙ୍କୁ ଦିଆ ନଯିବା ସହ ରକ୍ଷଣା ବେକ୍ଷଣ ଅଭାବରୁ ଭୂତକୋଠି ପାଲଟିଛି। ଯାହା ଫଳରେ ରାଜ୍ୟ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଛି। ମାର୍କେଟ କମ୍ପ୍ଲେକ୍ସ ଗୃହ ଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ ଏହାର ସଟର ଗୁଡିକ କଳଙ୍କି ଲାଗି ନଷ୍ଟ ହୋଇ ଯାଇଛି। ଘର ଗୁଡ଼ିକୁ ମରାମତି କରି ଭଡା ସୂତ୍ରରେ ସ୍ଥାନୀୟ ଅଞ୍ଚଳର ଜନ ସାଧାରଣ ମାନଙ୍କୁ ବ୍ୟବସାୟ ସୂତ୍ରରେ ଦିଆ ଗଲେ ରାଜ୍ୟ ସରକାରଙ୍କ ରାଜସ୍ୱ ଆଦାୟ ହେବା ସହ ଭୂତ କୋଠି ପାଲଟିଥିବା ଗୃହ ଗୁଡିକ କାର୍ଯ୍ୟକ୍ଷମ ହୋଇ ପାରନ୍ତା । ପୁନଶ୍ଚ , ବେକାରୀ ସମସ୍ୟା ଦୂର ହେବା ସହ କିଛି ବ୍ୟକ୍ତି ବ୍ୟବସାୟ କରି ନିଜ ଗୁଜୁରାଣ ମେଣ୍ଟାଇବା ରେ ସକ୍ଷମ ହୋଇ ପାରିବେ। ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଥିବା ଦୁଇ ମହଲା ବିଶିଷ୍ଟ କୋଠା ଘର କେତେବେଳେ ଭୁଷୁଡି ପଡି ଏକ ଅଘଟଣ ଘଟାଇବା ପୂର୍ବରୁ ବ୍ଲକ ପ୍ରଶାସନର ଚେତା ପଶିବା ଦରକାର ବୋଲି ଚା ଖଟି ରେ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ ଓ ସମାଜସେବୀ ମାନେ ଜିଲ୍ଲା ପ୍ରଶାସନ ତଥା ବ୍ଲକ ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏନେଇ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ଦୃଷ୍ଟି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହ ଉକ୍ତ ଗୃହ ଗୁଡିକର ସ୍ଥାୟୀତ୍ୱ ନେଇ ଯାଞ୍ଚ ପ୍ରକ୍ରିୟା କରି, ଯାଞ୍ଚ ପ୍ରକ୍ରିୟା ରିପୋର୍ଟ କୁ ଆଧାର କରି ତୁରନ୍ତ ମରାମତି କରି ଗୃହ ଗୁଡିକୁ କାର୍ଯ୍ୟକ୍ଷମ କରନ୍ତୁ ନଚେତ୍ ଗୃହ ଗୁଡିକୁ ଭାଙ୍ଗି ନୂତନ ବ୍ୟବସାୟ ଗୃହ ନିର୍ମାଣ କରିବାକୁ ସମାଜସେବୀ ପ୍ରଫୁଲ୍ଲ କୁମାର ସାହୁ ଦାବି କରିଛନ୍ତି।



# ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ବଳାତ୍କାର ଉଦ୍ୟମ

ବ୍ରହ୍ମପୁର(ପିପିଏସ୍): ଜଣେ ଯୁବତୀଙ୍କ ସହ ବନ୍ଧୁତା ସ୍ଥାପନକରି ପରବର୍ତ୍ତୀ ସମୟରେ ତାଙ୍କୁ ବଳାତ୍କାର ଉଦ୍ୟମ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ୍ ଜଣକୁ ଗିରଫକରି କୋର୍ଟଚାଲାଣ କରିଛି। ଗିରଫଜଣକ ହେଲେ ହିଞ୍ଜିଳିକାଟୁ ସନ୍ତୋଷପୁର ଗ୍ରାମର ଜୀବନ ମିଶ୍ର(୨୯) । ଏସ୍‌ପି ଡା.ଶ୍ରବଣା ବିବେକ ଏମ୍ ଦେଇଥିବା ସୂଚନା ପ୍ରକାରେ, ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଅଞ୍ଚଳର ୨୭ବର୍ଷୀୟ ପୀଡିତାଜଣକ ଏକ ଘରୋଇ ସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀ । ପୂର୍ବରୁ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ଜୀବନଙ୍କ ସହ ତାଙ୍କର ପରିଚୟ ହୋଇଥିଲା । ଉଭୟଙ୍କ ମଧ୍ୟରେ ବନ୍ଧୁତା ମଧ୍ୟ ରହିଥିଲା । ଶିକ୍ଷୟିତ୍ରୀଭାବେ ନିଯୁକ୍ତି ମିଳିବାପରେ ଯୁବତୀଜଣକ ବ୍ରହ୍ମପୁରରେ ହଷ୍ଟେଲ ବୁଝିବା ସହ ଘରୋଇ ସାମଗ୍ରୀ କିଣିବା ପାଇଁ ବ୍ରହ୍ମପୁରକୁ ଆସିଥିଲେ । ୧୩ତାରିଖରେ ଜୀବନ ସ୍କୁଟି ଧରି ଭାଟଗୁମରଡା ଯାଇ ଯୁବତୀଙ୍କୁ ବ୍ରହ୍ମପୁର ବଡବଜାର ଆଣି ମାର୍କେଟିଂ କରିଥିଲେ । ପରେ ଜୀବନ ସମ୍ପୃକ୍ତ ଯୁବତୀଙ୍କୁ ନେଇ ଅଶୋକନଗର ତାଙ୍କ ମାଉସୀଙ୍କ ଘରକୁ ନେଇଥିଲେ । ସେଠାରେ ଜୀବନ ସମ୍ପୃକ୍ତ ଯୁବତୀଙ୍କୁ ବିଭିନ୍ନ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ସହ ବଳାତ୍କାର କରିବାକୁ ଦଦ୍ୟମ କରିଥିଲେ । ଯୁବତୀଜଣକ ପ୍ରତିବାଦ କରିବାରୁ ତାଙ୍କୁ ନେଇ ହଷ୍ଟେଲରେ ଛାଡି ଦେଇଥିଲେ । ଘଟଣାକୁ ନେଇ ଯୁବତୀଜଣକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବାପରେ ପୁଲିସ୍ ଏକ ମାମଲା ରୁଜୁକରି ଅଭିଯୁକ୍ତ ଜୀବନକୁ ଗିରଫକରି ମଙ୍ଗଳବାର କୋର୍ଟଚାଲାଣ କରିଛି ।

# ବିଜେପି ଯୁବମୋର୍ଚ୍ଚା ପକ୍ଷରୁ କଂଗ୍ରେସ ଦଳ ବିରୁଦ୍ଧରେ ପ୍ରତିବାଦ

ବ୍ରହ୍ମପୁର(ପିପିଏସ୍): ଭାରତୀୟ ଜନତା ଯୁବମୋର୍ଚ୍ଚା ପକ୍ଷରୁ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ସହ ଧର୍ଷଣକାରୀ ଛାତ୍ର କଂଗ୍ରେସ ସଭାପତିଙ୍କ ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କୁମ୍ଭୀର କାନ୍ଦଣା କାନ୍ଦି ନାରୀକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ବନ୍ଦ ଦେଇଥିବା ଦଳ ଯେତେବେଳେ ନିଜ ପକ୍ଷର କଥା ଆସେ ସେତେବେଳେ ଛାତ୍ର କଂଗ୍ରେସ ଦଳର ସଭାପତି ଜଣେ ଧର୍ଷଣକାରି ଭାବେ ଗିରଫ ହୋଇ ଜେଲ୍ ଯାଇଛନ୍ତି । ଯେଉଁମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବୀ କରୁଥିଲେ ସେମାନେ ଆଜି ଜାଣିରଖିବା ଦରକାର ଯେ, କେଉଁଭଳୀ ଭାବରେ ଜଣେ ଡକାୟତି କରିଥିବା ଯୁବକକୁ ଛାତ୍ର କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଦେଇଥିଲେ । ଯେଉଁମାନେ ଲୋକଙ୍କ ସରକାରଙ୍କ ଉପରକୁ ଆଙ୍ଗୁଳି ଉଠାଉଛନ୍ତି ସେମାନେ ନିଜେ ଜାଣି ରଖିବା ଦରକାର ଅଞ୍ଜନା ଗଣଦୁଷ୍କର୍ମ ଜୁଇରେ ଆପଣ ଜଳି ଯାଇଛନ୍ତି, ଲୋକ ଆଜି ଆପଣଙ୍କୁ ପ୍ରତ୍ୟାଖାନ କରିଛନ୍ତି । ସରକାରଙ୍କୁ ପ୍ରଶ୍ନ ପଚାରିବା ପୂର୍ବରୁ ଆପଣ ନିଜର ଛାତ୍ରନେତା ଓ ଯୁବନେତା ମାନଙ୍କୁ ପ୍ରଥମେ ନାରୀ ସଶକ୍ତିକରଣ ଏବଂ ନାରୀ ସୁରକ୍ଷାର ବିଷୟ ପାଠ ପଢ଼ାଇ ରଖନ୍ତୁ। ଯେତେବେଳେ ସରକାରଙ୍କୁ ଇସ୍ତଫା ଦେବା କଥା କହୁଛନ୍ତି ସେତେବେଳେ ଆପଣ ନିଜେ ଛାତ୍ର କଂଗ୍ରେସ ସଭାପତିକୁ ପ୍ରୋତ୍ସାହନ ଦେଉଥିଲେ । ନୈତିକତା ଦୃଷ୍ଟିରୁ କଂଗ୍ରେସର ଅଧ୍ୟକ୍ଷ ନିଜେ ଇସ୍ତଫା ଦେଇ ଉଦାହରଣ ସୃଷ୍ଟି କରନ୍ତୁ । ଏହିଭଳି ଭାବରେ କଂଗ୍ରେସ ନେତା ମାନଙ୍କର ଚରିତ୍ର ଜାରି ରୁହେ ତାହାଲେ ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ କରି ପଞ୍ଚାୟତରୁ କଂଗ୍ରେସ ମୁକ୍ତ ଓଡ଼ିଶାର ଲକ୍ଷ୍ୟ ସାଧନ କରିବ ବୋଲି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବଶଙ୍କର ନାୟକ କହିଛନ୍ତି । ଏହି ବିକ୍ଷୋଭରେ ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ତୁତୁନ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ରବି ରାଓ, ସୋମନାଥ ପାତ୍ର, ସମ୍ପାଦକ କମଲ ପାତ୍ର, କିଶୋର କୁମାର ସାହୁ, ମଣ୍ଡଳ ସଭାପତି ଶକ୍ତି ପଟ୍ଟନାୟକ, ଅମର ସାହୁ, ଶିରିଡ଼ି ବିକ୍ରମ, ଶୀତଲ ଜେନା, ଦେବୁନ ପଟ୍ଟନାୟକ, ମନୋଜ ମହାରଣା, ଲିପୁନ ପଟ୍ଟନାୟକ, ସୁମିତ ପାତ୍ର, ମନୋଜ ପାଣିଗ୍ରାହୀ, ଜି.ବିଜୟ ପାତ୍ର, ବିଜେପିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଉପସଭାପତି ରାମ କୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡଙ୍ଗୀ, ମଦନ ମୋହନ ପାତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ଜିଲ୍ଲା ସମ୍ପାଦିକା ଏସ୍.ରାଣୀ, ବରିଷ୍ଠ ଆଇନଜୀବି ତଥା ବିଜେପି ନେତା ପୀତବାସ ପଣ୍ଡା, ସରୋଜ ପାତ୍ର, ଧର୍ମରାଜ ପାଣିଗ୍ରାହୀଙ୍କ ସମେତ ବହୁ ଦଳୀୟ ନେତା ଏହି ବିକ୍ଷୋଭ ସହ କୁଶପୁତ୍ତଳିକା କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।




### ଚୋରି ମୋଟର ସାଇକେଲ୍ ପୁଲିସ୍ ଉଦ୍ଧାର ଘଟଣା

# ପ୍ରମାଣ ଦେଖି ମାଲିକଙ୍କୁ ଫେରାଇଲା ବ୍ରହ୍ମପୁର ପୁଲିସ୍

ବ୍ରହ୍ମପୁର(ପିପିଏସ୍): ଗତ ୧୪ତାରିଖରେ ଆନ୍ତଃଜିଲ୍ଲା ମୋଟର ସାଇକେଲ୍ ଚୋରୀ ଗ୍ୟାଙ୍ଗକୁ ଟାଉନ୍ ଥାନା ପୁଲିସ୍ ଗିରଫକରି ସେମାନଙ୍କ ଠାରୁ ୧୦ଟି ଚୋରୀ ମୋଟର ସାଇକେଲ୍ ଉଦ୍ଧାର କରିଥିଲା । ଏହି ଗ୍ୟାଙ୍ଗର ୬ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା । ରାୟଗଡା, ଗଜପତି, ଭଞ୍ଜନଗର, ଆସିକା, ଶେରଗଡ, ହିଞ୍ଜିଳି ଆଦି ଅଞ୍ଚଳରୁ ଚୋରମାନେ ଚୋରୀକରି ନେଇଯାଇଥିଲେ । ସେମାନେ ଗିରଫ ଗାଡି ଜବତପରେ ଉପଯୁକ୍ତ ପ୍ରମାଣ ଦେଖାଇ ନିଜ ଗାଡି ନିଜେ ନେବାକୁ ପୁଲିସ୍ ପକ୍ଷରୁ କୁହାଯାଇଥିଲା । ମଙ୍ଗଳବାର ୮ଜଣ ଆସି ନିଜର ଉପଯୁକ୍ତ ପ୍ରମାଣ ଦେଖାଇ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟରୁ ଏସ୍‌ପି ଡା.ଶ୍ରବଣା ବିବେକ ଏମ୍‌ଙ୍କ ଉପସ୍ଥିତିରେ ଗାଡି ନେଇଛନ୍ତି । ଏଥିରେ ଟାଉନ୍ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ, ଏସ୍‌ଆଇ ବିଭୂତି ଭୂଷଣ ସେଠୀ, ରଞ୍ଜିତ କୁମାର ଦାସ, ସୁଜାତା କୁଅଁର, ଟୁକୁନା ସ୍ୱାଇଁ, ଏସ୍‌ଆଇ ଅଶୋକ କୁମାର ସାମଲ, ଏସ୍‌ଆଇ ନିଗମାନନ୍ଦ ବେହେରା, ହାବିଲଦାର ସୁଧିର କୁମାର ତ୍ରିପାଠୀ, କନେଷ୍ଟବଳ ବାଦଲ ରାମଚନ୍ଦ୍ର, ଅର୍ଚ୍ଚିତାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।



# ଜେଲ୍‌ରୁ ଫେରି ନାବାଳିକାଙ୍କୁ ପୁଣି ଅସଦାଚରଣ, ଯୁବକ ଗିରଫ

ବ୍ରହ୍ମପୁର(ପିପିଏସ୍): ଜେଲ୍‌ରୁ ଫେରିବାପରେ ପୁଣି ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ୍ ଜଣେ ଅଭିଯୁକ୍ତକୁ ଗିରଫକରି କୋର୍ଟଚାଲାଣ କରିଛି । ଗିରଫଜଣକ ହେଲେ କେ.ନୂଆଗାଁ ଥାନା ସହଦେବଟିକରପଡା ଗ୍ରାମର ସୁଶାନ୍ତ ମହାରଣା(୨୪) । ଏହି ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗତ ମାର୍ଚ୍ଚ ୩୧ତାରିଖରେ ସୁଶାନ୍ତ ଗିରଫ ହୋଇ ଜେଲ୍‌କୁ ଯାଇଥିଲେ । କିଛିଦିନ ହେଲା ସେ ଜାମିନ୍‌ରେ ଆସି ପୁଣିଥରେ ଉକ୍ତ ନାବାଳିକାକୁ ରାସ୍ତାରେ ହଇରାଣ କରିବା ସହ ଅସଦାଚରଣ କରିଥିଲେ । ଏପରିକି ତାଙ୍କ କଥା ନ ଶୁଣିଲେ ପୁରୁଣା ଫଟୋ ଓ ଭିଡିଓ ଭାଇରାଲ୍ କରିବାକୁ ଧମକ ଦେଇଥିଲେ । ଘଟଣାକୁ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିବାପରେ ମଙ୍ଗଳବାର ପୁଣି ଅଭିଯୁକ୍ତ ସୁଶାନ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ଏସ୍‌ପି ଡା.ଶ୍ରବଣା ବିବେକ ଏମ୍ ସୂଚନା ଦେଇଛନ୍ତି ।

# ବରିଷ୍ଠ ସାମ୍ବାଦିକ ଅଜିତଙ୍କ ପରଲୋକ

କୋଣାର୍କ (ପି ପି ଏସ):-କୋଣାର୍କ ଅଞ୍ଚଳର କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଓ ସମାଜସେବୀ ଅଜିତ କୁମାର ମଲ୍ଲିକଙ୍କ ( ୫୨ବର୍ଷ) ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ମଲ୍ଲିକ ସୋମବାର ସଂଧ୍ୟାରେ ଥାନା ଛକ ସ୍ଥିତ ପ୍ରିଣ୍ଟିଂ ପ୍ରେସରେ ବସି ନିୟୂଜ କାର୍ଯ୍ୟ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରାଥମିକ ଚିକିତ୍ସା ନିମନ୍ତେ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ କୋଣାର୍କ ତଥା ଆଖପାଖ ଅଂଚଳରେ ଶୋକରେ ଛାୟା ଖେଳିଯାଇଛି । ସେ ଦୀର୍ଘ ୧୫ବର୍ଷ ଧରି ନିରପେକ୍ଷ ଓ ନିର୍ଭୀକତା ଭାବେ ସାମ୍ବାଦିକତା କାର୍ଯ୍ୟ କରି ଆସୁଥିଲେ। ସ୍ୱର୍ଗତ ସାମ୍ବାଦିକ ଅଜିତଙ୍କ ମରଶରୀରକୁ ଭଗବତୀ ବିହାର ସ୍ଥିତ ବାସଭବନକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସେଠାରେ କୋଣାର୍କ ଅଞ୍ଚଳର ବହୁମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମର ଶରୀରକୁ କୋଣାର୍କ ବଜାର ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଭଣଜା ଚିରଞ୍ଜିବୀ ମୁଖାଗ୍ନି ଦେଇଥିଲେ। ସାମ୍ବାଦିକ ଅଜିତଙ୍କ ଅକାଳ ବିୟୋଗରେ ପୁରୀ ଜିଲ୍ଲାପାଳ ଚଞ୍ଚଳ ରାଣା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଶୋକବ୍ୟକ୍ତ କରିଅଛନ୍ତି ।ବରିଷ୍ଠ ସାମ୍ବାଦିକ ବିଶ୍ୱଜିତ୍ ପଟ୍ଟନାୟକ,କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ନିମାପଡ଼ା ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାସ, କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, କୋଣାର୍କ ଏନଏସି ଅଧକ୍ଷା ସଂଯୁକ୍ତା ତ୍ରିପାଠୀ,କୋଣାର୍କ ପ୍ରେସ କ୍ଲବର ସଭାପତି ଧନଞ୍ଜୟ ବେହେରା,ସମ୍ପାଦକ ବିଚିତ୍ର ଓଝା, ଦୀପ୍ତି ରଞ୍ଜନ ପାତ୍ର,ସାମ୍ବାଦିକ ସଂଘର ସମ୍ପାଦକ ମନୋରଞ୍ଜନ ପଣ୍ଡା, ସାମ୍ବାଦିକ ମାନସ ରଞ୍ଜନ ପାତ୍ର, ପ୍ରତାପ କାଣ୍ଡି, ଅବନୀ ଭୂଷଣ ବାରିକ, ସୁକାନ୍ତ ବିଶ୍ୱାଳ,ପ୍ରକାଶ କାଣ୍ଡି, ଜ୍ଞାନ ରଞ୍ଜନ ବିଶ୍ୱାଳ,ଗଣେଶ ବେହେରା, ଜ୍ୟୋତିରାଜ ମହାନ୍ତି, ପ୍ରଦୀପ ଚାନ୍ଦଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଓ ବ୍ୟକ୍ତି ବିଶେଷ ମାନେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ ପୂର୍ବକ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

# ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି

ନୟାଗଡ ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ ପରିବେଶ ର ସୁରକ୍ଷା ପାଇଁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଜି ବିଜେପି କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ନୟାଗଡ଼ ଜିଲ୍ଲା ର ବଡ ପଣ୍ଡୁସର ଗ୍ରାମ ର ଶିବ ମନ୍ଦିର ପ୍ରାଙ୍ଗଣରେ ଓ ଇଟାମାଟି ଗ୍ରାମ ର ତନ୍ତୀ ସାହି ଠାରେ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ବୃକ୍ଷ ରୋପଣ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଛନ୍ତି। ପରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଥିଲା ।ଏହି ସଭାରେ ଶତାଧିକ ଜନସାଧାରଣ ଙ୍କୁ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଗଛ ଚାରା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ଶ୍ରୀ ଶ୍ରୀନିବାସ ପ୍ରଧାନ, ରାଜ୍ୟ ସଂଯୋଜକ ଶ୍ରୀ ଅଜୟ ସାମନ୍ତରାୟ, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ଶିବ ପ୍ରସାଦ ମିଶ୍ର, ସନ୍ତୋଷ କୁମାର ପ୍ରଧାନ, ବସନ୍ତ କୁମାର ପଟ୍ଟନାୟକ, ସଞ୍ଜୟ କୁମାର ନାୟକ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ରଞ୍ଜନ କୁମାର ପଣ୍ଡା, ମୁରଲିଧର ବେହେରା, ଅଶୋକ କୁମାର ଦାସ, ଅଶୋକ କୁମାର ଭଟ, ତ୍ରିନାଥ ସାହୁ, ଦେବେନ୍ଦ୍ର ପ୍ରଧାନ, ବୃନ୍ଦାବନ ପ୍ରଧାନ, କାଳି ଚରଣ ଦଳବେହେରା, ପ୍ରଫୁଲ୍ଲ କୁମାର ଖୁଣ୍ଟିଆ, ନିରଞ୍ଜନ ନାୟକ, ଆହ୍ଲା ନ କୁମାର ପ୍ରଧାନ ପ୍ରମୁଖ କଂ ସମେତ ଶତାଧିକ କାର୍ଯ୍ୟକତା ଯୋଗଦାନ କରିଥିଲେ।

# ୨୬ ଆଇପିଏସ ପ୍ରଶିକ୍ଷାର୍ଥୀଙ୍କ ପାରାଦୀପ ବନ୍ଦର ପରିଦର୍ଶନ

ପାରାଦୀପ - ଭାରତୀୟ ପୋଲିସ ସେବା (ଆଇପିଏସ) ପ୍ରଶିକ୍ଷାର୍ଥୀ ଙ୍କ ଏକ ୨୬ ଜଣିଆ ଦଳ ସୋମବାର ଦିନ ପାରାଦୀପ ବନ୍ଦର କୁ ଦୁଇଦିନିଆ ଗସ୍ତରେ ଆସି ପହଞ୍ଚିଛନ୍ତି କ୍ଷ ଏହି ଗସ୍ତ ସମୟରେ ସେମାନେ ଓଡିଶା ସାମୁଦ୍ରିକ ସୁରକ୍ଷା ବ୍ୟବସ୍ଥା ଏବଂ ପାରାଦୀପ ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ ହେବେ କ୍ଷ ଏହି ଅବସରରେ ପ୍ରଥମ ସୋମବାର ଦିନ ଏହି ଆଇପିଏସ ପ୍ରଶିକ୍ଷାର୍ଥୀ ମାନେ ପାରାଦୀପ ସ୍ଥିତ ଭାରତୀୟ ତଟ ରକ୍ଷୀ ମୁଖ୍ୟ କାର୍ଯ୍ୟାଳୟ ରେ ପହଞ୍ଚି ସାମୁଦ୍ରିକ ସୁରକ୍ଷା ଏବଂ ତଟ ରକ୍ଷୀ ବାହିନୀର କାର୍ଯ୍ୟ ବିଷୟରେ ଅବଗତ ହୋଇଥିଲେ କ୍ଷ ଏହାପରେ ସେମାନେ ପାରାଦୀପ ବନ୍ଦର ପ୍ରାଧିକରଣ ପ୍ରଶାସନିକ ଭବନ ରେ ପହଞ୍ଚିବା ପରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସେମାନଙ୍କୁ ସ୍ୱାଗତ କରି ବନ୍ଦର ପରିଚାଳନା ସମ୍ପର୍କରେ ଅବଗତ କରାଇଥିଲେ।

# କ୍ୟାଣ୍ଡେଲ୍ ଜାଳି ଅଜିତଙ୍କୁ ଶ୍ରଦ୍ଧାଞ୍ଜଳି

ଚାରିଛକ,( ପି ପି ଏସ) ପୁରୀ ଜିଲ୍ଲା କୋଣାର୍କ ଅଞ୍ଚଳର ସାମ୍ବାଦିକ ଅଜିତ କୁମାର ମଲ୍ଲିକ ଙ୍କ ର ହୃଦଘାତ ରେ ଅକାଳ ବିୟୋଗ ଘଟିଛି। ତାଙ୍କ ମୃତ୍ୟୁ ରେ ଚାରିଛକ ପ୍ରେସ କ୍ଲବ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହିତ ତାଙ୍କ ଅମର ଆତ୍ମା ର ସଦଗତି ପାଇଁ ପ୍ରେସ କାର୍ଯ୍ୟାଳୟ ଆଗରେ କ୍ୟାଣ୍ଡେଲ ଜଳାଇ ସଭ୍ୟ ମାନେ ୧ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରେସ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର କର , ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ପ୍ରାକ୍ତନ ଆଇଆଇଏସ ଚନ୍ଦ୍ରକାନ୍ତ ଦଳେଇ , କାହ୍ନୁଚରଣ ବେହେରା ସଂପାଦକ ଡ.କେଦାର ନାଥ ସାହୁ, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ମିଡ଼ିଆ ସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ , କାର୍ଯ୍ୟକାରୀ କମିଟି ର ସଦସ୍ୟ ପ୍ରଫୁଲ କୁମାର ସାହୁ , ବନ ବିହାରୀ ଦାଶ, ସ୍ତମ୍ଭକାର ସନ୍ତୋଷ ଦାଶ ,ପ୍ରଫୁଲ୍ଲ କୁମାର ସାହୁ, ଅର୍ଜୁନ ପାତ୍ର, ବିଦ୍ୟାଧର ସ୍ୱାଇଁ, ଅଧିନ ପାତ୍ର, ଗଦାଧର ସେଠ, ରାଜେଶ ଲେଙ୍କା, ପ୍ରଶାନ୍ତ ସାହୁ, ବିନୋଦ ପ୍ରଧାନ, ରଣଜିତ କାଣ୍ଡି, ପ୍ରମୁଖ ଯୋଗ ଦେଇଥିଲେ ।

# ଯୁକ୍ତତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱାଗତ ଏବଂ ସମ୍ବର୍ଦ୍ଧନା ଉତ୍ସବ

ବ୍ରହ୍ମପୁର(ପିପିଏସ୍): ନୀଳକଣ୍ଠନଗର ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର ରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ରେଜିଷ୍ଟ୍ରାର୍ ସଂଗ୍ରାମ ଶେଖର ପଣ୍ଡା ଉପସ୍ଥିତ ରହି ଭବିଷ୍ୟତ ନିର୍ମାଣ ପାଇଁ ଛାତ୍ରଛାତ୍ରୀମାନେ ନିଜକୁ କିପରି ପ୍ରସ୍ତୁତ କରିବେ, ସେ ସମ୍ପର୍କରେ ଏକ ସାରଗର୍ଭକ ବକ୍ତବ୍ୟ ଉପସ୍ଥାପନ କରିବା ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ଶିକ୍ଷା, ଦିକ୍ଷା ଏବଂ ସଂସ୍କାରର ସମ୍ପର୍କ ଏବଂ ଆଶବ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅନୁଷ୍ଠାନର ପରିଚାଳନା ସମିତିର ସମ୍ପାଦକ ନାରାୟଣ ପଣ୍ଡା ନିଜ ଉଦ୍‌ବୋଧନରେ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାଦାୟୀ ଉପଦେଶ ଦେବା ସହିତ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁବ୍ରତ କୁମାର ପାଣିଗ୍ରାହୀ ପରିଚାଳନା କରିବା ସହିତ ଉପସ୍ଥିତ ମଂଚାସୀନ ଏବଂ ଆମନ୍ତ୍ରିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଡିନ୍ ଡ.ବିବେକାନନ୍ଦ ପଣ୍ଡା ନବାଗତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାଳୟର ଶୃଙ୍ଖଳା, ନିୟମ, ଶିକ୍ଷା ପଦ୍ଧତି, ସଂସ୍କାର, ପରୀକ୍ଷା ପଦ୍ଧତି, ସମୟାନୁବର୍ତ୍ତିତା ଏବଂ ବିଦ୍ୟାଳୟରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମ୍ୟକ୍ ଭାବେ ଅବଗତ କରାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର +୩ ତୃତୀୟ ବର୍ଷ ଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। +୩ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ନୀତି ନିୟମ ସମ୍ପର୍କରେ ନବାଗତ ମାନଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯଥା ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ପରିଚାଳନା ସମିତିର ପରାମର୍ଶଦାତା ହରେକୃଷ୍ଣ ପାଢ଼ୀ, ଭେଙ୍କେଟ୍ ରାଓ, ପ୍ରାଧ୍ୟାପକ ରାଜେନ୍ଦ୍ର କୁମାର ଡାକୁଆ, ଶୈକ୍ଷିକ ପରାମର୍ଶଦାତା ଉମାଧବ ମହାନ୍ତି ଏବଂ ଉଚ୍ଚ ବିଦ୍ୟାଳୟର ଅଧକ୍ଷ ଏସ୍.ମୋହନ ରାଓ ମଂଚାସୀନ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଡ. ଚିତରଞ୍ଜନ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଫଳଦୋକାନ ଭିତରେ ପଶିଗଲା ବସ୍

ରଘୁନାଥପୁର: (ପିପିଏସ) ସୋମବାର ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ତାରପୁର ବାଇପାସ ନିକଟରେ ଭାରସ୍ୟାମ ହରେଇ ଏକ ଯାତ୍ରୀବାହି ବସ ଫଳଦୋକାନ ଭିତରକୁ ପଶିଯାଇଛି। ଦୋକାନର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବାବେଳେ ସୌଭାଗ୍ୟବଶତଃ ନିଶ୍ଚିତ କ୍ଷୟକ୍ଷତିରୁ ରକ୍ଷା ପାଇଯାଇଛନ୍ତି ଯାତ୍ରୀ ।ବସର ଆଗ କାଚ ସହ କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବାବେଳେ ବାଲିରେ ଧସି ହୋଇ ବସଟି ରହିଯାଇଥିଲା ।ଗ୍ରୀନଇଣ୍ଡିଆ ନାମକ ଏକ ଘରୋଇ ବସ ତିର୍ତ୍ତୋଲ ଥାନା ସଂଖେଶ୍ୱରରୁ ତାରପୁର ବାଇପାସ ଦେଇ କଟକ ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣା ଘଟାଇଥିଲା ।ପ୍ରତ୍ୟକ୍ଷ ଦର୍ଶୀଙ୍କ କହିବା ଅନୁଯାୟୀ ବସ ଚାଳକ ଦୃତଗତିରେ ଆସି ବାଇପାସ ଠାରେ ଡାହାଣ ପାର୍ଶ୍ୱକୁ ଟରନିଂ କାଟୁଥିବାବେଳେ ଭାରସ୍ୟାମ ହରାଇ ଫଳଦୋକାନ ସମ୍ମୁଖକୁ ଧକ୍କା ଦେଇଥିଲା ।ସ୍ଥାନୀୟ ଲୋକଙ୍କ ସହାୟତାରେ ବସରେ ଥିବା ପ୍ରାୟ ୧୫ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା ।କାହାର କିଛି କ୍ଷତି ହୋଇନଥିବା ଦେଖାଯାଇଛି। ଏ ସମ୍ପର୍କରେ ତଦନ୍ତ ଜାରି ରହିଥିବା ଏସଆଇ ଯୋଗେଶ୍ୱର ବେହେରା ପ୍ରକାଶ କରିଛନ୍ତି।



# ‘କାୟାକଳ୍ପ’ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ

କଟକ ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ ରେ କାୟାକଳ୍ପ ପକ୍ଷରୁ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । କାର୍ଯକ୍ରମ କୁ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡକ୍ଟର ଅନୁଜା ମହାପାତ୍ର ଉଦଘାଟନ କରିଥିଲେ। ସମାଜସେବୀ ଚୌଧୁରୀ ପ୍ରଭାତ କେଶରୀ ମିଶ୍ର, ବୈଷୟିକ ଶିକ୍ଷାବିତ ତ୍ରିଲୋଚନ ରାୟ ଅତିଥି ଭାବରେ ଯୋଗଦେଇ ଥିଲେ। ତ୍ରିଲୋଚନ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜ୍ୟୋତିର୍ମୟୀ ନାୟକ ସ୍କୋରର ଥିଲେ। ଏଇ ଅବସର ରେ ଅଧକ୍ଷା ଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଲିପସା ରାୟ ଶ୍ରେଷ୍ଠ ପ୍ରତିଯୋଗୀ ହୋଇଥିଲେ।

## ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ ସ୍ଥାନୀୟ ପରିଚାଳନା ସଂସ୍ଥାଙ୍କୁ ସମ୍ବର୍ଦ୍ଧନା

# ଜାତୀୟ ସ୍ତରରେ ଆସ୍କା ଓ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱିତୀୟ

ବ୍ରହ୍ମପୁର(ପିପିଏସ୍): ନଗର ଉନ୍ନୟନ ଓ ସହରାଞ୍ଚଳ ବିଭାଗ ତରଫରୁ ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ଜଉଗଡ ସମ୍ମିଳନୀ କକ୍ଷରେ ସ୍ୱଚ୍ଛ ସର୍ବେକ୍ଷଣ -୨୦୨୪ ଉତ୍କର୍ଷ ପ୍ରଦର୍ଶନ କରିଥିବା ରାଷ୍ଟ୍ରପତି ପୁରସ୍କୃତ ସ୍ଥାନୀୟ ସଂସ୍ଥା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ତଥା ପ୍ରକଳ୍ପ ନିର୍ଦ୍ଦେଶକ ଡ୍ରଡା ଦେବଦତ୍ତ ପଣ୍ଡା ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ଆଗାମୀ ଦିନରେ ଗଞ୍ଜାମ ଜିଲ୍ଲା ସ୍ୱଚ୍ଛ ସହରରେ ପରିଣତ ହେବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ମତବ୍ୟକ୍ତ କରିଥିଲେ। ନୂଆଦିଲ୍ଲୀସ୍ଥ ବିଜ୍ଞାନ ଭବନରେ ଜୁନ୍ ୧୭ରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରୀୟ ସ୍ୱଚ୍ଛତା ପ୍ରତିଯୋଗୀତା ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ରେ ଗଞ୍ଜାମ ଜିଲ୍ଲାର ଆସ୍କା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ୱଚ୍ଛ ସହର ଭାବେ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଷ୍ଟ୍ରପତିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟର ୩୦ଗୋଟି ଆବର୍ଜନାମୁକ୍ତ ସହର ମଧ୍ୟରୁ ଗଞ୍ଜାମ ଜିଲ୍ଲାର ୧୫ଗୋଟି ଆବର୍ଜନା ମୁକ୍ତ ସହର। ସେଗୁଡିକ ହେଲା ହିଞ୍ଜିଳିକାଟୁ, ଗୋପାଳପୁର, ଦିଗପହଣ୍ଡି, ସୋରଡା, ଭଞ୍ଜନଗର, ପୋଲସରା, ଛତ୍ରପୁର, ରମ୍ଭା, ଗଞ୍ଜାମ, କୋଦଳା, ବେଲଗୁଣ୍ଠା, ପୁରୁଷୋତ୍ତମପୁର, ଖଲ୍ଲିକୋଟ । ଉପରୋକ୍ତ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମ୍ବର୍ଦ୍ଧିତ କରଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଦେବୀ କଲ୍ୟାଣ ମହାପାତ୍ର ଓ ସବ୍ୟସାଚୀ ପ୍ରଧାନ ସହଯୋଗ କରିଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସମସ୍ତ ସାମ୍ବାଦିକମାନେ ଉପସ୍ଥିତ ଥିଲେ।




E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

OFFICE OF THE SUPERINTENDING ENGINEER
CUTTACK (R&B) DIVISION NO.I: CUTTACK

GOVERNMENT OF ODISHA
('e' PROCUREMENT NOTICE)

2nd. Corrigendum to Bid Identification No. S.E. CTC(R&B)-17 of 2025-26

The Bid availability period and date of opening of the tenders have been modified due to unavoidable circumstances. The modified dates are as follows:-

| Sl.No. | Bid Identification No. | Bid Availability period as per Ist. Corrigendum Notice | Revised Bid Availability period | Bid Opening Date as per Ist. Corrigendum Notice | Revised Opening Date. |
|---|---|---|---|---|---|
| 1. | S.E. CTC(R&B)-17 of 2025-26 | 21.07.2025 to 5.00 P.M of 01.08.2025 | 11/08/2025 to 5.00 P.M of 25/08/.2025 | 02.08.2025 at 11.00 A.M | 26/08.2025 at 11.00 A.M |

All other terms and conditions remain unchanged. Further dertails can be seen from the website http://www.tendersodisha.gov.in.

Sd/ 19.07.25
(Er. Md. Shahbaz)
Superintending Engineer,
Cuttack(R&B) Division No.I. Cuttack

B-330 OIPR-34091/11/0090/2526



# ଚିନ୍ତା ବଢ଼ାଉଛି ଓଲ୍ଡ ଟ୍ରାଫୋର୍ଡ ପିଚ୍



ମାଞ୍ଚେଷ୍ଟର: ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାରେ ଘରୋଇ ଇଂଲଣ୍ଡ ୨-୧ରେ ଆଗୁଆ ହେବା ପରେ ବୁଧବାରଠାରୁ ସ୍ଥାନୀୟ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଚତୁର୍ଥ ଟେଷ୍ଟର ଗୁରୁତ୍ୱ ଭ୍ରମଣକାରୀ ଭାରତୀୟ କ୍ରିକେଟ୍ ଦଳ ପାଇଁ ପୂର୍ବାପେକ୍ଷା ଢେର ବଢ଼ିଛି। ଶୃଙ୍ଖଳା ବଞ୍ଚାଇବା ଲାଗି ଏହି ଟେଷ୍ଟକୁ ଜିତିବା କିମ୍ବା ଅମୀମାଂସିତ ରଖିବା ଗିଲ୍ ବାହିନୀ ପାଇଁ ଏକାନ୍ତ ଅପରିହାର୍ଯ୍ୟ ହୋଇଯାଇଛି। କର ବା ମର ସ୍ଥିତିରେ ଥିବା ଟିମ୍ ଇଣ୍ଡିଆ ପାଇଁ ନୀତୀଶ କୁମାର ରେଡ୍ଡୀ, ଆକାଶ ଦୀପ ଏବଂ ଅର୍ଶଦୀପ ସିଂହଙ୍କ ଭଳି ଖେଳାଳି ଆହତ ହେବା ମୁଣ୍ଡ ବ୍ୟଥାର କାରଣ ହୋଇଛି। ନୀତୀଶ ପୂରା ଶୃଙ୍ଖଳାରୁ ଏବଂ ଅର୍ଶଦୀପ ଚତୁର୍ଥ ଟେଷ୍ଟରୁ ବାଦ୍ ପଡ଼ିବା ଦଳ ପାଇଁ ଦୁଇଟି ବଡ଼ ଝଟ୍‌କା ହୋଇଛି। ପୁଣି ଆକାଶ ଦୀପଙ୍କୁ ନେଇ ସଂଶୟ ଜାରି ରହିଥିବାରୁ ଦଳର ବୋଲିଂ ବାହିନୀ ପୂର୍ବାପେକ୍ଷା ଦୁର୍ବଳ ହେବାର ଆଶଙ୍କା ଘନୀଭୂତ ହୋଇଛି। ଅର୍ଶଦୀପ ଗୋଟିଏ ହେଲେ ବି ମ୍ୟାଚ୍ ଖେଳି ନଥିଲେ ମଧ୍ୟ ଆକାଶ ଦୀପ ଫିଟ୍ ନଥିଲେ ସେ ହିଁ ତାଙ୍କ ସ୍ଥାନ ନେବା ଏକ ପ୍ରକାର ନିଶ୍ଚିତ ଥିଲା। ତେବେ ଏହି ବିକଳ୍ପ ଏବେ ଭାରତ ହାତରୁ ଖସି ଯାଇଛି।

ଲର୍ଡସ ଟେଷ୍ଟରେ ନୀତୀଶ ଲଢୁଆ ଖେଳ ଖେଳିଥିଲେ। ଏଣୁ ମାଞ୍ଚେଷ୍ଟରରେ ତାଙ୍କ ସ୍ଥାନ କିଏ ନେବ ସେ ଚିନ୍ତା ଦଳୀୟ ପରିଚାଳକଙ୍କୁ ଘାରିଛି। ତା' ସହିତ ଉପଅଧିନାୟକ ଋଷଭ ପନ୍ତ ଏହି ମ୍ୟାଚ୍‌ରେ ୱିକେଟ୍ ରକ୍ଷଣ କରିବା ନେଇ ବି ଦ୍ୱନ୍ଦ୍ୱ ରହିଛି। ପନ୍ତ ଯଦି ୱିକେଟ୍ ରକ୍ଷଣ ନକରନ୍ତି, ତାହେଲେ ତାଙ୍କ ସହ ସଂରକ୍ଷିତ ୱିକେଟ୍ ରକ୍ଷକ ଧ୍ରୁବ ଜୁରେଲଙ୍କୁ ଖେଳାଇବାକୁ ଗିଲ୍ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏକପ୍ରକାର ବାଧ ହେବେ। ଭାରତୀୟ ଦଳ ଆଘାତ ଜନିତ ସମସ୍ୟାରେ ଜର୍ଜରିତ ଥିଲା ବେଳେ ମାଞ୍ଚେଷ୍ଟର୍ ପିଚ୍ ଆଉ ଏକ ବଡ଼ ଅଡୁଆ ଭାବେ ଉଭା ହୋଇଛି। ସୂଚନା ଅନୁସାରେ ଓଲ୍ଡ ଟ୍ରାଫୋର୍ଡରେ ଭାରତୀୟ କ୍ରିକେଟ୍ ଦଳକୁ ସବୁଜ ପିଚ୍ ଅପେକ୍ଷା କରି ରହିଛି। ଗତ କିଛି ଦିନ ଧରି ମାଞ୍ଚେଷ୍ଟରରେ ବର୍ଷା ଲାଗି ରହିଥିବାରୁ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମ୍‌ର ଆଉଟ୍ ଫିଲ୍ଡ ମଧ୍ୟ ଓଦାଳିଆ ରହିଛି। ସୋମବାର ଠିକ୍‌ଠାକ୍ ଖରା ହେବା ଅବଶ୍ୟ ଏହି କ୍ଷେତ୍ରରେ ଏକ ଉତ୍ସାହଜନ ଖବର ହୋଇଛି। ମଙ୍ଗଳବାର ଯଦି ବର୍ଷା ଫେରେ ତାହେଲେ ସେଠାରେ ବ୍ୟାଟିଂ କରିବା ଅନଭିଜ୍ଞ ଭାରତୀୟ ଦଳ ପାଇଁ ନିଶ୍ଚିତ ଭାବେ କାଠିକର ପାଠ ହେବ। ଏହି ଷ୍ଟାଡିୟମ୍‌ର ପୂର୍ବ ରେକର୍ଡ ମଧ୍ୟ ଭାରତ ବିପକ୍ଷରେ ରହିଛି। ଭାରତ ଏଠାରେ ୯ ଟେଷ୍ଟ୍ ଖେଳି ୪ଟି ହାରିଥିଲା ବେଳେ ୫ଟିକୁ ଅମୀମାଂସିତ ରଖିଛି। ଗତ ସପ୍ତାହରେ ଲର୍ଡସ ଟେଷ୍ଟକୁ ମାତ୍ର ୨୨ ରନ୍‌ରେ ହାରିଥିବା

## ଆଜିଠୁ ୪ର୍ଥ ଟେଷ୍ଟ

ଭାରତ ଅବଶ୍ୟ ଏହି ମ୍ୟାଚ୍ ପୂର୍ବରୁ ୮ ଦିନର ବିଶ୍ରାମ ପାଇଛି। ଏଣୁ ପାଗ, ପରିବେଶ ଅନୁସାରେ ଦଳ ପ୍ରସ୍ତୁତି କରିପାରିଥିବ ବୋଲି ପ୍ରଶଂସକ ଆଶା ରଖିଛନ୍ତି।

**୪ ଦିନ ୫୦% ବର୍ଷା ଆଶଙ୍କା :** ମାଞ୍ଚେଷ୍ଟରର ପାଣିପାଗ କାର୍ଯ୍ୟାଳୟ ଦେଇଥିବା ସୂଚନା ଅନୁସାରେ ଓଲ୍ଡ ଟ୍ରାଫୋର୍ଡ ଟେଷ୍ଟର ପାଞ୍ଚ ଦିନ ଭିତରୁ ଅନ୍ୟୁନ ୪ଦିନ ୫୦% ପ୍ରତିଶତରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ପୂର୍ବାନୁମାନ ଅନୁସାରେ ପ୍ରଥମ ଦିନ ଆକାଶ ସଂପୂର୍ଣ୍ଣ ମେଘାଚ୍ଛନ୍ନ ରହିବ। ଦ୍ୱିତୀୟ ଅଧିବେଶନରେ ବର୍ଷା ଆଶଙ୍କା ଅଧିକ। ତାପମାତ୍ର ୧୪ରୁ ୧୯ ଡିଗ୍ରି ମଧ୍ୟରେ ଏବଂ ବର୍ଷା ହେବାର ସମ୍ଭାବନା ୫୯% ରହିବ। ଯାହା ଭାରତୀୟ ଖେଳାଳିଙ୍କ ପାଇଁ ଖେଳିବା କଷ୍ଟକର କରିଦେବ। ଦ୍ୱିତୀୟ ଦିନ ମଧ୍ୟ ଅନୁରୂପ ଭାବେ ଆକାଶରେ କଳା ବାଦଲ ଦେଖିବାକୁ ମିଳିବ। ବିଶେଷ କରି ଖେଳ ଆରମ୍ଭର ପ୍ରଥମ ଘଣ୍ଟାକ ଭିତରେ ଝିପି ଝିପି ବର୍ଷା ହୋଇପାରେ। ତାପମାତ୍ର ୧୩ରୁ ୨୦ ଡିଗ୍ରି ଭିତରେ ରହିବ, ଦ୍ୱିତୀୟ ଦିନରେ ବର୍ଷା ସମ୍ଭାବନା ହେଉଛି ୫୫%। ତୃତୀୟ ଦିନରେ କିନ୍ତୁ ପାଗ ତୁଳନାତ୍ମକ ଭାବେ ଭଲ ରହିବ। ତାପମାତ୍ରା ୧୩ ରୁ ୨୧ ଡିଗ୍ରି ଭିତରେ ରହିବ। ବର୍ଷା ହେବା ସମ୍ଭାବନା କେବଳ ୨୮%। ଚତୁର୍ଥ ଦିନରେ କିନ୍ତୁ ବର୍ଷା ଫେରିବାର ଯଥେଷ୍ଟ ଆଶଙ୍କା ରହିଛି। ଏହି ଦିନ ବର୍ଷା ସମ୍ଭାବନା ହେଉଛି ୫୮%। ସେହିଭଳି ପଞ୍ଚମ ତଥା ଶେଷ ଦିନରେ ଖରା-ଛାଇ ଲୁଚକାଳି ଖେଳିବେ। ବର୍ଷା ସମ୍ଭାବନା ହେଉଛି ୫୮%।

**ଜାଡ଼େଜା କିମ୍ବା ୱାସିଂଟନଙ୍କ ବଦଳରେ କୁଲଦୀପ :** ଓଲ୍ଡ ଟ୍ରାଫୋର୍ଡରେ ଜୀବନ୍ତ ପିଚ୍ ସହ ମାଞ୍ଚେଷ୍ଟର୍ ପାଗ ଭଲ ରହୁନଥିବାରୁ ଆଣ୍ଡରସନ୍-ତେନ୍ଦୁଲକର ଶୃଙ୍ଖଳାରେ ଭାରତ ପ୍ରଥମ ଥର ପାଇଁ ବାମହାତୀ କଚଟି ସ୍ପିନର କୁଲଦୀପ ଯାଦବଙ୍କୁ ଏଠାରେ ଖେଳାଇପାରେ। ଏହା ହେଲେ କୁଲଦୀପ ଦୁଇ ଅଲରାଉଣ୍ଡର୍ ରବୀନ୍ଦ୍ର ଜାଡ଼େଜା ଓ ୱାସିଂଟନ୍ ସୁନ୍ଦରଙ୍କ ମଧ୍ୟରୁ ଜଣକ ସ୍ଥାନ ନେଇ ପାରନ୍ତି ବୋଲି ଇଂଲଣ୍ଡର ପୂର୍ବତନ ଦ୍ରୁତ ବୋଲର ଷ୍ଟିଭ୍ ହାର୍ମିସନ୍ ପୂର୍ବାନୁମାନ ଲଗାଇଛନ୍ତି। ସେ କହିଛନ୍ତି, ଓଲ୍?ଡ ଟ୍ରାଫୋର୍ଡ ପିଚ୍ କୁଲଦୀପଙ୍କୁ ତାଙ୍କ ମନ ମୁତାବକ ବାଉନ୍ସ ପ୍ରଦାନ କରି ନପାରେ, ହେଲେ ତାଙ୍କୁ ସ୍ପିନ୍ ମିଳିବ। ଏଠାରେ ଖେଳାଯାଇଥିବା ଗତ ତିନିଟି ଟେଷ୍ଟ୍ ପଞ୍ଚମ ଦିନ ପର୍ଯ୍ୟନ୍ତ ଲମ୍ବିତ ହୋଇଥିବାରୁ, କୁଲଦୀପ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ପାରନ୍ତି। କୁଲଦୀପ ଏକ ଭଲ ବିକଳ୍ପ ହୋଇପାରିବେ। ତେବେ ଜାଡ଼େଜା କିମ୍ବା ୱାସିଂଟନଙ୍କୁ ବାଦ୍ ଦେବା ଭାରତ ପାଇଁ ସେତେଟା ସହଜ ହେବନି।

**କମ୍ବୋଜ କରିପାରନ୍ତି ପଦାର୍ପଣ :** ଅର୍ଶଦୀପ ସିଂହ ବାଦ୍ ପଡ଼ିବା ପରେ ହରିୟାଣା ଦ୍ରୁତ ବୋଲର ଅଂଶୁଲ କମ୍ବୋଜଙ୍କ ପାଇଁ ଏହା ସୁବର୍ଣ୍ଣ ସୁଯୋଗ ଭାବେ ଉଭା ହୋଇଛି। ମାଞ୍ଚେଷ୍ଟରରେ ସେ ଟେଷ୍ଟ୍ ଜୀବନ ଆରମ୍ଭ କରିବାର ସମ୍ଭାବନା ବଢ଼ି ବଢ଼ି ଚାଲିଛି। ୨୪ବର୍ଷୀୟ କମ୍ବୋଜ ରବିବାର ମାଞ୍ଚେଷ୍ଟର୍ ୟୁନାଇଟେଡ୍ ଫୁଟବଲ୍ ଦଳର ଖେଳପଡ଼ିଆ ପରିଦର୍ଶନରେ ଯାଇଥିବା ଭାରତୀୟ ଦଳ ସହ ସାମିଲ ଥିଲେ। ସେ ମଧ୍ୟ ସୋମବାର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ବୋଲିଂ ପ୍ରଶିକ୍ଷକ ମର୍ଣ୍ଣ ମର୍କେଲଙ୍କ ତତ୍ତ୍ୱାବଧାନରେ ଢେର ସମୟ ଅଭ୍ୟାସ କରୁଥିବା ଦେଖିବାକୁ ମିଳିଥିଲା। କମ୍ବୋଜଙ୍କ ସହ ଅଭିଜ୍ଞ ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ ଏବଂ ପ୍ରସିଦ୍ଧ କ୍ରିଷ୍ଣା ମଧ୍ୟ ଅଭ୍ୟାସ କରିଥିଲେ। ଆକାଶ ଦୀପ ମଧ୍ୟ ଅଭ୍ୟାସ ଅଧିବେଶନରୁ ଦୂରେଇ ରହିଥିଲେ। ଅନ୍ୟପକ୍ଷରେ ଆଣ୍ଠୁରେ ଗୁରୁତର ଆଘାତ ଲାଗିଥିବା ଅଲରାଉଣ୍ଡର୍ ଖୁବ୍‌ଶୀଘ୍ର ସ୍ୱଦେଶ ଫେରି ଆସିବେ ବୋଲି ବିସିସିଆଇ ସୂଚନା ଦେଇଛି।

# ଇଂଲଣ୍ଡ ବିପକ୍ଷ ମାଞ୍ଚେଷ୍ଟର ଟେଷ୍ଟ ଖେଳିବେ ବୁମରା




ମାଞ୍ଚେଷ୍ଟର : ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜ ନିଶ୍ଚିତ କରିଛନ୍ତି ଯେ ତାରକା ପେସର ଜସପ୍ରୀତ ବୁମରା ଇଂଲଣ୍ଡ ବିପକ୍ଷ ଆଗାମୀ ମାଞ୍ଚେଷ୍ଟର ଟେଷ୍ଟରେ ଖେଳିବେ। ଚାରି ମ୍ୟାଚ ବିଶିଷ୍ଟ ଏହି ସିରିଜର ଚତୁର୍ଥ ମ୍ୟାଚରେ ବୁମରାଙ୍କ ଅଂଶଗ୍ରହଣ ନେଇ ବ୍ୟାପକ ଚର୍ଚ୍ଚା ହେଉଥିଲା, କାରଣ ଟିମ୍ ମ୍ୟାନେଜମେଣ୍ଟ ପୂର୍ବରୁ ନିଷ୍ପତ୍ତି ନେଇଥିଲେ ଯେ ବୁମରା କେବଳ ତିନୋଟି ଟେଷ୍ଟ ମ୍ୟାଚ ଖେଳିବେ।

ବୁମରା ଏହି ସିରିଜରେ ହେଡିଙ୍ଗଲେ ଏବଂ ଲର୍ଡସରେ ପ୍ରଥମ ଓ ତୃତୀୟ ଟେଷ୍ଟ ଖେଳିଥିଲେ ଏବଂ ଏଡବାଷ୍ଟନରେ ଭାରତର ବିଜୟୀ ମ୍ୟାଚରେ ଅଂଶଗ୍ରହଣ କରି ନଥିଲେ। ଅନେକ ପ୍ରଶଂସକ ଏବଂ ପୂର୍ବତନ ଖେଳାଳୀ ଅନିଲ କୁମ୍ବଲେ ଭଳି ବିଶେଷଜ୍ଞମାନେ ମାଞ୍ଚେଷ୍ଟରରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବୁମରାଙ୍କୁ ଖେଳାଇବା ଉଚିତ ବୋଲି ମତ ଦେଇଥିଲେ। ସିରାଜ ଏହା ନିଶ୍ଚିତ କରିଛନ୍ତି ଯେ ବୁମରା ଏହି ମ୍ୟାଚରେ ମଇଦାନକୁ ଓହ୍ଲାଇବେ।

ସିରାଜ କହିଛନ୍ତି ଯେ ଇଂଲଣ୍ଡର ବ୍ୟାଟିଂ ଲାଇନଅପ୍ ଲର୍ଡସ ଟେଷ୍ଟରେ ଅତ୍ୟନ୍ତ ଧୈର୍ଯ୍ୟ ସହ ଖେଳିଥିଲା, ତେଣୁ ଭାରତୀୟ ବୋଲରମାନେ ମାଞ୍ଚେଷ୍ଟରରେ ନିର୍ଭୁଲ ଏବଂ ନିଷ୍ପାପର ବୋଲିଂ ଉପରେ ଗୁରୁତ୍ୱ ଦେବେ। ସେ କହିଛନ୍ତି, "ଜସ୍ସି (ବୁମରା) ଭାଇ ଖେଳିବେ, ଏହା ଆମେ ଏବେ ଜାଣିଛୁ। କିନ୍ତୁ ଟିମ୍ କମ୍ବିନେସନ୍ ଦିନକୁ ଦିନ ବଦଳୁଛି। ଆମର ଏକମାତ୍ର ଯୋଜନା ହେଉଛି ଇଂଲଣ୍ଡର ବ୍ୟାଟିଂ ଆକ୍ରମଣକୁ ଦେଖି ନିର୍ଭୁଲ ଅଞ୍ଚଳରେ ବୋଲିଂ କରିବା। କାରଣ ଲର୍ଡସରେ ସେମାନେ ବହୁତ ଧୈର୍ଯ୍ୟ ସହ ବ୍ୟାଟିଂ କରିଥିଲେ। ଏହା ଆମକୁ ଟେଷ୍ଟ କ୍ରିକେଟର ପ୍ରକୃତ ମଜା ଅନୁଭବ କରାଇଲା। ତେଣୁ ଆମର ଯୋଜନା ହେଉଛି କେବଳ ନିର୍ଭୁଲ ଅଞ୍ଚଳରେ ବୋଲିଂ କରିବା।"

ବୁମରା ଏ ପର୍ଯ୍ୟନ୍ତ ଖେଳିଥିବା ଦୁଇଟି ଟେଷ୍ଟ ମ୍ୟାଚରେ ୧୨ଟି ୱିକେଟ ନେଇଛନ୍ତି, ଯେଉଁଥିରେ ଦୁଇଟି ୫ ୱିକେଟ ହଲ୍ ମଧ୍ୟ ରହିଛି। ମାଞ୍ଚେଷ୍ଟର ଟେଷ୍ଟ ପାଇଁ ଟିମ୍ ଗଠନ ସମ୍ପର୍କରେ ସିରାଜ ସ୍ପଷ୍ଟ ମନ୍ତବ୍ୟ ଦେବାକୁ ଏଡ଼ାଇ ଦେଇ କହିଛନ୍ତି, "ମୁଁ ଏବେ ଅଭ୍ୟାସରୁ ଫେରିଛି, ତେଣୁ କେଉଁ ଆଲୋଚନା ଚାଲିଛି କି ନାହିଁ, ତାହା ମୋର ଜଣା ନାହିଁ। କେଉଁ କମ୍ବିନେସନ୍ ସହ ଆମେ ମଇଦାନକୁ ଓହ୍ଲାଇବୁ, ତାହା ମୋର ଜଣା ନାହିଁ। ମୋର ଏକମାତ୍ର ଚିନ୍ତା ହେଉଛି ଟିମ୍ ପାଇଁ ଯେଉଁ କମ୍ବିନେସନ୍ ସବୁଠାରୁ ଭଲ, ତାହା ହିଁ ମୁଁ ଚାହୁଁ।"

ଆକାଶ ଦୀପଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅପଡେଟଅନ୍ୟ ଦ୍ରୁତ ବୋଲର ଆକାଶ ଦୀପଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସିରାଜ କହିଛନ୍ତି ଯେ ଆକାଶଙ୍କୁ ଗ୍ରୋଇନ (ଉରୁ ନିକଟବର୍ତ୍ତୀ ଅଞ୍ଚଳ)ରେ କିଛି ଅସୁବିଧା ହେଉଛି ଏବଂ ଫିଜିଓ ତାଙ୍କୁ ପରୀକ୍ଷା କରୁଛନ୍ତି। ସେ କହିଛନ୍ତି, "ଆକାଶ ଦୀପଙ୍କ ଗ୍ରୋଇନରେ କିଛି ସମସ୍ୟା ହୋଇଛି, ତେଣୁ ଫିଜିଓ ତାଙ୍କୁ ଚେକ୍ କରୁଛନ୍ତି। ଆଜି ସକାଳେ ସେ ବୋଲିଂ ମଧ୍ୟ କରିଥିଲେ। ଏବେ ଫିଜିଓଙ୍କଠାରୁ କୌଣସି ଫିଡବ୍ୟାକ୍ ମିଳିନାହିଁ, କାରଣ ମୁଁ ଅଭ୍ୟାସ କରୁଥିଲି। ଅଂଶୁଳ (କାମ୍ବୋଜ) ଟିମରେ ସାମିଲ ହୋଇଛନ୍ତି। ଅର୍ଶଦୀପଙ୍କ ହାତରେ ଆଘାତ ଥିଲା, କିନ୍ତୁ ଅଂଶୁଳ ଏବେ ଟିମରେ ଅଛନ୍ତି।"

ଭାରତୀୟ ଟିମ୍ ମାଞ୍ଚେଷ୍ଟର ଟେଷ୍ଟ ପାଇଁ ଅଂଶୁଳ କାମ୍ବୋଜଙ୍କୁ କଭର ଭାବେ ଅଣାଯାଇଛି। ଉପସଂହାର ଜସପ୍ରୀତ ବୁମରାଙ୍କ ମାଞ୍ଚେଷ୍ଟର ଟେଷ୍ଟରେ ଫେରିବା ଭାରତୀୟ ବୋଲିଂ ଆକ୍ରମଣକୁ ଆହୁରି ଶକ୍ତିଶାଳୀ କରିବ। ସିରାଜଙ୍କ ମନ୍ତବ୍ୟ ଅନୁଯାୟୀ, ଭାରତୀୟ ଟିମ୍ ଇଂଲଣ୍ଡର ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂକୁ ମୁକାବିଲା କରିବା ପାଇଁ ନିର୍ଭୁଲ ବୋଲିଂ ରଣନୀତି ଉପରେ ଗୁରୁତ୍ୱ ଦେଉଛି। ଆକାଶ ଦୀପଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅନିଶ୍ଚିତତା ଥାଇପାରେ, କିନ୍ତୁ ଅଂଶୁଳ କାମ୍ବୋଜଙ୍କ ସାମିଲ ହେବା ଟିମକୁ ଅତିରିକ୍ତ ଶକ୍ତି ଯୋଗାଇବ।

# ୧୭ କେଜି ଓଜନ କମାଇଲେ ସର୍ଫରାଜ



ନୂଆଦିଲ୍ଲୀ : ଭାରତୀୟ କ୍ରିକେଟର୍ ସର୍ଫରାଜ୍ ଖାନ୍ ୧୭ କିଲୋଗ୍ରାମ ଓଜନ୍ କମାଇ ସ୍ଲିମ୍ ଟ୍ରିମ୍ ହୋଇଯାଇଛନ୍ତି। ତାଙ୍କର ଏହି ପରିବର୍ତ୍ତନ କେବଳ କ୍ରିକେଟ୍ ପ୍ରେମୀ ନୁହନ୍ତି, ସାଥୀ ଖେଳାଳିଙ୍କୁ ମଧ୍ୟ ଅନୁପ୍ରେରିତ କରିଛି। ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିଆସୁଥିବା ସର୍ଫରାଜଙ୍କୁ ଇଂଲଣ୍ଡ ଗସ୍ତ ଲାଗି ବିଚାରକୁ ନିଆଯାଇ ନଥିଲା। ଏହି ନିଷ୍ପତ୍ତି ପଛରେ ତାଙ୍କ ମୋଟାପଣ ପ୍ରମୁଖ କାରଣ ଥିଲା ବୋଲି ଅନୁମାନ କରାଯାଉଛି। ଏଣୁ ସର୍ଫରାଜ ଏବେ ନିଜ ଖେଳ ସହ ଫିଟନେସ୍ ଉପରେ ଅଧିକ ଧ୍ୟାନ ଦେଉଛନ୍ତି।

ନିୟମିତ ବ୍ୟାୟାମ କରିବା ସହ ଖାଦ୍ୟପେୟରେ ନିୟନ୍ତ୍ରଣ ଆଣି ଦୁଇ ମାସ ଭିତରେ ମୋଟାରୁ ପତଳା ହୋଇଯାଇଛନ୍ତି। ତାଙ୍କ ନୂଆ ରୂପ ପଦାକୁ ଆସିବା ପରେ ପ୍ରଶଂସକମାନେ ମୁମ୍ବାଇ କ୍ରିକେଟର୍ ପୃଥ୍ୱୀ ସ'ଙ୍କୁ ଏଥିରୁ କିଛି ଶିକ୍ଷା ଲାଭ କରିବାକୁ ଆହ୍ୱାନ କରିଛନ୍ତି। ଏକଦା ଭାରତୀୟ କ୍ରିକେଟ୍‌ର ଭବିଷ୍ୟତ ଭାବେ ପରିଗଣିତ ହେଉଥିବା ସର୍ଫରାଜ ନିଜ ଖରାପ ବ୍ୟବହାର ଏବଂ ପୃଥୁଳକାୟ ଶରୀର ପାଇଁ ବହୁବର୍ଷ ହେବ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳି ନାହାନ୍ତି। ଏପରିକି ମୁମ୍ବାଇ ରଣଜୀ ଦଳରେ ମଧ୍ୟ ତାଙ୍କୁ ସ୍ଥାନ ମିଳିନି।

# ୨୦୩୧ ପର୍ଯ୍ୟନ୍ତ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ ଫାଇନାଲ ଇଂଲଣ୍ଡରେ ହେବ




ଲଣ୍ଡନ : ବିଶ୍ୱ ଟେଷ୍ଟ ଚାମ୍ପିଅନସିପ (ଡବ୍ଲ୍ୟୁଟିସି)ର ଏକ ଚକ୍ର (ସାଇକେଲ) ଦୁଇ ବର୍ଷର ହୋଇଥାଏ ଏବଂ ଏହି ସମୟ ମଧ୍ୟରେ ଟେଷ୍ଟ ଖେଳୁଥିବା ଦେଶଗୁଡ଼ିକ ନିଜ ନିଜ ମଧ୍ୟରେ ଟେଷ୍ଟ ସିରିଜ ଖେଳନ୍ତି ଏବଂ ତା'ପରେ ଦୁଇ ବର୍ଷ ଶେଷରେ, ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲରେ ଶୀର୍ଷ-୨ରେ ଥିବା ଦଳଗୁଡ଼ିକ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଏ। ଏପର୍ଯ୍ୟନ୍ତ ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପର ତିନୋଟି ଫାଇନାଲ ଅନୁଷ୍ଠିତ ହୋଇସାରିଛି ଏବଂ ତିନୋଟିଯାକ ଫାଇନାଲ ଇଂଲଣ୍ଡରେ ଖେଳାଯାଇଛି। ବର୍ତ୍ତମାନ ଡବ୍ଲୁଟିସିର ଚତୁର୍ଥ ଚକ୍ର ଖେଳାଯାଉଛି। ଯାହାର ଫାଇନାଲ ୨୦୨୭ରେ ହେବ। ତେବେ ଏ ସଂପର୍କରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଏକ ବଡ଼ ଘୋଷଣା କରିଛି।

ଆଇସିସି ନିଶ୍ଚିତ କରିଛି ଯେ ପରବର୍ତ୍ତୀ ତିନୋଟି ଡବ୍ଲୁଟିସି ଫାଇନାଲ ଇଂଲଣ୍ଡ ମାଟିରେ ଅନୁଷ୍ଠିତ ହେବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ୨୦୨୭ର ଫାଇନାଲ ଭାରତରେ ଅନୁଷ୍ଠିତ ହୋଇପାରିବ ବୋଲି ପୂର୍ବରୁ ଚର୍ଚ୍ଚା ହେଉଥିଲା, କିନ୍ତୁ ଏହି ଘୋଷଣା ସହ ଏସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଆଇସିସି ଏହାର ପ୍ରେସ୍ ରିଲିଜରେ ସୂଚନା ଦେଇଛି ଯେ କେବଳ ୨୦୨୭ ନୁହେଁ ପରବର୍ତ୍ତୀ ଦୁଇଟି ଡବ୍ଲୁଟିସି ଫାଇନାଲ (୨୦୨୯ ଏବଂ ୨୦୩୧) ଆୟୋଜନ କରିବାର ଅଧିକାର ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡକୁ ଦିଆଯାଇଛି। ଏପରି ପରିସ୍ଥିତିରେ, ଆଇସିସି ନିଶ୍ଚିତ କରିଛି ଯେ ପରବର୍ତ୍ତୀ ତିନୋଟି ଡବ୍ଲୁଟିସି ଫାଇନାଲ ଇଂଲଣ୍ଡ ମାଟିରେ ଅନୁଷ୍ଠିତ ହେବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ୨୦୨୭ର ଫାଇନାଲ ଭାରତରେ ଅନୁଷ୍ଠିତ ହୋଇପାରିବ ବୋଲି ପୂର୍ବରୁ ବହୁତ ଆଲୋଚନା ହେଉଥିଲା। କିନ୍ତୁ ଏହି ଘୋଷଣା ସହ ଏସବୁ କଳ୍ପନାଜଳ୍ପନାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୨୧ - ୨୬ ଜୁଲାଇ ୨୦୨୫




**ମୋଦୀ-ମୋହନ-ମନମୋହନ**

ମୋଦୀ-ମୋହନ-ମନମୋହନ ବା ୩ ଏମ୍ ହିଁ ଏବେ ଭରସାର କେନ୍ଦ୍ର। ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଇତିମଧ୍ୟରେ ୧୧ବର୍ଷ ପୂରଣ କରିଛି ଏନ୍‌ଡିଏ ସରକାର। ଏଠି ଓଡ଼ିଶାରେ ୧ବର୍ଷ ପୂରଣ କରିଛନ୍ତି ମୋହନ। ଆଉ ସଙ୍ଗଠନରେ ମନମୋହନଙ୍କ ଆବିର୍ଭାବ କାର୍ଯ୍ୟକର୍ତ୍ତାଙ୍କ ଭିତରେ ଭରିଛି ଯୋଶ୍। ନୂଆ ସଭାପତିଙ୍କୁ ନେଇ ଚଳଚଞ୍ଚଳ ରାଜ୍ୟ ବିଜେପି କ୍ୟାମ୍ପ୍। ଖୁବ୍‌ଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ବୋର୍ଡ, ନିଗମରେ ନିଯୁକ୍ତି ନେଇ ଲବିରେ ଥିବା ନେତାଙ୍କ ଭିତରେ ବଢ଼ିଛି ଆଶା। ନୂଆ ମୋଡ଼ ନେଇଛି ଓଡ଼ିଶା ରାଜନୀତି।

**ଜାତୀୟ:** ଅପେକ୍ଷା ବ୍ଲଡମନି
**ଅନ୍ତର୍ଜାତୀୟ:** ଏଠି ନକାବ ପିନ୍ଧିବା ମନା
**ବିଶେଷ ପ୍ରସଙ୍ଗ:** କିଏ ସଫଳ
**ନାରୀ:** : ଟ୍ୟାନ୍‌ରୁ ମୁକ୍ତି ଦେବ ମୁଲତାନି ମାଟି
**କ୍ଷୁଦ୍ରଗଳ୍ପ:** ସେଇ ଦିନଟା
**ଚଳଚ୍ଚିତ୍ର:** ସୁନ୍ଦରୀ ନଥିଲେ ପ୍ରିୟଙ୍କା, **ଚଳଚ୍ଚିତ୍ର:** ବିଜଲାନିଙ୍କ ପାର୍ଟିରେ ସଲମାନ
**ଖେଳ:** ଅଟକିଲା ବାଜ୍‌ବଲ୍, ସୁଶୀଲଙ୍କୁ ଆଶ୍ୱସ୍ତି
**ମୀନାବଜାର:** ମୀନାବଜାର: ଗୁରୁଭକ୍ତ ରାମଶର୍ମା **ଚର୍ଚ୍ଚାରେ :** ୨୦୨୫ କ୍ୟାଲେଣ୍ଡର ସହ ମିଶୁଛି ୧୯୪୧ ମସିହା **ବିଜ୍ଞାନ:** ସ୍ମାର୍ଟ ଟିଭି ସ୍କ୍ରିନକୁ ସଫା କରୁଥିଲେ ସାବଧାନ ! **ପର୍ଯ୍ୟଟନ:** ହସ୍ରଲିଙ୍ଗର ପବିତ୍ରସ୍ଥଳ, **ସତନ୍ତ୍ର ପ୍ରସଙ୍ଗ:** ଅନୁଶାସନ ପାଇଁ ଚେତାବନୀ, **ଆଞ୍ଚଳିକ:** କେମିତି ହେବ ବନ୍ୟା ମୁକାବିଲା ?, **ଧର୍ମ:** ଶୁଭମୟ ଶ୍ରାବଣ, **କବିତା:** ଝରିଲା ପାଣି, **ଜାଣନ୍ତି କି ? :** ଜୀବନ ହେଲାଣି ପ୍ଲାଷ୍ଟିକ୍ **ସାସ୍ଥ୍ୟ:** ଡାଲଚିନି ପାଣିର ବ୍ୟବହାର ଏତଦ୍‌ବ୍ୟତୀତ ଆହୁରି ଅନେକ ଉପାଦେୟ ବିଷୟ ଏଥିରେ ଅଛି।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ବୈଭବ ସୂର୍ଯ୍ୟବଂଶୀଙ୍କ ଖୋଲିଲା ୫ ବଡ଼ ଗୁମର



ନୂଆଦିଲ୍ଲୀ : ଭାରତର କ୍ରିକେଟ୍ ସେନସେସନ୍ ବୈଭବ ସୂର୍ଯ୍ୟବଂଶୀଙ୍କ ଅନେକ ଭିଡିଓ ଭାଇରାଲ ହୋଇଥାଏ। ଅଧିକାଂଶ ଭିଡିଓ ତାଙ୍କ ବ୍ୟାଟିଂର। କିନ୍ତୁ ନିକଟରେ ତାଙ୍କର ଏକ ଭିଡିଓ ଭାଇରାଲ ହେଉଛି, ଯାହା ତାଙ୍କ ବ୍ୟାଟିଂ ଶୈଳୀର ନୁହେଁ ବରଂ ତାଙ୍କ ବିଷୟରେ କିଛି ରାଜ୍ ଖୋଲିଛି। ୭୦ ସେକେଣ୍ଡରୁ କମ ସମୟର ଏହି ଭିଡିଓରେ, ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂ ସହିତ ଜଡିତ ୫ଟି ବଡ଼ ରହସ୍ୟ ପ୍ରକାଶ କରାଯାଉଛି।

୫ଟି ବଡ଼ ରହସ୍ୟ ଅର୍ଥ ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂର ୫ଟି ବଡ଼ ଗୁଣ, ଯାହା ତାଙ୍କୁ ସବୁଠାରୁ ବିପଦଜନକ କରିଥାଏ। ବୈଭବ ସୂର୍ଯ୍ୟବଂଶୀଙ୍କ ସହିତ ଜଡିତ ଏହି ଖୁଲାସା ପୂର୍ବତନ ଶ୍ରୀଲଙ୍କା ଉଇକେଟକିପର ବ୍ୟାଟସମ୍ୟାନ କୁମାର ସାଙ୍ଗାକାରା କରିଛନ୍ତି।

କୁମାର ସାଙ୍ଗାକାରାଙ୍କ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଏକ ୬୭ ସେକେଣ୍ଡର ଭିଡିଓ ସାମ୍ନାକୁ ଆସିଛି। ଏହି ଭିଡିଓ କ୍ଲିପରେ ସାଙ୍ଗାକାରା କେବଳ ଏହା କହି ନାହାଁନ୍ତି ଯେ, ସେ କେବେ ଏବଂ କିପରି ପ୍ରଥମ ଥର ପାଇଁ ବୈଭବଙ୍କୁ ଭେଟିଥିଲେ ବରଂ ସେ ବୈଭବ ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂର ୫ଟି ଗୁଣ ବିଷୟରେ କହିଥିଲେ। ସାଙ୍ଗାକାରା ଭିଡିଓର ଶେଷରେ ଏହା ମଧ୍ୟ ଦାବି କରିଛନ୍ତି, ବୈଭବ ସୂର୍ଯ୍ୟବଂଶୀଙ୍କ ପାଖରେ ସେ ସମସ୍ତ ଜିନିଷ ଅଛି ଯାହା ଜଣେ ଟି-୨୦ ବ୍ୟାଟସମ୍ୟାନଙ୍କ ପାଖରେ ରହିବା ଉଚିତ। କୁମାର ସାଙ୍ଗାକାରାଙ୍କ ଅନୁଯାୟୀ, ତାଙ୍କୁ ୨୦୨୩ରେ ରାଜସ୍ଥାନ ରୟାଲ୍ସରୁ ଏକ ମେସେଜ ମିଳିଥିଲା, ଯେଉଁଥିରେ କୁହାଯାଇଥିଲା ଯେ, ଜଣେ ସ୍ୱତନ୍ତ୍ର ଖେଳାଳି ଅଛନ୍ତି। କିନ୍ତୁ, ସାଙ୍ଗାକାରା ଗୌହାଟିର ନେଟ୍‌ସରେ ପ୍ରଥମ ଥର ପାଇଁ ବୈଭବ ସୂର୍ଯ୍ୟବଂଶୀଙ୍କୁ ଲାଇଭ ଖେଳୁଥିବାର ଦେଖି ବହୁତ ପ୍ରଭାବିତ ହୋଇଥିଲେ।

ସାଙ୍ଗାକାରା ଯେଉଁ ପ୍ରଥମ ଗୁଣ ବିଷୟରେ କହିଥିଲେ। ତାହା ହେଉଛି ବୈଭବ ସୂର୍ଯ୍ୟବଂଶୀଙ୍କ ପାଖରେ ସଟ ଖେଳିବା ପାଇଁ ବହୁତ ସମୟ ଅଛି। ଦ୍ୱିତୀୟ କଥା ହେଉଛି ତାଙ୍କ ବ୍ୟାଟ ସ୍ୱିଙ୍ଗ ଜବରଦସ୍ତ। ତୃତୀୟ କଥା ହେଉଛି କ୍ରିଜ ଉପରେ ତାଙ୍କର ଗତି ବହୁତ କମ। ଚତୁର୍ଥ ଗୁଣ ହେଉଛି ସେ ଉତ୍ସାହରେ ପରିପୂର୍ଣ୍ଣ ଏବଂ ନୂତନ ସଟ ଖେଳିବାକୁ ସଂକୋଚ କରନ୍ତି ନାହିଁ। ପଞ୍ଚମ ଏବଂ ଶେଷ ଗୁଣ ହେଉଛି ତାଙ୍କର ଶକ୍ତି। ଆଇପିଏଲ୍‌ରେ ସାଙ୍ଗାକାରା ରାଜସ୍ଥାନ ଦଳର ନିର୍ଦ୍ଦେଶକ। ବୈଭବ ସୂର୍ଯ୍ୟବଂଶୀ ଏହି ଦଳ ପାଇଁ ଖେଳନ୍ତି। ତାଙ୍କ ବ୍ୟାଟିଂ ବିଶେଷତା ବିଷୟରେ କହିବା ପାଇଁ ତାଙ୍କଠାରୁ ଅଧିକ କେହି କହିପାରିବେନାହିଁ।

# ଓଡିଶାରେ ପ୍ରଥମଥର ପାଇଁ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକେଲିଂ ଲିଗ





କଟକ (ପିପିଏସ୍): ଓଡିଶା ସାଇକେଲିଂ ଆସୋସିଏସନ ତରଫରୁ ଆର୍ମି ଏୟାର ଡିଫେନ୍ସ କଲେଜ ଛକ, ଗୋପାଳପୁର, ଗଂଜାମ ଠାରେ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ସାଇକେଲିଂ ଲିଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଯାଇଛି।

ପ୍ରଦ୍ୟୁମ୍ନ କୁମାର ବିଶୋୟୀ ଆୟୋଜକ ସମ୍ପାଦକଙ୍କ ସହଯୋଗରେ ଓ ରାଜ୍ୟ ସାଇକେଲିଂ ସଂଘର ସମ୍ପାଦକ ପ୍ରସନ୍ନ କୁମାର ରାଉତଙ୍କ ସଂଯୋଜନା ଏବଂ ସଭାପତି ଅର୍ଜୁନ ଆଓ୍ୱାଡ଼ୀ ମିନତୀ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବାଣିଜ୍ୟ ପରିବହନ ଇସ୍ପାତ ଓ ଖଣିଜ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏବଂ ସଂମ୍ମାନିତ ଅତିଥି ଭାବେ ଗଂଜାମ ଜିଲ୍ଲା ଆଥଲେଟିକ ଆସୋସିଏସନର ସମ୍ପାଦକ ଜେ. କାମେଶ୍ୱର ରାଓ ଯୋଗ ଦେଇ ଫ୍ଲାଗ ଅଫ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଅଧିକ ମହିଳା ସାଇକ୍ଲିଷ୍ଟ ଓ ୧୬ ଜଣ ଟେକ୍ନିକାଲ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିଥିଲେ।

ଆୟୋଜକଙ୍କ ଦ୍ୱାରା ସମସ୍ତଙ୍କୁ ସାଇକେଲ ହେଲମେଟ ପ୍ରଦାନ କରଳଯାଇଥିଲା। ପ୍ରତିଯୋଗିତାରେ ତିନୋଟି ବିଭାଗ ତଥା ସିନିୟର ୧୫କି.ମି., ଜୁନିୟର ୧୦ କି.ମି., ୟୁଥ ବର୍ଗରେ ୧୦ କି.ମି. ପ୍ରତିଯୋଗିତାଟି ଅନୁଷ୍ଠିତ ହେଉଥିଲା। ମହିଳା ସିନିଅର ବର୍ଗରେ ରେସିଙ୍ଗ ସାଇକେଲ ଓ ସାଧାରଣ ସାଇକେଲରେ ପ୍ରଥମ ସ୍ଥାନ ଉର୍ମିଳା ବେହେରା ଓ ଏ. ଋତୁ ରାଓ, ଦ୍ୱିତୀୟ ସ୍ଥାନ ଲିଲି ମାଝି ଓ ସୋମାଲୀ ନାୟକ, ତୃତୀୟ ସ୍ଥାନ ମୁସକାନ କିସନ ଓ ବନ୍ଦନା ପଣ୍ଡା, ସେହିପରି ମହିଳା ଜୁନିଅର ବର୍ଗରେ ପ୍ରଥମ ସ୍ଥାନ ମନିସା ସାହୁ, ଦ୍ୱିତୀୟ ସ୍ଥାନ ଶିବାନୀ ସାଓ, ତୃତୀୟ ସ୍ଥାନ ବନିତା କିସନ, ଏବଂ ସବଜୁନିଅର ଓ ୟୁଥ ବର୍ଗରେ ପ୍ରଥମ ସ୍ଥାନ ସସ୍ମିତା ପଣ୍ଡା ଓ ତପସ୍ୱିନୀ ପାଣିଗ୍ରାହୀ, ଦ୍ୱିତୀୟ ସ୍ଥାନ ପୂର୍ବେଇ ମହାନ୍ତି ଓ ଅର୍ପିତା ପଣ୍ଡା, ତୃତୀୟ ସ୍ଥାନ ସୁଶ୍ରୀ ସନ୍ତୋଷିନୀ ସେଠି ଓ କାଜଲ ଗୌଡ଼ ଅଧିକାର କରିଥିଲେ। ଓଡିଶା ସାଇକେଲିଂ ସଂଘର ଉପସଭାପତି ନୃସିଂହ ଚରଣ ସାହୁ, ଯୁଗ୍ମ ସମ୍ପାଦକ ଗୋପୀନାଥ ପଣ୍ଡା, ରାମକୃଷ୍ଣ ଦାସ, ସମ୍ବିତ ମହାନ୍ତି, ଅପୂର୍ବ ରଞ୍ଜନ ବେହେରା, ମନୋରଞ୍ଜନ ବାରିକ, ଅନିତା କୁମାରୀ, ଓ ବାକି ସଦସ୍ୟ ସହଯୋଗ କରିଥିଲେ, ଏବଂ କୃତି ପ୍ରତିଯୋଗୀ ମାନଙ୍କୁ ମେଡାଲ ଓ ସାର୍ଟିଫିକେଟ ମଧ୍ୟ ପ୍ରଦାନ କରିଥିଲେ।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583